୫୧ 
# ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୬/୨୦୨୪ (୧୪ ପୃଷ୍ଠା) Bhubaneswar, Tuesday, November 26/2024 Page 14 ₹ 7.00
୫୧ଶ ଭାଗ ୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 3 ମୂଲ୍ୟ ₹୭/-



**ଏକସଙ୍ଗେ ୧୩ ଫ୍ଲପ୍ ଫିଲ୍ମ ଦେଇଥିଲେ ଅର୍ଜୁନ**
ଅଭିନେତା ଅର୍ଜୁନ ରାମପାଲ ଏକଦା ଲଗାତର ୧୩ଟି ଫିଲ୍ମରେ ଫ୍ଲପ୍ ହୋଇଥିବା ନେଇ ସୋମବାର ଏକ ସକ୍ଷାତ୍କାରରେ କହିଛନ୍ତି।
୧୦

୧୪
**ବୈଭବ ଆଇପିଏଲ୍‌ର ସର୍ବକନିଷ୍ଠ ଖେଳାଳି**
ଆଇପିଏଲ୍‌ର ସର୍ବକନିଷ୍ଠ ଖେଳାଳି ଭାବରେ ବିକ୍ରି ହୋଇ କୋଟିପତି ପାଲଟିଛନ୍ତି ବୈଭବ ସୂର୍ଯ୍ୟବଂଶୀ।



# ସମ୍ବିଧାନରେ 'ସମାଜବାଦ', 'ଧର୍ମନିରପେକ୍ଷ' ଶବ୍ଦ ରହିବ

## ପିଟିଶନ୍‌କୁ ରଦ୍ଦ କଲେ ସୁପ୍ରିମକୋର୍ଟ



**ସମ୍ବିଧାନର ପ୍ରସ୍ତାବନାରେ ୧୯୭୬ ମସିହାରେ ଯୋଡ଼ାଯାଇଥିଲା 'ସମାଜବାଦ', 'ଧର୍ମନିରପେକ୍ଷ' ଓ 'ଅଖଣ୍ଡତା' ଶବ୍ଦ। ତତ୍କାଳୀନ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ସମୟରେ ସମ୍ବିଧାନ ସଂଶୋଧନ ଜରିଆରେ ଏହା କରାଯାଇଥିଲା। ତେବେ 'ସମାଜବାଦ' ଓ 'ଧର୍ମନିରପେକ୍ଷ' ଶବ୍ଦ ସମ୍ବିଧାନ ପ୍ରସ୍ତାବନାରୁ ହଟାଇବାକୁ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିଥିଲେ ଭାଜପାର ପୂର୍ବତନ ରାଜ୍ୟ ସଭା ସଦସ୍ୟ ସୁବ୍ରମଣ୍ୟମ୍ ସ୍ୱାମୀ, ସମାଜସେବୀ ବଲରାମ ସିଂହ ଓ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ। ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ପିଭି ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହାକୁ ଖାରଜ କରିଦେଇଛନ୍ତି। ରିଟ୍ ପିଟିଶନଗୁଡ଼ିକ ଉପରେ ଅଧିକ ବିଚାର ବିମର୍ଶ ଏବଂ ନ୍ୟାୟିକ ନିର୍ଣ୍ଣୟ ନେବା ଆବଶ୍ୟକ ନାହିଁ। ସମ୍ବିଧାନ ସଂଶୋଧନ ସମେତ ଏହାର ପ୍ରସ୍ତାବନାରେ ସଂଶୋଧନ କ୍ଷମତା ପାର୍ଲାମେଣ୍ଟର ରହିଛି ବୋଲି ପ୍ରଧାନ ବିଚାରପତି ତାଙ୍କ ରାୟରେ କହିଛନ୍ତି।**

ନୂଆଦିଲ୍ଲୀ,୨୫।୧୧(ପି.ଟି.)

ସମ୍ବିଧାନର ପ୍ରସ୍ତାବନାରେ ରହିଥିବା ସମାଜବାଦ, ଧର୍ମନିରପେକ୍ଷ ଏବଂ ଅଖଣ୍ଡତା ଶବ୍ଦକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା କେତେକ ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ୧୯୭୬ରେ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାର ୪୨ତମ ସମ୍ବିଧାନ ସଂଶୋଧନ କରାଇ ପ୍ରସ୍ତାବନାରେ ଉପରୋକ୍ତ ଶବ୍ଦ ଯୋଡ଼ିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ପୂର୍ବତନ ରାଜ୍ୟ ସଭା ସଦସ୍ୟ ସୁବ୍ରମଣ୍ୟମ୍ ସ୍ୱାମୀ ଏବଂ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଥିଲେ। ଏହା ପୂର୍ବରୁ ୨୦୨୦ରେ ବଲରାମ ସିଂ ନାମକ ବ୍ୟକ୍ତି ଆଇନଜୀବୀ ବିଷ୍ଣୁଶଙ୍କର ଜୈନଙ୍କ ଜରିଆରେ ଆବେଦନ କରିଥିଲେ। ଗତ ୨୨ ତାରିଖରେ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ପିଟିଶନଗୁଡ଼ିକର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।

ରିଟ୍ ପିଟିଶନଗୁଡ଼ିକ ଉପରେ ଅଧିକ ବିଚାର ବିମର୍ଶ ଏବଂ ନ୍ୟାୟିକ ନିର୍ଣ୍ଣୟ ନେବା ଆବଶ୍ୟକ ନାହିଁ। ସମ୍ବିଧାନ ସଂଶୋଧନ ସମେତ ଏହାର ପ୍ରସ୍ତାବନାରେ ସଂଶୋଧନ କ୍ଷମତା ପାର୍ଲାମେଣ୍ଟର ରହିଛି ବୋଲି ସିଜେଆଇ ତାଙ୍କ ରାୟରେ କହିଛନ୍ତି। ସମ୍ବିଧାନ ଗୃହୀତ ହେବା ତାରିଖ ଅନୁଚ୍ଛେଦ ୩୬୮ ଅଧୀନରେ ସରକାରଙ୍କ କ୍ଷମତାକୁ ସଙ୍କୁଚିତ କରିବ ନାହିଁ ଏବଂ ଏହାକୁ ଚ୍ୟାଲେଞ୍ଜ କରାଯିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ବହୁବର୍ଷ ଅତିବାହିତ ହେବା ପରେ ଏହି ପ୍ରସଙ୍ଗ କାହିଁକି ଉଠୁଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ପୂର୍ବରୁ ୧୯୭୬ର ସମ୍ବିଧାନ ସଂଶୋଧନର ନ୍ୟାୟିକ ସମୀକ୍ଷା କରାଯାଇଥିଲା। ଜରୁରୀ ପରିସ୍ଥିତି ସମୟରେ ଯାହା କିଛି ପାର୍ଲାମେଣ୍ଟ କରିଥିଲା ସେଗୁଡ଼ିକୁ ଅବୈଧ କୁହାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ ଜୁନ୍ ୨୫ରୁ ୧୯୭୭ ମାର୍ଚ୍ଚ ☞ପୃଷ୍ଠା-୪

## ୨୯ରୁ ଆସି ୩ ଦିନ ଓଡ଼ିଶାରେ ରହିବେ ପ୍ରଧାନମନ୍ତ୍ରୀ: ପୃଥ୍ୱୀରାଜ

ଭୁବନେଶ୍ୱର,୨୫।୧୧(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୯ରେ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ସେ ଓଡ଼ିଶାରେ ୩ ଦିନ ରହିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୯ରୁ ଓଡ଼ିଶାରେ ଡିଜିପି ସମ୍ମିଳନୀ ଅନୁଷ୍ଠିତ ହେବ। ସବୁ ରାଜ୍ୟର ଡିଜିପିମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହି ସମ୍ମିଳନୀରେ ଯୋଗଦେବା ଲାଗି ଓଡ଼ିଶା ଆସିବେ। ଏନେଇ ସରକାରୀ ସ୍ତରରେ ବିଧିବଦ୍ଧ କାର୍ଯ୍ୟସୂଚୀ ପ୍ରକାଶ ପାଇ ନ ଥିଲେ ମଧ୍ୟ ଏହା ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିଛି। ☞ପୃଷ୍ଠା-୪

## ଆଜିଠୁ ବିଧାନସଭାର ଶୀତ ଅଧିବେଶନ

- ଗୃହକାର୍ଯ୍ୟ ସୁରୁଖୁରୁରେ ଚଳାଇବାକୁ ସର୍ବଦଳୀୟ ବୈଠକ
- ଆଜି ମୁଖ୍ୟମନ୍ତ୍ରୀ ଗୃହରେ ଉପସ୍ଥାପନ କରିବେ ଅତିରିକ୍ତ ବ୍ୟୟ ମଞ୍ଜୁରୀ ତାଲିକା

ଭୁବନେଶ୍ୱର,୨୫।୧୧(ସୁନିତ୍ ମିଶ୍ର)

ବିଧାନସଭାର ଶୀତକାଳୀନ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ମୋଟ୍ ୩୦ଟି କାର୍ଯ୍ୟ ଦିବସ ରହିଛି। ତେବେ ଅଧିବେଶନର ପ୍ରଥମ ଦିନରେ ଶୋକ ପ୍ରସ୍ତାବ ଆଗତ ହେବ। ଏହାପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲିବ। ପରେ ପ୍ରାୟ ଅଧଘଣ୍ଟା ଧରି ଶୂନ୍ୟକାଳ ମାଧ୍ୟମରେ ବିଧାୟକମାନେ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ କହିବେ। ଯଦି ଗୃହ ଠିକ୍ ଭାବେ ଚାଲେ ତେବେ ଏହାପରେ ଆଡ୍‌ଜର୍ନମେଣ୍ଟ ମୋଶନ ଆଗତ ହେବ। ବିଧାନସଭାର ଦ୍ୱିତୀୟାର୍ଦ୍ଧରେ ଜିଏସ୍‌ଟି ଅଧାଦେଶ ଉପସ୍ଥାପିତ ହେବ। ଏହାପରେ ରାଜ୍ୟପାଳଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ସମସ୍ତ ବିଲ୍ ବିଧାନସଭା ସଚିବ ଗୃହରେ ଉପସ୍ଥାପିତ କରିବେ। ଏହା ସରିବା ପରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥ ମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ପ୍ରଥମ ଅତିରିକ୍ତ ବ୍ୟୟ ମଞ୍ଜୁରୀ ତାଲିକା ଉପସ୍ଥାପନ କରିବେ।

ସୂଚନାଯୋଗ୍ୟ ଯେ, ଗୃହ କାର୍ଯ୍ୟ ସୁରୁଖୁରୁରେ ଚଳାଇବା ଲାଗି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସୋମବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଯୋଗଦେଇଛନ୍ତି। ଗୃହ କାର୍ଯ୍ୟ କିପରି ସୁରୁଖୁରୁରେ ଚାଲିବ ସେନେଇ ବାଚସ୍ପତି ସବୁ ଦଳର ସହଯୋଗ ଲୋଡ଼ିଛନ୍ତି।

**ଆଜିର ସମ୍ପାଦକୀୟ**
ନିଜ ମଧ୍ୟରେ ବାଛବିଚାର

## ଅଷ୍ଟ୍ରେଲିଆ ମାଟିରେ ଭାରତର ସର୍ବବୃହତ୍ ବିଜୟ

ପର୍ଥ,୨୫।୧୧(ପି.ଟି.)


ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ଜିତିବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

ବର୍ଡର-ଗାଭାସ୍କର ସିରିଜର ପ୍ରଥମ ମ୍ୟାଚ୍ ପର୍ଥରେ ଖେଳା ଯାଇଥିବା ବେଳେ ଅଷ୍ଟ୍ରେଲିଆ ମାଟିରେ ସର୍ବବୃହତ୍ ବିଜୟ ରେକର୍ଡ କରିଛି ଭାରତ। ଅଧିନାୟକ ଯଶପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂ(୮/୭୨) ବଳରେ ଭାରତ ୨୯୫ ରନ୍‌ରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲା। ୫୩୪ ରନ୍ ଲକ୍ଷ୍ୟର ପିଛା କରୁଥିବା ଘରୋଇ ଅଷ୍ଟ୍ରେଲିଆ ୫୮.୪ ଓଭରରେ ୨୩୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଅଷ୍ଟ୍ରେଲିଆ ମାଟିରେ ଭାରତୀୟ ଦଳ ୧୯୭୭-୭୮ ମସିହାରେ ୨୨୨ ରନ୍‌ରେ ବିଜୟ ହାସଲ କରିଥିଲା। ଉକ୍ତ ମ୍ୟାଚ୍‌ଟି ମେଲବୋର୍ନରେ ଖେଳାଯାଇଥିଲା। ତେବେ ପର୍ଥରେ ଭାରତ ଉକ୍ତ ରେକର୍ଡ ଭାଙ୍ଗିବାରେ ସକ୍ଷମ ହୋଇଛି। ଏହା ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ଏହି ବିଜୟ ସହ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। ଡବ୍ଲ୍ୟୁଟିସିରେ ବର୍ତ୍ତମାନ ଭାରତର ବିଜୟ ପ୍ରତିଶତ ୬୧.୧୧ ରହିଛି। ୫୩୪ ରନ୍ ଲକ୍ଷ୍ୟର ପିଛା କରୁଥିବା ଅଷ୍ଟ୍ରେଲିଆ ତୃତୀୟ ଦିନର ଖେଳ ଶେଷ ☞ପୃଷ୍ଠା-୪


ଏନ୍‌କ୍ଲୋଜରରେ ୧୦ ଦିନ ରହିବା ପରେ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଡିଭିଜନରେ ଛଡ଼ାଯାଇଥିବା ମହାବଳ ବାଘୁଣୀ 'ଜିନତ୍'।

## ଏନକ୍ଲୋଜରରୁ ମୁକୁଳିଲା 'ଜିନତ୍'

ବାରିପଦା,୨୫।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଇଥିବା ମହାବଳ ବାଘୁଣୀ 'ଜିନତ୍' ଏନକ୍ଲୋଜରରୁ ମୁକୁଳିଛି। ରବିବାର ରାତିରେ ତାକୁ ଶିମିଳିପାଳର କୋର୍ ଅଞ୍ଚଳରେ ଛଡ଼ାଯାଇଛି। ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀ ଜଙ୍ଗଲରୁ ଆସି ୧୦ ଦିନ ହେବ ଏନକ୍ଲୋଜରରେ ରହିବା ପରେ ଏବେ ସେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଡିଭିଜନରେ ଘୂରିବୁଲୁଛି। 'ଜିନତ୍'ର ଚଳପ୍ରଚଳକୁ ନେଇ ତିନୋଟି ଟିମ୍ ପକ୍ଷରୁ ୨୪ ଘଣ୍ଟିଆ ଅନୁଧ୍ୟାନ ଜାରି ରହିଛି। ପୂର୍ବରୁ ଆସିଥିବା ବାଘୁଣୀ ☞ପୃଷ୍ଠା-୪

## ଆଦାନୀ ଲାଞ୍ଚ ପ୍ରସଙ୍ଗରେ ବିରୋଧୀଙ୍କ ହଙ୍ଗାମା

### ପାର୍ଲାମେଣ୍ଟ ଦିନକ ପାଇଁ ମୁଲତବୀ

ନୂଆଦିଲ୍ଲୀ,୨୫।୧୧(ପି.ଟି.)

ପାର୍ଲାମେଣ୍ଟର ଶୀତ ଅଧିବେଶନ ସୋମବାର ଆରମ୍ଭ ହୋଇଥିବାବେଳେ ବିରୋଧୀ ଦଳଗୁଡ଼ିକ ଆଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଲାଞ୍ଚ ଅଭିଯୋଗ ଏବଂ ଉତ୍ତରପ୍ରଦେଶର ସମ୍ଭଲ ହିଂସା ପ୍ରସଙ୍ଗରେ ଆଲୋଚନା ଦାବିକରି ତୁମ୍ବିତୋଫାନ କରିବାରୁ ଗୃହ କାର୍ଯ୍ୟ ଚାଲିପାରି ନ ଥିଲା। ଫଳରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି।

ଲୋକ ସଭାରେ ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ଉଠାଇ ହଙ୍ଗାମା କରିବାରୁ ପ୍ରଥମ ଦିନରେ କୌଣସି କାର୍ଯ୍ୟ ହୋଇପାରି ନ ଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଦିବଂଗତ ସଦସ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ମଧ୍ୟାହ୍ନ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା। ମଧ୍ୟାହ୍ନରେ ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସମ୍ଭଲ ହିଂସା ଘଟଣାକୁ ନେଇ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ସହ ଆମେରିକାର ଏକ ଅଦାଲତ ଭାରତର ପ୍ରମୁଖ ବ୍ୟବସାୟୀ ଗୌତମ ଆଦାନୀଙ୍କ କମ୍ପାନୀ ବିରୋଧରେ ଆଣିଥିବା ଲାଞ୍ଚ ଅଭିଯୋଗର ତଦନ୍ତ ଦାବି କରିଥିଲେ। ସେମାନେ ଗୃହ ଚାଲିବାକୁ ନ ଦେବାରୁ ସେତେବେଳେ ଅଧ୍ୟକ୍ଷତା କରୁଥିବା ଭାଜପା ସଦସ୍ୟ ସନ୍ଧ୍ୟା ରାୟ ଗୃହକୁ ବୁଧବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ମଙ୍ଗଳବାର ସମ୍ବିଧାନ ଗୃହୀତ ହେବାର ୭୫ତମ ବାର୍ଷିକୀ ଅବସରରେ ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟ ସଭାରେ ମଧ୍ୟ ଅନୁରୂପ ସ୍ଥିତି ☞ପୃଷ୍ଠା-୪

## ଫେବୃଆରୀ ୧୮ରୁ ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା

### ଆଇସିଏସ୍ ଦ୍ୱାଦଶ ପରୀକ୍ଷା ୧୩ରୁ

ନୂଆଦିଲ୍ଲୀ,୨୫।୧୧

କାଉନ୍‌ସିଲ ଫର୍ ଦି ଇଣ୍ଡିଆନ୍ ସ୍କୁଲ୍ ସାର୍ଟିଫିକେଟ୍ ଏକ୍‌ଜାମିନେଶନ୍ସ (ସିଆଇଏସ୍‌ସିଇ) ୨୦୨୫ ବର୍ଷ ପାଇଁ ଆଇସିଏସ୍‌ଇ ଦଶମ ଶ୍ରେଣୀ ଏବଂ ଆଇସିଏସ୍ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ନିମନ୍ତେ ସୋମବାର କାର୍ଯ୍ୟସୂଚୀ ପ୍ରକାଶ କରିଛି। ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫେବୃଆରୀ ୧୮ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ଚାଲିବ। ସେହିପରି ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ☞ପୃଷ୍ଠା-୪

## ଏନ୍‌ଏସ୍‌ୟୁଆଇ ହାତେଇଲା ଡିୟୁଏସ୍‌ୟୁ ସଭାପତି ପଦ

ନୂଆଦିଲ୍ଲୀ, ୨୫।୧୧


ଡିୟୁଏସ୍‌ୟୁର ନବ ନିର୍ବାଚିତ ସଭାପତି ତଥା ଏନ୍‌ଏସ୍‌ୟୁଆଇ ନେତା ରୋନକ ଖତ୍ରୀ(ଡାହାଣରୁ ଦ୍ୱିତୀୟ) ସହଯୋଗୀଙ୍କ ସହ ବିଜୟ ଉତ୍ସବ ମନାଉଛନ୍ତି।

ଦୀର୍ଘ ୭ ବର୍ଷ ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଙ୍ଗଠନ(ଡିୟୁଏସ୍‌ୟୁ) ନିର୍ବାଚନରେ କଂଗ୍ରେସ ସମର୍ଥିତ ଛାତ୍ର ସଙ୍ଗଠନ (ଏନ୍‌ଏସ୍‌ୟୁଆଇ)କୁ ସଫଳତା ମିଳିଛି। ଚଳିତ ବର୍ଷ ଡିୟୁଏସ୍‌ୟୁର ସଭାପତି ପଦ ପାଇଁ ହୋଇଥିବା ନିର୍ବାଚନରେ ଏନ୍‌ଏସ୍‌ୟୁଆଇ ବାଜିମାତ କରିଛି। ଏନ୍‌ଏସ୍‌ୟୁଆଇର ରୋନକ ଖତ୍ରୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ସମର୍ଥିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ରିଷଭ ଚୌଧୁରୀଙ୍କୁ ୧,୩୪୩ ଭୋଟରେ ପରାସ୍ତ କରିଛନ୍ତି। ରୋନକଙ୍କୁ ୨୦,୨୦୭ ଖଣ୍ଡ ଭୋଟ ମିଳିଥିବାବେଳେ ରିଷଭଙ୍କୁ ୧୮,୮୬୪ ଖଣ୍ଡ ଭୋଟ ମିଳିଛି। ସେହିପରି ଏନ୍‌ଏସ୍‌ୟୁଆଇ ଯୁଗ୍ମ ସମ୍ପାଦକ ପଦ ମଧ୍ୟ ହାତେଇଛି। ଏବିଭିପି ଉପସଭାପତି ଏବଂ ସମ୍ପାଦକ ପଦ ହାତେଇଛି। ଗତ ନିର୍ବାଚନରେ ଏବିଭିପି ନିକଟରେ ସଭାପତି, ସମ୍ପାଦକ ଏବଂ ଯୁଗ୍ମ ସମ୍ପାଦକ ପଦ ରହିଥିବା ବେଳେ ଏନ୍‌ଏସ୍‌ୟୁଆଇ ନିକଟରେ ଉପସଭାପତି ପଦ ରହିଥିଲା। ☞ପୃଷ୍ଠା-୪

## ପୃଥିବୀର ଅକ୍ଷ ୩୧.୫ ଇଞ୍ଚ ପୂର୍ବକୁ ଢଳିଛି

### ଭୂତଳ ଜଳ ନିଷ୍କାସନର ପ୍ରଭାବ

ସିଓଲ, ୨୫।୧୧



ଅତ୍ୟଧିକ ଭୂତଳ ଜଳ ନିଷ୍କାସନ ଯୋଗୁ ୧୯୯୩ରୁ ୨୦୧୦ ମଧ୍ୟରେ ପୃଥିବୀର ଅକ୍ଷ ପ୍ରାୟ ୮୦ ସେଣ୍ଟିମିଟର(୩୧.୫ ଇଞ୍ଚ) ପର୍ଯ୍ୟନ୍ତ ପୂର୍ବ ଆଡ଼କୁ ଢଳିଛି। ଏନେଇ ସିଓଲ ଜାତୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରେ ପ୍ରକାଶ ପାଇଛି, ଯାହା ସୋମବାର 'ଜିଓ ଫିଜିକାଲ ରିସର୍ଚ୍ଚ ଲେଟର' ପତ୍ରିକାରେ ସ୍ଥାନିତ ହୋଇଛି। ଏହି ଅଧ୍ୟୟନ ଅନୁଯାୟୀ, ୧୯୯୩ରୁ ୨୦୧୦ ମଧ୍ୟରେ ମନୁଷ୍ୟକୃତ୍ୟ ଭାବେ ପ୍ରାୟ ୨୧୫୦ ଗୀଗା ଟନ୍ ଭୂତଳ ଜଳକୁ ବାହାର କରାଯାଇଛି। ସେଥିମଧ୍ୟରୁ କିଛିମାତ୍ରାରେ ଭୂତଳ ଜଳ ସମୁଦ୍ରକୁ ପ୍ରବାହିତ ହେଉଥିବାରୁ ସମୁଦ୍ର ପତ୍ତନରେ ବୃଦ୍ଧି ଘଟିଥିବା ନେଇ ଅଧ୍ୟୟନର ମୁଖ୍ୟ ଗବେଷକ ତଥା ବରିଷ୍ଠ ଜିଓ ଫିଜିଷ୍ଟ କି-ୱେନ୍ ସେଓ କହିଛନ୍ତି। ଏହି ଅଧ୍ୟୟନରେ କୁହାଯାଇଛି, ଅତ୍ୟଧିକ ମାତ୍ରାରେ ଭୂତଳ ଜଳ ବାହାରିଯିବା ଏବଂ ସ୍ଥାନାନ୍ତରିତ ହେବା ଯୋଗୁ କେବଳ ପୃଥିବୀର ଘୂର୍ଣ୍ଣନରେ ପରିବର୍ତ୍ତନ ହୋଇ ନ ଥାଏ ବରଂ ଏହା ସମୁଦ୍ର ପତ୍ତନକୁ ମଧ୍ୟ ବଢ଼ାଇଥାଏ। ପୃଥିବୀର ଅକ୍ଷ ୩୧.୫ ଇଞ୍ଚ ଢଳିବା ସମୁଦ୍ର ପତ୍ତନରେ ୦.୨୪ ଇଞ୍ଚ ବୃଦ୍ଧି ସହ ସମାନ ବୋଲି ଏହି ଅଧ୍ୟୟନ କହିଛି। ଗବେଷକ କି-ୱେନ୍ ସେଓଙ୍କ ଅନୁଯାୟୀ, ଜଳବାୟୁ ସମ୍ବନ୍ଧୀୟ କାରଣ ଯୋଗୁ ଭୂତଳ ଜଳସ୍ତରରେ ପରିବର୍ତ୍ତନ ଘଟିଥାଏ, ଯାହା ପୃଥିବୀର ଘୂର୍ଣ୍ଣନ ମେରୁ ଉପରେ ସର୍ବାଧିକ ପ୍ରଭାବ ପକାଏ। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ମାଧ୍ୟମରେ ଭାରତ ସମେତ ଅଧିକାଂଶ ଦେଶରେ ଭୂତଳ ଜଳ ଗତି କରି ସମୁଦ୍ରରେ ପହଞ୍ଚୁଥିବାରୁ ଏହା ପୃଥିବୀର ଘୂର୍ଣ୍ଣନ ମେରୁକୁ ପରିବର୍ତ୍ତନ କରିଥାଏ। ଗ୍ରୀନ୍‌ଲାଣ୍ଡ ଏବଂ ଆଣ୍ଟାର୍କଟିକାରେ ଗ୍ଲାସିଅର ତରଳିବା ମଧ୍ୟ ପୃଥିବୀର ଅକ୍ଷ ଢଳିବାର ମୁଖ୍ୟ କାରଣ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବରଫ ତରଳିବାରୁ ଜଳ ଭୂମଧ୍ୟ ରେଖା ଆଡ଼କୁ ପ୍ରବାହିତ ହୋଇଥାଏ, ଯାହାଦ୍ୱାରା ପୃଥିବୀର ସନ୍ତୁଳନରେ ପରିବର୍ତ୍ତନ ହୁଏ ଏବଂ ଏହାର ଅକ୍ଷ ସ୍ଥାନାନ୍ତରିତ ହୋଇଥାଏ। ପରିବେଶ ଉପରେ ଏହାର ଗୁରୁତ୍ୱପୂର୍ଣ୍ଣ ପରିଣାମ ରହିଛି ବୋଲି ଏହି ଅଧ୍ୟୟନରେ ଗବେଷକମାନେ କହିଛନ୍ତି। ଭୂତଳ ଜଳସ୍ତରରେ ପରିବର୍ତ୍ତନ ପୃଥିବୀର ଆଭ୍ୟନ୍ତରୀଣ ପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ ବୋଲି ଉକ୍ତ ଅଧ୍ୟୟନରେ କୁହାଯାଇଛି।

# ୪ କଳାକାରଙ୍କୁ ନେଇ ଏଥର କଂସ ଚୟନ

## ବରଗଡ଼ ଧନୁଯାତ୍ରା


ଆର୍ତ୍ତତ୍ରାଣ ସୁନାନୀ


ଭୁବନେଶ୍ୱର ପ୍ରଧାନ


ଜଗଦାନନ୍ଦ ମିଶ୍ର


ସୁଶୀଲ କୁମାର ମେହେର

ବରଗଡ଼,୨୫।୧୧
(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ୨୦୨୫ ଜାନୁଆରୀ ୩ତାରିଖରୁ ଆରମ୍ଭ ହେବ। ୧୧ଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ଏଥର କଂସ ଅଭିନେତା ଚୟନ ହେବାକୁ ଯାଉଛନ୍ତି। ଜିଲା ପ୍ରଶାସନର ସୂଚନା ମୁତାବକ ଗତଥର କଂସ ଅଭିନେତା ଚୟନ ବେଳେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହିଥିବା ୪ କଳାକାରଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରାଯିବ। ତେବେ ଏଥର ଧନୁଯାତ୍ରାରେ କିଏ କଂସ ଭୂମିକାରେ ଅଭିନୟ କରିବେ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

ସାଧାରଣତଃ ବରଗଡ଼ ଧନୁଯାତ୍ରାରେ ୩ ବର୍ଷରେ ଥରେ କଂସ ଅଭିନେତା ଚୟନ ହୋଇଥାଏ। ଗତ ୨ବର୍ଷ ଧରି କଂସ ଅଭିନୟ କରିଥିବା ହୃଷୀକେଶ ଭୋଇଙ୍କୁ ଏଥର ଅଭିନୟର ଶେଷ ସୁଯୋଗ ଥିଲା। କିନ୍ତୁ ଗତ ଅକ୍ଟୋବର ୭ତାରିଖରେ ଜିଲା ସ୍ୱାସ୍ଥ୍ୟ ବିଭାଗର ମହାପ୍ରୟାଣ ଗାଡ଼ି ଡ୍ରାଇଭର ଭାବେ କାର୍ଯ୍ୟରତ ହୃଷୀକେଶ ଉକ୍ତ ଗାଡ଼ିରେ ଶବ ପରିବହନ ବାବଦକୁ ଲାଞ୍ଚ ନେଇ ବିବାଦୀୟ ହୋଇପଡ଼ିଥିଲେ। ଉକ୍ତ ଘଟଣାକୁ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବାବେଳେ ଭଟଲି ଥାନାରେ ହୃଷୀକେଶଙ୍କ ବିରୋଧରେ ଆପରାଧିକ ମାମଲା ମଧ୍ୟ ରୁଜୁ ହୋଇଛି। ଏହି ଘଟଣା ପରେ ହୃଷୀକେଶଙ୍କୁ ବରଗଡ଼ ଧନୁଯାତ୍ରାରୁ ବାଦ୍ ଦେବା ପାଇଁ ବିଭିନ୍ନ ମହଲରେ ଦାବି ଉଠିଥିଲା। ଧନୁଯାତ୍ରା ମହୋତ୍ସବ ସମିତି ମଧ୍ୟ ଏହାକୁ ଗୁରୁତ୍ୱର ସହ ନେଇଥିଲା ଏବଂ ଗତ ୨୨ତାରିଖରେ ଅନୁଷ୍ଠିତ ସମିତିର ଉପଦେଷ୍ଟା ଏବଂ କାର୍ଯ୍ୟକାରୀ ପରିଷଦ କମିଟି ବୈଠକରେ କଂସ ଅଭିନୟରୁ ହୃଷୀକେଶଙ୍କୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପଟେ ଗତ ୨୦୨୨ରେ ହୋଇଥିବା କଂସ ଚୟନରେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହିଥିବା ୪ ଜଣ କଳାକାରଙ୍କୁ ନେଇ କଂସ ଚୟନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

ସମ୍ପୃକ୍ତ ୪ କଳାକାରଙ୍କ ମଧ୍ୟରେ ଆର୍ତ୍ତତ୍ରାଣ ସୁନାନୀ, ଜଗଦାନନ୍ଦ ମିଶ୍ର, ଭୁବନେଶ୍ୱର ପ୍ରଧାନ ଏବଂ ସୁଶୀଲ କୁମାର ମେହେର ରହିଛନ୍ତି ଏବଂ ସେମାନେ ହିଁ କଂସ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ବୋଲି ସୋମବାର ଧନୁଯାତ୍ରା ମହୋତ୍ସବ ସମିତି ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛି। ଏଥର ଚୟନ ହେଲେ କେବଳ ଥରୁଟିଏ ପାଇଁ ଆସନ୍ତା ଧନୁଯାତ୍ରା ମହୋତ୍ସବରେ କଂସ ଅଭିନୟ କରିପାରିବେ ଏବଂ ଆସନ୍ତା ବର୍ଷ ପାଇଁ ପୁଣି ପୂର୍ବଭଳି କଂସ ଚୟନ ହେବ ବୋଲି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ତେବେ କେବେ କଂସ ଚୟନ ହେବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇନାହିଁ। ଅତିଶୀଘ୍ର ତାରିଖ ଘୋଷଣା କରାଯିବ ବୋଲି ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ କହିଛନ୍ତି।

# ରୋଗୀଙ୍କୁ ୨ କି.ମି. ଷ୍ଟ୍ରେଚରରେ ବୋହିଲେ

## ମାନବିକତା ଦେଖାଇଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

କାମାକ୍ଷାନଗର, ୨୫।୧୧
(ସୁଧୀର କୁମାର ପରିଡ଼ା)

ମାନବିକତା ଦେଖାଇଛନ୍ତି ୧୦୮ ଆମ୍ବୁଲାନ୍ସ କର୍ମଚାରୀ। ଜଣେ ରୋଗୀଙ୍କୁ ୨ କି.ମି. ଦୂରରୁ ଆମ୍ବୁଲାନ୍ସ ନିକଟକୁ ଷ୍ଟ୍ରେଚରରେ ବୋହି ଆଣିବା ସହ ଠିକ୍ ସମୟରେ ମେଡିକାଲରେ ପହଞ୍ଚାଇବାରେ ସଫଳ ହୋଇଛନ୍ତି। ଫଳରେ ବଞ୍ଚିଯାଇଛି ଢେଙ୍କାନାଳ ଜିଲା କଙ୍କଡ଼ାହାଡ ବ୍ଲକ କାନ୍ତୋଲ ପଞ୍ଚାୟତ ଏକୁଲ ଗ୍ରାମର ବୃଦ୍ଧା ଦୁଲଣୀ ଦେହୁରୀ(୫୬)ଙ୍କ ଜୀବନ। ଆମ୍ବୁଲାନ୍ସ କର୍ମଚାରୀଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

ସୂଚନା ଅନୁଯାୟୀ, କଙ୍କଡ଼ାହାଡ଼ ଥାନା କାନ୍ତୋଲ ପଞ୍ଚାୟତ ଏକୁଲ ଗ୍ରାମର ଅଭୟ ଦେହୁରୀଙ୍କ ମା' ଦୁଲଣୀ ଦେହୁରୀ(୫୬) ସୋମବାର ମଧ୍ୟାହ୍ନରେ ଅସୁସ୍ଥ ହୋଇପଡ଼ିଥିଲେ। ମା' ଚେତାଶୂନ୍ୟ ହୋଇପଡ଼ିବା ଦେଖି ଅଭୟ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ତୁରନ୍ତ ୧୦୮ ଆମ୍ବୁଲାନ୍ସ ଗାଁ ଅଭିମୁଖେ ଯାଇଥିଲେ ମଧ୍ୟ ବାଟରେ ଥିବା ପିଚ୍ଛୁଳି ନାଳ ଯୋଗୁ ୨ କିଲୋମିଟର ଦୂରରେ ଅଟକିବାକୁ ବାଧ୍ୟ ହୋଇଥିଲା। ତେବେ ଆମ୍ବୁଲାନ୍ସ କର୍ମଚାରୀ ଲିପୁନ କୁମାର ଦାସ, ଚାଳକ ଶାନ୍ତନୁ କୁମାର ଦେହୁରୀ ଓ ସହାୟକ ଉତ୍ତମ କୁମାର ପାତ୍ର ସେଠାରେ ରୋଗୀଙ୍କୁ ଅପେକ୍ଷା ନ କରି ହାତରେ ଷ୍ଟ୍ରେଚର ଧରି ନାଳ ଡେଇଁ ଗ୍ରାମରେ ପହଞ୍ଚିଯାଇଥିଲେ। ସେମାନେ ଷ୍ଟ୍ରେଚରରେ ରୋଗୀଙ୍କୁ ଶୁଆଇ ବିଲମାଳ ଓ ନାଳ ଡେଇଁ ଆମ୍ବୁଲାନ୍ସ ନିକଟକୁ ନେଇଆସିଥିଲେ। ଏହାପରେ ଦୁଲଣୀଙ୍କୁ ତୁରନ୍ତ ୪୦ କି.ମି. ଦୂର କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ଦୁଲଣୀ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଦିଗମ୍ବର ସାହୁ କହିଛନ୍ତି, ଆମ୍ବୁଲାନ୍ସ କର୍ମଚାରୀଙ୍କ କାର୍ଯ୍ୟ ବେଶ୍ ପ୍ରଶଂସନୀୟ। ସେବା କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଏଭଳି ମନୋଭାବ ରଖିଲେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିବ। ଉଚ୍ଚ ରକ୍ତଚାପ ଓ ଗ୍ୟାସ ସମସ୍ୟା ଯୋଗୁ ସମ୍ପୃକ୍ତା ବୃଦ୍ଧାଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିଥିଲା। ଆବଶ୍ୟକ ଚିକିତ୍ସା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି।

# ୩୦ ହଜାର କି.ମି. ଗ୍ରାମ୍ୟ ରାସ୍ତା ନିର୍ମାଣ ଧାର୍ଯ୍ୟ ସମୟରେ ଶେଷକର: ମନ୍ତ୍ରୀ

ଭୁବନେଶ୍ୱର,
୨୫।୧୧(ସୁନିତ୍ ମିଶ୍ର)

ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ଡିଭିଜନ୍‌ର କାର୍ଯ୍ୟ ଓ ଖର୍ଚ୍ଚ ସମ୍ବନ୍ଧୀୟ ସବିଶେଷ ତଥ୍ୟ ବିଷୟରେ ମନ୍ତ୍ରୀଙ୍କୁ ସୂଚିତ କରିଛନ୍ତି। ବୈଠକରେ ଚଳିତ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଡିଭିଜନ୍‌ର କାର୍ଯ୍ୟ ବିଷୟରେ ସବିଶେଷ ଆଲୋଚନା ହୋଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗମନାଗମନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଯୋଜନାଗୁଡ଼ିକ ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ମଧ୍ୟ ଆଲୋଚନା ହୋଇଛି। ୨୦୨୩ ଅକ୍ଟୋବର ୩୧ ତୁଳନାରେ ୨୦୨୪ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାଜ୍ୟ ଯୋଜନାରେ ୧୧୦୦ କୋଟିରୁ ଊର୍ଦ୍ଧ୍ୱ ଅର୍ଥରାଶି ଖର୍ଚ୍ଚ କରିପାରିଥିବା ବିଷୟରେ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂ ତଥ୍ୟ ରଖିଛନ୍ତି। ଏଥିପାଇଁ ମନ୍ତ୍ରୀ ବିଭାଗୀୟ କାର୍ଯ୍ୟକୁ ପ୍ରଶଂସା କରିବା ସହ ଆଗାମୀ ୫ ବର୍ଷ ପାଇଁ ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ ୩୦ ହଜାର କି.ମି. ଗ୍ରାମ୍ୟ ରାସ୍ତା ନିର୍ମାଣର ଲକ୍ଷ୍ୟକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ୨୦୨୪ ଡିସେମ୍ବର ୩୧ ସୁଦ୍ଧା ବିଭାଗର ୬୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ସ୍ଥିରୀକୃତ ହୋଇଛି। ମାତ୍ର ଏହିସବୁ ନିର୍ମାଣ କାର୍ଯ୍ୟର ମାନ ଉପରେ ଗୁରୁତ୍ୱ ଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଆମ ଶିକ୍ଷକମାନେ ପ୍ରକୃତ କର୍ମଯୋଗୀ: ଧର୍ମେନ୍ଦ୍ର




ଭୁବନେଶ୍ୱର, ୨୫।୧୧(ସୁନିତ୍ ମିଶ୍ର)

ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ଭାରତରେ ଶିଶୁ ଓ ଯୁବବର୍ଗଙ୍କ ଜୀବନଧାରଣରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଥିବା 'ଭାରତୀ ଏୟାରଟେଲ ଫାଉଣ୍ଡେସନ' ଦ୍ୱାରା ପ୍ରସ୍ତୁତ 'ଦ ଟିଚର୍ ଆପ୍'(ଦ ଟିଚର ଆପ୍)କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଛନ୍ତି। ଭାରତୀ ଏଣ୍ଟରପ୍ରାଇଜେସର ଜନହିତକର ଶାଖା 'ଭାରତୀ ଏୟାରଟେଲ ଫାଉଣ୍ଡେସନ' ଶିକ୍ଷକଙ୍କ ପାଇଁ ଏକ ପ୍ଲାଟଫର୍ମକୁ ବିକଶିତ କରିଥିବାରୁ ଫାଉଣ୍ଡେସନକୁ ଧର୍ମେନ୍ଦ୍ର ଧନ୍ୟବାଦ ଦେଇଛନ୍ତି।

ସୋମବାର ନୂଆଦିଲ୍ଲୀ ଠାରେ ଏହି ଆପ୍ ଉନ୍ମୋଚନ ଅବସରରେ ଶିକ୍ଷକଙ୍କ ଉନ୍ନତିରେ ଭାରତର ଉନ୍ନତି ଶୀର୍ଷକ ବିଷୟବସ୍ତୁ ଉପରେ ସମବେତ ଶିକ୍ଷାବିତ୍ ଓ ବ୍ୟକ୍ତିବିଶେଷଙ୍କୁ କେନ୍ଦ୍ରମନ୍ତ୍ରୀ ସମ୍ବୋଧିତ କରିଛନ୍ତି। ଏହାକୁ ଏକ ପ୍ରଶଂସନୀୟ ପଦକ୍ଷେପ କହିବା ସହ ନିର୍ଦ୍ଦିଷ୍ଟ ଆପ୍ ଟି ଅଭିନବ ପାଠ୍ୟକ୍ରମ, ପ୍ରଯୁକ୍ତିବିଦ୍ୟା ଏବଂ କମ୍ୟୁନିଟି ବିଲ୍ଡିଂ କାର୍ଯ୍ୟକ୍ରମ ମାଧ୍ୟମରେ ନିରନ୍ତର ଦକ୍ଷତା ବିକାଶ ମାଧ୍ୟମରେ ଶିକ୍ଷକମାନଙ୍କୁ ସଶକ୍ତ କରିବାରେ ସହାୟକ ହେବ ବୋଲି କହିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଆମ ଶିକ୍ଷକମାନେ ହିଁ ପ୍ରକୃତ କର୍ମଯୋଗୀ। ଶିକ୍ଷକମାନେ ଆମ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ନେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରୁଛନ୍ତି। ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିରନ୍ତର ଦକ୍ଷତା ବିକାଶ ଉପରେ ଭାରତ ସରକାର ଗୁରୁତ୍ୱ ଦେଉଛନ୍ତି। ଜାତୀୟ ଶିକ୍ଷା ନୀତି ଅନୁସାରେ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କରି ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ବର୍ତ୍ତମାନର ଟେକ୍ନୋଲୋଜି ଦୁନିଆ ସହ ଯୋଡ଼ିବା ଆମର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

# ଆଜି ଏସ୍‌ସିବିରୁ ଡିସ୍‌ଚାର୍ଜ ହେବେ ଟୁନି

## ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହେବା ଘଟଣା

କଟକ,୨୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିବା ଟୁନି ମାଝୀଙ୍କୁ ମଙ୍ଗଳବାର ଡିସ୍‌ଚାର୍ଜ କରାଯିବ। ଟୁନିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରିବା ପାଇଁ ନିଷ୍ପତ୍ତି ନେଇଥିବା ଭେଷଜ ବିଭାଗର ପ୍ରଫେସର ଡା. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହେବା ଘଟଣାରେ ଗତ ନଭେମ୍ବର ୩ରେ ଏସ୍‌ସିବି ମେଡିସିନ୍ ବିଭାଗ ଆଇସିୟୁରେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଅଞ୍ଚଳର ଟୁନି ମାଝୀ ଓ ଜିତା ମାଝୀଙ୍କୁ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ମଧ୍ୟରୁ ଚିକିତ୍ସାଧୀନ ଅବସ୍ଥାରେ ଜିତାଙ୍କର ଗତ ୧୮ ତାରିଖରେ ମୃତ୍ୟୁ ହୋଇଥିଲା। ଟୁନିଙ୍କ ଚିକିତ୍ସା ଜାରି ରହିଥିଲା। ଏହି ଦୁଇ ମହିଳାଙ୍କ ଚିକିତ୍ସା ନିମନ୍ତେ ଏସ୍‌ସିବି ଭେଷଜ ବିଭାଗ ପ୍ରଫେସର ଡା. ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା।






# ବର୍ଷା ପରେ ଶୀତ ସହ କୁହୁଡ଼ି ବଢ଼ିବ

**ଭୁବନେଶ୍ୱର,୨୫।୧୧ (ଅନୁରାଧା ମହାରଣା)**

ରାଜ୍ୟରେ ଏବେ ଶୀତ ଧୀରେ ଧୀରେ ବଢ଼ୁଛି। ଆସନ୍ତା ୨୮ ଓ ୨୯ ତାରିଖରେ ଉପକୂଳରେ କେତେକ ସ୍ଥାନରେ ବର୍ଷା ସମ୍ଭାବନା ଥିବାରୁ ଏହାପରଠରୁ ଶୀତ ଓ କୁହୁଡି ଅଧିକ ଅନୁଭୂତ ହେବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ସୋମବାର ସୁନ୍ଦରଗଡ଼ ଓ କନ୍ଧମାଳ ଜିଲାରେ ଗଭୀର କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ସେହିପରି କଳାହାଣ୍ଡି, ସୁନ୍ଦରଗଡ଼ ଓ କୋରାପୁଟ ଆଦି ଜିଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହୋଇଛି। ମଙ୍ଗଳବାରଠାରୁ ଡିସେମ୍ବର ୨ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିପାରେ। ମଙ୍ଗଳବାର ଓ ବୁଧବାର ସୁନ୍ଦରଗଡ଼, କନ୍ଧମାଳ, କଳାହାଣ୍ଡି ଓ କୋରାପୁଟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ପଡ଼ିବ। ୨୯ ଓ ୩୦ ତାରିଖରେ ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଜଗତ୍‌ସିଂହପୁର ଆଦି ଜିଲାରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଡିସେମ୍ବର ୧ ଓ ୨ରେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ପଡ଼ିବ ବୋଲି ପାଣିପାଗ ବିଜ୍ଞାନକେନ୍ଦ୍ର ପୂର୍ବାନୁମାନ କରିଛି।

# ଜଳ, ଜଙ୍ଗଲ, ଜମିକୁ ସୁରକ୍ଷା ଦେବା ଜରୁରୀ: ଜଙ୍ଗଲ ମନ୍ତ୍ରୀ

## ଚତୁର୍ଥ ଆଇସିସି ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ

**ଭୁବନେଶ୍ୱର, ୨୫।୧୧ (ଅଭୟ ଦାଶ)**

ବର୍ତ୍ତମାନ ମାନବ ସମାଜ ସାମ୍ନା କରୁଥିବା ସବୁଠାରୁ ବଡ଼ ପ୍ରସଙ୍ଗ ହେଉଛି ଜଳବାୟୁ ପରିବର୍ତ୍ତନ। ମାନବ ସମାଜ ଉପରେ ଗ୍ଲୋବାଲ ୱାର୍ମିଂର ପରିଣାମ ଅତ୍ୟନ୍ତ ଉଦ୍‌ବେଗଜନକ। ଚାଷ ଓ ପରିବେଶ ଉପରେ ଏହାର ପ୍ରଭାବ ଯଥେଷ୍ଟ କ୍ଷତିକାରକ। ତେଣୁ ଜଳବାୟୁ ପରିବର୍ତ୍ତନର କୁପ୍ରଭାବରୁ ଜଳ, ଜଙ୍ଗଲ ଓ ଜମିକୁ ସୁରକ୍ଷା ଦେବା ଅତ୍ୟନ୍ତ ଜରୁରୀ ବୋଲି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଆହ୍ୱାନ ଦେଇଛନ୍ତି। ସୋମବାର ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ(ଆଇସିସି) ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଚତୁର୍ଥ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଲେ, ବିଶ୍ୱର ଅନ୍ୟ ସମସ୍ତ ଦେଶ ପରି ଭାରତ ମଧ୍ୟ ଜଳବାୟୁ ପରିବର୍ତ୍ତନ ବା ଗ୍ଲୋବାଲ ୱାର୍ମିଂର ଶିକାର ହୋଇଛି। ବିନାଶକାରୀ ଉତ୍ତାପ, ପ୍ରବଳ ବର୍ଷା ଓ ବାରମ୍ବାର ବାତ୍ୟା ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଉଛି। ଓଡ଼ିଶାର କେତେକ ସହରର ବାୟୁ ଗୁଣବତ୍ତା ସୂଚକାଙ୍କ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ମଧ୍ୟ ବିପଦଜନକ ସ୍ଥିତିରେ ପହଞ୍ଚିଛି। ତେଣୁ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କରାଯାଇ ପାରିଲେ ପରିବେଶ ପ୍ରଦୂଷଣ ରୋକିହେବ। ଦ୍ରୁତ




ସମ୍ମିଳନୀରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସହ ଅନ୍ୟ ଅତିଥି।

ସହରୀକରଣ, ଶିଳ୍ପାୟନର ବିସ୍ତାର ଏବଂ ଖଣି ଖନନର ବୃଦ୍ଧି ଯୋଗୁ ଜମି ପୁନରୁଦ୍ଧାର କଷ୍ଟକର ହୋଇପଡୁଛି। କୃଷି, ପରିବହନ, ଇସ୍ପାତ ଓ ଖଣି ଏବଂ ଜଙ୍ଗଲ ବିଭାଗର ମିଳିତ ଉଦ୍ୟମରେ ରାଜ୍ୟରେ ସ୍ଥାୟୀ ଜଳବାୟୁ କାର୍ଯ୍ୟକ୍ରମ ସମ୍ଭବପର ହେବ। ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବରେ ଉଭା ହୋଇଥିବା ଭାରତ ୨୦୩୦ ସୁଦ୍ଧା ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି। ସେହିପରି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ନିର୍ମାଣର ଲକ୍ଷ୍ୟ ରଖାଯାଇଛି। ଏହି ଉପଲବ୍ଧି ହାସଲ ପାଇଁ ଆମକୁ ସମ୍ମିଳିତ ଭାବେ ଜଳବାୟୁ ପରିବର୍ତ୍ତନର ସଂକଟକୁ ମୁକାବିଲା କରିବାକୁ ପଡିବ ବୋଲି ମନ୍ତ୍ରୀ ମତ ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଉପମହାନିର୍ଦ୍ଦେଶକ ଏ. ଟି. ମିଶ୍ର କହିଲେ, ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଯୋଗୁ ଆମ ଦେଶ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ଜମି ପୁନରୁଦ୍ଧାର, ଜଳ ଅଭାବ, ଖାଦ୍ୟ ନିରାପତ୍ତା ଆଦି ସମସ୍ୟା ଆଜି ଆହ୍ୱାନ ପାଲଟିଛି ଏବଂ ଏହା ଆଗାମୀ ଦଶନ୍ଧି ମଧ୍ୟରେ ଏହି ସମସ୍ୟା ଆହୁରି ତୀବ୍ର ହେବ। ତେଣୁ ଇକୋସିଷ୍ଟମ୍‌ରେ ଉନ୍ନତି, କୃଷି କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଉପରେ ଗୁରୁତ୍ୱାରୋପ କରାଯିବା ଦରକାର। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ପ୍ରେମ୍ କୁମାର ଝା, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ. କେ. ମୁରୁଗେସନ, ଆଇସିସି ଓଡ଼ିଶା ରାଜ୍ୟ ପରିଷଦ ଇଏସ୍‌ଏଚ୍ କମିଟି ସଂଯୋଜକ ଡ. ଏନ୍‌ଆର ସାହୁ, ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ରାଜୀବ ସାହୁ, ଆଇସିସି ଓଡ଼ିଶାର ଇଏସ୍‌ଏଚ୍ କମିଟି ସଦସ୍ୟ ରାଜେଶ କାନୁନ୍‌ଗୋ ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଜନିତ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତାବ ଓ ପରାମର୍ଶ ଦେଇଥିଲେ।

# ୭ ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଲେ ରାଜସ୍ୱ ମନ୍ତ୍ରୀ

## ଜମିଜମା ବିକ୍ରୟ ହୋଇପାରୁ ନ ଥିବା ସମସ୍ୟା ନେଇ ମନ୍ତ୍ରୀଙ୍କ ବୈଠକ

**ଭୁବନେଶ୍ୱର, ୨୫।୧୧(ସୁନିତ୍ ମିଶ୍ର)**

ରାଜ୍ୟରେ ଜମିଜମା ବିକ୍ରୟ କ୍ଷେତ୍ରରେ ଥିବା ଆଇନଗତ ପ୍ରତିବନ୍ଧକ ଯୋଗୁ ଲୋକମାନେ ଜମି ବିକ୍ରି ନ କରିପାରି ହଇରାଣ ହରକତ ହେଉଥିଲେ। ଏହି ବିକ୍ରୟ ବ୍ୟବସ୍ଥାର ସରଳୀକରଣ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ନଗର ଉନ୍ନୟନ ବିଭାଗ, ରାଜସ୍ୱ ବିଭାଗ, ଉନ୍ନୟନ କର୍ତ୍ତୃପକ୍ଷ ଏବଂ ରେରା କର୍ତ୍ତୃପକ୍ଷଙ୍କ ସହ ସମ୍ପୃକ୍ତ ଅଧିକାରୀଙ୍କୁ ନେଇ ରାଜସ୍ୱ ମନ୍ତ୍ରୀଙ୍କ ବିଧାନସଭା ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ଜମି ପଞ୍ଜୀକରଣ କ୍ଷେତ୍ରରେ ପ୍ରତିବନ୍ଧକ ଥିବା ସମୟରେ କେତେଜଣଙ୍କ ଆଂଶିକ ପଞ୍ଜୀକରଣ ହୋଇଛି ଓ କେତେଜଣଙ୍କ ହୋଇପାରିନାହିଁ, ସେ ସମ୍ପର୍କରେ ବିସ୍ତୃତ ରିପୋର୍ଟ ମଗାଯାଇଛି। ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ ରେରା ଆଇନ, ଉନ୍ନୟନ ଆଇନ, ଆଞ୍ଚଳିକ କର୍ତ୍ତୃପକ୍ଷଙ୍କ ଆଇନର ତର୍ଜମା କରି ଆବଶ୍ୟକ ହେଉଥିବା ସଂଶୋଧନ କରିବା ସହ ୭ ଦିନ ମଧ୍ୟରେ ଏ ସମ୍ପର୍କରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେନେଇ ରିପୋର୍ଟ ଦାଖଲ ପାଇଁ ଉଭୟ ରାଜସ୍ୱ ବିଭାଗ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

# ଠିକ୍ ସମୟରେ ବିରଜା ମନ୍ଦିର କାମ ସମ୍ପୂର୍ଣ୍ଣ କର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୧୧(ସୁନିତ୍ ମିଶ୍ର)**

ଯାଜପୁର ବିରଜା ମନ୍ଦିରର ଉନ୍ନୟନ ଲାଗି ଯେଉଁସବୁ ପ୍ରକଳ୍ପ ହାତକୁ ନିଆଯାଇଛି ସେସବୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁରର ବିରଜା କ୍ଷେତ୍ର କେବଳ ଓଡ଼ିଶାର ନୁହେଁ, ସାରା ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତିପୀଠ। ଓଡ଼ିଶାର ଜନସାଧାରଣଙ୍କ ଧାର୍ମିକ ଓ ଆଧ୍ୟାତ୍ମିକ ଚେତନାରେ ଏହା ଏକ ପ୍ରମୁଖ ତୀର୍ଥ କ୍ଷେତ୍ର। ମହାଭାରତ ଆଦି ଶଙ୍କରାଚାର୍ଯ୍ୟଙ୍କ ଶକ୍ତିପୀଠ ସ୍ତବ ଏବଂ ବାମନ ପୁରାଣରେ ମଧ୍ୟ ମା' ବିରଜାଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ନାଭିଗୟା ଭାବରେ ବିରଜା ପୀଠର ପ୍ରସିଦ୍ଧି ରହିଛି। ମା' ବିରଜାଙ୍କ ପ୍ରତି ସାରା ଓଡ଼ିଶାର ଜନସାଧାରଣଙ୍କ ପ୍ରଗାଢ଼ ଭକ୍ତି ଓ ନିଷ୍ଠା ରହିଛି। ଏହି ପ୍ରାଚୀନ ପ୍ରସିଦ୍ଧ ଶକ୍ତିପୀଠର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ମଞ୍ଜୁର କରାଯାଇଥିବା ପ୍ରକଳ୍ପଗୁଡ଼ିକ ଜାରି ରହିଛି। ଏହା ସହ ମନ୍ଦିରର ସର୍ବାଙ୍ଗୀନ ବିକାଶ ପାଇଁ ଆବଶ୍ୟକ ପଡ଼ିଲେ ନୂତନ ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ କରାଯିବ। ବିରଜା ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଯେଉଁସବୁ ପ୍ରକଳ୍ପ ହାତକୁ ନିଆଯାଇଛି, ସେସବୁ ପ୍ରକଳ୍ପ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ରବି ରାୟ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ପୂର୍ବତନ ଲୋକସଭା ବାଚସ୍ପତି ରବି ରାୟଙ୍କ ୯୮ତମ ଜୟନ୍ତୀ ପାଳନ, ସ୍ଥାନ: ଦୁର୍ଗାମାଧବ ମଣ୍ଡପ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଜାତୀୟ ଦୁଗ୍ଧ ଦିବସ, ସ୍ଥାନ: କଲେଜ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ ହସବେଣ୍ଡାରୀ, ସମୟ: ପୂର୍ବାହ୍ନ ୧୧ଟା।
- କୃଷକ ଚେତାବନ ସମାରୋହ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ୭୫ତମ ସମ୍ବିଧାନ ଦିବସ ପାଳନ ସମାରୋହ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ମଧ୍ୟାହ୍ନ ୧୨ଟା।
- ସଂସ୍କୃତ ଥିଏଟର ମହୋତ୍ସବ 'ଦାଶରୂପକମ୍', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ନାଟ୍ୟକାର ଡ. ବିଜୟ ମିଶ୍ରଙ୍କ ଜୟନ୍ତୀ ଅବସରରେ ନାଟକ 'ଅଟଳ ଟଳମଳ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୧୫।

## କଟକ

- ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ୧୦୭ତମ ଜୟନ୍ତୀ ସମାରୋହ, ସ୍ଥାନ: ଷ୍ଟୁଆର୍ଟ ସ୍କୁଲ ସମ୍ମୁଖ ବୀରେନ ମିତ୍ର ପାର୍କ, ମିଶନ ରୋଡ୍, ସମୟ: ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କବି ପଦ୍ମଶ୍ରୀ ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ସ୍କନ୍ଦ ପୁରାଣରେ ଶ୍ରୀଜଗନ୍ନାଥ ସମ୍ପର୍କିତ ଜାତୀୟ ସମ୍ମିଳନୀର ଉଦ୍‌ଘାଟନ ସମାରୋହ, ସ୍ଥାନ: ସଦାଶିବ କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ବଗଲା ଧର୍ମଶାଳାଠାରୁ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରମିକ ଓ କୃଷକଙ୍କ ଶୋଭାଯାତ୍ରା, ସ୍ଥାନ: ଗୁଣ୍ଡିଚା ମନ୍ଦିରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ଶିଶୁ ମନ୍ଦିର ପକ୍ଷରୁ ସମ୍ବିଧାନ ଦିବସ ପାଳନ, ସ୍ଥାନ: ମଧୁବନ ସରସ୍ୱତୀ ଶିଶୁମନ୍ଦିର, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ପେନସନ ଅଦାଲତ, ସ୍ଥାନ: ସଦ୍‌ଭାବନା ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା୩୦।
- ସ୍ୱାଧୀନତା ସଂଗ୍ରାମୀ ମା' ରମାଦେବୀଙ୍କ ୧୨୫ତମ ଜୟନ୍ତୀ, ସ୍ଥାନ:ନୃତ୍ୟ ସଙ୍ଗୀତ କଳାମନ୍ଦିର, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।

## ଭଦ୍ରକ

- ସମ୍ବିଧାନ ଦିବସ ପାଳନ ଓ ଶପଥପାଠ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ବେତନଟୀ ବ୍ଲକ ଅଧୀନ ବେତନଟୀ,ସମୟ: ସକାଳ ୮ଟା।
- ଏକବିଂଶ ଶତାବ୍ଦୀର ଓଡ଼ିଆ କଥା ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର,ସ୍ଥାନ: ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଆମ ଆଦ୍‌ମୀ ପାର୍ଟିର ପ୍ରତିଷ୍ଠା ଦିବସ, ସ୍ଥାନ: ଗେଟ ବଜାର ପାର୍ଟି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- କାର୍ଯ୍ୟକ୍ଷେତ୍ରରେ ମାନସିକ ଅସନ୍ତୁଳନ ନେଇ ଗୋଷ୍ଠୀ ଆଲୋଚନା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- କୃଷକ ଓ ଶ୍ରମିକ ବିରୋଧୀ ନୀତି ବିରୋଧରେ ବିକ୍ଷୋଭ, ସ୍ଥାନ: ଛତ୍ରପୁରସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଶ୍ରୀଲ ରାମଦାସ ବାବାଜୀ ମହାଶୟଙ୍କ ସ୍ମରଣୋତ୍ସବ, ସ୍ଥାନ: ନୃସିଂହଚିକିରି ମଠ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।

## ନୟାଗଡ଼

- ଜାତୀୟ ସମ୍ବିଧାନ ଦିବସ, ସ୍ଥାନ: ଜିଲା ଜଜ୍ କୋର୍ଟଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ସାଢ଼େ ୪ଟା।

## ରାୟଗଡ଼ା

- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଖିଲାରମୁଣ୍ଡା ମନ୍ଦିର, ସୁନାରୀଘାଇ ଛକ, ପଦ୍ମପୁର, ସମୟ: ସକାଳ ୮ରୁ ଆରମ୍ଭ।
- ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ ୟୁନିଅନ ତରଫରୁ ଧାରଣା, ସ୍ଥାନ: ରାୟଗଡ଼ା ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା କୋର୍ଟ ପଛପଟ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।
- ସମ୍ବିଧାନ ଦିବସ ଅବସରରେ ପଦଯାତ୍ରା, ସ୍ଥାନ: ରାୟଗଡା ମଝିଘରିଆଣି ମନ୍ଦିର ଛକଠାରୁ ଆମ୍ବେଡକର ପ୍ରତିମୂର୍ତ୍ତି, ସମୟ: ମଧ୍ୟାହ୍ନ ୧୨ଟାରୁ ୧ଟା ୩୦।
- ରାୟଗଡା ଜିଲା ଡମ ସମାଜ ପକ୍ଷରୁ ଦିଆଲ ପରବ ଭେଟ୍‌ଘାଟ, ସ୍ଥାନ: ଜିସିଡ଼ି ପଡିଆ, ରାୟଗଡା, ସମୟ: ଅପରାହ୍ନ ୩ଟା ୩୦।
- ବ୍ଲକସ୍ତରୀୟ ଚଇତି ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ: ଗୁଡାରି ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ ଟା।
- ପଣ୍ଡିତ ଆଶୀର୍ବାଦ ମହାରାଜଙ୍କ ପ୍ରବଚନ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର

- ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହିର୍ଲି, ସମୟ: ପୂର୍ବାହ୍ନ ୧୦ଟା।
- ନବରଙ୍ଗପୁର ପୌରାଞ୍ଚଳସ୍ତରୀୟ ଲୋକୋମହତ୍ସୋ ମଣ୍ଡେଇ, ସ୍ଥାନ: ପୋଲିସ ପଡ଼ିଆ, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସମ୍ବଲପୁର ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଧର୍ମଘଟ କାର୍ଯ୍ୟକ୍ରମ, ସ୍ଥାନ : ମୁଖ୍ୟଡାକ ଘର ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଆମ ଆଦମୀ ପାର୍ଟିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମେହେର ମୁକ୍ତି ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା ୩୦।

## ବଲାଙ୍ଗୀର

- ଛେଲିଆପାଟ ସେବା ସଙ୍ଗଠନ ବୈଠକ, ସ୍ଥାନ: ଭରସୁଜା, ଆଗଲପୁର,ସମୟ: ସନ୍ଧ୍ୟା ୭ ଟା ୩୦।

## ସୁବର୍ଣ୍ଣପୁର

- କମଳପୁର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: କମଳପୁର,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ଜିଲା କୃଷକ ସଙ୍ଗଠନର ବିକ୍ଷୋଭ ସମାବେଶ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଅମରପାଲି କ୍ରିକେଟ କପ୍‌ର ଚୂଡାନ୍ତ ପ୍ରସ୍ତୁତି ବୈଠକ, ସ୍ଥାନ: ଅମରପାଲି ହାଇସ୍କୁଲ ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ରାଜ୍ୟସ୍ତରୀୟ ସମ୍ବିଧାନ ଦିବସ ପାଳନ, ସ୍ଥାନ: ନୃସିଂହନାଥ ଯାତ୍ରୀ ନିବାସ, ପାଇକମାଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସମ୍ବିଧାନ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୁସ୍ତକ ମେଳାରେ ଜିଲା ଶିକ୍ଷା ବିଭାଗ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସାହାପଡ଼ା, ସମୟ: ସକାଳ ୮ଟା।
- ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ରାମପୁର ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗୌରାଙ୍ଗ ମଠ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ରବି ଋତୁ ନିମନ୍ତେ ମିଲେଟ ବା ଶ୍ରୀଅନ୍ନ ଚାଷର ଚାରିଦିନିଆ ତାଲିମ କାର୍ଯ୍ୟକ୍ରମ,ସ୍ଥାନ: ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ମିଲେଟ ବା ଶ୍ରୀଅନ୍ନସମ୍ପ୍ରସାରଣ ଉପକେନ୍ଦ୍ର, କିରେଇ ସୁନ୍ଦରଗଡ଼,ସମୟ:ପୂର୍ବାହ୍ନ୧୦ଟା।

## ରାଉରକେଲା

- ରାଉରକେଲା ମ୍ୟୁନିସିପାଲ କଲେଜ ପକ୍ଷରୁ ସମ୍ବିଧାନ ଦିବସ, ପାଳନ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳନ, ସ୍ଥାନ: ସେକ୍ଟର-୪, ସମୟ: ସକାଳ ୯ଟା।
- କର୍କଟ ରୋଗ ଜନିତ ସଚେତନତା ଶିବିର, ସ୍ଥାନ: ସେକ୍ଟର-୫ ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଆନ୍ଦୋଳନ, ସ୍ଥାନ: ଏଡିଏମ୍‌ଙ୍କ କାର୍ଯ୍ୟାଳୟ, ଉଦିତନଗର, ସମୟ: ମଧ୍ୟାହ୍ନ ୧୨ଟା।
- ସରସ୍ୱତୀ ବିଦ୍ୟାପୀଠରେ ବିଜ୍ଞାନ ମେଳା, ସ୍ଥାନ: ବିଶ୍ରାଡାହାର ରୋଡ୍, ସମୟ: ସକାଳ ୭ଟା।

## ଦେବଗଡ଼

- ସମ୍ବିଧାନ ଦିବସ ଅବସରରେ ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ବାଏପାସ ଛକ, ରଜାମୁଣ୍ଡା, ଦେବଗଡ, ସମୟ: ସକାଳ ୯ଟା ୩୦।
- ସମ୍ବିଧାନ ଦିବସ ପାଳନ, ସ୍ଥାନ: ଜିଲା ନ୍ୟାୟାଳୟ ପରିସର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ତ୍ରିଦିବସ ପ୍ରଶିକ୍ଷଣ ଶିବିର, ସ୍ଥାନ: ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବିଧାନ ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଏପାସ ଛକ, ରଜାମୁଣ୍ଡା, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ପ୍ରଧାନପାଟ ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ଅପରାହ୍ନ ୨ଟା ୪୫।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଅନ୍ତରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ ସଂଘ ନୂଆପଡ଼ା ପକ୍ଷରୁ ହରେକୃଷ୍ଣ ଉତ୍ସବ, ସ୍ଥାନ: ପୋଲିସ ପଡ଼ିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଆନୁଷ୍ଠାନିକ କାମରେ ଯୋଗଦେବା ପାଇଁ ଘରକୁ ବନ୍ଧୁମାନେ ଆସିପାରନ୍ତି। ପରିବାର ଲୋକମାନଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ସଭାସମିତିରେ ନିଜର ସୀମା ଭିତରେ ରହିବା ଭଲ ନଚେତ୍ ସାଧାରଣ କଥାରେ ମଧ୍ୟ ସମସ୍ୟା ଆସିପାରେ। ଆତ୍ମୀୟମାନଙ୍କ ସହାୟତାରେ ଆର୍ଥିକ ସ୍ୱଚ୍ଛଳତା ଫେରିଆସିବ।

**ବୃଷ** — ଉପରିସ୍ଥଙ୍କ ପୃଷ୍ଠପୋଷକତାରୁ କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧିପାଇବ। ସଭାସମିତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନ୍‌ସନ ଦୂରହେବ। କଳା, ସାହିତ୍ୟ, କ୍ରୀଡ଼ା ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ରବି ନୀଚସ୍ଥ ହେତୁ ପାରିବାରିକ ଜୀବନ ସମସ୍ୟାବହୁଳ ରହିବ।

**ମିଥୁନ** — ଦୃଢ଼ ମନୋବଳ ସହ ନିରଳସ କର୍ମରୁ ଅଭିଳାଷିତ ଫଳ ପାଇବେ। ଶାରୀରିକ ସ୍ୱାସ୍ଥ୍ୟ ଓ ମାନସିକ ସ୍ଥିତି ଭଲ ରହିବା ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ। କର୍ମକ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସରକାରୀ କ୍ଷେତ୍ରରୁ ଋଣସୂତ୍ରରେ ଅର୍ଥଲାଭର ଆଶା ରହିଛି।

**କର୍କଟ** — ଦୀର୍ଘଦିନରୁ ମାନସିକ ସ୍ତରରେ ପ୍ରସ୍ତୁତିପର୍ବ ଶେଷ ହୋଇଥିବାରୁ ଆଜି ନୂତନ କର୍ମାରମ୍ଭକରି ଖୁସି ରହିବେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ, କିନ୍ତୁ ଫେରିବା ସମୟକୁ ମତାନ୍ତରଜନିତ ଅଶାନ୍ତ ରହିପାରନ୍ତି। ନିର୍ମାଣ, ଯୋଗାଯୋଗ, ପ୍ରଶାସନ ଓ ସଭାସମିତିରେ ସଫଳତା ପାଇବେ।

**ସିଂହ** — ଦୈହିକ ଦୁର୍ବଳତା ହେତୁ ସୁଯୋଗ ପାଇଲେ ମଧ୍ୟ ଉପଭୋଗ୍ୟ ହୋଇପାରିବ ନାହିଁ। ପାରିବାରିକ ସମସ୍ୟା ଚିନ୍ତାକରି ମାନସିକ ଶାନ୍ତି ବ୍ୟାହତ ହେବ। ଆଲୋଚନା କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ବାଧ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ଆଶାନୁରୂପ ଫଳ ପାଇପାରିବେ ।

**କନ୍ୟା** — ନିକଟ ସମ୍ପର୍କୀୟଙ୍କ ସହଯୋଗରେ ଅର୍ଥପ୍ରାପ୍ତିର ଆଶା କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଖୁସି ହେବେ। ଆଜି ଯେ କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଚିତ୍ରା ନକ୍ଷତ୍ର ବିଭିନ୍ନ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବା ସମ୍ଭାବନା ରହିଛି।

**ତୁଳା** — ପରୋକ୍ଷ ଶତ୍ରୁତା କାରଣରୁ ପରିବାରରେ ସାଧାରଣ କଥାକୁ ନେଇ ବିବାଦ ଲାଗିପାରେ। ବହୁଦିନ ହେଲା ଆଶା କରିଥିବା କେତେକ ଦ୍ରବ୍ୟଲାଭ ସକାଶେ ମନରେ ଆଲୋଡ଼ନ ସୃଷ୍ଟିହେବ। ଶିଳ୍ପ, ବାଣିଜ୍ୟ, ଆନୁଷ୍ଠାନିକ କାମରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ଅଫିସରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣକରି ପଦସ୍ଥ ବ୍ୟକ୍ତିଙ୍କ ସୁନଜରରେ ଆସିବେ।

**ବିଛା** — ନିଜ ପରିସରରେ ଲୋକସମ୍ପର୍କ ଅବ୍ୟାହତ ରହିବା ଯୋଗୁ ପ୍ରତ୍ୟେକ କାମରେ ସଫଳତା ହାସଲ କରିବେ। ଆଜି ବନ୍ଧୁ ଓ ପରିଜନଙ୍କ ସହ ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ। ସହକର୍ମୀଙ୍କ ସହାୟତାରେ ଅର୍ଥ ପ୍ରାପ୍ତିର ଆଶା ନିରର୍ଥକ ହେବ ନାହିଁ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠା ପ୍ରତି ସହକର୍ମୀମାନେ ଈର୍ଷାନ୍ୱିତ ହୋଇପାରନ୍ତି।

**ଧନୁ** — ପରିଚିତ ବ୍ୟକ୍ତିଙ୍କ ସାହାଯ୍ୟ ନ ପାଇଲେ ମଧ୍ୟ ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ପାଇ କାମ ହାସଲ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରକାଶ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ସୃଷ୍ଟିହୋଇପାରେ। ଭ୍ରମଣ ହେତୁ ଅସୁସ୍ଥତା ଅନୁଭବ କରିବେ।

**ମକର** — ଦୂରଯାତ୍ରା ସମୟରେ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଲକ୍ଷ୍ୟ ପୂରଣ ହୋଇପାରିବ। ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ଅନୁସରଣ କରିବାକୁ ପଡ଼ିପାରେ। ମାତ୍ର ଶିଳ୍ପ, ବାଣିଜ୍ୟ, ପରିବହନରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବା ସକାଶେ ଆପ୍ରାଣ ଚେଷ୍ଟାକରି ସଫଳ ହେବେ।

**କୁମ୍ଭ** — ମନ ଭିତରରେ ଦୁଃଖ ରହିଥିଲେ ମଧ୍ୟ ଉପର ମନରେ ହସି ହସି କଥା କହିବେ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକୁ ତ୍ୱରାନ୍ୱିତ କରିବା ସକାଶେ ଚେଷ୍ଟିତ ହେବେ। ମାତ୍ର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଉଥିବାରୁ ମନରେ ସରସତା ରହିବ ନାହିଁ। ରାଜନୀତି, ସଙ୍ଗଠନ, ନିର୍ମାଣ,ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ବନ୍ଧୁ ଅସୁବିଧା ସୃଷ୍ଟି କରିପାରନ୍ତି ।

**ମୀନ** — ନୂତନ ବନ୍ଧୁତ୍ୱ, ନୂତନ ସ୍ଥାନ ପରିଦର୍ଶନ, ସନ୍ତାନଙ୍କ କୃତିତ୍ୱରୁ ଆନନ୍ଦ ଅନୁଭବକରିବେ। ଅସମର୍ଥିତସୂତ୍ରରୁ ଶୁଣାକଥାକୁ ବିଶ୍ୱାସକରି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଦୁଶ୍ଚିନ୍ତା ବୃଦ୍ଧି କରିବ। ସରକାରୀ ସ୍ତରରେ ପ୍ରତୀକ୍ଷା କରିଥିବା ଖବର ପାଇ ଖୁସିହେବେ।

ଆଜି ନଭେମ୍ବର ୨୬ ତାରିଖ, ମାର୍ଗଶିର କୃଷ୍ଣପକ୍ଷର ସ୍ମାର୍ତ୍ତସମ୍ମତ ଉପ୍ନା ଏକାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର-ହସ୍ତା/କନ୍ୟା,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ. ୦୬।୦୫ ଗତେ, ଘ.୦୬। ୪୯ ମଧ୍ୟେ, ଘ.୦୮।୪୯ ଗତେ, ଘ.୧୧।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୧୮ ଗତେ, ଘ.୦୩।୪୦ ମଧ୍ୟେ ରାହୁକାଳ।

# ଆଧୁନିକ ଓଡ଼ିଶା ଭାସ୍କର୍ଯ୍ୟର ମୁଖଶାଳା ବିପ୍ରଚରଣ ମହାନ୍ତି

**୯୭ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି**

ଭୁବନେଶ୍ୱର,୨୫।୧୧(ଅନୁରାଧା ମହାରଣା)

ଓଡ଼ିଶାରେ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତିର ଜନକ ପ୍ରଖ୍ୟାତ ଭାସ୍କର୍ଯ୍ୟଶିଳ୍ପୀ ବିପ୍ରଚରଣ ମହାନ୍ତିଙ୍କ ୯୭ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶିଳ୍ପୀଙ୍କ ଶାସ୍ତ୍ରୀନଗରସ୍ଥିତ ପ୍ରତିମୂର୍ତ୍ତିରେ ସୋମବାର ମାଲ୍ୟାର୍ପଣ କରାଯାଇଛି। ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଓ ସ୍ଥାନୀୟ କଳାପ୍ରେମୀ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେବା ସହ ମହାନ୍ତିଙ୍କ କଳାକୃତି ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିପ୍ରଚରଣ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟର ଅଧ୍ୟକ୍ଷା ରୀତା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଆଧୁନିକ ଓଡ଼ିଶା ଭାସ୍କର୍ଯ୍ୟର ମୁଖଶାଳା ହେଉଛନ୍ତି ବିପ୍ରଚରଣ ମହାନ୍ତି। ତାଙ୍କ ଦ୍ୱାରା ନିର୍ମିତ ତଥା ଶୈଳବାଳା ମହାବିଦ୍ୟାଳୟରେ ସ୍ଥାପିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଓଡ଼ିଶାର ପ୍ରଥମ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି। ଭାରତରେ ବିର୍ସା ମୁଣ୍ଡାଙ୍କ ୧୨ଫୁଟ ଉଚ୍ଚତା ବିଶିଷ୍ଟ ପ୍ରଥମ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ମଧ୍ୟ ସେ ନିର୍ମାଣ କରିଥିଲେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜୋରୁ, ଗୋରୁ, ଧନ;**
**ଏ ତିନିଙ୍କି ନିଜର ଗୁଜରାଣ ।**

ପତ୍ନୀ ନିଜର ଏକାନ୍ତ ବ୍ୟକ୍ତିଗତ। ତା'ର ହାନିଲାଭ ବୁଝିବା ବ୍ୟକ୍ତି ପକ୍ଷେ ନିହାତି ଜରୁରୀ। ଗୋରୁ ବଳଦ ଚାଷ କାର୍ଯ୍ୟରେ ନିୟୋଜିତ ହୋଇଥାଏ। ସେମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ। ସେହିପରି ସ୍ୱ ଅର୍ଜିତ ଧନସମ୍ପତ୍ତି ପ୍ରତି ସତର୍କ ଦୃଷ୍ଟି ଦେବା ନିହାତି ଜରୁରୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଜଗତି ଉପରେ ବସିଲେ କୁଆ,**
**ଗରୁଡ଼ ବୋଲି କି ହୋଇବ କୁହା ।**

କୁଆ ଓ ଗରୁଡ଼ ପକ୍ଷୀ ମଧ୍ୟରେ ଆକାଶପାତାଳ ଫରକ ରହିଥାଏ । ଗୁଣ, ପ୍ରକୃତି ତଥା ସଭାରେ ଗରୁଡ଼ପକ୍ଷୀ ଶ୍ରେଷ୍ଠ ବୋଲି ଜଣାଯାଇଥାଏ। ତେଣୁ ଗୁଣ ଧର୍ମ ନ ଥିବା ବ୍ୟକ୍ତି ଜଣକ ଯେତେ ଉପରକୁ ବା ଉଚ୍ଚ ଆସନକୁ ଗଲେ ସୁଦ୍ଧା ସେ କେବେହେଲେ ଅସଲ ଗୁଣଧାରୀ ବ୍ୟକ୍ତିଙ୍କ ସଙ୍ଗେ ସମାନ ହୋଇପାରନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ସମ୍ବିଧାନରେ 'ସମାଜବାଦ'...

୨୧ ପର୍ଯ୍ୟନ୍ତ ଦେଶରେ ଏମର୍ଜେନ୍ସି ଜାରି କରିଥିଲେ। ଏହି ସମୟରେ ୧୯୭୬ରେ ସମ୍ବିଧାନ ସଂଶୋଧନ କରାଯାଇ ପ୍ରସ୍ତାବନାରେ ସମାଜବାଦ ଏବଂ ଧର୍ମନିରପେକ୍ଷ ଶବ୍ଦ ଯୋଡ଼ାଯାଇଥିଲା। ଏହି ସଂଶୋଧନ ଫଳରେ ପ୍ରସ୍ତାବନାରେ ଭାରତର ସଂଜ୍ଞା ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରୁ 'ସାର୍ବଭୌମ, ସମାଜବାଦ, ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର' ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରିଥିବା ଆବେଦନକାରୀମାନେ ମାମଲାକୁ ବୃହତ୍ତର ପୀଠକୁ ପଠାଇବା ପାଇଁ କରିଥିବା ଆବେଦନକୁ ପୂର୍ବରୁ ଖଣ୍ଡପୀଠ ଖାରଜ କରିଦେଇଥିଲେ। ଭାରତୀୟ ଅର୍ଥରେ ସମାଜବାଦ ଅର୍ଥ ଏକ କଲ୍ୟାଣକାରୀ ରାଷ୍ଟ୍ର ବୁଝାଯାଏ ବୋଲି ଖଣ୍ଡପୀଠ କହିଥିଲେ। ପିଟିଶନର ଅଶ୍ୱିନୀ ଉପାଧ୍ୟାୟ ତାଙ୍କ ଆବେଦନରେ କହିଥିଲେ, ସେ ସମାଜବାଦ ଏବଂ ଧର୍ମନିରପେକ୍ଷ ଚିନ୍ତାଧାରା ବିରୋଧୀ ନୁହନ୍ତି। ତେବେ ପ୍ରସ୍ତାବନାରେ ଏହି ଶବ୍ଦ ଯୋଡ଼ାଯିବାକୁ ସେ ବିରୋଧ କରନ୍ତି। ଏପରିକି ଜନତା ପାର୍ଟି ନେତୃତ୍ୱରେ ଗଢ଼ାଯାଇଥିବା ପରବର୍ତ୍ତୀ ସରକାର ମଧ୍ୟ ପ୍ରସ୍ତାବନାରେ ଶବ୍ଦ ସଂଯୋଗକୁ ସମର୍ଥନ କରିଥିଲେ। ତେବେ ୧୯୪୯ରେ ସମାଜବାଦ ଓ ଧର୍ମନିରପେକ୍ଷ ଗୃହୀତ ବଦଳରେ ଏହାକୁ ପ୍ରସ୍ତାବନାର ଅଲଗା ପାରାଗ୍ରାଫ ଭାବେ ରଖିବା ଉଚିତ କି ବୋଲି ସୁବ୍ରମଣ୍ୟମ ସ୍ୱାମୀ ତାଙ୍କ ପିଟିଶନ୍‌ରେ ପ୍ରଶ୍ନ କରିଥିଲେ।

## ୨୯ରୁ ଆସି ୩ ଦିନ...

ତେବେ ପ୍ରଧାନମନ୍ତ୍ରୀ ୨୯ ତାରିଖରେ ଆସିବା ପରେ ୩୦ ଓ ୧ ତାରିଖରେ କନ୍‌ଫରେନ୍ସରେ ସାମିଲ ହେବେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଗତ ସାଧାରଣ ନିର୍ବାଚନ ପରେ ଓଡ଼ିଶାରେ ଭାଜପା ସରକାର ହେବାପରେ ଥରେ ମାତ୍ର ଓଡ଼ିଶା ଆସିଥିଲେ। ଏହି ଅବସରରେ ସେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ଦ୍ୱିତୀୟ ଥର ଲାଗି ଓଡ଼ିଶା ଗସ୍ତରେ ଆସିବେ।

## ଏନକ୍ଲୋଜରରୁ ମୁକୁଳିଲା...

ଯମୁନା ଓ ଜିନତ୍ ଏବେ ଶିମିଳିପାଳ ଅଭୟାରଣ୍ୟରେ ନିର୍ଦ୍ୱନ୍ଦ୍ୱରେ ବିଚରଣ କରୁଥିବା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡା.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ଶିମିଳିପାଳରେ ମହାବଳ ବାଘ ବଂଶ ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ୨ଟି ମହାବଳ ବାଘୁଣୀଙ୍କୁ ଅଣାଯାଇଛି। ପ୍ରଥମେ ଯମୁନାକୁ ଛାଡ଼ିବା ପରେ ଜିନତ୍‌କୁ ରବିବାର ରାତିରେ ଛଡ଼ାଯାଇଛି। ଏନକ୍ଲୋଜରରେ ଜିନତ୍ ରହିବାର ୧୦ଦିନ ମଧ୍ୟରେ ତା'ର ଖାଦ୍ୟପେୟ ଓ ଗତିବିଧିକୁ ଡାକ୍ତରୀ ଦଳ ଅନୁଧ୍ୟାନ କରିଥିଲା। ଶିକାର କରି ଖାଇବା, ପାଣି ପିଇବା ଓ ଗାଧୋଇବା ଭଳି ଆଚରଣ ଦେଖି ତା'ର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ତାଲିମପ୍ରାପ୍ତ କର୍ମଚାରୀ ଓ ଡାକ୍ତରୀ ଦଳ ରିପୋର୍ଟ ପ୍ରଦାନ କରିଥିଲେ। ପରେ ଜିନତ୍‌କୁ ଛାଡ଼ିବା ପାଇଁ ବନ ବିଭାଗ ପକ୍ଷରୁ ତାରିଖ ଧାର୍ଯ୍ୟ ହେବା ସହ ରବିବାର ଏନକ୍ଲୋଜର ଗେଟ୍ ଖୋଲାଯାଇଥିଲା। ରାତି ୯ଟା ୩୦ ବେଳେ ଜିନତ୍ ଏନକ୍ଲୋଜରରୁ ବାହାରି ଜଙ୍ଗଲ ମଧ୍ୟକୁ ଯାଇଥିଲା। ଜିନତ୍ ଦେହରେ ଲାଗିଥିବା ରେଡିଓ କଲାରକୁ ନେଇ ତା'ର ଗତିବିଧି ଉପରେ ତାଲିମପ୍ରାପ୍ତ କର୍ମଚାରୀ ଓ ଅଧିକାରୀମାନେ ଯାଞ୍ଚ କରୁଛନ୍ତି। କିଛିଦିନ ଜଙ୍ଗଲରେ ଘୂରି ବୁଲି ନିଜର ଟେରିଟୋରିଆଲ ପ୍ରସ୍ତୁତ କରିବାକୁ ମହାବଳ ବାଘୁଣୀଦ୍ୱୟଙ୍କୁ ସମୟ ଲାଗିବ ବୋଲି ଆର୍‌ସିସିଏଫ୍ ଗୋଗିନେନୀ କହିଛନ୍ତି।

## ଫେବୃଆରୀ ୧୮ରୁ...

ପରୀକ୍ଷା ଫେବୃଆରୀ ୧୩ରୁ ଆରମ୍ଭ ହୋଇ ଏପ୍ରିଲ ୫ ପର୍ଯ୍ୟନ୍ତ ଚାଲିବ। ୨,୫୩,୩୮୪ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ଭାରତ ତଥା ଦେଶ ବାହାରେ ୨,୮୦୩ ସ୍କୁଲରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଲକ୍ଷେରୁ ଊର୍ଦ୍ଧ୍ୱ ପିଲା ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେବେ। ମୋଟ ୧,୪୬୧ ସ୍କୁଲ୍‌ରେ ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ଆଦାନୀ ଲାଞ୍ଚ ପ୍ରସଙ୍ଗରେ...

ଦେଖିବାକୁ ମିଳିଥିଲା। କଂଗ୍ରେସ ନେତୃତ୍ୱରେ ବିରୋଧୀ ସଦସ୍ୟମାନେ ଆଦାନୀ ଗ୍ରୁପ୍‌ର ପ୍ରତିଷ୍ଠାତା ଗୌତମ ଆଦାନୀ ଓ ଅନ୍ୟମାନଙ୍କ ବିରୋଧରେ ଆମେରିକା କୋର୍ଟ ଆଣିଥିବା ୨୬୫ ନିୟୁତ ଡଲାର ଲାଞ୍ଚ ଅଭିଯୋଗ ପ୍ରସଙ୍ଗ ଉଠାଇ ଆଲୋଚନା ଦାବି କରିବାରୁ ଉଚ୍ଚ ସଦନକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଗୃହ ଆରମ୍ଭରେ ବିରୋଧୀମାନେ ରୁଲ୍ ୨୬୭ ବଳରେ ଆଦାନୀ ପ୍ରସଙ୍ଗ ସମେତ ୭ଟି ବିଷୟରେ ଆଲୋଚନା ପାଇଁ ୧୩ଟି ନୋଟିସ ଦେଇଥିବାବେଳେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ସେଗୁଡ଼ିକୁ ଅନୁମତି ଦେଇ ନ ଥିଲେ। କଂଗ୍ରେସ ଓ ବାମଦଳ ସଦସ୍ୟମାନେ ଆଲୋଚନା ପାଇଁ ଅଡ଼ି ବସିବାରୁ ୧୫ ମିନିଟ୍ ପାଇଁ ଗୃହ ମୁଲତବୀ ହୋଇଥିଲା।

ଆଦାନୀ ଲାଞ୍ଚ ପ୍ରସଙ୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ଆଲୋଚନା ପାଇଁ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଦାବି କରିଥିଲେ। ଉକ୍ତ ଅଭିଯୋଗ ପାଇଁ ବିଶ୍ୱବ୍ୟାପୀ ଭାରତର ଛବି ମଳିନ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦାନୀଙ୍କୁ ସମର୍ଥନ କରୁଥିବା ସେ ଅଭିଯୋଗ କରିଥିଲେ। ଖାର୍ଗେ ଯାହା କହୁଛନ୍ତି, ସେଗୁଡ଼ିକୁ ରେକର୍ଡକୁ ନିଆଯିବ ନାହିଁ ବୋଲି ଧନ୍‌କର କହିବାରୁ ବିରୋଧୀ ଦଳଗୁଡ଼ିକ ପ୍ରତିବାଦ କରିଥିଲେ। ଫଳରେ ଗୃହକୁ ୧୫ ମିନିଟ୍ ମୁଲତବୀ କରାଯାଇଥିଲା। ୧୧ଟା ୪୫ରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉଠାଇଥିଲେ। ଫଳରେ ଧନ୍‌କର ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ଆଦାନୀ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଉଭୟ ଗୃହ ଅନୁମତି ନ ଦେବା ଘଟଣାରେ ଖାର୍ଗେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଏବଂ ଅନ୍ୟ କେତେକ ରାଜ୍ୟ ଉପନିର୍ବାଚନରେ ପରାଜୟର ଜବାବ ଦେବା ପାଇଁ ବିରୋଧୀ ସଦସ୍ୟମାନେ ଗୃହକାର୍ଯ୍ୟ ଚଳାଇ ଦେଇ ନ ଥିବା କହି ଭାଜପା ସେମାନଙ୍କୁ ସମାଲୋଚନା କରିଛି। ପରାଜୟର ବଦଳା ନେବା ପାଇଁ ପାର୍ଲାମେଣ୍ଟକୁ ଅଚଳ କରିବା ଠିକ୍ ନୁହେଁ ବୋଲି ବରିଷ୍ଠ ଭାଜପା ନେତା ରବି ଶଙ୍କର ପ୍ରସାଦ ପାର୍ଲାମେଣ୍ଟ ପରିସରରେ ଖବରଦାତାମାନଙ୍କୁ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରି କହିଛନ୍ତି, ଯେଉଁମାନେ ଲୋକଙ୍କ ଦ୍ୱାରା ୮୦ରୁ ୯୦ ଥର ପ୍ରତ୍ୟାଖ୍ୟାତ ହେଲେଣି ସେମାନେ ନିଜର ରାଜନୈତିକ ଫାଇଦା ପାଇଁ ହଙ୍ଗାମା କରି ପାର୍ଲାମେଣ୍ଟକୁ ନିୟନ୍ତ୍ରଣ ପାଇଁ ଉଦ୍ୟମ କରୁଛନ୍ତି।

## ଏନ୍‌ଏସ୍‌ୟୁଆଇ ହାତେଇଲା...

ପ୍ରକାଶ ଯେ, ଚଳିତ ବର୍ଷର ଡିୟୁଏସ୍‌ୟୁ ନିର୍ବାଚନ ଫଳାଫଳ ଗତ ସେପ୍ଟେମ୍ବର ୨୮ରେ ଘୋଷଣା ହେବାର ଥିଲା। ନିର୍ବାଚନ ପ୍ରଚାର ସମୟରେ ବିଶ୍ୱବିଦ୍ୟାଳୟରେ ହୋଇଥିବା ହିଂସା ଓ ଭଙ୍ଗାରୁଜାକୁ ଦୃଷ୍ଟିରେ ରଖି ଏହାକୁ ସ୍ଥଗିତ ରଖାଯାଇଥିଲା।

## ଅଷ୍ଟ୍ରେଲିଆ ମାଟିରେ...

ହେବା ସୁଦ୍ଧା ୧୨ ରନ୍‌ରେ ୩ ଉଇକେଟ ହରାଇଥିଲା। ପରାଜୟ ଅବଶ୍ୟମ୍ଭାବୀ ଥିବାବେଳେ ଚତୁର୍ଥ ଦିନରେ ଦଳ ବାକି ୭ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଟ୍ରାଭିସ୍ ହେଡ୍ ଲଢୁଆ ବ୍ୟାଟିଂ କରି ୮୯ ରନ୍ ସ୍କୋର କରିଥିଲେ। ସୋମବାର ସକାଳର ଦ୍ୱିତୀୟ ଓଭରରେ ଉସ୍‌ମାନ ଖ୍ୱାଜାଙ୍କୁ ଆଉଟ କରିଥିଲେ ସିରାଜ। ଅଷ୍ଟ୍ରେଲିଆ ୧୭ ରନ୍‌ରେ ଚତୁର୍ଥ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଷ୍ଟିଭ୍ ସ୍ମିଥ୍(୧୭) ଓ ଟ୍ରାଭିସ୍ ହେଡ୍ ପଞ୍ଚମ ଉଇକେଟରେ ୭୨ ରନ୍ ଯୋଡ଼ିଥିଲେ। ପୁନର୍ବାର ସ୍ମିଥଙ୍କୁ ଆଉଟ କରି ସିରାଜ ଏହି ଯୋଡ଼ି ଭାଙ୍ଗିଥିଲେ। ଷଷ୍ଠ ଉଇକେଟରେ ଟ୍ରାଭିସ୍ ହେଡ୍‌ଙ୍କ ସହ ଯୋଗଦେଇଥିଲେ ମିଚେଲ ମାର୍ଶ। ସେ ୪୭ ରନ୍ କରିଥିବା ବେଳେ ହେଡ୍‌ଙ୍କ ସହ ୮୨ ରନ୍ ଯୋଡ଼ିଥିଲେ। ଟ୍ରାଭିସ୍ ହେଡ୍ ୧୦୧ ବଲ୍ ଖେଳି ୮ ଚୌକା ସହ ୮୯ ନ୍ କରିଥିଲେ। ବୁମ୍‌ରାଙ୍କ ବଲ୍‌ରେ ହେଡ୍ ଆଉଟ ହେବା ପରେ ଅଷ୍ଟ୍ରେଲିଆର ବିଜୟ ସମ୍ଭାବନା ସମ୍ପୂର୍ଣ୍ଣ ଶେଷ ହୋଇ ଯାଇଥିଲା। ପରେ ପଦାର୍ପଣକାରୀ ନୀତୀଶ କୁମାର ରେଡ୍ଡୀଙ୍କ ବଲରେ ମିଚେଲ୍ ମାର୍ଶ ଆଉଟ ହୋଇଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସିରାଜ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ୍ ସୁନ୍ଦର ୨, ହର୍ଷିତ ରାଣା ଓ ନୀତୀଶ ରେଡ୍ଡୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୮ ଉଇକେଟ ନେଇଥିବା ବୁମ୍‌ରାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:**

ଭାରତ ପ୍ରଥମ ଇନିଂସ ୧୫୦/୧୦। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୧୦୪/୧୦। ଭାରତ ଦ୍ୱିତୀୟ ଇନିଂସ ୪୮୭/୬(ଘୋଷଣା)।
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୫୮.୪ ଓଭରରେ ୨୩୮/୧୦ (ଟ୍ରାଭିସ୍ ହେଡ୍-୮୯, ମିଚେଲ୍ ମାର୍ଶ-୪୭, ଆଲେକ୍ସ କେରୀ-୩୬, ଯଶପ୍ରୀତ୍ ବୁମ୍‌ରା-୩/୪୨, ମହମ୍ମଦ ସିରାଜ-୩/୫୧, ୱାଶିଂଟନ୍ ସୁନ୍ଦର-୨/୪୮)।

# ଘନିଷ୍ଠଙ୍କ ଶେଷ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୨୫।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)**

ଜଣେ ଘନିଷ୍ଠ ଭାଜପା କର୍ମୀଙ୍କ ମୃତ୍ୟୁ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ କାମବାତିଲ କରି ଶେଷ ଦର୍ଶନ ପାଇଁ ପହଞ୍ଚି ମାନବିକତା ଦେଖାଇଛନ୍ତି। ବିରୋଧୀ ଦଳରେ ବିଧାୟକ ଥିବା ସମୟରେ ରାଜନୈତିକ ପରାମର୍ଶ ଦେବା ସହ ବିଭିନ୍ନ କାର୍ଯ୍ୟରେ ଯିଏ ପାଖେ ପାଖେ ରହୁଥିଲେ ତାଙ୍କରି ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। କର୍ମୀଙ୍କ ପ୍ରତି ଥିବା ତାଙ୍କର ଏଭଳି ଭଲପାଇବା ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରକାଶ ଯେ, କେନ୍ଦୁଝର ଭାଜପା ନଗର ମଣ୍ଡଳର ବରିଷ୍ଠ କାର୍ଯ୍ୟକର୍ତ୍ତା ନିରଞ୍ଜନ ଶତପଥୀ ରବିବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ କଟକ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ପାଇ ତାଙ୍କ ବାସଭବନରେ ସୋମବାର ସକାଳୁ ଦଳୀୟ କର୍ମୀ, ନେତା ଓ ଶୁଭେଚ୍ଛୁଙ୍କ ଭିଡ଼ ଲାଗିଥିଲା। ମୃତ ନିରଞ୍ଜନ ମୁଖ୍ୟମନ୍ତ୍ରୀଙ୍କ ଅତି ନିକଟତର ଥିଲେ। ନିରଞ୍ଜନ ୧୯୯୨ରୁ ଭାଜପାର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସହ ୨୦୦୦ରୁ ଘନିଷ୍ଠ ଥିଲେ। ପ୍ରତ୍ୟେକ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଛାଇ ପରି ରହିଆସୁଥିଲେ। ନିରଞ୍ଜନଙ୍କ ହୃଦ୍‌ଘାତରେ ମୃତ୍ୟୁ ଖବର ପାଇ ମୁଖ୍ୟମନ୍ତ୍ରୀ ତାଙ୍କର କାର୍ଯ୍ୟକ୍ରମ ବାତିଲ କରି ଘନିଷ୍ଠଙ୍କ ଶେଷ ଦର୍ଶନ କରିବାକୁ କେନ୍ଦୁଝର ସହର କମାରଗୋଡ଼ାସ୍ଥିତ ବାସଭବନରେ ପହଞ୍ଚିଥିଲେ। ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ନିରଞ୍ଜନ ଜଣେ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ଏବଂ ସାମାଜିକ କର୍ମୀ ଥିଲେ। ୨୫ ବର୍ଷ ଧରି ତାଙ୍କ ବ୍ୟକ୍ତିଗତ ଜୀବନ ସହିତ ମଧ୍ୟ ଜଡ଼ିତ ଥିଲେ। ସେ କିଛିଦିନ ହେବ କେନ୍ଦୁଝର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଚାକିରି କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାର ସମସ୍ୟା ସମାଧାନ ଲାଗି ବ୍ୟକ୍ତିଗତ ଭାବେ ବୁଝିବେ ବୋଲି କହିଥିଲେ। ନିରଞ୍ଜନଙ୍କ ପୈତୃକ ଘର ଗଞ୍ଜାମ ଜିଲା ବ୍ରହ୍ମପୁର ସହରରେ ହୋଇଥିବା ବେଳେ ତାଙ୍କ ବାପା କେନ୍ଦୁଝରରେ ଚାକିରି କରୁଥିଲେ। ତେଣୁ ସେ ପିଲାଟିବେଳୁ ଏଠାରେ ପଢ଼ାପଢ଼ି ସହ ସ୍ତ୍ରୀ ଓ ୨ ପୁଅଙ୍କ ସହ କମାରଗୋଡ଼ାରେ ଏକ ଭଡ଼ାଘରେ ରହିଆସୁଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘନିଷ୍ଠ ସହଯୋଗୀ ନିରଞ୍ଜନ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ନନ୍ଦନକାନନକୁ ହାଇଦ୍ରାବାଦରୁ ଆସିଲେ ୨୬ ପ୍ରାଣୀ




**ବାରଙ୍ଗ/ତ୍ରିଶୂଳିଆ,୨୫।୧୧ (ଲିଙ୍ଗରାଜ ରାଉତ/ ତୁଷାରକାନ୍ତ ବେହେରା)**

## ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ

କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନ କ୍ରମେ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀଉଦ୍ୟାନ ଓ ହାଇଦ୍ରାବାଦସ୍ଥିତ ନେହେରୁ ଜୁଲୋଜିକାଲ ପାର୍କ ମଧ୍ୟରେ ସୋମବାର ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ହାଇଦ୍ରାବାଦରୁ ଏକ ୧୭ ଜଣିଆ ଦଳ ୨୬ ପଶୁପକ୍ଷୀଙ୍କୁ ଧରି ନନ୍ଦନକାନନରେ ପହଞ୍ଚିଛନ୍ତି। ଏଥିମଧ୍ୟରେ ରହିଛନ୍ତି ହଳେ ସାରସ ପକ୍ଷୀ, ହଳେ ଚାମଚଥଣ୍ଟିଆ ଗେଣ୍ଡାଳିଆ, ହଳେ ଧୂସର ଜଙ୍ଗଲୀ କୁକ୍‌କୁଟ, ୨ ମାଇ ଇଗୁଆନା, ୨ ହଳ ଧଳା କପୋତ, ୨ ହଳ ହଗ୍ ଡିଅର, ହଳେ କୁଜି ହରିଣ, ହଳେ ନାଲି ବାଲିବୋଡା, ହଳେ ବାଲିବୋଡା, ୨ ଅଣ୍ଡିରା ଗୋଲାଞ୍ଜି ମାଙ୍କଡ଼ ଓ ହଳେ ବୋଡା ସାପ। ଏହି ନୂଆ ଅତିଥି ଆସିବା ପରେ ନନ୍ଦନକାନନ ପ୍ରାଣୀ ଚିକିତ୍ସାଳୟରେ ସେମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ରଖାଯାଇଛି। ତେବେ ପ୍ରତିବଦଳରେ ନନ୍ଦନକାନନରୁ ୩ ସିଆମିଜ କୁମ୍ଭୀର, ୪ ସୁବର୍ଣ୍ଣ କୁକ୍‌କୁଟ, ୨ ଲେଡି ଆମରେଷ୍ଟ କୁକ୍‌କୁଟ, ୨ ହଗ ଡିଅର, ୨ କୁଜି ହରିଣକୁ ମିଶାଇ ଏପରି ୧୩ଟି ପଶୁପକ୍ଷୀ ମଙ୍ଗଳବାର ହାଇଦ୍ରାବାଦକୁ ଯିବେ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି। ଏଥିସହ ଦ୍ୱିତୀୟ ପର୍ଯ୍ୟାୟରେ ସେଠାରୁ ୨ଟି ମାଇ ବନେଟ ମାଙ୍କଡ଼ ଆସିବ ଏବଂ ଏହା ବଦଳରେ ଏଠାରୁ ୨ ହଳ ଲମ୍ୱା ଥଣ୍ଟିଆ ବଗ ଓ ୨ ହଳ ଆସାମିଜ ମାଙ୍କଡ଼ ଦିଆଯିବ। ତେବେ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନରେ ଧୂସର ଜଙ୍ଗଲୀ କୁକ୍‌କୁଟ ନୂଆ ପ୍ରଜାତି ଭାବେ ଯୋଡ଼ି ହୋଇଛି। ଏକୁଟିଆ ଥିବା ସାରସ ପକ୍ଷୀ ଓ ଚନ୍ଦନ ବୋଡା ପାଇଁ ସାଥୀ ମିଳିପାରିଛି। ଏହି ପ୍ରକ୍ରିୟା ଯୋଗୁ ବଂଶଗତ ଓ ରକ୍ତ ସମ୍ପର୍କରେ ପରିବର୍ତ୍ତନ ଆସିବ ବୋଲି ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ସୁନାପୁର ବେଳାଭୂମିରେ ମୃତ ହ୍ୱେଲ ସାର୍କ


ମୃତ ହ୍ୱେଲ ସାର୍କ।

**ଚିକିଟି,୨୫।୧୧ (ପ୍ରକାଶ ଚନ୍ଦ୍ର ସାହୁ)**

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ସମୁଦ୍ର ବେଳାଭୂମିରେ ସୋମବାର ଏକ ମୃତ ହ୍ୱେଲ ସାର୍କ ଦେଖିବାକୁ ମିଳିଥିଲା। ଏହି ବିରଳ ତିମିର ଲମ୍ବ ୧୦ ମିଟର, ଓଜନ ପ୍ରାୟ ୩୦୦ କେଜି ହେବ ବୋଲି ଚିକିଟି ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରିୟବ୍ରତ ଦାସ କହିଛନ୍ତି। ଏହି ସାର୍କକୁ ସୁନାପୁର ଗ୍ରାମବାସୀ ସମୁଦ୍ର ଭିତରକୁ ଠେଲିବା ପାଇଁ ବହୁ ଚେଷ୍ଟା କରୁଥିଲେ ସୁଦ୍ଧା ବିପରୀତ ଦିଗରୁ ବଡ଼ ଜୁଆର ଆସୁଥିବାରୁ ସମ୍ଭବ ହୋଇପାରି ନ ଥିଲା। ଏହାର କିଭଳି ମୃତ୍ୟୁ ହେଲା ଜଣାପଡି ନ ଥିବା ବେଳେ ମଙ୍ଗଳବାର ପରୀକ୍ଷା କରାଯାଇ ବେଳାଭୂମିରେ ପୋତି ଦିଆଯିବ ବୋଲି ଦାସ କହିଛନ୍ତି। କଟକଣା ସତ୍ତ୍ୱେ ମତ୍ସ୍ୟଜୀବୀମାନେ ମାଛଧରା ଟ୍ରଲର ଓ ବଡ ଜାଲ ବ୍ୟବହାର କରୁଥିବାରୁ ତାହାରି ଆଘାତରେ ବେଳାଭୂମିରେ ଏଭଳି ଘଟଣା ଘଟୁଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

# ଅଟୋକୁ ଧକ୍କାଦେଲା ଖଲ୍ଲିକୋଟ ବିଧାୟକଙ୍କ ଗାଡ଼ି




ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଅଟୋ ଓ ବିଧାୟକଙ୍କ କାର୍।

## ଅଟୋ ଚାଳକଙ୍କ ସମେତ ୩ ଆହତ

**ଟାଙ୍ଗୀ/ନିରାକାରପୁର/ ଖଲ୍ଲିକୋଟ,୨୫।୧୧ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ/ପ୍ରଶାନ୍ତ ମିଶ୍ର)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ବଡ଼ପୋଖରିଆ ଛକଠାରେ ଥିବା ଏକ ପେଟ୍ରୋଲ ଟାଙ୍କି ନିକଟରେ ସୋମବାର ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ଅଟୋକୁ ପଛରୁ ବିଧାୟକଙ୍କ ଗାଡ଼ି ଧକ୍କା ଦେଇଥିଲା। ଏଥିରେ ଅଟୋ ଚାଳକଙ୍କ ସମେତ ୩ଜଣ ଆହତ ହୋଇଥିବା ବେଳେ ବିଧାୟକଙ୍କ ଆଖିପତାରେ ସାମାନ୍ୟ ଆଘାତ ଲାଗିଛି।

ପୋଲିସ ସୂଚନା ମୁତାବକ, ଖଲ୍ଲିକୋଟରୁ ବିଧାୟକ ସେଠୀ କାର୍(ଓଡି ୦୨ ବିଟି ୫୧୧୫)ରେ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ବଡ଼ପୋଖରିଆ ଛକଠାରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ଏକ ଅଟୋ(ଓଡି ୦୨ଏଭି ୩୧୫୯) ପଛକୁ କାର୍‌ଟି ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଅଟୋ ଚାଳକ ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନ କନ୍ଦନୟାଗଡ଼ ପଞ୍ଚାୟତ ଗଡ଼ସାହିର ସୁଧୀର ବେହେରା ଏବଂ ଅଟୋ ଯାତ୍ରୀ କୃଷ୍ଣଚନ୍ଦ୍ର ବେହେରା ଓ ପ୍ରଶାନ୍ତ ସାହୁ ଆହତ ହୋଇଥିଲେ। ଏମାନଙ୍କୁ ବଡ଼ପୋଖରିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିବା ବେଳେ ସମସ୍ତେ ସୁସ୍ଥଥିବା ଜଣାପଡ଼ିଛି। ଖବରପାଇ ଜଙ୍କିଆ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞା ରତ୍ନପ୍ରଭା କର କହିଛନ୍ତି।



ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଜତ ହୋଇ ଏଣୁ ତେଣୁ ଗପିଯାଏ– ଯାହା ନ କହିବା ଉଚିତ ସେସବୁ କହିପକାଏ– ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ। –ଶ୍ରୀମା

-ଉତ୍ପନ୍ନା ଏକାଦଶୀ
ଉପବାସ ଓ ହଳ ନିଷେଧ



# ନିଜ ମଧ୍ୟରେ ବାଛବିଚାର

ଭାରତର ଉତ୍ତର ପୂର୍ବାଞ୍ଚଳରୁ ଯାଇ ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ବାସ କରୁଥିବା ବ୍ୟକ୍ତିମାନେ ବର୍ଣ୍ଣବିଦ୍ୱେଷର ଘୋର ସମ୍ମୁଖୀନ ହେଉଥିବା ସଂକ୍ରାନ୍ତ ଏକ ରିପୋର୍ଟ ନିକଟରେ ଅନ୍‌ଲାଇନ ଜର୍ନାଲ 'ସ୍କୋପୁସ'ରେ ପ୍ରକାଶ ପାଇଛି। ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଦୁଇ ଜଣ ପ୍ରଫେସରଙ୍କ ନୂତନ ଅଧ୍ୟୟନରେ ଏହା ମଧ୍ୟ କୁହାଯାଇଛି ଯେ, ଦିଲ୍ଲୀ ଭଳି ହାଇଦ୍ରାବାଦରେ ବହିରାଗତଙ୍କୁ ସୁରକ୍ଷା ଦେବା ସକାଶେ ସ୍ୱତନ୍ତ୍ର ପୋଲିସ ୟୁନିଟ୍ ପ୍ରତିଷ୍ଠା କରିବାର ଆବଶ୍ୟକତା ପଡ଼ିଲାଣି। ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀରେ ରହୁଥିବା ଉତ୍ତର ପୂର୍ବାଞ୍ଚଳର ଲୋକ, ଲଦାଖୀ ଓ ଗୋର୍ଖାଙ୍କୁ ସୁରକ୍ଷା ଦେବା ସକାଶେ ଦିଲ୍ଲୀ ପୋଲିସ ଅଧୀନରେ ସ୍ପେଶାଲ ପୋଲିସ ୟୁନିଟ୍ ଫର୍ ନର୍ଥ ଇଷ୍ଟର୍ନ ରିଜିଅନ୍(ସ୍ପୁନର) ସ୍ଥାପନ କରାଯାଇଛି। ହାଇଦ୍ରାବାଦରେ ଅନୁରୂପ ସୁରକ୍ଷା ବ୍ୟବସ୍ଥା କରିବା ଲାଗି ଦାବି ହେବା ପଛରେ ଅନେକ କାରଣ ରହିଛି। ଉତ୍ତର ପୂର୍ବାଞ୍ଚଳବାସୀଙ୍କ ଶାରୀରିକ ଗଠନ ଓ ଖାଦ୍ୟାଭ୍ୟାସକୁ ନେଇ ହାଇଦ୍ରାବାଦର ଲୋକମାନେ ଘୃଣାଭାବ ପ୍ରଦର୍ଶନ କରୁଛନ୍ତି। ଏପରିକି ସେମାନଙ୍କୁ ଘରଭଡ଼ା ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଅମଙ୍ଗ ହେଉଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ବାଛବିଚାର କାରଣରୁ ଅନେକ ଉତ୍ତର ପୂର୍ବାଞ୍ଚଳବାସୀ ହାଇଦ୍ରାବାଦରୁ ଚାକିରି ଛାଡ଼ି ନିଜ ରାଜ୍ୟ କିମ୍ବା ଅନ୍ୟ ରାଜ୍ୟକୁ ପଳାଇ ଯାଉଥିବା ଜଣାପଡ଼ିଛି। ସୂଚନା ଦିଆଯାଇପାରେ ଯେ, ଏବେ ହାଇଦ୍ରାବାଦରେ ୮ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ୍ ଏବଂ ତ୍ରିପୁରାରୁ ପାଖାପାଖି ୫୦ ହଜାର ଲୋକ ଆସି ହାଇଦ୍ରାବାଦରେ ରହୁଛନ୍ତି। ଏମାନଙ୍କ ମଧ୍ୟରେ ଆସାମରୁ ପ୍ରାୟ ୧୦ ହଜାର ଅଛନ୍ତି। ତେଣୁ ବାଛବିଚାରକୁ ଦୂର କରିବା ପାଇଁ ବର୍ଣ୍ଣବିଦ୍ୱେଷ ବିରୋଧୀ ବିଧେୟକ ଅଣାଯିବା ଦରକାର ବୋଲି ସମ୍ପୃକ୍ତ ପ୍ରଫେସରମାନେ ତେଲଙ୍ଗାନା ସରକାରଙ୍କ ନିକଟରେ ଦାବି କରିଛନ୍ତି।

> **ସ୍ଥାନୀୟ ବାସିନ୍ଦା ପ୍ରବାସୀଙ୍କୁ ଦୂର୍ ଦୂର୍ ମାର୍ ମାର୍ ଭଳି ବ୍ୟବହାର କରିବା ଦ୍ୱାରା ଜାତୀୟ ଏକତା ବିପଦରେ ପଡ଼ିଛି। ଚେହେରା, ରୁଚି ଓ ପସନ୍ଦ ଦେଖି କୌଣସି ସଙ୍ଗଠନ ବା ବ୍ୟକ୍ତିବିଶେଷ କାହାରିକୁ ଆକ୍ଷେପ କଲେ ଆଇନତଃ ଦଣ୍ଡିତ ହେବାର ବ୍ୟବସ୍ଥା ଅଛି। ଆଇନକୁ କଡ଼ାକଡ଼ି ପାଳନ କରାଯାଉ ନ ଥିବାରୁ ଭାରତରେ ବର୍ଣ୍ଣବିଦ୍ୱେଷ ମାନସିକତା ଗମ୍ଭୀର ହେବାର ସବୁ ଲକ୍ଷଣ ଦେଖାଦେଲାଣି।**

ଭାରତୀୟ ସମ୍ବିଧାନରେ ଥିବା ସୌନ୍ଦର୍ଯ୍ୟକୁ ଦେଖିଲେ ସେଥିରୁ 'ବିବିଧତା ମଧ୍ୟରେ ଏକତା' ପ୍ରତିଫଳିତ ହୋଇଥାଏ। କିନ୍ତୁ ଦେଶର କେତେକ ଭାଗରେ ଜାତି, ଧର୍ମ, ବର୍ଣ୍ଣଠାରୁ ଆରମ୍ଭ କରି ଲୋକଙ୍କ ପୋଷାକ, ଖାଦ୍ୟରୁଚି ଓ ପସନ୍ଦକୁ ନେଇ କିଛି ବ୍ୟକ୍ତି ଅସ୍ୱାଭାବିକ ମତ ଦେବା ସହ ସ୍ଥଳବିଶେଷରେ ହିଂସା ଘଟାଇଥାଆନ୍ତି। ଏଠାରେ ମନେ ପକାଇ ଦିଆଯାଇପାରେ ୨୦୧୪ ଜାନୁଆରୀ ୨୯ରେ ଉତ୍ତର ପୂର୍ବାଞ୍ଚଳରୁ ଆସି ଦିଲ୍ଲୀରେ ରହୁଥିବା ନିଦୋ ତାନିଆମ୍‌ଙ୍କୁ ଲଜ୍‌ପତ ନଗରଠାରେ ପିଟି ମାରି ଦିଆଯାଇଥିଲା। ସେହିପରି ୨୦୧୬ରେ ମିଜୋରାମର ଦୁଇ ଜଣ ଯୁବକ କନ୍ନଡ଼ ଭାଷା କହି ନ ପାରିବାରୁ ସେମାନଙ୍କୁ ବେଙ୍ଗାଲୁରୁଠାରେ ନିର୍ମମ ଭାବେ ପିଟାଯାଇଥିଲା। ସେତେବେଳେ ଏହିସବୁ ଘଟଣା ସମଗ୍ର ଦେଶରେ ହଇଚଇ ସୃଷ୍ଟି କରିଥିଲା। ବର୍ତ୍ତମାନ ନର୍ଥ ଇଷ୍ଟର୍ନ ଲୋକଙ୍କ ପାଇଁ ହାଇଦ୍ରାବାଦ ଅସୁରକ୍ଷିତ ହୋଇପଡ଼ିଥିବାରୁ ପ୍ରଫେସରଦ୍ୱୟଙ୍କ ଅନୁଧ୍ୟାନ ଏକ ମାରାତ୍ମକ ଦିଗକୁ ସୂଚିତ କରୁଛି। ରିପୋର୍ଟ ପ୍ରକାଶ ପାଇବା ପରେ ନାଗା ଆଦିବାସୀଙ୍କ ରୁଙ୍ଗମେୟୀ ଆସୋସିଏଶନ, ହାଇଦ୍ରାବାଦ ଆସାମ ଆସୋସିଏଶନ, ହାଇଦ୍ରାବାଦ ମଣିପୁରୀ ସୋସାଇଟି, ନାଗା ଖ୍ରୀଷ୍ଟିଆନ୍ ଫେଲୋଶିପ୍, ହାଇଦ୍ରାବାଦ ମିଜୋ ଖ୍ରୀଷ୍ଟିଆନ୍ ଫେଲୋଶିପ୍ ଆଦି ସଙ୍ଗଠନ ନର୍ଥ ଇଷ୍ଟର୍ନ ଲୋକଙ୍କ ସୁରକ୍ଷା ସକାଶେ ସ୍ୱତନ୍ତ୍ର ସେଲ୍ ଗଠନ କରିବା ଉପରେ ଜୋର ଦେଇଛନ୍ତି।

ଉପରଲିଖିତ ଘଟଣାକୁ ତର୍ଜମା କଲେ ଦେଶର ବିଭିନ୍ନ ଭାଗରେ ଜୀବିକାର୍ଜନ କରିବା ଲାଗି ଲୋକେ ଧାଇଁଥାଆନ୍ତି। ଭାରତର ଯେକୌଣସି ସ୍ଥାନ ଓ ଭାଷାଭାଷୀ ଅଞ୍ଚଳରେ ଯେକେହି ପଢ଼ିବା, ଚାକିରି କରିବା କିମ୍ବା ସ୍ଥାୟୀ ଭାବେ ରହିବାର ଅଧିକାର ରହିଛି। ଅବଶ୍ୟ ଜମ୍ମୁ ଓ କଶ୍ମୀରରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପୂର୍ବରୁ ସେଠାରେ ଅନେକ କଟକଣା ରହିଥିଲା। ଏବେ କଟକଣା ଉଠିଯିବା ସତ୍ତ୍ୱେ ଜମ୍ମୁ ଓ କଶ୍ମୀରକୁ ଯିବା ପାଇଁ ଅନ୍ୟ ରାଜ୍ୟ ଲୋକ ମଧ୍ୟ ଅମଙ୍ଗ ହେଉଛନ୍ତି। ତେବେ ସ୍ଥାନୀୟ ବାସିନ୍ଦା ପ୍ରବାସୀଙ୍କୁ ଦୂର୍ ଦୂର୍ ମାର୍ ମାର୍ ଭଳି ବ୍ୟବହାର କରିବା ଦ୍ୱାରା ଜାତୀୟ ଏକତା ବିପଦରେ ପଡ଼ିଛି। ଚେହେରା, ରୁଚି ଓ ପସନ୍ଦ ଦେଖି କୌଣସି ସଙ୍ଗଠନ ବା ବ୍ୟକ୍ତିବିଶେଷ କାହାରିକୁ ଆକ୍ଷେପ କଲେ ଆଇନତଃ ଦଣ୍ଡିତ ହେବାର ବ୍ୟବସ୍ଥା ଅଛି। ଆଇନକୁ କଡ଼ାକଡ଼ି ପାଳନ କରାଯାଉ ନ ଥିବାରୁ ଭାରତରେ ବର୍ଣ୍ଣବିଦ୍ୱେଷ ମାନସିକତା ଗମ୍ଭୀର ହେବାର ସବୁ ଲକ୍ଷଣ ଦେଖାଦେଲାଣି।

# ୭୫ ବର୍ଷରେ ଭାରତୀୟ ସମ୍ବିଧାନ



ହୃଷୀକେଶ ପ୍ରଧାନ

ଚଳିତ ବର୍ଷ ନଭେମ୍ବର ୨୬ରେ ଭାରତର ସମ୍ବିଧାନ ଗୃହୀତ ଓ ପ୍ରଣୟନ ହେବାର ୭୫ତମ ବାର୍ଷିକୀ ପାଳନ କରାଯାଉଛି। ଏହା ଏକ ମହତ୍ତ୍ୱପୂର୍ଣ୍ଣ ଉତ୍ସବ ଭାବେ ଭାରତବର୍ଷର ପ୍ରତ୍ୟେକ ନାଗରିକଙ୍କ ଦ୍ୱାରା ପାଳନ କରାଯିବା ଆବଶ୍ୟକ। ଭାରତରେ ସାମ୍ବିଧାନିକ ଶାସନ ବ୍ୟବସ୍ଥା କେବଳ ଆଇନ ଓ ନିୟମ ପ୍ରଣୟନର ଏକ ଦିଗ ନୁହେଁ, ବରଂ ଏହା ଗଣତାନ୍ତ୍ରିକ ଅନୁଷ୍ଠାନର ପ୍ରତିଷ୍ଠା ଓ ବିବର୍ଦ୍ଧନକୁ ମଧ୍ୟ ନିୟନ୍ତ୍ରଣ କରିଥାଏ। ଏହା ସାମ୍ବିଧାନିକ ସଂସ୍କୃତିର ଗହନ ଅର୍ଥକୁ ବିସ୍ତାର କରିବା ଦିଗରେ ବିଭିନ୍ନ ସଂସ୍କୃତି, ଭାବନା ଓ ବିଶ୍ୱାସ ମଧ୍ୟରେ ଭାରତୀୟଙ୍କ ସାମୂହିକ ଚେତନାକୁ କାବୁକରିଛି। ଯେହେତୁ ଆମେ ଏହି ସମ୍ବିଧାନ ଦିବସ ପାଳନ କରୁଛୁ, ଏହା ହେଉଛି ଆମ ସାମ୍ବିଧାନିକ ମୂଲ୍ୟବୋଧକୁ ଚିହ୍ନିବାର ପ୍ରକୃଷ୍ଟ ସମୟ, ଯାହାକି ଭାରତର ସାମ୍ବିଧାନିକ ସଂସ୍କୃତିର ରୂପରେଖ ନିର୍ଦ୍ଧାରଣ କରିଛି। ଆସନ୍ତୁ, ସମୟର ପରୀକ୍ଷଣକୁ ସହ୍ୟ କରିପାରିଥିବା ପାଞ୍ଚଟି ମୁଖ୍ୟ ବିଷୟ ଉପରେ ଆଲୋଚନା କରିବା।

ପ୍ରଥମତଃ, ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ଜନସାଧାରଣଙ୍କ ସମ୍ମାନ। ୨୬ ନଭେମ୍ବର ୧୯୪୯ରେ ଭାରତୀୟ ସମ୍ବିଧାନକୁ ଗ୍ରହଣ କରାଯାଇଥିଲା। ଜୀବନଧାରଣର ମାନ ଓ ଜୀବନଶୈଳୀରେ ଏହି ଅସାଧାରଣ ଉନ୍ନତି ଭାରତୀୟମାନଙ୍କୁ ଗଣତାନ୍ତ୍ରିକ ଅନୁଷ୍ଠାନର ଭୂମିକା ଏବଂ ଅବଦାନ ପ୍ରତି ସମ୍ମାନ ଦେବାରେ ଏକ ମହତ୍ତ୍ୱପୂର୍ଣ୍ଣ ସୁଯୋଗ ଦେଇଛି। ଆମକୁ ବୁଝିବାକୁ ହେବ, ୧୯୫୧–୫୨ ଆର୍ଥିକ ବର୍ଷରେ ଭାରତରେ ହୋଇଥିବା ପ୍ରଥମ ନିର୍ବାଚନ ଅବଧି ତୁଳନାରେ ଆଜି ଏକ ଉନ୍ନତ ମାନର ଜୀବନ ଉପଭୋଗ କରିବା ସତ୍ତ୍ୱେ ଭାରତୀୟମାନେ କାହିଁକି ପ୍ରତ୍ୟେକ ନିର୍ବାଚନ(ତୃଣମୂଳସ୍ତରୀୟ, ରାଜ୍ୟ କିମ୍ବା ଜାତୀୟସ୍ତରୀୟ)ରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରୁଛନ୍ତି। ଗଣତାନ୍ତ୍ରିକ ଜୀବନର ଏହା ଏକ ଅସାଧାରଣ ଅନୁଭୂତି। ଭାରତର ସାମ୍ବିଧାନିକ ଶାସନ ବ୍ୟବସ୍ଥା ଓ ନିର୍ବାଚନ ପ୍ରକ୍ରିୟାରେ ବିଶ୍ୱାସ ରଖି ପ୍ରାୟ ୬୦% ମତଦାତା ଆଜି ପ୍ରତ୍ୟେକ ନିର୍ବାଚନରେ ଭାଗନେଉଛନ୍ତି।

ଦ୍ୱିତୀୟତଃ, ସାମ୍ବିଧାନିକ ମୂଲ୍ୟବୋଧ ହେଉଛି କ୍ଷମତାର ଶାନ୍ତିପୂର୍ଣ୍ଣ ପରିବର୍ତ୍ତନ ପ୍ରତି ସମ୍ମାନ। ଗୋଟିଏ ଶାସନତନ୍ତ୍ରରୁ ଅନ୍ୟ ଶାସନତନ୍ତ୍ରକୁ ଶାନ୍ତିପୂର୍ଣ୍ଣ ପରିବର୍ତ୍ତନର ଧାରା ହେଉଛି ଭାରତର ସାମ୍ବିଧାନିକ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କେନ୍ଦ୍ର ତଥା ରାଜ୍ୟ ସରକାର, କ୍ଷମତାରେ ଥିବା ଶାସକ ଓ ବିରୋଧୀଦଳ ଜନସାଧାରଣଙ୍କ ମତକୁ ଗ୍ରହଣ କରିବା ସହ ସମ୍ମାନ ଦିଅନ୍ତି। ଭାରତର ସାମ୍ବିଧାନିକ ସଂସ୍କୃତି କିପରି ମନ ଓ ହୃଦୟର ଗଭୀରତମ ସ୍ଥାନକୁ ପ୍ରବେଶ କରିଛି, ଏହା ତାହାର ଏକ ଉଦାହରଣ।




ନିର୍ବାଚନ ଶେଷରେ ଏହା କ୍ଷମତାର ସୁଗମ ପରିବର୍ତ୍ତନ ପାଇଁ ଭାରତୀୟଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ନିର୍ବାଚନରେ ଉଚ୍ଚସ୍ତରୀୟ ଅଭିଯାନ ସହ ବେଳେବେଳେ ବିଭାଜନକାରୀ କାହାଣୀ ସଙ୍ଗେ ଲଢ଼େଇ ହେଉଥିଲେ ସୁଦ୍ଧା ନିର୍ବାଚନ ଫଳାଫଳ ସର୍ବଦା ଏକ ନମ୍ର ଅନୁଭୂତି ଦେଇଥାଏ– ଭାରତର ଜନସାଧାରଣ ହିଁ ପ୍ରତ୍ୟେକ ନିର୍ବାଚନରେ ବିନା ବ୍ୟତିକ୍ରମରେ ଜୟ ଲାଭ କରିଥାନ୍ତି। ଭାରତୀୟ ମତଦାତା ବାରମ୍ବାର ବିଶ୍ୱକୁ ଦର୍ଶାଇଛନ୍ତି ଯେ, ସମସ୍ୟା ଓ ଆହ୍ୱାନଗୁଡ଼ିକର ବୋଧଗମ୍ୟତା ନିର୍ବାଚନ ସମ୍ପର୍କରେ ଆମ ନିଷ୍ପତ୍ତିର ପୁନର୍ଗଠନ କରିବ। ନିର୍ବାଚନରେ ଅଂଶଗ୍ରହଣ ଓ ଗୋଟିଏ ସରକାରରୁ ଅନ୍ୟ ସରକାରକୁ କ୍ଷମତାର ସୁଗମ ପରିବର୍ତ୍ତନକୁ ସକ୍ଷମ କରିବା ପାଇଁ ଭାରତର ଜନସାଧାରଣ ଏହି ମୂଳ ସାମ୍ବିଧାନିକ ମୂଲ୍ୟବୋଧକୁ ଗ୍ରହଣ କରିଛନ୍ତି।

ତୃତୀୟତଃ, ନ୍ୟାୟାଳୟ ମାଧ୍ୟମରେ ଅଧିକାର ଓ ସ୍ୱାଧୀନତାର ସୁରକ୍ଷା। ମୌଳିକ ଅଧିକାର ତଥା ନ୍ୟାୟାଳୟଗୁଡ଼ିକର ସର୍ବୋଚ୍ଚ ଗୁରୁତ୍ୱକୁ ସ୍ୱୀକୃତି ଦେବାରେ ସମ୍ବିଧାନ ସିଧାସଳଖ ଜନସାଧାରଣଙ୍କ ଅଧିକାରର ସୁରକ୍ଷା ପାଇଁ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ସମ୍ବିଧାନର ପ୍ରଣେତାମାନେ ସ୍ୱାଧୀନତା ଆନ୍ଦୋଳନ ସହ ଜଡ଼ିତ ଥିଲେ ଏବଂ ଭାରତୀୟ ଗଣତନ୍ତ୍ରର ମୂଳଭିତ୍ତି ନିର୍ମାଣରେ ଉତ୍ତରଦାୟୀ ଥିଲେ। ଉପନିବେଶବାଦ ବିରୋଧରେ ଲଢ଼ି ଭାରତର ସ୍ୱାଧୀନତା ହାସଲ କରିବାରେ ସେମାନଙ୍କ ସଂଘର୍ଷ ଅତୁଳନୀୟ ଥିଲା। ମୌଳିକ ଅଧିକାର ସହ ଜଡ଼ିତ ବୈଧାନିକ ବ୍ୟବସ୍ଥା ପ୍ରସ୍ତୁତ କରୁଥିବାବେଳେ ବିଧାନସଭାର ସଦସ୍ୟମାନେ ଏକ ଶକ୍ତିଶାଳୀ ରାଷ୍ଟ୍ରର ଶକ୍ତି ଓ ଏହାର ସାଧନ ସମ୍ପର୍କରେ ଅଭିଜ୍ଞ ରଖିଥିଲେ। ସେମାନେ ରାଷ୍ଟ୍ରତନ୍ତ୍ରର ପ୍ରଲୋଭନକୁ ବିରୋଧ କରିଥିଲେ। ଏହା ବ୍ୟକ୍ତିଗତ ଅଧିକାରର ସୁରକ୍ଷା, ବିଶେଷକରି ସମାଜର ବହୁ ବର୍ଗର ଲୋକଙ୍କ ପାଇଁ ଏକ ଦୃଢ଼ ପ୍ରତିବନ୍ଧ ମୌଳିକ ଅଧିକାର ସମ୍ବନ୍ଧୀୟ ବଳିଷ୍ଠ ବ୍ୟବସ୍ଥାରେ ପ୍ରତିଫଳିତ ହୋଇଥିଲା। ଏହି ମୂଲ୍ୟବୋଧ ହିଁ ଭାରତରେ ଏକ ସମାନ୍ତରାଳ ସମାଜର ମୂଳଦୁଆ ପକାଇଛି।

ଚତୁର୍ଥତଃ, ସଂଘୀୟ ଶାସନ ବ୍ୟବସ୍ଥା ସାମ୍ବିଧାନିକ ଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ସମ୍ବିଧାନର ପ୍ରଣେତାମାନେ ଦେଶର ଅସାଧାରଣ ବିବିଧତା (ଯେପରିକି ଭାଷାଭିତ୍ତିକ ବିବିଧତା ଓ ଅନ୍ୟାନ୍ୟ ରୂପ ବହୁଳତା)କୁ ଆଖି ଆଗରେ ରଖି ଆମ ନାଗରିକ ତଥା ରାଜନୈତିକ ସଂସ୍କୃତିକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ କରିଥିଲେ। ଭାରତର ପ୍ରତ୍ୟେକ ରାଜ୍ୟର ଇତିହାସ ଓ ପରମ୍ପରାର ଅର୍ଥ ହେଉଛି ଏକ ସାମୂହିକ ଜାତୀୟ ପରିଚୟ ଭିନ୍ନ ରାଜ୍ୟ ତଥା ଜନସାଧାରଣଙ୍କର ଅନନ୍ୟ ପରିଚୟ, ପରମ୍ପରା ଓ ସଂସ୍କୃତିର ସୁରକ୍ଷା ପ୍ରତି ପ୍ରତିବଦ୍ଧତା। ସେମାନେ ବିଭିନ୍ନ ରାଜ୍ୟର ସ୍ୱତନ୍ତ୍ର ଇତିହାସ ଓ ସଂସ୍କୃତିକୁ ଧ୍ୟାନଦେଇ ସ୍ୱାୟତ୍ତତା ଓ ସ୍ୱାଧିକାରର ବ୍ୟବସ୍ଥା କରିଥିଲେ। ଦେଶର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ଅସମାନତା ଦୂରକରିବା ପାଇଁ ଭାରତୀୟ ସମ୍ବିଧାନରେ ବିତରଣ, ନିଷ୍ପକ୍ଷତା ଏବଂ ଅନ୍ତର୍ଭୁକ୍ତିର କାର୍ଯ୍ୟସୂଚୀ ବିଶିଷ୍ଟ ଏକ ସ୍ୱତନ୍ତ୍ର ବିଧାନର ଚିତ୍ରଣ କରାଯାଇଛି।

ଗତ ୭ ଦଶନ୍ଧି ମଧ୍ୟରେ ଅନ୍ତତଃ ପକ୍ଷେ ଦୁଇଟି ସ୍ତରରେ ସଂଘୀୟ ବ୍ୟବସ୍ଥାର ଧାରଣା ଆହୁରି ଗହନ ହୋଇଛି: ପ୍ରଥମତଃ, ସମଗ୍ର ଭାରତରେ ରାଜ୍ୟସ୍ତରୀୟ ରାଜନୈତିକ ଦଳର ବୃଦ୍ଧି ଓ ଜାତୀୟ ରାଜନୈତିକ ଚେତନା ବିକାଶରେ ସେମାନଙ୍କର ଅବଦାନ। ଏହା ବହୁ କ୍ଷେତ୍ରରେ ରାଜ୍ୟ ତଥା କେନ୍ଦ୍ରରେ ମେଣ୍ଟ ସରକାରର ବିକାଶରେ ସହାୟକ ହେଉଥିବା ଶକ୍ତିଶାଳୀ ଦଳଗୁଡ଼ିକୁ ଆଗେଇନେଇଛି। ଦ୍ୱିତୀୟତଃ, ସଂଘୀୟ ବ୍ୟବସ୍ଥାର ଧାରଣା ମଧ୍ୟ ୭୩ତମ ଓ ୭୪ତମ ସାମ୍ବିଧାନିକ ସଂଶୋଧନ ବଳରେ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ପୌରସଂସ୍ଥାଗୁଡ଼ିକର ଗଠନରେ ସହାୟକ ହୋଇଛି।

ପଞ୍ଚମତଃ, ଗଣତନ୍ତ୍ରରେ ବିଶ୍ୱାସ ସୃଷ୍ଟି କରିବାରେ ଗଣମାଧ୍ୟମ ଓ ନାଗରିକଙ୍କର ଭୂମିକା। ଭାରତୀୟ ଗଣମାଧ୍ୟମ ହେଉଛି ଏକ ବିବିଧ ଓ ବହୁମିଶ୍ରିତ ଅନୁଷ୍ଠାନ, ଯାହା ବିଭିନ୍ନ ଦୃଷ୍ଟିକୋଣ ସହ ସମଗ୍ର ଭାରତରେ ବହୁ ଭାଷାରେ ପ୍ରତିଫଳିତ ହୋଇଛି। ଗଣମାଧ୍ୟମର ସମାଲୋଚନାକୁ ଆମେ ଉପଯୁକ୍ତ ମନେକରୁଥିବାବେଳେ ଦେଶର ଆଦର୍ଶ ଓ ବିକାଶ ପ୍ରକ୍ରିୟା ବଜାୟ ରଖିବାରେ ସାମ୍ବିଧାନିକ ମୂଲ୍ୟବୋଧର ଗୁରୁତ୍ୱକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଶାସନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଢ଼ାଇବାରେ ଗଣମାଧ୍ୟମର ଭୂମିକା ମଧ୍ୟ ଏକ ସାମ୍ବିଧାନିକ ସଂସ୍କୃତିର ଧାରଣାକୁ ସୁଦୃଢ଼ କରିପାରିଛି ଯାହା ଭାରତୀୟଙ୍କ ଦୈନନ୍ଦିନ ଜୀବନରେ ପରିପୁଷ୍ଟ ହୋଇଛି। ସମ୍ବିଧାନ ପ୍ରଣୟନର ୭୫ବର୍ଷ ପୂର୍ତ୍ତି ଅବସରରେ ଆମେ ଗର୍ବିତ ଯେ, ଆମେ ଆଜି ଅନେକ କ୍ଷେତ୍ରରେ ସଫଳତା ହାସଲ କରିସାରିଛୁ। ହୀରକ ଜୟନ୍ତୀ କାଳରେ ପ୍ରବେଶକରି ଆମେ ଆମର ସ୍ୱପ୍ନ ପ୍ରତି ପ୍ରତିବଦ୍ଧତାକୁ ପୁନଶ୍ଚ ଦୋହରାଇବା ଓ ଏକ ଆତ୍ମନିର୍ଭରଶୀଳ, ଶକ୍ତିଶାଳୀ ଓ ଏକାତ୍ମବୋଧକ ରାଷ୍ଟ୍ର ଗଠନ ଦିଗରେ ଯାତ୍ରାକୁ ଅବ୍ୟାହତ ରଖିବା ଆମର କର୍ତ୍ତବ୍ୟ।

**ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର**
**ମୋ: ୮୦୧୮୧୭୨୩୦୧**

# ଝିଅ ପାଇଁ ଯୋଗ୍ୟପାତ୍ର



ରଶ୍ମିରଞ୍ଜନ ରାଉତ

ଦୁଇବର୍ଷ ତଳେ ବଜାରରୁ ଫେରିଲା ବେଳେ ହଠାତ୍ ଦେଖା ହୋଇଗଲେ ପୁରୁଣା ଭଡ଼ାଘର ସାମ୍ନା ମହାନ୍ତି ଘର ଆଣ୍ଟି। ଏମିତି କିଛି ସମୟ ସୁଖଦୁଃଖ ପଚାରି ବୁଝିବା ପରେ ତାଙ୍କ ଆଡୁ କହିଲେ ଝିଅର ପ୍ରସ୍ତାବ ଲାଗିଛି ଗୋଟେ ଭଲ ଜାଗାରେ। ପୁଅ ସରକାରୀ ଚାକିରିଆ, ଦରମା ଭଲ ଅଛି, ଉପୁରି ବି କମଉଛି, ଦୁଇତାଲା ଘର। ସାନଭାଇ ବି କୋଉ ଗୋଟେ ସଫ୍ଟୱେର କମ୍ପାନୀରେ ଚାକିରି କରୁଛି। ଘରେ ବାପା ମା ଦି'ଜଣ। ଭାବୁଛୁ ସେଇଠି ବାହାଘର କରିଦେବୁ। ମହାନ୍ତିଘର ଆଣ୍ଟି ପୁଅର ଚାକିରି, ଘରଦ୍ୱାର ସବୁ କହିଲେ ହେଲେ ପୁଅ କେମିତି କ'ଣ, ସଂସ୍କାର, ଚରିତ୍ର ବିଷୟରେ କିଛି ବି କହିଲେନି। ଏମିତି କିଛି ସମୟ କଥାବାର୍ତ୍ତା ପରେ ଯେଝା ବାଟରେ ଯେଝେ ଚାଲିଲୁ।

ଗତସପ୍ତାହରେ ଯାଇଥିଲି ଜଣେ ବନ୍ଧୁ ପାଇଁ ଭଡ଼ାଘରଟେ ଖୋଜିବାକୁ । ଆଣ୍ଟି ଗେଟ୍ ପାଖେ ଠିଆ ହୋଇଥିଲେ ଦେଖା ହୋଇଗଲେ। କିଛି ସମୟ କଥାବାର୍ତ୍ତା ପରେ ମୁଁ ପଚାରିଲି, ଆଣ୍ଟି ଝିଅ ବାହାଘର ସାରିଲେଣି। କହିଲେ ହଁ, ସରକାରୀ ଚାକରିଆ ଦେଖିକି ଝିଅ ବାହା ଦେଇଥିଲି। ହେଲେ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଏବେ ଜେଲରେ ଅଛି ଜ୍ୱାଇଁ। ଘର ସିଜ୍ ହୋଇଛି। ବିଚାରୀ ଝିଅଟା ନିଇତି ଆଖିରୁ ଲୁହ ଗଡ଼ଉଛି। ମୁଁ ମନେମନେ ଭାବିଲି ସେଦିନ ଆଣ୍ଟି ଝିଅ ବାହାଘର କଥା କହି କେତେ ଖୁସି ହେଉଥିଲେ, ପୁଅ ସରକାରୀ ଚାକିରିଆ, ଦରମା ଭଲ ଅଛି, ଉପୁରି ବି କମଉଛି, ଦୁଇତାଲା ଘର। ହେଲେ ସେ ଖୁସି ଆଜି ତାଙ୍କର ହଜିଯାଇଛି। ମୁଁ କଥା ଛଳରେ ଆଣ୍ଟିଙ୍କୁ କହିଲି ଦୁର୍ନୀତି ଏକ ଦୁର୍ଗୁଣ। ଏହା ବ୍ୟକ୍ତିର ଚରିତ୍ରଗତ ବା ଆଚରଣଗତ ସ୍ଖଳନକୁ ସୂଚାଏ। ସରକାରୀ ବା ଅନ୍ୟର ଅର୍ଥକୁ ହଡ଼ପ କରି ବ୍ୟକ୍ତିଟିଏ ଦୁର୍ନୀତିପରାୟଣ ହୋଇଯିବାର ମୁଖ୍ୟ କାରଣଟି ହେଲା ମୂଲ୍ୟବୋଧର ଅବକ୍ଷୟ। ହେଲେ ସେକଥାକୁ ଆଜିକାଲି କାନଦେଉଛି କିଏ? ଟିକେ ଗହୀରେଇକି ଭାବିଲେ କଥାଟି ବହୁତ କଷ୍ଟଦାୟକ। ଝିଅ–ଜ୍ୱାଇଁଙ୍କ ହସିଲା ପୂରିଲା ସଂସାର ଦେଖିବାକୁ କେତେ କ'ଣ ଭାବିଥିଲେ ଆଣ୍ଟି। ହେଲେ ହେଲା ତା'ର ବିପରୀତ। ଆଣ୍ଟି ଯଦି ପୁଅଟିର ସରକାରୀ ଚାକିରି ଓ ଉପୁରି କମେଇବା ଦେଖିବା ବଦଳରେ ପୁଅଟିର ଚରିତ୍ର, ସଂସ୍କାର, ଆଚାର ବ୍ୟବହାର ଦେଖି ଝିଅ ବାହା ଦେଇଥାଆନ୍ତେ ହୁଏତ ଆଜି ତାଙ୍କ ଝିଅ ବହୁତ ଖୁସିରେ ଥାଆନ୍ତା। ଅନ୍ୟ ଅର୍ଥରେ 'ପ୍ରତ୍ୟେକ ଦୁର୍ନୀତିଗ୍ରସ୍ତ ପୁରୁଷ ପଛରେ ଥାଏ ଜଣେ ନାରୀର ହାତ। କାରଣ ଦୁର୍ନୀତିର ପ୍ରୋତ୍ସାହନ ପ୍ରଥମେ ପରିବାରରୁ ହିଁ ମିଳେ। ଜଣେ ନୂଆ ଚାକିରିରେ ଯୋଗ ଦେଲେ ତା' ପରିବାର ତା' ଦାୟିତ୍ୱ–କର୍ତ୍ତବ୍ୟ ସମ୍ବନ୍ଧରେ ଉପଦେଶ କମ୍ ବରଂ ବେଶି ତା'ର ପାୱାର ବ୍ୟବହାର କରି ବୁଲାବୁଲି, ଉପହାର, ଭୋଜିଭାତରେ ମସ୍‌ଗୁଲ ହେବାକୁ ଉସୁକାନ୍ତି। ଯାହା ପରୋକ୍ଷରେ ତାକୁ ଉପୁରି ରୋଜଗାର କରିବା ସମ୍ବନ୍ଧରେ ପରାମର୍ଶ ଦିଏ। ଏହା ହିଁ ଆଜି ଆମର ମାନସିକତା ହୋଇଯାଇଛି।

ଜୀବନ ଜିଇବା ଲାଗି ଜୀବିକାଟିଏ ନିହାତି ଲୋଡ଼ା। ସେ ବଡ଼ ହେଉ କି ଛୋଟ, ସରକାରୀ ହେଉ କି ବେସରକାରୀ। ଅନେକ ନିହାତି ସାଧାରଣ ବ୍ୟକ୍ତି ମଧ୍ୟ ସଚ୍ଚୋଟତା ଓ ପରାକାଷ୍ଠା ସହକାରେ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଗରିବ ଟାକ୍ସି ଡ୍ରାଇଭରଟିଏର ଘରେ ଚୁଲିକୁ ଜାଳ ନ ଯାଉ ପଛେ ତା' ବିବେକକୁ କେବେ ଲୋଭ ପାଖରେ ବନ୍ଧା ପକେଇବାକୁ ଦେଉନି। ଲକ୍ଷ ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗ୍‌ଟିକୁ ପାଇ ବି ତା' ଗାଡ଼ିରେ ଛାଡ଼ିଯାଇଥିବା ଯାତ୍ରୀ ଜଣକୁ ପୋଲିସ ସହାୟତାରେ ଖୋଜି ତାଙ୍କୁ ଫେରସ୍ତ କରିବା ଘଟଣା କିଛି ମାସ ତଳେ ଆମେ ଗଣମାଧ୍ୟମରୁ ଦେଖିଥିଲେ। ଜୀବିକା ଯାହା ବି ହେଉ ଏହା କ'ଣ ସଚ୍ଚୋଟତାର ଏକବଡ଼ ଦୃଷ୍ଟାନ୍ତ ନୁହେଁକି?



ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ଆଉ 'ଚରିତ୍ର ଗଠନ' ନୁହେଁ, ବରଂ ପିଲାକୁ ରୋଜଗାର ଯୋଗ୍ୟ କରାଇବା। ଫଳରେ ଦିନକୁ ଦିନ ମୂଲ୍ୟବୋଧଭିତ୍ତିକ ଶିକ୍ଷା ବ୍ୟବସ୍ଥାର ଘୋର ଅବକ୍ଷୟ ହୋଇଛି। ଯେଉଁ ଶିକ୍ଷା ପରେ ରୋଜଗାରର ମାତ୍ରା ଓ ପରିଧି ଯେତେ ଅଧିକ, ସେ ଶିକ୍ଷାର ଚାହିଦା ସେତେ ଅଧିକ। ପୁଣି, ଚାକିରିର ଗୁରୁତ୍ୱ ଦରମା ଦ୍ୱାରା ନିର୍ଦ୍ଧାରିତ। ଯେଉଁ ଚାକିରିରେ ଦରମା ପର୍ଯ୍ୟାପ୍ତ ନୁହେଁ, ବିଭିନ୍ନ ଅନିୟମିତ ଉପାୟରେ ଟଙ୍କା ଠୁଳ କରିବାରେ ଚାକିରିଆଟି ଅଣ୍ଟାଭିଡ଼ି ଲାଗିପଡ଼େ। ଦାମୀ ବ୍ରାଣ୍ଡର ପୋଷାକ, ଦାମୀ ଗାଡ଼ି, ବଡ଼ ସହରରେ ବଙ୍ଗଳା, ବିଦେଶ ଟୁର୍, ବିଳାସପୂର୍ଣ୍ଣ ହୋଟେଲରେ ରହଣି, ଫରେନରେ ପିଲାଙ୍କ ପାଠପଢ଼ା, ଗହଣାଗାଣ୍ଠି ଓ ସୌଖୀନ ସାମଗ୍ରୀ ଇତ୍ୟାଦିର ପ୍ରଲୋଭନ, ସରକାରୀ ହେଉ କି ବେସରକାରୀ କର୍ମଚାରୀର ଅର୍ଥ ଠୁଳ କରିବାର ଲାଳସାଟିକୁ ବହୁଗୁଣିତ କରିପକାଏ। ଅବଶ୍ୟ ଏସବୁ ମୋହରୁ ମୁକ୍ତ ରହି, ସବୁ ଘାତପ୍ରତିଘାତକୁ ଦୃଢ଼ ଭାବେ ସମ୍ମୁଖୀନ ହୋଇ ସଚ୍ଚୋଟ ଭାବେ ନିଜର କର୍ତ୍ତବ୍ୟ ପାଳନ କରୁଥିବା କର୍ମଚାରୀମାନଙ୍କ ସଂଖ୍ୟା ହାତଗଣତି ହୋଇପାରେ। ହେଲେ ଯେଉଁମାନେ କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ, ଲାଞ୍ଚ ନେବା ବେଳେ ଧରାପଡିବା, ଦୁର୍ନୀତିଗ୍ରସ୍ତ ନେତା ଓ ସରକାରୀ କର୍ମଚାରୀଙ୍କୁ ଗିରଫ କରି ଜେଲ ପଠାଯିବା ସହ କେତେକଙ୍କୁ ସରକାରୀ ଚାକିରିରୁ ବିଦା କରାଯିବା ଘଟଣା ନୂଆ ନୁହେଁ। ମହାକାଳ ଫଳପରି ଦୁର୍ନୀତି ଦିନେ ତାକୁ ହିଁ ଗ୍ରାସକରେ। ଏହା ବାଦ୍ ବି ଥାଏ ଆହୁରି କିଛି ଅନ୍ୟାନ୍ୟ ଲାଳସା। ଯେଉଁଥି ପାଇଁ ଆଜି ବି ଅନେକ ମା'ବାପା ଏଥିପ୍ରତି ସଚେତନ ଅଛନ୍ତି। ଏମିତିକି ବିବାହ ପୂର୍ବରୁ କିଛି ଜରୁରୀ ମେଡିକାଲ ଟେଷ୍ଟ କରାଇନେଉଛନ୍ତି। ଯେମିତିକି ଜେନେଟିକ ଟେଷ୍ଟ, ଆର୍‌ଏଚ୍ ଫ୍ୟାକ୍ଟର ଟେଷ୍ଟ, ଏଚ୍ଆଇଭି ଟେଷ୍ଟ, ପ୍ରେଗ୍ନାନ୍ସି କାପାସିଟି ଟେଷ୍ଟ ଆଦି କରାଉଛନ୍ତି। ଯାହା ଉଭୟ ବର ଓ କନ୍ୟା ପାଇଁ ସୁଖୀ ଦାମ୍ପତ୍ୟ ଜୀବନ ବିତେଇବାରେ ବେଶ୍ ସହାୟକ ହେଉଛି। ଆଣ୍ଟି ମୋ କଥାକୁ ସେମିତି ଶୁଣୁଥିଲେ। ଆଉ ମନେମନେ ସଙ୍କୋଚ ମନେକରୁଥିଲେ। ବହୁତ ବିଳମ୍ବ ହୋଇଯିବାରୁ ମୁଁ ଆଉ ଘର ନ ଖୋଜି ଫେରିଆସିଲି ମୋ ଭଡ଼ାଘରକୁ।

**ମୋ: ୭୮୦୯୦୩୭୬୦୮**

## ଏଇ ଭାରତରେ

ଶିକ୍ଷକ ଚାକିରିଛାଡ଼ି ଅସହାୟ ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି ଭଦୋଦରାର ଜୁନିନ୍ ଦତ୍ତ। ଚାକିରି ସମୟରେ ସେଥିରୁ ସମୟ ବାହାର କରି ସମାଜସେବା କରୁଥିଲେ। ଥରେ ଡ୍ୟୁଟିରୁ ଫେରିବା ବେଳେ ପିଲାଟି ଛକ ରାସ୍ତାରେ ଭିକ ମାଗୁଥିବା ଦେଖିବା ପରେ ତାଙ୍କୁ ବିଚଳିତ କରିଥିଲା। ବିନା ଶିକ୍ଷାରେ ଏମିତି ପିଲାଙ୍କ ଜୀବନ କଟୁଥିବାରୁ ସେଭଳି ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସେହି ଦିନ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ସେ କେତେଜଣ ଅସହାୟ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ପରେ ସେ ୨୦୧୪ରେ ଚାକିରି ଛାଡ଼ି ଦଶବର୍ଷ ହେଲା ପାଠଶାଳା ସଂସ୍ଥା ଗଢ଼ି ରାସ୍ତା କଡ଼ରେ ଯାଯାବର ଜୀବନ ବିତାଉଥିବା ଲୋକଙ୍କ ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି। ଏହା ବ୍ୟତୀତ ଅସହାୟ ପିଲାମାନଙ୍କୁ ସେ ସବୁ ପ୍ରକାର ସହଯୋଗ ମଧ୍ୟ କରୁଛନ୍ତି। ଏହି ଅଭିଯାନ ମାତ୍ର ୨୦୦୦ ଟଙ୍କାରୁ ଆରମ୍ଭ କରିଥିଲେ। ପାଠଶାଳାରେ ପିଲାମାନେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ପଢୁଛନ୍ତି। ଏବେ ପାଠଶାଳା ହଷ୍ଟେଲରେ ୯୭ ପିଲା ରହିଛନ୍ତି। ସେଠାରେ ସ୍ୱତନ୍ତ୍ର ମଡେଲରେ ପଢ଼ାଯାଉଛି। ପୁସ୍ତକ ଶିକ୍ଷା ସହ ବ୍ୟବହାରିକ ଜ୍ଞାନ ବିକାଶ ପାଇଁ ପାଠଶାଳାରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ନଭେମ୍ବର ୧୯୭୫

- ଦେଶର ସବୁ ବଡ଼ ବଡ଼ ସରକାରୀ ଇସ୍ପାତ କାରଖାନାର ପରିଚାଳନା କ୍ଷେତ୍ରରେ ଶ୍ରମିକମାନଙ୍କ ଅଂଶ ଗ୍ରହଣ ବ୍ୟବସ୍ଥା କରାଯାଇଛି।
- ଭାରତ ଓ ରୁଷିଆ ମଧ୍ୟରେ ପାଠ୍ୟପୁସ୍ତକ ପ୍ରକାଶ ସଂକ୍ରାନ୍ତରେ ଏକ ରାଜିନାମା ସ୍ୱାକ୍ଷରିତ।
- ବାଂଲାଦେଶର ୧୫ ଜଣ ପଳାତକ ସାମରିକ ଅଫିସର ଓ ତାଙ୍କ ପରିବାର ରାଜନୈତିକ ଆଶ୍ରୟ ପାଇବା ଆଶାରେ ବ୍ୟାଙ୍କକ୍‌ରୁ ଲିବ୍ୟା ଯାତ୍ରା କରିଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 8 | | | | 3 | 2 |
| | 8 | | | 7 | | | 9 | |
| 3 | | | | | | | 4 | |
| | | 5 | 2 | | | 6 | | |
| | | | | 4 | | | | 8 |
| 7 | 4 | | | | | | 5 | |
| 4 | | | 3 | 8 | 5 | | | |
| | | | | | | 9 | 6 | |
| | | | 6 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 3 | 7 | 4 | 9 | 5 | 8 | 2 |
| 4 | 7 | 8 | 5 | 2 | 6 | 3 | 1 | 9 |
| 9 | 2 | 5 | 8 | 3 | 1 | 6 | 4 | 7 |
| 3 | 4 | 7 | 2 | 5 | 8 | 1 | 9 | 6 |
| 6 | 8 | 1 | 3 | 9 | 7 | 2 | 5 | 4 |
| 5 | 9 | 2 | 1 | 6 | 4 | 8 | 7 | 3 |
| 8 | 5 | 9 | 6 | 7 | 2 | 4 | 3 | 1 |
| 2 | 3 | 4 | 9 | 1 | 5 | 7 | 6 | 8 |
| 7 | 1 | 6 | 4 | 8 | 3 | 9 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ଦ କାରଖାନାକୁ କାର୍ଯ୍ୟକ୍ଷମ କରାଯାଉ

ମହାଶୟ,
ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ନିମନ୍ତେ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ କରିବା ପାଇଁ ଆମନ୍ତ୍ରଣ ସ୍ୱାଗତଯୋଗ୍ୟ। ନିଜ ରାଜ୍ୟର ଖଣିଜ ସମ୍ପଦର ସଠିକ ବିନିଯୋଗ କଲେ ଅନ୍ୟ ଦେଶର ଶିଳ୍ପପତିମାନଙ୍କୁ ପୁଞ୍ଜି ବିନିଯୋଗ ବା ନିବେଶ କରିବାକୁ ନେଇ ହାତ ପତାଇବା କିମ୍ବା ସେମାନଙ୍କୁ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ନିମନ୍ତ୍ରଣ କରିବାକୁ ପଡ଼ନ୍ତା ନାହିଁ। ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିବା ବହୁ ଶିଳ୍ପ ପ୍ରତିଷ୍ଠାନ କାହିଁକି ଓ କିପରି ରୁଗ୍ଣ ଏବଂ ବନ୍ଦ, ସେଥିପ୍ରତି ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ନିହାତି ଜରୁରୀ। ଓଡ଼ିଶାର ଶିଳ୍ପ କାରଖାନା ସବୁର ପ୍ରଗତି କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଆଣିବାକୁ ହେଲେ ପ୍ରଥମେ ବନ୍ଦ ହୋଇ ପଡ଼ି ରହିଥିବା କଳ କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରିବା ସହିତ କୁଟୀର ଶିଳ୍ପର ବିକାଶ ଏବଂ କୃଷି–ପ୍ରଗତିକୁ ପ୍ରାଧାନ୍ୟ ଦେବାରେ ପ୍ରୟାସ କରିବା ଉଚିତ। ଶିଳ୍ପାୟନ ସହିତ ଆର୍ଥିକ ପ୍ରଗତି ଘନିଷ୍ଠ ଭାବେ ସମ୍ପୃକ୍ତ। ଓଡ଼ିଶାର ଅର୍ଥନୈତିକ ଉନ୍ନତି ପାଇଁ ଏବଂ ବେକାର ସମସ୍ୟାର ସମାଧାନ ପାଇଁ ଶିଳ୍ପର ପ୍ରଗତି ଏକାନ୍ତ ଆବଶ୍ୟକ। ଏଥିପାଇଁ କେବଳ ସରକାରୀ ସହାୟତା ଯଥେଷ୍ଟ ନୁହେଁ, ବେସରକାରୀ ସ୍ତରରେ ଶିଳ୍ପାୟନ ସମୃଦ୍ଧି ନିମନ୍ତେ ପ୍ରୋତ୍ସାହନ ଏବଂ ଉଦ୍ୟମ ଆବଶ୍ୟକ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରୂପର ଛଳନା ନ କର ଆଉ
ରୂପସି ଆଗୋ
ରୂପର ଉଢ଼ାଳେ ଲୁଚାଅ ନାହିଁ
ମନର ଦାଗ।
–(ପ୍ରାଚୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ



ବିଧାନସଭା ପରିସରରେ ସୋମବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେଡି ବିଧାୟକ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟମାନେ।

# ମଦମୃତ୍ୟୁ ମାମଲାକୁ ଗୃହରେ ଉଠାଇବେ ବିଜେଡି, କଂଗ୍ରେସ

## ଶାସକ ଦଳକୁ ଘେରିବାକୁ ରଣନୀତି ପ୍ରସ୍ତୁତ କଲେ ବିରୋଧୀ

ଭୁବନେଶ୍ୱର, ୨୫।୧୧ (ସୁନିତ୍ ମିଶ୍ର)

ବିଧାନସଭାର ଶୀତକାଳୀନ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଥିବାବେଳେ ଗୃହରେ ବିଭିନ୍ନ ପ୍ରସଙ୍ଗକୁ ଧରି ଶାସକ ଦଳକୁ ଘେରିବା ଲାଗି ବିରୋଧୀ ଦଳ ନିଜର ରଣନୀତି ପ୍ରସ୍ତୁତ କରିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଦଳର ସମସ୍ତ ବିଧାୟକଙ୍କୁ ସେମାନଙ୍କ ମତ ରଖିବାକୁ ନବୀନ ପ୍ରସ୍ତାବ ଦେଇଥିଲେ। କେଉଁସବୁ ପ୍ରସଙ୍ଗ ଗୃହରେ ଉପସ୍ଥାପିତ ହେବା ଦରକାର ବୋଲି ନବୀନ ସମସ୍ତଙ୍କୁ ପଚାରିଥିଲେ। ଏହାପରେ ବିଧାୟକମାନେ ନିଜ ନିଜର ମତ ଉପସ୍ଥାପିତ କରିଛନ୍ତି। ଏକାଧିକ ପ୍ରସଙ୍ଗ ଧରି ବିଜେଡି ଗୃହକୁ ଓହ୍ଲାଇବାକୁ ଯୋଜନା କରିଥିବା ବେଳେ ମୁଖ୍ୟତଃ ଆମ୍ବ ଟାକୁଆ ଖାଇ ମୃତ୍ୟୁ ଘଟିବା ବିଷୟ ଉପରେ ବିଶେଷ ଗୁରୁତ୍ୱ ଦେବ। ଏହାବାଦ୍ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି, ମଦ ମୃତ୍ୟୁ, ମହିଳାଙ୍କ ପ୍ରତି ରାଜ୍ୟରେ ବଢୁଥିବା ଅତ୍ୟାଚାର, ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ବିଷୟକୁ ନେଇ ବିଜେଡି ଶାସକ ଦଳକୁ ଘେରିବାକୁ ଯୋଜନା କରିଛି।

ଅନ୍ୟପକ୍ଷରେ ଶାସକ ଭାଜପାକୁ ବିଭିନ୍ନ ପ୍ରସଙ୍ଗରେ ଗୃହରେ ଘେରିବ କଂଗ୍ରେସ। ଏନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। କନ୍ଧମାଳରେ ଅନାହାର ଯୋଗୁ ମୃତ୍ୟୁ, ବଲାଙ୍ଗୀର ଓ ରାୟଗଡା ଜିଲାରେ ଶିଶୁ ବିକ୍ରି ଘଟଣା, ଗନ୍ଧମାର୍ଦ୍ଦନ ପର୍ବତକୁ ଆଦାନୀକୁ ହସ୍ତାନ୍ତର କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଅହେତୁକ ଅନୁକମ୍ପା, ଏନ୍‌ଇଇଟି ଓ ଆର୍‌ଆଇ ପରୀକ୍ଷାରେ ଅନିୟମିତତା, ବାତ୍ୟା ଦାନାର କ୍ଷୟକ୍ଷତି ଆକଳନରେ ଅନିୟମିତତା, ପେସା ଆଇନ ଓ ଆଦିବାସୀ ସମସ୍ୟା, ସର୍ବଶିକ୍ଷା ଅଭିଯାନରେ ବିଧେୟ ହୋଇଥିବା ନୂଆ ଆଇନ ବାଟବଣା, ଜମି ଅଧିଗ୍ରହଣରେ ଅନିୟମିତତା, ବେକାରି ସମସ୍ୟା, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି ଓ ଦରଦାମ୍ ବୃଦ୍ଧି ପ୍ରସଙ୍ଗ ନେଇ ଶାସକ ଭାଜପାକୁ ଘେରିବାକୁ କଂଗ୍ରେସ ଯୋଜନା ପ୍ରସ୍ତୁତ କରିଛି।

ଅନ୍ୟପକ୍ଷରେ ଉଭୟ ବିଜେଡି ଏବଂ କଂଗ୍ରେସ ଉଠାଇବାକୁ ଥିବା ପ୍ରସଙ୍ଗର ମୁକାବିଲା ଲାଗି ଭାଜପା ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଭାଜପା ବିଧାୟକ ବାବୁ ସିଂ କହିଛନ୍ତି। ସୋମବାର ଭାଜପାର ବିଧାୟକ ଦଳ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଗତ ୨୪ ବର୍ଷରେ ବିଜେଡି ଦୁର୍ନୀତି ବିଷୟରେ ଦଳ ଉଠାଇବ ବୋଲି ଯୋଜନା କରିଛି।

# ସୁନ୍ଦରଗଡ଼କୁ ଉତ୍ତର ଓଡ଼ିଶା ବିକାଶ ପରିଷଦରେ ସାମିଲ ପ୍ରସ୍ତାବକୁ ବିରୋଧ

## ଜିଲା କଂଗ୍ରେସର ପ୍ରତିବାଦ

ସୁନ୍ଦରଗଡ, ୨୫।୧୧ (ଜୟ ନାରାୟଣ ମେଣ୍ଡୁଲି)




ଡିଆରଡିଏ ଛକରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସୁନ୍ଦରଗଡ଼ ଗସ୍ତ ଅବସରରେ ପ୍ରସ୍ତାବିତ ଉତ୍ତର ଓଡ଼ିଶା ବିକାଶ ପରିଷଦରେ ସୁନ୍ଦରଗଡ଼କୁ ସାମିଲ ପାଇଁ ଦେଇଥିବା ମନ୍ତବ୍ୟକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋମବାର ସନ୍ଧ୍ୟାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଡିଆରଡିଏ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶତାଧିକ କଂଗ୍ରେସ କର୍ମୀ ଏଥିରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତୃତ୍ୱାଧୀନ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ଏଭଳି ହୀନ ଉଦ୍ୟମରୁ କ୍ଷାନ୍ତ ରହିବାକୁ କହିଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ନିମାଇଁ ନାଏକ, ପୂର୍ବତନ ନଗରପାଳ ରାଜକିଶୋର ଷଡ଼ଙ୍ଗୀ, ବରିଷ୍ଠ ନେତା ବେଣୁମାଧବ ତ୍ରିପାଠୀ, ପର୍ଶୁରାମ ସରାଫ, ଆଇନଜୀବୀ ପ୍ରଣବ ସିଂ, ନେପାଳ ଚନ୍ଦ୍ର ସାହୁ ବିକ୍ଷୋଭରେ ସାମିଲ ହୋଇ ସୁନ୍ଦରଗଡ଼ବାସୀଙ୍କ ଦାବିକୁ ସବୁବେଳେ ଅଣଦେଖା କରାଯାଉଛି ବୋଲି କହିଥିଲେ। ଜିଲାରେ ଏମ୍‌ସ ପ୍ରତିଷ୍ଠା ନେଇ ଦୀର୍ଘ ଦିନରୁ ଦାବି ହୋଇଆସୁଥିବା ବେଳେ ତାହାକୁ ପୂରଣ ନ କରି କେନ୍ଦ୍ର ସରକାର ସୁନ୍ଦରଗଡ଼ବାସୀଙ୍କୁ ପ୍ରତାରିତ କଲେ। ସେହିପରି ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର କାର୍ଯ୍ୟାଳୟକୁ ପଶ୍ଚିମ ଓଡ଼ିଶାକୁ ଅଣାଯିବାକୁ ଦାବି ହୋଇ ଆସୁଥିଲା ବେଳେ ବର୍ତ୍ତମାନର ସରକାର ସୁନ୍ଦରଗଡ଼କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ଅଲଗା କରି ପ୍ରସ୍ତାବିତ ଉତ୍ତର ଓଡିଶା ବିକାଶ ପରିଷଦରେ ସାମିଲ କରିବାକୁ ଉଦ୍ୟମ କରି ପଶ୍ଚିମ ଓଡ଼ିଶାର ଭାଷା ସଂସ୍କୃତି ଓ ଏକତାକୁ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି। ସୁନ୍ଦରଗଡ଼ ପଶ୍ଚିମ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଞ୍ଚଳ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଉଦ୍ୟମ ଦ୍ୱାରା ପଶ୍ଚିମ ଓଡ଼ିଶାର ଭାଷା ସଂସ୍କୃତି ଓ ଭାବଗତ ସମ୍ପର୍କକୁ ବିଚ୍ଛିନ୍ନ କରିବାର ଏହା ଏକ ହୀନ ଉଦ୍ୟମ ବୋଲି କଂଗ୍ରେସ କହିଛି। ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ର ବିଭିନ୍ନ ସଙ୍ଗଠନ, ନାଗରିକ କମିଟି ଓ ଲୋକଙ୍କ ମତାମତ ନ ନେଇ ଏଭଳି ବୟାନ ଦେବା ଦୁର୍ଭାଗ୍ୟଜନକ। ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବ ପ୍ରତ୍ୟାହର ନକଲେ ଆଗାମୀ ଦିନରେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି ବିକ୍ଷୋଭ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘର ପୂର୍ବତନ ସଭାପତି କମଳ ସେନ, ପ୍ରମୁଖ ସାମିଲ ଥିଲେ। ପ୍ରତିବାଦବେଳେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିବା ଦେଖିବାକୁ ମିଳିଥିଲା।

# ଜାତୀୟ ଦଳ ସହଯୋଗରେ ଆଞ୍ଚଳିକ ଦଳ ବିଜୟୀ ହୋଇଛନ୍ତି: ଅମର

ଚଣ୍ଡିଖୋଲ, ୨୫।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି)

ଏବେ ଧୀରେ ଧୀରେ ଆଞ୍ଚଳିକ ଦଳଗୁଡ଼ିକର ପ୍ରଭାବ କମୁଛି। ଜାତୀୟ ଦଳ ସହଯୋଗରେ ଆଞ୍ଚଳିକ ଦଳଗୁଡ଼ିକ ବିଜୟୀ ହୋଇଛନ୍ତି ବୋଲି ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି। ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ନିର୍ବାଚନକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଅମର ଏପରି କହିଛନ୍ତି। ଝାଡ଼ଖଣ୍ଡରେ ଆଞ୍ଚଳିକ ଦଳର ବିଜୟ ନେଇ ବିଜୁ ଜନତା ଦଳ ଖୁସିବ୍ୟକ୍ତ କରିବା ନେଇ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ସେଠାରେ କଂଗ୍ରେସ ହେଉଛି ଜାତୀୟ ଦଳ। ସେହିଭଳି ଆରଜେଡି ମଧ୍ୟ ଜାତୀୟ ଦଳ। ଏହି ଦଳଗୁଡ଼ିକ ସହିତ ଜେଏମ୍‌ଏମ୍ ମେଣ୍ଟ କରିଥିଲା। ସେଥିପାଇଁ ମେଣ୍ଟ ସରକାର ବିଜୟ ଲାଭ କରିଛି। ଠିକ୍ ସେହିପରି ମହାରାଷ୍ଟ୍ରରେ ଭାଜପା ସହିତ ଆଞ୍ଚଳିକ ଦଳଗୁଡ଼ିକ ମେଣ୍ଟ କରିଥିଲେ, ଯେଉଁଥିପାଇଁ ସେଠାରେ ମଧ୍ୟ ବିଜୟୀ ହୋଇଛନ୍ତି। ଓଡ଼ିଶାରେ ବିଜେଡି କ୍ଷମତାକୁ ଆସିଥିଲା ଭାଜପା ସହିତ ମେଣ୍ଟ କରି। ୨୦୦୦ ମସିହାରେ ଭାରତୀୟ ଜନତା ପାର୍ଟି ନେତା ଅଟଳ ବିହାରୀ ବାଜପେୟୀଙ୍କ ପ୍ରତି ସାରା ଦେଶରେ ଏକ ଲହର ଥିଲା। ବାଜପେୟୀଙ୍କ ଭାବମୂର୍ତ୍ତି ସହ ବିଜେଡି ମିଶି ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲା। କେବଳ ବିଜେଡି ଏକାକୀ ଲଢ଼ି ବିଜୟୀ ହୋଇ ନ ଥିଲା। ଗଣମାଧ୍ୟମର ପ୍ରଶ୍ନ ଥିଲା ଆପଣ ଭାଜପାର କେନ୍ଦ୍ରୀୟ ନେତାଙ୍କ ନିକଟତର ହୋଇଛନ୍ତି। ତେଣୁ ଆପଣ ଭାଜପାରେ ଯୋଗ ଦେଉଛନ୍ତି କି ଉତ୍ତରରେ ସେ କହିଛନ୍ତି, ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ସଦସ୍ୟ ଭାବେ କେନ୍ଦ୍ରୀୟ ନେତାଙ୍କ ସହ ସାମିଲ ହୋଇଥିଲେ। ସେ ଏବେ ବିଜେଡିରେ ନାହାନ୍ତି। ତାଙ୍କ ଲୋକଙ୍କ ସହ ଆଲୋଚନା ପରେ ଯାହା କିଛି ନିଷ୍ପତ୍ତି ନେବେ। ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନାହାନ୍ତି ବୋଲି ସେ କହିଛନ୍ତି। ଅମରଙ୍କ ଏହି ମନ୍ତବ୍ୟ ପରେ ଓଡ଼ିଶା ରାଜନୀତିରେ ଚର୍ଚ୍ଚା ଜୋର ଧରିଛି।

# ବିଜେଡି ଛାଡ଼ି ଭାଜପାରେ ମିଶିଲେ ୨୫ ପରିବାର

ଭଞ୍ଜନଗର, ୨୫।୧୧
(ବାବୁଲା ପ୍ରଧାନ)



ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଦୋମୁହାଣି ପଞ୍ଚାୟତ ବଞ୍ଜରଗାଁର ରବୀନ୍ଦ୍ରନାଥ ମୁଦୁଲି, ବୁଲୁ ଗୌଡ, ବାଳକୃଷ୍ଣ ଗୌଡ, ସୁଶାନ୍ତ ଗୌଡ, ଲିଟୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୨୫ ପରିବାର ସୋମବାର ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଗ୍ରାମରେ ଦୀର୍ଘଦିନ ଧରି ବିକାଶ ହେଉ ନ ଥିବା ଦର୍ଶାଇ ଉକ୍ତ ପରିବାରଗୁଡ଼ିକ ଭାଜପାରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଥିଲେ। ଭଞ୍ଜନଗର ବନ ବିଭାଗ ଡାକ ବଙ୍ଗଳାରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ଗତ ମାସରେ ଏହି ପଞ୍ଚାୟତର ୨୦ ପରିବାର ବିଜେଡି ଛାଡି ଭାଜପାରେ ମିଶିଥିଲେ। ଏହି ମିଶ୍ରଣ ପର୍ବ ସମୟରେ ଭାଜପା ନେତା ସୁବାସ ବରାଡ, ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡି, ରଜତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉକ୍ତ ଗ୍ରାମରେ ବିଦ୍ୟୁତ୍ ସେବା ନାହିଁ। ପକ୍କା ରାସ୍ତା ନ ଥିବାରୁ ଗ୍ରାମବାସୀ ଚାଲି ଚାଲି ୬ କି.ମି. ଯାଉଛନ୍ତି। ଏଥିସହ ଗ୍ରାମରେ ଅନ୍ୟାନ୍ୟ ସମସ୍ୟା ରହିଛି। ଦୀର୍ଘବର୍ଷ ଧରି ବିଜେଡି ଶାସନରେ ଥିଲେ ମଧ୍ୟ ଗ୍ରାମର ମୌଳିକ ସମସ୍ୟା ଦୂର ହୋଇପାରିନାହିଁ। ଫଳରେ ଗ୍ରାମର ଏହି ସମସ୍ୟା ଦୂର ହେବା ଆଶାରେ ଗ୍ରାମବାସୀ ଭାଜପାରେ ସାମିଲ ହୋଇଥିବା ଜଣାପଡିଛି।

## ଭାଜପାରେ ଯୋଗଦେଲେ ୪ ବିଜେଡି ନେତା

ମାଲକାନଗିରି, ୨୫।୧୧
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ୪ଜଣ ବିଜେଡି ନେତା ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ବିଜେଡି ନେତା ତଥା ପରାମର୍ଶଦାତା କେଶବ ଚନ୍ଦ୍ର ନାୟକ, ବିଜେଡିର ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ସାମଲ, ବିଜେଡି ଜିଲା ସମ୍ପାଦକ ଇ. ଭେଙ୍କଟରାଓ, ଯୁବ ବିଜେଡି ସମ୍ପାଦକ ପ୍ରଶାନ୍ତ କୁମାର ଜେନା ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ରାଜ୍ୟ ସମ୍ପାଦକ ସରୋଜ କରଙ୍କ ସମେତ ଅନେକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।






## ସଂକ୍ଷେପରେ

### ଟ୍ୟାଙ୍କର ଧକ୍କାରେ ଜଣେ ମୃତ, ହାବିଲଦାର ଗୁରୁତର

ପାଣିକୋଇଲି,୨୫।୧୧(ବିକାଶ ମଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବ୍ରଜନଗର ନିକଟରେ ସୋମବାର ରାତିରେ ଏକ ଟ୍ୟାଙ୍କର ମାଡ଼ି ଆସିବାରୁ ରାସ୍ତାକଡରେ ଥିବା ମାଧାପୁର ଗ୍ରାମର ରଞ୍ଜନ ଜେନା(୩୬)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ସେଠାରେ ମୁତୟନ ଥିବା ପାଣିକୋଇଲି ଥାନାର ହାବିଲଦାର ସୁଲୋଚନ ବେହେରା ଗୁରୁତର ହୋଇଛନ୍ତି। ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଲୋକମାନେ ରାଜପଥକୁ ଅବରୋଧ କରିଥିଲେ । ପୋଲିସ ଉତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଏହି ଖବର ଲେଖା ବେଳକୁ ରାସ୍ତା ଅବରୋଧ ଜାରି ରହିଛି ।

### ବିରଜା ମନ୍ଦିର ପ୍ରକଳ୍ପ କାମ ଧାର୍ଯ୍ୟ ସମୟରେ ଶେଷ ହେବ: ଜିଲାପାଳ

ଯାଜପୁର ସଦର,୨୫।୧୧(ସମର ବିଜୟ ଶରଣ): ଯାଜପୁରର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଜିଲା ପ୍ରଶାସନ ନଜର ରଖିଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ଗତ କିଛିଦିନ ହେବ ବିରଜା ମନ୍ଦିରର ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକୁ ବିରୋଧ ଅବା ସାଲିସ କରାଯାଉଛି ବୋଲି ଗୁଜବ ପ୍ରଚାର ହେଉଛି। ଏତଦ୍ୱାରା ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଉଛି ଯେ ବିରଜା ମନ୍ଦିର ଉନ୍ନୟନ ପ୍ରକଳ୍ପ କାମ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ହେବ । ପୁନଶ୍ଚ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ମନ୍ଦିର ପରିବେଶ ସୌନ୍ଦର୍ଯ୍ୟକରଣ ଏବଂ ମା' ବିରଜାଙ୍କ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ପାଇଁ ନୂତନ ପ୍ରକଳ୍ପ ପାଇଁ ପଦକ୍ଷେପ ନିଆଯିବ। ବିରଜା ହାଟ ବିଷୟରେ ସମସ୍ତ ଅଂଶୀଦାର ବିରଜା ମନ୍ଦିର ସେବାୟତ ଗୋଷ୍ଠୀ ଓ ପ୍ରତିନିଧି ଏବଂ ଚାଷୀମାନଙ୍କୁ ନେଇ ଏହାର ସମାଧାନର ସୂତ୍ର ବାହାର କରାଯିବ। ବିରଜା ହାଟ ପାଇଁ ସମସ୍ତଙ୍କ ସହମତିରେ ଏବଂ ମତାମତରେ ଯେମିତି ବିରଜା ପ୍ରକଳ୍ପ କାମ ଉପରେ କୌଣସି ପ୍ରଭାବ ପଡିବ ନାହିଁ ଏବଂ ସବୁ କାମ ଠିକ୍ ସମୟରେ ଶେଷ ହେବ ସେହିପରି ନିଷ୍ପତ୍ତି ନିଆଯିବ । ବିରଜା ପ୍ରକଳ୍ପ ଯୋଜନା ଯେମିତି ଥିଲା ଠିକ ସେହି ଆଧାରରେ ଚାଲୁ ରହିଛି ବୋଲି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ପ୍ରକାଶ କରିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ପ୍ରୀତିପୁର,୨୫।୧୧(ସୁଶାନ୍ତ ବେହୁରିଆ ): ରବିବାର ସନ୍ଧ୍ୟାରେ ଦଶରଥପୁର ବ୍ଲକ ଅଧୀନ ଅବିଭକ୍ତ ପାଲଟପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ରାୟ(୯୦)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଖବରଦାତାରୁ କାର୍ଯ୍ୟ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନ,ସାମାଜିକ କାର୍ଯ୍ୟରେ ନିୟୋଜିତ ଥିଲେ। ତାଙ୍କ ବିୟୋଗରେ ଭାଜପା ଜିଲା ସଭାପତି ଗୌତମ ରାୟ, ବିଜେଡି ଜିଲା ସଭାପତି ସରୋଜ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

# ବିରଜା ହାଟକୁ ନେଇ ରାଜନୈତିକ କଳି ତେଜୁଛି

- ବିରୋଧ ପଛରେ କାରଣକୁ ନେଇ ପ୍ରଶ୍ନବାଚୀ
- ରବିବାର ବନ୍ଦ ହେଲା ହାଟ
- ଯାଜପୁର ସହର, ସଦର ଅଞ୍ଚଳରେ ଧାରା ୧୬୩ ଲାଗୁ

ଯାଜପୁର,୨୫।୧୧ (ହର୍ଷବର୍ଦ୍ଧନ ବେହେରା)


ବିରଜା ମନ୍ଦିର ନିକଟରେ ଥିବା ବିରଜା ଅଗ୍ନେଶ୍ୱର ହାଟ ।

ଯାଜପୁର ଟାଉନ୍‌ର ବିରଜା ହାଟକୁ ନେଇ ରାଜନୈତିକ କଳି ତେଜିବାରେ ଲାଗିଛି। ବିଜେଡି ଓ ଭାଜପା ନେତାମାନେ ପରସ୍ପରକୁ ଦୋଷାରୋପ କରୁଛନ୍ତି। ଏପରିକି ଏହାକୁ ନେଇ ଆଇନ ଶୃଙ୍ଖଳା ସ୍ଥିତି ଜଟିଳ ହେଉଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ଯାଜପୁର ସହର ଓ ସଦର ଅଞ୍ଚଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଲାଗୁ କରାଯାଇଛି। ଏହାସହ ରବିବାର ପ୍ରଥମ କରି ବିରଜା ହାଟ ବନ୍ଦ ହୋଇଛି। ଫଳରେ ଶତାଧିକ କ୍ଷୁଦ୍ରବ୍ୟବସାୟୀଙ୍କ ଜୀବିକା ପ୍ରଭାବିତ ହୋଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବିରଜା ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଆବଶ୍ୟକ ପଡ଼ିଲେ ଆହୁରି ଅନୁଦାନ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ବିରୋଧୀଙ୍କ ଅକଲ ଗୁଡୁମ୍ ହୋଇଯାଇଥିବା ଚର୍ଚ୍ଚା ଜୋର ଧରିଛି।

ବିରଜା ମନ୍ଦିର ସନ୍ନିକଟ ଅଞ୍ଚଳରେ କେଉଁ ପୁରୁଣା ସମୟରୁ 'ବିରଜା ଅଗ୍ନେଶ୍ୱର ହାଟ' ପ୍ରତି ବୁଧବାର ଓ ରବିବାର ଚାଲୁରହିଥିଲା। ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଭଳି ସେଠାରେ ହାଇଟେକ୍ ହାଟ ନିର୍ମାଣ କରିଯିବ ବୋଲି ୨୦୨୩ରେ ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ। ତଦନୁଯାୟୀ ଜିଲା ପ୍ରଶାସନ ପକ୍ଷରୁ ବିରଜା ହାଟକୁ ସାମୟିକ ସମୟ ପାଇଁ ସ୍ଥାନାନ୍ତର କରିବାକୁ ଯୋଜନା ହୋଇଥିଲା। ପରେ ୨୦୨୪ରେ ହାଟକୁ ସନ୍ଥମାଧବ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ବ୍ୟବସାୟ ହେଲାନାହିଁ, ଚାଷୀମାନେ କ୍ଷତିଗ୍ରସ୍ତ ହେଲେ। ଉକ୍ତ ଜାଗା ଅନୁପଯୋଗୀ ହୋଇଥିବାରୁ ଲୋକେ ସେଠାକୁ ଗଲେନାହିଁ। ଏନେଇ ହାଟର ବ୍ୟବସାୟୀ ଓ ଚାଷୀମାନେ ବିଭିନ୍ନ ସମୟରେ ପ୍ରଶାସନ ପାଖରେ ଲିଖିତ ଭାବେ ଜଣାଇଥିଲେ। ତେଣୁ ଜିଲା ପ୍ରଶାସନ ବ୍ୟବସାୟୀ ଓ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୁରୁଣା ସ୍ଥାନରେ ବିରଜା ହାଟକୁ ଚଳାଇବାକୁ ଅନୁମତି ଦେଇଥିଲେ। ତଦନୁଯାୟୀ ଗତ ବୁଧବାର (୨୦ ତାରିଖରେ) ପୁରୁଣା ସ୍ଥାନରେ ହାଟ ବସିଥିଲା। ଏହାକୁ ବିଜେଡି ବିରୋଧ କରିଥିଲା। ବିଜେଡି ସରକାର ସମୟରେ ନୂଆ ହାଟ କରିବା ପାଇଁ ପଦକ୍ଷେପ ନିଆଯାଇଥିବାରୁ ଦଳୀୟ କର୍ମୀମାନେ ପୁରୁଣା ସ୍ଥାନରେ ହାଟ ଚଳାଇବା ନେଇ ପ୍ରଶାସନ ଅନୁମତିକୁ ବିରୋଧ କରିଥିଲେ। ଏଥିପାଇଁ ସେମାନେ ଗତ ବୁଧବାର ବୁଢ଼ାପୋଲ ନିକଟରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏହି ସମୟରେ ସେହି ବାଟ ଦେଇ ଆସୁଥିବା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ(ଲିକୁ)ଙ୍କୁ ବିଜେଡି କର୍ମୀମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାସହ ହାଟକୁ ଯାଉଥିବା ବ୍ୟବସାୟୀ ଏବଂ ଚାଷୀମାନଙ୍କୁ ଅଟକାଇବା, ଧମକାଇବା ଆକ୍ରମଣ କରିବା ଏବଂ ଟଙ୍କା ଛଡ଼ାଇ ନେବା ନେଇ ଅଭିଯୋଗ ହୋଇଛି। ଏନେଇ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ଭାଇ ଭବ ପ୍ରସାଦ ଦାସ(ଲଲ)ଙ୍କ ସମେତ ୧୯ଜଣଙ୍କୁ ଗିରଫ କରାଯାଇଥିବାବେଳେ ଟାଉନ ଓ ସଦର ଥାନାରେ ୧୭ଟି ମାମଲା ରୁଜୁ ହୋଇଛି।

ଲଲଙ୍କ ଗିରଫଦାରିକୁ ଜିଲା ବିଜେଡି ପକ୍ଷରୁ ଅଗଣତାନ୍ତ୍ରିକ କୁହାଯିବା ସହ ପୋଲିସ ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୁରୁଣା ସ୍ଥାନରେ ବିରଜା ହାଟ ଚାଲିବାକୁ ବିରୋଧ ଆଳରେ ଲୋକଙ୍କୁ ଉସୁକାଇବା, ଜୀବନଜୀବିକା ପାଇଁ ସଂଗ୍ରାମ କରୁଥିବା ବ୍ୟବସାୟୀଙ୍କ ଆସବାବପତ୍ର ଫୋପାଡି ଦେବା ଏବଂ ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ପଛର ମୁଖ୍ୟ କାର୍ଫଟଦାରଙ୍କୁ ପ୍ରଶାସନ ସୁରକ୍ଷା ଦେଉଥିବା ଚର୍ଚ୍ଚା ହେଉଛି। ବିରଜା ହାଟର ସ୍ୱତନ୍ତ୍ରତା ରହିଛି। ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପର ବିକାଶ କାର୍ଯ୍ୟରେ ଏହି ହାଟ କୌଣସି ପ୍ରତିବନ୍ଧକ ନୁହେଁ। ବିରଜା ହାଟକୁ ସ୍ଥାନାନ୍ତର ପାଇଁ ଉଦ୍ୟମ କରୁଥିବା କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜମିଜମା ସ୍ୱାର୍ଥ ରହିଛି ବୋଲି ଜିଲା ସାରା ଚର୍ଚ୍ଚା ହେଉଛି। ଭାଜପା ନେତାମାନେ କହୁଛନ୍ତି ଯେ, ଏବେ ମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏଥିପାଇଁ ଆବଶ୍ୟକ ଜାଗା ପରେ ମଧ୍ୟ ଅବଶିଷ୍ଟାଂଶ ୧ ଏକର ଜାଗା ରହିଛି। ସେଠାରେ ହାଟ ହୋଇପାରିବ। ଏହାସମେତ ଏହି ସ୍ଥାନକୁ ଲାଗି ଜାଗା ମାଲିକ ହାଟକୁ ଅଧିକ ଜାଗା ଦେବାପାଇଁ ଜିଲା ପ୍ରଶାସନ ପାଖରେ ଲିଖିତ ଆକାରରେ ପ୍ରତିଶ୍ରୁତି ଦେଇଛନ୍ତି। ଏଣୁ ହାଟ ହେଲେ ବିରଜା ମନ୍ଦିର ପ୍ରକଳ୍ପ କ୍ଷତିଗ୍ରସ୍ତ ହେବନାହିଁ ବୋଲି ଭାଜପା ନେତାମାନେ କହି ଆସୁଛନ୍ତି। ତେଣୁ କେଉଁ ସ୍ୱାର୍ଥରେ ବିରଜା ହାଟକୁ ସ୍ଥାନାନ୍ତର ଉଦ୍ୟମ କରାଯାଉଛି ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

# ଭୁବନେଶ୍ୱର କିସ୍ ଚାମ୍ପିୟନ



## ମହିଳା କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

ଯାଜପୁରରୋଡ଼,୨୫।୧୧(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗରର ଦଳାସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଖେଳ ପଡ଼ିଆରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ରାଜ୍ୟର ୧୦ ଜୋନ୍ ଚାମ୍ପିୟନ ମହିଳା କବାଡ଼ି ଟିମ୍ ମଧ୍ୟରେ ଚାଲିଥିବା ୨ଦିନିଆ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ ପୁରୀର ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟକୁ ହରାଇ ଭୁବନେଶ୍ୱରର କିସ୍ ଚାମ୍ପିୟନ ହୋଇଛି। ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅଶୋକ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ମ୍ୟାଚ ଯାଜପୁରରୋଡ଼ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ କିସ୍ ୫୧ ପଏଣ୍ଟରେ ହରାଇ ଫାଇନାଲକୁ ଉନ୍ନିତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅହଲ୍ୟାଦୀପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଲିପଦରକୁ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୨୫ ପଏଣ୍ଟରେ ହରାଇ ଫାଇନାଲକୁ ଉନ୍ନିତ ହୋଇଥିଲା। ଶେଷରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ କିସ୍ ୩୨ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛି । ଏହି ଖେଳକୁ ରମେଶଚନ୍ଦ୍ର ପଣ୍ଡା,ସାନ୍ତନୁ ମଲିକ, ସୁରେଶ ଚନ୍ଦ୍ର ସାହୁ, ବିବିତା ନାୟକ ଓ ଜୟୀରାମ ମାଝୀ ପ୍ରମୁଖ ପରିଚାଳନା କରିଥିଲେ। ଅନୁରାଧା ଦାସ, ଶୁଭଶ୍ରୀ ପାଲ ଓ ଶୁଭସ୍ମିତା ରାଉତ ପ୍ରମୁଖ ସହଯୋଗ କରିଥିଲେ।

ପୁରସ୍କାର ବିତରଣ ଉତ୍ସବ ଆଇଜିଏମ୍ କଲେଜର ଅଧ୍ୟକ୍ଷା ପଙ୍କଜିନୀ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ କୋରାଇ କାହ୍ନୁଚରଣ ଡିଗ୍ରୀ ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି ଡ.ଦୁଷ୍ମନ୍ତ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ଜେନା, ଅଧ୍ୟାପକ ଅରୁଣ କୁମାର ମିଶ୍ର, ଜ୍ୟୋତିପ୍ରକାଶ ରାଉତ ପ୍ରମୁଖ ଯୋଗଦେଇ କିସ୍‌କୁ ଚାମ୍ପିୟନ ଟ୍ରଫି ଓ ରାଧାବଲ୍ଲଭ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଟିମ୍‌କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଏହି ୧୦ ଚାମ୍ପିୟନ ଟିମ୍‌ର ଖେଳାଳୀଙ୍କ ମଧ୍ୟରୁ ୧୨ ଜଣଙ୍କୁ ଓଡ଼ିଶା ଟିମ୍ ପାଇଁ ଚୟନ କରାଯାଇଥିଲା।

# ବିଞ୍ଝାରପୁର ବ୍ଲକରେ ମିଳିତ ଜନଶୁଣାଣି ଶିବିର



ବିଞ୍ଝାରପୁର,୨୫।୧୧(ରାମକୃଷ୍ଣ ଦାସ): ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଏହି ଜନଶୁଣାଣୀ ଶିବିରରେ ଅଧ୍ୟକ୍ଷତା କରିବା ସହ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ନ୍ୟାୟିକ ବ୍ୟବସ୍ଥାରେ ଲୋକମାନଙ୍କ ଅଧିକାରକୁ ପ୍ରାଧାନ୍ୟ ଦେବା ଏବଂ ସେମାନଙ୍କ ସମସ୍ୟା ତଥା ଅଭିଯୋଗଗୁଡିକୁ ତୁରନ୍ତ ସମାଧାନ କରି ପରିଚାଳନାରେ ସ୍ଥିରତା, ସ୍ୱଚ୍ଛତା ଆଣିବା ଏହି ଶିବିରର ଆଭିମୁଖ୍ୟ ବୋଲି ଜିଲାପାଳ କହିଥିଲେ । ଏହି ଜନଶୁଣାଣୀ ଶିବିରରେ ଆବାସ ଯୋଜନା ,ଚିକିତ୍ସା ସହାୟତା, ବାର୍ଦ୍ଧକ୍ୟ ଭତ୍ତା ଆଦି ଉପରେ ବହୁ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ମୋଟ ୧୨୪ ଅଭିଯୋଗ ମଧ୍ୟରୁ ୫୨ ବ୍ୟକ୍ତିଗତ ଓ ୧୦ ସାମୁହିକ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୫୨ ଆବେଦନ ପତ୍ର ମିଳିଥିଲା। ତତ୍କାଳ ୬୨ ଆବେଦନର ସମାଧାନ କରାଯାଇଥିଲା । ଅବଶିଷ୍ଟ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଯସପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଉପଜିଲାପାଳ ଅଂଶୁମାନ ଶତପଥୀ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ବିଡ଼ିଓ ଦିବ୍ୟେନ୍ଦୁ ଦାସ, ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ଜିଲା ସୂଚନା ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଉଦ୍‌ଯାପିତ ହେଲା ଉଦୟଗିରି ବୁଦ୍ଧ ମହୋତ୍ସବ

ଚଣ୍ଡିଖୋଲ,୨୫।୧୧(ପ୍ରଦୀପ୍ତ କୁମାର ପୃଷ୍ଟି)


ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁରଠାରେ ଆରମ୍ଭ ହୋଇଥିବା ପଞ୍ଚଦଶ ଉଦୟଗିରି ବୁଦ୍ଧ ମହୋତ୍ସବ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ ସମିତିର ଅଧ୍ୟକ୍ଷା ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦୟାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲାପାଳ ଶୁଭେନ୍ଦୁ ମୋହନ ସାମଲ, ସମ୍ମାନୀତ ଅତିଥି ବିଶିଷ୍ଟ ଭାଷାବିତ୍ ଡ.ସୁବ୍ରତ ପୃଷ୍ଟି ଓ ବୌଦ୍ଧ ଗବେଷକ ପ୍ରକାଶ ଚନ୍ଦ୍ର ନାୟକ ଯୋଗଦେଇ ଭାରତରେ ଥିବା ବୌଦ୍ଧ କୀର୍ତ୍ତିରାଜି ମଧ୍ୟରେ ଉଦୟଗିରିରୁ ଆବିଷ୍କୃତ କୀର୍ତ୍ତିରାଜି ଅନ୍ୟତ୍ର ମିଳେ ନାହିଁ। ଏହାର ସୁରକ୍ଷା ଓ ସଂରକ୍ଷଣ ଉପ୍ରରେ ଗୁରୁତ୍ୱ ଦେବାକୁ ସେ ଦାବି କରିଥିଲେ। ସମିତିର ଆବାହକ ମହେଶ୍ୱର ବଳ ଉଦୟଗିରିର ସମସ୍ୟା ଓ ଉନ୍ନତୀକରଣ ନେଇ ବିବରଣୀ ପ୍ରଦାନ କରିଥିଲା ବେଳେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଡ.ଭାଗ୍ୟଧର ସାହୁ। ଏହି ଅବସରରେ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ର ଓ ଆଶିଷ ପାଢ଼ୀଙ୍କ ଭାରତ ନାଟ୍ୟମ ଦ୍ୱାରା ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପରିବେଶ କର୍ମୀ ଅନିଲ କୁମାର ଦାସ, ସନ୍ତୋଷ କୁମାର ବଳ ଓ ସୁଧୀର କୁମାର ସାମଲଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶଟସର୍କିଟରେ ଜଳିଗଲା କ୍ୟାବିନ

### ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ

ଧର୍ମଶାଳା, ୨୫।୧୧(ବଟକୃଷ୍ଣ ପରିଡା ): ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଦେଉଳି ଛକ ନିକଟରେ କ୍ୟାବିନରେ ଥିବା ଏକ ଦୋକାନରେ ରବିବାର ରାତିରେ ଶଟସର୍କିଟରୁ ନିଆଁ ବହୁ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି ।

ସୂଚନା ଅନୁଯାୟୀ, କୁମାରୀ ଗ୍ରାମର ଶିବ ପ୍ରସାଦ ରଣା ଦେଉଳି ଛକ ନିକଟରେ ଏକ କ୍ୟାବିନରେ ଭେରାଇଟି ଷ୍ଟୋର କରିଥିଲେ। ରବିବାର ରାତିରେ ଶିବ ଦୋକାନ ବନ୍ଦ କରି ଘରକୁ ଆସିଥିଲେ । ରାତି ଗୋଟାଏ ସମୟରେ ତାଙ୍କ କ୍ୟାବିନ ପୋଡି ଯାଉଥିବା ସ୍ଥାନୀୟ ଲୋକେ ତାଙ୍କୁ ଫୋନ କରି ଜଣାଇଥିଲେ । ଶିବ ଓ ତାଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ । ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିଥିଲେ । ହେଲେ ସେତେବେଳେକୁ କ୍ୟାବିନଟି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା । କ୍ୟାବିନରେ ଥିବା ଫ୍ରିଜ ,ଗ୍ୟାସ ଟାଙ୍କି ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଛି । ଏଥିରେ ଶିବଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି।

# ଜିନ୍ଦଲ ଷ୍ଟେନଲେସକୁ ସୁରକ୍ଷା ଉତ୍କର୍ଷ ପାଇଁ ଆପେକ୍ସ ପ୍ଲାଟିନମ ପୁରସ୍କାର

କଳିଙ୍ଗନଗର,୨୫।୧୧(ଶୁଭାଶିଷ ରାଉତ): କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼ କାରଖାନାକୁ ମେଟାଲ ଏବଂ ମାଇନିଂ ସେକ୍ଟରରେ ନିରାପତ୍ତା ଉତ୍କର୍ଷତା ପାଇଁ ଅପେକ୍ସ ପ୍ଲାଟିନମ ପୁରସ୍କାରରେ ସମ୍ମାନିତ କରାଯାଇଛି। ଗତ ୨୩ ତାରିରେ ଆପେକ୍ସ ଇଣ୍ଡିଆ ଫାଉଣ୍ଡେଶନ ଦ୍ୱାରା ଗୋଆସ୍ଥିତ ତାଜ ସିଡେଡ୍ ହେରିଟେଜ ହୋଟେଲରେ ୨୦୨୪ ବର୍ଷ ପାଇଁ ନବମ ଆପେକ୍ସ ଇଣ୍ଡିଆ ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପୁରସ୍କାର ବିତରଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କେନ୍ଦ୍ର ଶକ୍ତି, ନୂତନ ଓ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ମନ୍ତ୍ରୀ ଶ୍ରୀପଦ ୟେସୋ ନାୟକ ପୁରସ୍କାର ପ୍ରଦାନ କରିଥିଲେ । ଆପେକ୍ସ ପ୍ଲାଟିନମ ପୁରସ୍କାର ହେଉଛି କମ୍ପାନୀର ଆଦର୍ଶ ସୁରକ୍ଷା ରେକର୍ଡ ଏବଂ କର୍ମକ୍ଷେତ୍ରର ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଏହାର ନିରନ୍ତର ପ୍ରତିବଦ୍ଧତା । ପ୍ଲାଣ୍ଟ ଅଗ୍ନି ଏବଂ ନିରାପତ୍ତା ଦଳର ଦୃଢ ନେତୃତ୍ୱରେ କଳିଙ୍ଗନଗର କାରଖାନା ଏକ ଶୂନ୍ୟ ଦୁର୍ଘଟଣା ରେକର୍ଡକୁ ବଜାୟ ରଖିଛି । କ୍ରମାଗତ ଭାବେ କାର୍ଯ୍ୟକ୍ଷମତା ପ୍ରଦର୍ଶନ କରିଛି । ଏହି ପୁରସ୍କାର ଅନ୍ତର୍ଜାତୀୟ ବ୍ରିଟିଶ ସୁରକ୍ଷା ପରିଷଦ ପୁରସ୍କାର, କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର, ଆପେକ୍ସ ଇଣ୍ଡିଆ ଏକ୍ସଲେନ୍ସ ଆୱାର୍ଡ ଏବଂ ସିଆଇଆଇ ପୁରସ୍କାର ସମେତ ଜିନ୍ଦଲ ଷ୍ଟେନଲେସ ଯାଜପୁର ପାଇଁ ସ୍ୱୀକୃତିର ଏକ ଚମତ୍କାର ତାଲିକାରେ ଯୋଡିଛି ।

ଏହି ସଫଳତା ବିଷୟରେ ୟୁନିଟ ହେଡ ଦୀପକ ଅଗ୍ରୱାଲ କହିଛନ୍ତି, ସୁରକ୍ଷା କେବଳ ଅଭ୍ୟାସ ନୁହେଁ ବରଂ ଏହା ଏକ ମୂଲ୍ୟ ଯାହା ଜିନ୍ଦଲ ଷ୍ଟେନଲେସ ସଂସ୍କୃତିରେ ଅନ୍ତର୍ଭୁକ୍ତ । ଏହି ପୁରସ୍କାର ଆମର କର୍ମଜୀବୀମାନଙ୍କ ପାଇଁ ଏକ ନିରାପଦ ଏବଂ ସ୍ଥାୟୀ ପରିବେଶ ସୃଷ୍ଟି କରିବାକୁ ଆମର ପ୍ରତିବଦ୍ଧତାକୁ ଦୃଢ କରେ । ଏହାକୁ ସମ୍ଭବ କରିବା ପାଇଁ ଆମ କର୍ମଚାରୀ ତଥା ଶ୍ରମିକମାନଙ୍କ ଉତ୍ସର୍ଗକୁ ମୁଁ ପ୍ରଶଂସା କରୁଛି।

ଏମ୍‌ପି ମନୋଜ ତିୱାରୀ, ଅବସରପ୍ରାପ୍ତ ପ୍ରମୁଖ ସାଧାରଣ ପ୍ରତିରକ୍ଷା ଏବଂ ଭାରତ ଟେଡେକସ ଏକ୍ସପର୍ଟ ପି.କେ.ଶୈଗଲ, ଅବସରପ୍ରାପ୍ତ ମହାନିର୍ଦ୍ଦେଶକ, ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଆବେଶ ସିଂ ଏବଂ ଅତିରିକ୍ତ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଡ: ଏସ୍.କେ.ଗୁରୁକିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ କମ୍ପାନୀ ତରଫରୁ ଅଗ୍ନି ଏବଂ ନିରାପତ୍ତା ଦଳର ମୁଖ୍ୟ ମନୋଜ ବଳ ଏହି ପୁରସ୍କାର ଗ୍ରହଣ କରିଥିଲେ।


କମ୍ପାନୀର ଅଗ୍ନି ଏବଂ ନିରାପତ୍ତା ଦଳର ମୁଖ୍ୟ ମନୋଜ ବଳ ପୁରସ୍କାର ଗ୍ରହଣ କରୁଛନ୍ତି ।

# ରମାଦେବୀ ଓ ବିକଶିତ ଓଡ଼ିଶା ଶୀର୍ଷକ ଆଲୋଚନାଚକ୍ର


ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ।

ଧର୍ମଶାଳା,୨୫।୧୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଉତ୍ତର ପ୍ରତାପ ଗ୍ରାମ ପଞ୍ଚାୟତ ଅଧୀନ ନରସିଂହପୁରସ୍ଥିତ ଶ୍ରୀ ଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟରେ ମା'ରମାଦେବୀଙ୍କ ୧୨୫ ତମ ଜୟନ୍ତୀ ଅବସରରେ ମା'ରମାଦେବୀ ଓ ବିକଶିତ ଓଡ଼ିଶା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କୃଷ୍ଣ ଚନ୍ଦ୍ର ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ରମାଦେବୀ ପ୍ରାକ୍ ସ୍ୱାଧୀନତା ପରବର୍ତ୍ତୀ ସ୍ୱାଧୀନ ଭାରତରେ ଓଡ଼ିଶା ପ୍ରାନ୍ତରେ ନାରୀ ସଶକ୍ତିକରଣର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଅଭିହିତ କରିଥିଲେ। ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ସୁଜାତା ଦାସ ସଂଯୋଜନା କରି ମା'ରମାଦେବୀ ହେଉଛନ୍ତି ଓଡ଼ିଆ ନାରୀମାନଙ୍କର ସ୍ୱାଭିମାନ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ରମାଦେବୀଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥଲେ। ଅନ୍ୟତମ ଅତିଥି ସର୍ବୋଦୟ କର୍ମୀ ରମାକାନ୍ତ ମଣ୍ଡଳ ରମାଦେବୀ ହରିଦାସପୁର ରେଳ ଷ୍ଟେଶନଠାରୁ ଉତ୍ତରପ୍ରତାପ ଗ୍ରାମପଞ୍ଚାୟତର ବେଦୀପୁର ଗ୍ରାମ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ତାଙ୍କ ସେବାକୁ ମନେପକାଇ ଆଜିର ବିକଶିତ ଓଡ଼ିଶାରେ ରମାଦେବୀଙ୍କ ଚିନ୍ତାଧାରାର ଆବଶ୍ୟକତା ଅଛି ବୋଲି ଅଭିହିତ କରିଥଲେ। ସମ୍ମାନିତ ଅତିଥି ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ରମାଦେବୀଙ୍କ ଜୀବନୀ ଉପରେ ଆଲୋକପାତ କରିଥଲେ। ମୁଖ୍ୟବକ୍ତା ସମ୍ପାଦକ ଗୋପବନ୍ଧୁ ରମାଦେବୀ ଆଶ୍ରମର ସମ୍ପାଦକ ନିମାଇଁ ରାୟ ଆଧୁନିକ ଓଡ଼ିଶା ଓ ରମାଦେବୀ ଭାବନା ସମ୍ପର୍କରେ ଆଲୋଚନା କରିଥଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଅଧ୍ୟାପିକା ପ୍ରମିଳା ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଧ୍ୟାପକ ସୁରେଶ ଚନ୍ଦ୍ର ଲେଙ୍କା, ଗୌରୀ ଶଙ୍କର ମିଶ୍ର, ଅଧ୍ୟାପିକା ମନ୍ଦାକିନୀ ରାଉତ, କର୍ମଚାରୀ ପ୍ରଶାନ୍ତ କୁମାର ପଣ୍ଡା, ହେମନ୍ତ କୁମାର ଦାସ ଓ ଶତାଧିକ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ବିଡିଓଙ୍କ କାର୍ଯ୍ୟାଳୟରେ ଅଧ୍ୟକ୍ଷା, ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା

**ନାଉଗାଁ, ୨୫।୧୧ (ସୁଧା ବେହୁରା)**

ନାଉଗାଁ ପଞ୍ଚାୟତ ସମିତି ଅଧିବେଶନ ସ୍ଥଗିତ ଥିବା ଯୋଗୁ ସୋମବାର ପଞ୍ଚାୟତ ପ୍ରତିନିଧିମାନେ ବିରୋଧ କରିଛନ୍ତି। ଏନେଇ ବ୍ଲକ ଅଧ୍ୟକ୍ଷା ତୃପ୍ତି ଲେଙ୍କାଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନେ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବରପାଇ ଥାନା ଦାୟିତ୍ୱରେ ଥିବା ଏସ୍‌ଆଇ ନୀଳମଣି ନାୟକ, ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ଧାରଣାରତ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ, ମାତ୍ର କୌଣସି ସୁଫଳତା ମିଳି ନ ଥିଲା। ପରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

୨୨ ନଭେମ୍ବର ୨୦୨୪ରେ ନାଉଗାଁ ସପ୍ତମ ପଞ୍ଚାୟତ ସମିତି ଅଧିବେଶନ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ବୈଠକର ୧୫ ଦିନ ପୂର୍ବରୁ ଏନେଇ ବିଭାଗୀୟ ଅଧିକାରୀ, ବିଧାୟକ, ଏମ୍‌ପି, ପଞ୍ଚାୟତ ପ୍ରତିନିଧିମାନଙ୍କୁ ଚିଠି ଦ୍ୱାରା ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଅଧିବେଶନ ସମ୍ପର୍କରେ କୌଣସି ସୂଚନା ବିଡିଓଙ୍କ ପକ୍ଷରୁ ଦିଆଯାଇ ନ ଥିଲା। ଏନେଇ ଅଧ୍ୟକ୍ଷା ତୃପ୍ତି ଲେଙ୍କାଙ୍କ ସମେତ


ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ବ୍ଲକ ଅଧ୍ୟକ୍ଷା, ପଞ୍ଚାୟତ ପ୍ରତିନିଧିମାନେ ଧାରଣା ଦେଇଛନ୍ତି।

ପଞ୍ଚାୟତ ପ୍ରତିନିଧିମାନେ ନଭେମ୍ବର ୧୮ରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏପରିକି ନଭେମ୍ବର ୨୨ରେ ପଞ୍ଚାୟତ ସମିତି ଅଧିବେଶନ କରା ନ ଗଲେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ବିଡିଓ ତପନ ମହାପାତ୍ରଙ୍କୁ ପଚାରିବାରେ, ନଭେମ୍ବର ୨୨ରେ ପଞ୍ଚାୟତ ସମିତି ଅଧିବେଶନ କରିବାକୁ ଅଧ୍ୟକ୍ଷାଙ୍କ ଦ୍ୱାରା ସମୟ ଧାର୍ଯ୍ୟ କରାଯାଇଥିଲା। ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ପଞ୍ଚାୟତ ସମିତି କମିଟିରେ ସଦସ୍ୟ ରହିଛନ୍ତି, ତେଣୁ ଏ ସମ୍ବନ୍ଧରେ ମହାପାତ୍ର ବିଧାୟକ ଦାସଙ୍କ ସହ କଥା ହୋଇଥିଲେ। ବିଧାନସଭା ଅଧିବେଶନ ନିମନ୍ତେ ସେ

- ୪ ମାସ ମଧ୍ୟରେ ପଞ୍ଚାୟତ ସମିତି ଅଧିବେଶନ ନ ହେବାରୁ ବିରୋଧ
- ଏହା ପୂର୍ବର ୨ ଅଧିବେଶନରେ ୯ ଓ ୬ ମାସର ବ୍ୟବଧାନ ଥିଲା

ବ୍ୟସ୍ତ ଥିବାରୁ ଏହାପରେ ପଞ୍ଚାୟତ ସମିତି ଅଧିବେଶନ କରିବାକୁ ଦାସ କହିଥିଲେ। ଏ ସମ୍ପର୍କରେ ଉପଜିଲାପାଳ ତରାଇଙ୍କୁ ପଚାରିବାରେ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧିଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଧାନସଭା ଅଧିବେଶନ ଶେଷ ହେବା ପରେ ପଞ୍ଚାୟତ ସମିତି ଅଧିବେଶନ ହେବ ବୋଲି ତରାଇ କହିଛନ୍ତି।

ସୂଚନାଯୋଗ୍ୟ, ବ୍ଲକର ପୂର୍ବ ପଞ୍ଚାୟତ ସମିତି ଅଧିବେଶନଗୁଡ଼ିକୁ ଅନୁଧ୍ୟାନ କଲେ ଦୀର୍ଘଦିନ ପରେ ବୈଠକ ଆୟୋଜନ କରାଯାଇଛି। ଏପରିକି ଗୋଟିଏ ଅଧିବେଶନରୁ ଅନ୍ୟ ଅଧିବେଶନ ମଧ୍ୟରେ ଦୀର୍ଘ ମାସର ବ୍ୟବଧାନ ରହିଛି। ୨୯ ଅପ୍ରେଲ ୨୦୨୨ରେ ଏହି ପଞ୍ଚାୟତ ସମିତିରେ ୩ୟ ଅଧିବେଶନ ଅନୁଷ୍ଠିତ ହୋଇଥିବାବେଳେ ୪ର୍ଥ ଅଧିବେଶନ ଦୀର୍ଘ ୯ ମାସ ପରେ ଅର୍ଥାତ୍ ଜାନୁଆରୀ ୨୦୨୩ରେ ହୋଇଥିଲା। ସେହିପରି ୫ମ ଅଧିବେଶନ ୨୦ ଡିସେମ୍ବର ୨୦୨୩ ହୋଇଥିବା ବେଳେ ୬ଷ୍ଠ ଅଧିବେଶନ ଦୀର୍ଘ ୬ ମାସ ପରେ ଅର୍ଥାତ୍ ୧୦ ଜୁଲାଇ ୨୦୨୪ରେ ଆୟୋଜନ କରାଯାଇଥିଲା। ଏବେ ୪ ମାସ ତଳେ ଅଧିବେଶନ ହୋଇଥିବାବେଳେ ୨୨ତାରିଖ ଅଧିବେଶନ ସ୍ଥଗିତ ହେବାରୁ ଅଧ୍ୟକ୍ଷା ଓ ପଞ୍ଚାୟତ ପ୍ରତିନିଧିମାନେ ଧାରଣା ଦେଇଥିଲେ। ପୂର୍ବରୁ ଦୀର୍ଘଦିନ ଧରି ପଞ୍ଚାୟତ ସମିତି ଅଧିବେଶନ ହେଉ ନ ଥିଲେ ମଧ୍ୟ ଅଧ୍ୟକ୍ଷା ଓ ପଞ୍ଚାୟତ ପ୍ରତିନିଧିମାନେ ଧାରଣା ଦେଉ ନ ଥିଲେ। ଏ ସମ୍ପର୍କିତ ଖବର ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେତେବେଳେ ବ୍ଲକ ଅଧ୍ୟକ୍ଷା ଲେଙ୍କାଙ୍କୁ ଏ ସମ୍ପର୍କରେ ପଚାରିବାରୁ ବିଧାୟକ ସମୟ ଦେଉ ନ ଥିବା କହିଥିଲେ। ଏବେ ମାତ୍ର ୪ ମାସ ତଳେ ଅଧିବେଶନ ହୋଇଥିବାବେଳେ କ'ଣ ପାଇଁ ଧାରଣା ଦିଆଯାଇଛି ବୋଲି ସୋମବାର ମୋବାଇଲ ଯୋଗେ ପଚାରିବାରେ ଲେଙ୍କା କଲ୍ କାଟି ଦେଇଥିଲେ। ଏହି ଧାରଣାରେ ବ୍ଲକ ଉପାଧ୍ୟକ୍ଷ ସୁଜିତ ପୁହାଣ, ନୂଆଗାଁ ସମିତି ସଭ୍ୟା ସୁଶ୍ରୀ ଶ୍ରାବଣୀ ରାୟ, ଗଳଦାରୀ ସମିତି ସଭ୍ୟାଲକ୍ଷ୍ମୀପ୍ରିୟା ସ୍ୱାଇଁ, ତେରିକି ସରପଞ୍ଚ ପ୍ରଶାନ୍ତ ଜେନା, କୋରୁଆ ସମିତି ସଭ୍ୟ ପପୁ ରଞ୍ଜନ ମଲ୍ଲିକ, ଓଷକଣା ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ, ତିରୁଣା ସରପଞ୍ଚ ଲକ୍ଷ୍ମୀଧର ବିଶ୍ୱାଳ, ଜାମୁଗାଁ ସରପଞ୍ଚ ଓ ସମିତି ସଭ୍ୟ ସାମିଲ ହୋଇ ନ ଥିଲେ।

# ରେଢୁଆ ବିସି କଲେଜ ସତ୍ୟାଗ୍ରହ ସ୍ଥଗିତ


ବିଧାୟକ ସତ୍ୟାଗ୍ରହ ସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

**ରଘୁନାଥପୁର, ୨୫।୧୧ (ରାଜେନ୍ଦ୍ର ନାରାୟଣ ସିଂହ)**

- ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ଦାବିରେ ଧାରଣା ଦିଆଯାଇଥିଲା
- ଏମ୍‌ପି ଓ ବିଧାୟକଙ୍କ ପ୍ରତିଶ୍ରୁତି ଉପରେ ଆସ୍ଥା ପ୍ରକଟ କଲେ ଅଞ୍ଚଳବାସୀ

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନଚନ୍ଦ୍ର ମହାବିଦ୍ୟାଳୟ(ବିସି)ରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ଦାବିରେ ୧୫ ଦିନ ଧରି ରେଢୁଆ ଆଞ୍ଚଳିକ ବିକାଶ ପରିଷଦ ଆନୁକୂଲ୍ୟରେ ଚାଲିଥିବା ଗଣସତ୍ୟାଗ୍ରହ ସୋମବାର ସ୍ଥଗିତ ହୋଇଯାଇଛି। ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଓ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇଙ୍କ ପ୍ରତିଶ୍ରୁତି ଉପରେ ଆସ୍ଥା ପ୍ରକଟ କରି ଅଞ୍ଚଳବାସୀ ସତ୍ୟାଗ୍ରହକୁ ସାମୟିକ ସ୍ଥଗିତ ରଖିଥିବା ପରିଷଦର କର୍ମକର୍ତ୍ତା ସ୍ନେହାଂଶୁ ଜେନା ଓ ଦେବୀପ୍ରସାଦ ମହାରଣା ପ୍ରକାଶ କରିଛନ୍ତି। ରେଢୁଆରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ଦାବିରେ ନଭେମ୍ବର ୧୧ରୁ ଆଞ୍ଚଳିକ ବିକାଶ ପରିଷଦ, ରେଢୁଆ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି ଧାରଣାରେ ସାମିଲ ହେବାରୁ ଏହା ଛାତ୍ର ଆନ୍ଦୋଳନରେ ପରିଣତ ହୋଇଥିଲା। କ୍ରମଶଃ ଏହି ଦାବି ପ୍ରତି ଜନ ସମର୍ଥନ ବୃଦ୍ଧି ପାଇଥିଲା। ଶନିବାର ଏମ୍‌ପି ତରାଇ ୧୦ରୁ ୧୫ ଦିନ ମଧ୍ୟରେ ଦାବିପୂରଣ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ଫୋନ୍ ଯୋଗେ ପ୍ରତିଶ୍ରୁତି ଦେଇଥିଲେ। ସୋମବାର ମଧ୍ୟାହ୍ନରେ ତିର୍ତ୍ତୋଲ ବିଧାୟକ ଡ.ଭୋଇ ସତ୍ୟାଗ୍ରହସ୍ଥଳକୁ ଆସି ଦାବି ପ୍ରତି ନିଜର ସମର୍ଥନ ପ୍ରଦାନ କରି ଦାବିପୂରଣ ପାଇଁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଧାରଣାରେ ଶୁଭାଶିଷ ସ୍ୱାଇଁ, ସୌଭାଗ୍ୟ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ରମାକାନ୍ତ ରଣା, ଗଗନ ବିଶ୍ୱାଳ, ବିକ୍ରମ କେଶରୀ ମହାନ୍ତି, ଲିଟୁ ମଲ୍ଲିକ, ଅନିମା ପ୍ରିୟଦର୍ଶନୀ ନାୟକ, ପ୍ରଭାତୀ ଚୌଧୁରୀ, ଶ୍ରଦ୍ଧାସୁମନ ମହାନ୍ତି, ରିମା ବେହେରା, ପଦ୍ମଜା ଭୋଳ, ଋତୁପର୍ଣ୍ଣା ବେହେରା, ସ୍ମୃତି ସୌନ୍ଦର୍ଯ୍ୟ ସ୍ୱାଇଁ, ସ୍ୱସ୍ତି ସୌନ୍ଦର୍ଯ୍ୟ ସ୍ୱାଇଁ, ରାନୀପ୍ରଭା ନାୟକ, ଅଭିନନ୍ଦନ ମହାନ୍ତି, ଅମ୍ବିକା ପ୍ରସାଦ ମହାରଣା, ସ୍ମୃତି ରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ମାନ୍ୟତା ନ ମିଳିଲେ ଆନ୍ଦୋଳନ

**କେନ୍ଦ୍ରାପଡ଼ା ୨୫।୧୧ (ଜଗନ୍ନାଥ ଧଳ)**

ପଟ୍ଟାମୁଣ୍ଡାଇ ରାଜସ୍ୱ ସବ୍‌ଡିଭିଜନ ପ୍ରତିଷ୍ଠା ପାଇଁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ଦୀର୍ଘ ୧୮ବର୍ଷ ହେଲା ଆନ୍ଦୋଳନ, ଧାରଣା, ଅନଶନ, ଜନସ୍ୱାର୍ଥ ମାମଲା ଜାରି ରହିଆସୁଛି। କିଛିବର୍ଷ ହେବ ଦଳମତ ନିର୍ବିଶେଷରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ମହଲରୁ ବିପୁଳ ଜନସମର୍ଥନ ରହି ଆସିଛି। ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ମାନ୍ୟତା ଦାବିରେ ସୋମବାର କେନ୍ଦ୍ରାପଡ଼ା ଛାତ୍ର କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଛି। କେନ୍ଦ୍ରାପଡ଼ା ଛାତ୍ର କଂଗ୍ରେସ ସଭାପତି ବିଭୁ ପ୍ରସାଦ ଜେନା ସମ୍ମିଳନୀରେ ଅଧ୍ୟକ୍ଷତା କରି କହିଥିଲେ, ଆସନ୍ତା ବିଧାନସଭା ପୂର୍ବରୁ ଯଦି ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ମାନ୍ୟତା ଦାବିକୁ ପୂରଣ ନ କରାଯାଏ ତେବେ ଆନ୍ଦୋଳନ କରାଯିବ। ଦରକାର ରାଜ୍ୟ ସରକାରଙ୍କ କୌଣସି ବିଧାୟକ, ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏମିତିକି ମୁଖ୍ୟମନ୍ତ୍ରୀଙ୍କୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପୂରାଇ ଦିଆଯିବ ନାହିଁ। ଯଦି ଏଥିରୁ ବାଦ୍ ପଡ଼ନ୍ତି ତା'ହେଲେ ସରକାରଙ୍କୁ ଅଣ୍ଡାମାଡ଼କରି ସ୍ୱାଗତ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଯଦି ଭାଜପା ସରକାର ଏହି ଦାବିକୁ ଗୁରୁତର ସହ ନ ନିଅନ୍ତି ତା'ହେଲେ ୨୬ତାରିଖରେ ହେବାକୁ ଥିବା ବିଧାନସଭାକୁ ଅଚଳ କରି ଦିଆଯିବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି।

୧୯୯୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ରାଜ୍ୟରେ ୧୩ଟି ଜିଲାକୁ ୩୦କୁ ବୃଦ୍ଧି ସହ ଉପଖଣ୍ଡ ମାନ୍ୟତା ବେଳେ ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଘୋଷଣା କରାଯିବ ବୋଲି କହିଥିଲେ। ମାତ୍ର ୨୪ ବର୍ଷର ବିଜେଡି ଶାସନରେ ପଟ୍ଟାମୁଣ୍ଡାଇକୁ ଉପଖଣ୍ଡ ମାନ୍ୟତା ଦେବା ପରିବର୍ତ୍ତେ ପ୍ରଶାସନିକ ଚକ୍ରାନ୍ତରେ ସୀମା ପୁନଃ ନିର୍ଦ୍ଧାରଣ ସମୟରେ ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ସତ୍ତାକୁ ଲୋପ କରି ଦିଆଗଲା। ଏହା ଅଞ୍ଚଳବାସୀଙ୍କ ଭାବାବେଗକୁ କୁଠାରାଘାତ କରିଛି। ଭାଜପା ସରକାର ଗଢ଼ିଛି, ଦୀର୍ଘ ବର୍ଷ ହେଲା ବିଚାରାଧୀନ ଥିବା ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧିବଦ୍ଧ ଭାବେ କେବେ ଘୋଷଣା କରିବେ ସେନେଇ ଅଞ୍ଚଳବାସୀ ତାଙ୍କ ଉପରେ ଅନେକ ଆଶା ରଖିଛନ୍ତି।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଓ ଅନ୍ୟମାନେ।

# ଶିକ୍ଷକ ବଦଳି ପ୍ରତିବାଦରେ ଛାତ୍ର, ଅଭିଭାବକଙ୍କ ଧାରଣା


କାଳିଓ ପଞ୍ଚାୟତ ତଣ୍ଡାଉଣୀ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣା ଦେଇଛନ୍ତି।

**ବାଲିକୁଦା, ୨୫।୧୧ (ତାପସ ସ୍ୱାଇଁ)**

ଶିକ୍ଷକବଦଳିକୁନେଇ ଆନ୍ଦୋଳନ ତେଜିଛି। ବଦଳି ହୋଇଥିବା ଶିକ୍ଷକଙ୍କୁ ପୁଣି ଫେରାଇ ଆଣିବାକୁ ଗାଁ ଲୋକେ ଅଡ଼ି ବସିଛନ୍ତି, ସେମାନଙ୍କ ସହ ବିଦ୍ୟାଳୟର କୁନି ପିଲାମାନେ ମଧ୍ୟ ସାମିଲ ହୋଇଛନ୍ତି । ଏନେଇ ସୋମବାର ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି। କାଳିଓ ପଞ୍ଚାୟତ ତଣ୍ଡାଉଣୀ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସମ୍ବିତ ମହାପାତ୍ରଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିବାରୁ ଏହି ସମସ୍ୟା ଉପୁଜିଛି। ବିଦ୍ୟାଳୟରେ ପୂର୍ବରୁ ୪ ଜଣ ଶିକ୍ଷକ ଥିଲା ବେଳେ ୨ ମାସ ପୂର୍ବେ ଏଠାରୁ ଜଣଙ୍କୁ ଅନ୍ୟତ୍ର ବଦଳି କରି ନିଆଯାଇଥିଲା। ଏବେ ସମ୍ବିତଙ୍କୁ ବଦଳି କରାଯାଇଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୋମବାର ସକାଳ ୧୦ଟା ପୂର୍ବରୁ ବିଦ୍ୟାଳୟ ଫାଟକ ଆଗରେ ଅଭିଭାବକମାନେ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଧାରଣାରେ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ତଥା ପଞ୍ଚାୟତ ସମିତି ସଦସ୍ୟ ସମୀର ସେନାପତି ଓ ଉପସଭାନେତ୍ରୀ ରୀନାରାଣି ପୋଲେଇ ମଧ୍ୟ ସାମିଲ ହୋଇଥିଲେ। ଫଳରେ ବିଦ୍ୟାଳୟ ଭିତରକୁ ଶିକ୍ଷୟିତ୍ରୀମାନେ ପଶି ନ ପାରି ବହୁ ସମୟ ଧରି ବାହାରେ ଛିଡ଼ା ହୋଇ ରହିଥିଲେ। ଏନେଇ ଅଭିଭାବକମାନଙ୍କ ଆଲୋଚନା ପରେ ସେମାନଙ୍କୁ ବିଦ୍ୟାଳୟ ପରିସରକୁ ଛଡ଼ା ଯାଇଥିଲେ ସୁଦ୍ଧା କୌଣସି ଛାତ୍ରୀଛାତ୍ର ବିଦ୍ୟାଳୟ ଭିତରକୁ ନ ଯାଇ ଧାରଣାରେ ବସି ରହିଥିଲେ। ଖବରପାଇ ସିଆର୍‌ସିସି ପ୍ରବୀର ଲେଙ୍କା ପହଞ୍ଚି ଆନ୍ଦୋଳନରତ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇ ନ ଥିଲା। ଏହାପରେ ସିଆରସିସି ଲେଙ୍କା ଫେରିଯାଇଥିବାବେଳେ ଧାରଣା ଜାରି ରହିଛି। ଏହି ଧାରଣାରେ ରାକେଶ ପାତ୍ର, ହେମନ୍ତ ଦାସ, ଲକ୍ଷ୍ମୀପ୍ରିୟା ମହାରଣା, ଭାରତୀ ଭୋଳ, ଅଞ୍ଜନା ଭୋଳ, ରୁବି ପୋଲେଇ, ସାଗରିକା ଭୋଳ, ଝରଣା ମହାପାତ୍ର, ପ୍ରମିଳା ଦେଈ, ଝୁନି ପୋଲେଇ, କବିତା ପୋଲେଇ, ରୁନି ପୋଲେଇ, ପ୍ରମିଳା ମଲ୍ଲିକ, ବାସନ୍ତୀ କାଣ୍ଡି ଓ ପୂର୍ଣ୍ଣିମା ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

# ମଣ୍ଡିରେ ଶୁଷ୍କ, ସଫା ଧାନ ପ୍ରଦାନ କର

**ତିର୍ତ୍ତୋଲ, ୨୫।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)**

**ଧାନର ମାନ ନିରୂପଣ ପ୍ରଶିକ୍ଷଣ ଶିବିର**

ମଣ୍ଡିରେ ଶୁଷ୍କ ଓ ସଫା ଧାନ ପ୍ରଦାନ କରି ଚାଷୀମାନେ ସରକାରଙ୍କ ଦ୍ୱାରା ଧାର୍ଯ୍ୟମୂଲ୍ୟ ପାଇପାରିବେ ବୋଲି ବକ୍ତାମାନେ କହିଛନ୍ତି। ତିର୍ତ୍ତୋଲ ସେବା ସମବାୟ ସମିତି ତରଫରୁ ଧାନର ମାନ ନିରୂପଣ ପ୍ରଶିକ୍ଷଣ ଶିବିର ସୋମବାର ସ୍ଥାନୀୟ କୁମାର ଉତ୍ସବ ନିକଟ ଜୟପ୍ରକାଶ ମଇଦାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଓ ଅଧିକାରୀ ଯୋଗଦେଇ ଉପରୋକ୍ତ ସୂଚନା ଦେଇଥିଲେ। ଏହି ଶିବିରରେ ତିର୍ତ୍ତୋଲ ସେବା ସମବାୟ ସମିତିର ସଭାପତି ସୁଶାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୂର୍ଯ୍ୟନାରାୟଣ ଦାସ, ଆର୍‌ଏମସି ଅଧିକାରୀ ସୌମ୍ୟରଞ୍ଜନ ଦାସ, ସମିତି ସମ୍ପାଦକ ସୁଧୀର କୁମାର ସ୍ୱାଇଁ, ପୂର୍ବତନ ସଭାପତି ବିରଞ୍ଚି ନାରାୟଣ ମହାପାତ୍ର, ଡିଓ ଚିରଞ୍ଜୀବୀ ରାଉଳ, ପୂର୍ବତନ ସିସିବି ପରିଚାଳକ ଫକୀର ଚରଣ ସ୍ୱାଇଁ, ଜଡ଼ତିରା ସରପଞ୍ଚ ଶିବପ୍ରସାଦ ସାହୁ, ତିର୍ତ୍ତୋଲ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ସମିତିସଭ୍ୟ ପ୍ରବୀର ରାୟ, କବିତା ଦାସ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସାହୁ, ଉତ୍ତମ ମହାନ୍ତି ଓ ଅନିଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।


ଶିବିରରେ ଯୋଗଦେଇଥିବା ଅତିଥିମାନେ।

# କର୍ମଚାରୀଙ୍କ ବଦଳି, ବାଇଓମେଟ୍ରିକ୍‌କୁ ଗୁରୁତ୍ୱ

**ରଘୁନାଥପୁର, ୨୫।୧୧ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭା କକ୍ଷରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠିଗତ ଓ ବ୍ୟକ୍ତିଗତଭାବେ ମୋଟ୍ ୯୦ଟି ଅଭିଯୋଗ ହୋଇଥଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତା, ଜିଲା ମୁଖ୍ୟ ବିକାଶ ଅଧିକାରୀ ରବି ନାରାୟଣ ଜେଠି, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଏସ୍‌ଡିପିଓ ଚିନ୍ମୟ ରାଉତ, ତହସିଲଦାର ଅଭିପ୍ସା ପଟ୍ଟନାୟକ ଓ ଦାୟିତ୍ୱରେ ଥିବା ବିଡିଓ ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

ଏହି ଅବସରରେ ବ୍ଲକ, ତହସିଲ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ କର୍ମଚାରୀଙ୍କ ବଦଳି ହେଉ ନ ଥିବା ଓ ସବୁ ସରକାରୀ କାର୍ଯ୍ୟାଳୟରେ ବାଇଓମେଟ୍ରିକ୍ ସିଷ୍ଟମ ଲଗାଯାଇ ନ ଥିବା ଅଭିଯୋଗ କରି ତୁରନ୍ତ ପଦକ୍ଷେପ ନେବାକୁ ସାମାଜିକ କର୍ମୀ ସରିତ ମହାପାତ୍ର ଦାବି କରିଥିଲେ। ସେହିପରି ଚଞ୍ଚକତାପୂର୍ଣ୍ଣ ଭାବେ ତାଁରା ପଞ୍ଚାୟତରେ ଏକ ନିର୍ଦ୍ଦିଷ୍ଟ ମହିଳା ଗ୍ରୁପ୍‌କୁ ପୋଖରୀ ନିଲାମରେ ଦିଆଯାଇଥିବା ନେଇ ସ୍ଥାନୀୟ ଅଧିବାସୀ ବାସୁଦେବ ଦାସ ଅଭିଯୋଗ କରିଥିଲେ। ଏନେଇ ଉକ୍ତ ନିଲାମ ବାତିଲ କରିବାକୁ ସେ ଦାବି କରିଥିଲେ। ଏହାଛଡ଼ା ଗୋକୁଳପୁର ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ ଉକ୍ତ ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେଶନରେ ପଠାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଆଦେଶକୁ ରଦ୍ଦ କରିବା ପାଇଁ ଦାବି ହୋଇଥିଲା। ରେଢୁଆ କ୍ଲଷ୍ଟରରେ ଜଣେ ବିବାଦୀୟ ଶିକ୍ଷୟିତ୍ରୀଙ୍କୁ ଅସ୍ଥାୟୀ ଭାବେ ସିଆର୍‌ସିସି ଦାୟିତ୍ୱ ଦିଆଯାଇଥିବା, ପୂରଣ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କୁ ଅନ୍ୟ ଏକ ସ୍କୁଲକୁ ତିନିଦିନିଆ ଡେପୁଟେଶନରେ ପଠାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏତ୍‌ଦବ୍ୟତୀତ ରାଢ଼ଙ୍ଗରେ ନିର୍ମିତ ହେଉଥିବା ଧାନ ପିଣ୍ଡିକୁ ବହୁମୁଖୀ କାର୍ଯ୍ୟରେ ବ୍ୟବହୃତ ଉଦ୍ଦେଶ୍ୟରେ ନିର୍ମାଣ କରାଯିବା, ଗ୍ରାମ୍ୟ ସମସ୍ୟା, ରାଶନ କାର୍ଡ, ଆବାସ ଗୃହ, ଜମିଜମା, ଭତ୍ତା ଓ ପୋଲିସ ସହାୟତା ପାଇଁ ଅଭିଯୋଗ କରଯାଇଥିଲା।

**ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି**
- ୯୦ ଅଭିଯୋଗ ପଞ୍ଜୀକୃତ
- ଶିକ୍ଷକ ଡେପୁଟେଶନ ମୁଖ୍ୟ ସମସ୍ୟା

ଏହି ଅବସରରେ ୬ ଅଭିଯୋଗର ତତ୍କାଳ ଫଇସଲା କରଯାଇଥିଲା। ଏବିଡିଓ ଜ୍ଞାନଦା ନାୟକ, ଜିପିଓ ସ୍ମାରକ ମହାନ୍ତି ଓ ହେଡ ଆସିଷ୍ଟାଣ୍ଟ ବିଜୟ କୁମାର ମଲ୍ଲିକ ଶିବିରରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଓ କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।


ଜନଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

# ସାଂସ୍କୃତିକ କାର୍ଯ୍ୟକ୍ରମ ସତ୍ତ୍ୱେ ଚେୟାର ଫାଙ୍କା


ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଫାଙ୍କା ପଡ଼ିଥିବା ଚେୟାର।

**ଜଗତ୍‌ସିଂହପୁର, ୨୫।୧୧ (ପ୍ରମୋଦ ନାୟକ)**

**ସରିଲା ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା**
- ୨୭ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା

ଜଗତସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ୨ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାକୁ ଆକର୍ଷଣୀୟ ସହ ଅଧିକ ସଂଖ୍ୟକ ଲୋକଙ୍କୁ ବିଭାଗୀୟ ଯୋଜନାଗୁଡ଼ିକର ଲାଭ ଉଠାଇବା ପାଇଁ ସଚେତନତା ସୃଷ୍ଟି କରିବା ମୂଳ ଲକ୍ଷ୍ୟ ଥିଲା। କିନ୍ତୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ଏପରିକି ସରକାର ଉତ୍ସବକୁ ସଫଳ କରିବା ପାଇଁ ୨୬.୮୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ ସୁଦ୍ଧା ଏଥିରେ ବାଟମାରଣା ହୋଇଥିବା ଚର୍ଚ୍ଚା ହେଉଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସତ୍ତ୍ୱେ ଚେୟାର ଫାଙ୍କା ପଡ଼ିବା ଅଭିଯୋଗର ସତ୍ୟତାକୁ ପ୍ରତିପାଦିତ କରୁଛି।

ଉତ୍ସବର ଉଦ୍‌ଘାଟନୀ ଦିବସରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଏକାଧିକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସମୃଦ୍ଧ ଜଗତ୍‌ସିଂହପୁର ଏବଂ ଓଡ଼ିଶା ଗଠନରେ ସମସ୍ତଙ୍କ ସହଭାଗିତା ଆବଶ୍ୟକ ଅଛି ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତାଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଦୁଗ୍ଧ ଚାଷୀଙ୍କ ପାଇଁ ଅଧିକ ସମବାୟ ସମିତି ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଲା ଗାଈଗୋରୁଙ୍କ ପାଇଁ ୯୦% ରିହାତିରେ ଗୋଶାଳା ସ୍ଥାପନ ପାଇଁ ସରକାର ପଦକ୍ଷେପ ନେଉଥିବା କହିଥିଲେ। ଜିଲାପାଳ ଜେ. ସୋନାଲ ପୌରୋହିତ୍ୟ କରି କହିଥିଲେ, ଆସନ୍ତା ୫/୬ ବର୍ଷ ଭିତରେ ଚାଷୀଙ୍କ ଆୟ ବହୁଗୁଣିତ ହେବା ସମ୍ଭାବନା ରହିଛି। ଦ୍ୱିତୀୟ ଦିବସରେ ଚାଷୀ ଓ ବୈଜ୍ଞାନିକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର ପ୍ରମୁଖ ବୈଜ୍ଞାନିକ ଡ. କୃଷ୍ଣ ଚନ୍ଦ୍ର ଦାସ, ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମଣ ସାହୁ, ପୁରୀ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ (ମତ୍ସ୍ୟ) ଅମ୍ବିକା ପ୍ରସାଦ ନାୟକ ଏବଂ ସହକାରୀ କାର୍ଯ୍ୟକର୍ତ୍ତା (ମତ୍ସ୍ୟ) ସରିତା ଦାସ ପ୍ରମୁଖ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ଅପରାହ୍ନରେ ପତିତପାବନ ଲୋକ ନୃତ୍ୟ ସଂସ୍ଥା ଦ୍ୱାରା ଏକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା। ପରେ ସାଧାରଣ ସଭା ଆୟୋଜନ ହୋଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କୈଳାସ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଭୋଇ ଚାଷୀ ଭଉଣୀ, ଭାଇଙ୍କୁ ପଶୁପାଳନ କରି ନିଜର ଗୁଜୁରାଣ ମେଣ୍ଟାଇବା ସହ ପ୍ରାଣୀଧନରେ ଦେଶର ମାନବୃଦ୍ଧି ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଜିଲାର ସମସ୍ତ ଗ୍ରାମ ପଞ୍ଚାୟତରେ ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରିବା ସହିତ ଗୋ ପାଳନ କରିବା ପାଇଁ ଅନୁରୋଧ କରିଥିଲେ। ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକର ସୁଫଳ ଲୋକଙ୍କ ନିକଟରେ କିପରି ପହଞ୍ଚି ପାରିବ ତା'ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ରେଶମା ରାଣୀ ସିଂ ସ୍ୱାଗତ ଭାଷଣ ଓ ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ସିମ୍ପୋନି ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କିନ୍ତୁ ଦୁଃଖର କଥା, ଚେୟାର ଫାଙ୍କା ପଡ଼ିଥିଲା। ଯଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକ ନ ଥିଲେ, ତେବେ ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକ କିପରି ହୋଇଥିବ ତାହା ସହଜେ ଅନୁମେୟ ବୋଲି ଅନେକ ଅଭିଯୋଗରେ କହିଛନ୍ତି।

# ଓଡ଼ଗାଁ ଏନ୍ଏସି: ଆଗେ କାମ ପଛେ ଟେଣ୍ଡରକୁ ନେଇ ପ୍ରତିବାଦ

- ଭାଜପାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା
- ସହକାରୀ ଯନ୍ତ୍ରୀ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ଅଟକ
- ୩୧ ଲକ୍ଷ ୧୩ ହଜାର ୮୧୯ ଟଙ୍କାର ଟେଣ୍ଡର

ଓଡ଼ଗାଁ, ୨୫ା୧୧
(ଆଦର୍ଶ କୁମାର ପଟ୍ଟନାୟକ)


ଓଡ଼ଗାଁ ଏନଏସି କାର୍ଯ୍ୟାଳୟ ଆଗରେ ଭାଜପା ନେତା ଓ କର୍ମୀମାନେ ଧାରଣା ଦେଇଛନ୍ତି।

ସମ୍ପ୍ରତି ନୂତନ ରାଜ୍ୟ ସରକାର ଦୁର୍ନୀତି ମୁକ୍ତ ଶାସନ ନିମନ୍ତେ କାର୍ଯ୍ୟାରମ୍ଭ କରିଛନ୍ତି। ପୂର୍ବ ସରକାରଙ୍କ ଦୁର୍ନୀତି ଧରିବାକୁ ଉପରୁ ତଳ ପର୍ଯ୍ୟନ୍ତ କର୍ମୀ ସ୍ତରରେ ଲାଗି ପଡ଼ିଥିବାବେଳେ ନୟାଗଡ଼ ଜିଲା ଓଡ଼ଗାଁ ଏନ୍ଏସି ଓ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହିକ୍ରମରେ ଓଡ଼ଗାଁ ଏନ୍ଏସି ଦ୍ୱାରା ୬ଟି ଉନ୍ନୟନ ପ୍ରକଳ୍ପ ନିମନ୍ତେ ୩୧ ଲକ୍ଷ ୧୧ ହଜାର ୮୧୯ ଟଙ୍କା ପାଇଁ ଟେଣ୍ଡର ବିଜ୍ଞାପନ ଆହ୍ୱାନ କରାଯାଇଥିଲା। ଏହାକୁ ନେଇ ଏନ୍ଏସି ଓ ବ୍ଲକସ୍ତରୀୟ ଭାଜପା କର୍ମୀ ଓ ନେତା ପ୍ରଶ୍ନ ଉଠାଇବା ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣାରେ ବସିଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ ପ୍ରାୟ ୭ ବର୍ଷ ହେଲା ଓଡଗାଁ ଏନ୍ଏସି ଘୋଷଣା ହେବା ସହ କାର୍ଯ୍ୟକାରୀ ହୋଇଥିଲେ ସୁଦ୍ଧା ଅଦାଲତରେ ମାମଲା ଥିବା ଦର୍ଶାଇ ଏଯାବତ୍ ନିର୍ବାଚନ ହୋଇନାହିଁ। ଫଳରେ ପୂର୍ବ ସରକାର ଅମଳରେ ଏହାକୁ ଏକ ଚାଟିଆ ଭାବେ ଅଣ ନିର୍ବାଚିତଙ୍କ ଦ୍ୱାରା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ପରିଚାଳନା କରାଯାଇଥିଲା। ଏପରିସ୍ଥଳେ ନିଶ୍ଚିତ ବିଜୟ ଓ ସରକାର ଗଠନର ଦ୍ୱାହି ଦେଇ ନିର୍ବାଚନ ପୂର୍ବରୁ ସରକାରୀ ଅଧିକାରୀଙ୍କ ଅନିଚ୍ଛା ସତ୍ତ୍ୱେ କୋଟି କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟକୁ ବିନା ଟେଣ୍ଡରରେ ସମାପନ କରାଯାଇଥିବା ଅଭିଯୋଗ ହେଉଛି। ହେଲେ ଏହାର ସୂଚନା ସମସ୍ତଙ୍କ ନିକଟରେ ରହିଥିଲେ ସୁଦ୍ଧା କେହିବି ମୁହଁ ଖୋଲିବାକୁ ସାହାସ ଜୁଟାଇ ପାରୁ ନ ଥିଲେ।

ଏପରିସ୍ଥଳେ ଏନ୍ଏସି ୧ ନମ୍ବର ୱାର୍ଡ ବିଲମାନପୁର ପୋଖରୀ ପୁନରୁଦ୍ଧାର ନିମନ୍ତେ ୮୪,୭,୪୫୮, ୩ ନମ୍ବର ୱାର୍ଡ ପାଇକ ସାହିରେ ସିମେଣ୍ଟ ରୋଡ, ଡ୍ରେନ ମରାମତି ଲାଗି ୫୩,୩,୦୫୦, ୬ ନମ୍ବର ୱାର୍ଡ ଧୋବାସାହିରେ ସିମେଣ୍ଟ ରୋଡ ଓ ଡ୍ରେନ ମରାମତି ପାଇଁ ୬୦,୨,୧୧୮, ରାମ ସାଗର ପୋଖରୀରେ ହେଡ ୱାଲ ନିର୍ମାଣ ସହ ପାଇପ ଲାଇନ ସମ୍ବନ୍ଧିତ ଅନୁଷଙ୍ଗିକ କାର୍ଯ୍ୟ ପାଇଁ ୩୩,୧, ୩୫୬, ଏନ୍ଏସି କାର୍ଯ୍ୟାଳୟ ଶୌଚାଳୟ ଓ ଷ୍ଟୋର ନବୀକରଣ ଲାଗି ୨୨,୯,୬୬୨ ଓ ୧୫ ନମ୍ବର ୱାର୍ଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନିକଟରେ ଶୌଚାଳୟ ନିର୍ମାଣ ନିମନ୍ତେ ୫୭, ୦୧୭୫ ଟଙ୍କା ଏହିପରି ସମୁଦାୟ ୬ ପ୍ରକଳ୍ପ ପାଇଁ ୩୧ ଲକ୍ଷ ୩ ହଜାର ୮୧୯ ଟଙ୍କାର ଅନୁଦାନର ବିନିଯୋଗ ଲାଗି ଚଳିତ ମାସ ୧୩ ତାରିଖରେ ଟେଣ୍ଡର ନୋଟିସ୍ ନମ୍ବର ୧୬୭୦ ଅନୁସାରେ ଟେଣ୍ଡର ଆହ୍ୱାନ କରାଯାଇଥିବା ନେଇ ଭାଜପା କର୍ମୀମାନେ ଅଭିଯୋଗ କରିଛନ୍ତି।

ଏସବୁ କାର୍ଯ୍ୟ ନିର୍ବାଚନ ପୂର୍ବରୁ କିମ୍ବା ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ବିନା କାର୍ଯ୍ୟାଦେଶରେ ଶେଷ କରାଯାଇଥିବା ଗନ୍ଧ ଭାଜପା ହାତରେ ଲାଗିଥିବା ଅଭିଯୋଗ କରିବା ସହ ଏହାକୁ ଏନ୍ଏସି କାର୍ଯ୍ୟାଳୟ ପକ୍ଷରୁ ଟେଣ୍ଡର ଘୋଟାଲାର ଆଖ୍ୟା ଦିଆଯାଇଛି। ଆଗେ କାମ ପରେ ଟେଣ୍ଡର କରାଯାଇଥିବା ନେଇ ସେମାନେ ଅଭିଯୋଗ କରିବା ସହ ସୋମବାର କାର୍ଯ୍ୟାଳୟ ଖୋଲିବା ମାତ୍ରେ ନିର୍ବାହୀ ଅଧିକାରୀଙ୍କୁ ପଚାରିବାକୁ ଉଦ୍ୟମ କରିଥିଲେ। ନିର୍ବାହୀ ଅଧିକାରୀ ଛୁଟିରେ ଥିବାରୁ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ସହକାରୀ ଯନ୍ତ୍ରୀ ସତ୍ୟ ନାରାୟଣ ସାହୁଙ୍କୁ ଏହାର ସତ୍ୟାସତ୍ୟ ପଚାରି ଥିଲେ। ହେଲେ ସମସ୍ତ କାର୍ଯ୍ୟ ଆଗରୁ ସରିଥିବା ବେଳେ ୧୩ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିବା କଥାକୁ ସେ ସ୍ୱୀକାର କରିଥିବା ଜିଲାପାଳଙ୍କ ସମେତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଉପଜିଲାପାଳ ତଥା ଓଡ଼ଗାଁ ଏନ୍ଏସି ନିର୍ବାହୀ ଅଧିକାରୀ, ନଗର ଉନ୍ନୟନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ମେଲ ଯୋଗେ ଜଣାଇଥିବା କହିଛନ୍ତି। ଅନ୍ୟପକ୍ଷେ ଟେଣ୍ଡର ଦୁର୍ନୀତିର ପର୍ଦ୍ଦାଫାଶ କରିବା ନିମନ୍ତେ ମଣ୍ଡଳ ଭାଜପା ସମ୍ପାଦକ ସଞ୍ଜୟ କୁମାର ସାହୁଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣ ଅବ୍ୟାହତ ରଖିଛନ୍ତି। ଏପରିକି ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ତଥା ସହକାରୀ ଯନ୍ତ୍ରୀ ସାହୁ ୮ ଘଣ୍ଟା ହେଲା କାର୍ଯ୍ୟାଳୟ ଭିତରୁ ବାହାରକୁ ବାହାରି ପାରୁ ନ ଥିବା ବେଳେ ଏକ ରକମ ଅଟକ ରହିଛନ୍ତି। ଏ ନେଇ ସନ୍ଧ୍ୟାରେ ସ୍ଥାନୀୟ ପୋଲିସ ଏବଂ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ପହଞ୍ଚି ଧାରଣରତ ଭାଜପା କର୍ମୀଙ୍କୁ ବୁଝାଶୁଝା କରୁଥିବା ଜଣାଯାଇଛି। ହେଲେ ଏ ସମ୍ପର୍କରେ ଉପସ୍ଥିତ ଥିବା ସହକାରୀ ଯନ୍ତ୍ରୀ ସାହୁଙ୍କ ମତାମତ ନେବାରେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ସରିଥିବା କଥାକୁ କେତେକାଂଶରେ ସ୍ୱୀକାର କରିଥିଲେ। ହେଲେ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ଅସୁସ୍ଥତା କାରଣରୁ ଛୁଟିରେ ଥିବାରୁ ତାଙ୍କର ମତାମତ ମିଳିପାରିନାହିଁ।

# କୁଆଁରିଆ ସେତୁ ନିର୍ମାଣରେ ବିଳମ୍ବକୁ ନେଇ ଅସନ୍ତୋଷ

## ସେତୁ ପାର୍ଶ୍ୱରେ ଅସ୍ଥାୟୀ ରାସ୍ତା ନିର୍ମାଣ ଦାବି

ଖଣ୍ଡପଡ଼ା, ୨୫ା୧୧
(ଅଜୟ କୁମାର ମହାରଣା)

କୋସଜା– ଆଡ଼କଟା ପୂର୍ତ୍ତ ବିଭାଗ ରାସ୍ତା ମଧ୍ୟରେ ଥିବା କୁଆଁରିଆ ସେତୁ ଭାଙ୍ଗିବାର ପ୍ରାୟ ୨ବର୍ଷ ବିତିଲାଣି। ହେଲେ ନୂତନ ସେତୁ ନିର୍ମାଣ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ କୋସକାଠାରୁ ନିକଟସ୍ଥ ଆଡ଼କଟା ଛକକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଅବସ୍ଥିତ କୁଆଁରିଆ ସେତୁଟି ୨ ବର୍ଷ ତଳେ ଦବି ଯାଇ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯିବା ପରେ ଉକ୍ତ ରାସ୍ତା ଦେଇ ଯାନବାହନ ଚଳାଚଳ ବନ୍ଦ ରହିଛି। ଫଳରେ ଉକ୍ତ ରାସ୍ତା ଦେଇ ଦଶପଲ୍ଲା, ଆଡ଼କଟା ଓ ଗଣିଆ ଅଞ୍ଚଳକୁ ଯାତାୟତ ନିମନ୍ତେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡ଼ିଛି। ସେତୁ ଭାଙ୍ଗି ଯିବା ପରେ ବିକଳ୍ପ ଭାବେ ଯାନବାହନ ଗୁଡ଼ିକ ଶରଧାପୁର, ରୟତଡୋଳମରା ଗ୍ରାମ ଦେଇ ଯାତାୟାତ କରୁଥିବା ବେଳେ ଅଣଓସାରିଆ ରାସ୍ତା ଯୋଗୁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ କୁଆଁରିଆ ନଦୀ ଉପରେ ଉଚ୍ଚତମ ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାଙ୍ଗି ଯାଇଥିବା କୁଆଁରିଆ ସେତୁ ନିକଟରେ ନୂତନ ସେତୁ ନିର୍ମାଣ ହେବା ପର୍ଯ୍ୟନ୍ତ ଏକ ବିକଳ୍ପ ରାସ୍ତା ନିର୍ମାଣ ନିମନ୍ତେ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ଼ ଜିଲାପାଳ ଦୃଷ୍ଟି ଦେବାକୁ କୋସକା, କୁମ୍ଭାରପଡ଼ା, ରୟତଡୋଳମରା, ବଳଭଦ୍ରପ୍ରସାଦ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ସେହିପରି କୁଆଁରିଆ ସେତୁ ପାର୍ଶ୍ୱରେ ବିକଳ୍ପ ରାସ୍ତା ନିର୍ମାଣ ଦାବିରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଓ ଖଣ୍ଡପଡ଼ା ବିଧାୟକଙ୍କୁ ପ୍ରଦାନ କରାଯାଇଥିବା ଜଣାଯାଇଛି।

# ପରମ୍ପରା: କାଞ୍ଜିଅଁଳାର ଶୁଖୁଆ ବୋହୂ ପୂଜା

ଖଣ୍ଡପଡ଼ା, ୨୫ା୧୧
(ଅଜୟ କୁମାର ମହାରଣା)

ଓଡ଼ିଆ ଘରେ ବାର ମାସରେ ତେର ପର୍ବ ପାଳନ କରିବାର ପରମ୍ପରା ଏବେବି ରହିଆସିଛି। ଉତ୍କଳୀୟ ଜନଜୀବନର ଏହି ସବୁ ପର୍ବ ସାମାଜିକ, ଧର୍ମୀୟ ଓ ସାଂସ୍କୃତିକ ଜୀବନ ସୂଚୀପତ୍ର ଭାବରେ ବେଶ୍ ଜଣା ଶୁଣା। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ କାଞ୍ଜିଅଁଳା ପର୍ବ ପାଳିତ ହୋଇଯାଇଛି। ଖଣ୍ଡପଡ଼ା, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ପାଳିତ ହୋଇଯାଇଥିବା କାଞ୍ଜିଅଁଳା ଓଷାରେ ଶୁଖୁଆକୁ ବୋହୂ ସଜାଇ ଶାଶୁ ମୁଣ୍ଡିଆ ମାରିବା ଭଳି ଏକ ଭିନ୍ନ ପରମ୍ପରା ଦେଖିବାକୁ ମିଳିଥିଲା। ଭାରତୀୟ ସଂସ୍କୃତିରେ ଶାଶୁ ଶ୍ୱଶୁର, ମାତାପିତା ହେଉଛନ୍ତି ଘରର ମୁରବୀ। ହେଲେ ଆଜିର ଏହି ଓଷାରେ ଦେଖିବାକୁ ମିଳେ ଘରର ମୁରବୀ ପୂଜା ସ୍ଥଳରେ ଶୁଖୁଆକୁ ବୋହୂ ସଜାଇ ମୁଣ୍ଡିଆ ମାରିଥାନ୍ତି। କାଞ୍ଜିଅଁଳାର ବିଶେଷତ୍ୱ ହେଉଛି କଖାରୁ, ମୂଳା, ବାଇଗଣ, ଦହି, ଆମ୍ବିଳି ତୋରାଣୀ, ଚାଉଳ ଚୁନା ପେଜରେ ପ୍ରସ୍ତୁତ ହୋଇଥାଏ କାଞ୍ଜି। ଏହା ସହିତ ଘରେ ରୋଷେଇ ହୋଇଥିବା ତରକାରୀ, ଭାତ, ଡାଲି ପୂଜା କରାଯାଇଥାଏ। ସାହିର ମହିଳାମାନେ ଏକାଠି ହୋଇ ଏକ ଆୟତାକାର ଛୋଟିଆ ପୋଖରୀ ପ୍ରସ୍ତୁତ କରିଥିଲେ। ପିତା ଶୁଖୁଆ ୭ଟିକୁ ସ୍ନାନ କରାଇ ହଳଦୀରେ ବୁଡ଼ାଇ ରଖାଯାଇଥାଏ। ତା' ପରେ କଜଳ, ସିନ୍ଦୁର ଲଗାଇ ପୂଜା ବେଦୀରେ ରଖିଥିଲେ। ସେଠାରେ ପିଠା, ଭାତ, ତରକାରୀ ଓ ମୁଡ଼ି ଆଦିକୁ ପୂଜା କରିଥିଲେ। ପୋଇ ଡାଳକୁ ଖଡ୍ଗ ଭାବେ ମଧ୍ୟ ପୂଜା କରାଯାଇଥିଲା। କାଞ୍ଜିଅଁଳାର ବିଶେଷତ୍ୱ ହେଉଛି କାଞ୍ଜି। ଏହି କାଞ୍ଜି ଶୀତଦିନେ ଖାଇବା ଦ୍ୱାରା ଶରୀରକୁ ବହୁତ ଉପକାର ମିଳିଥାଏ ବୋଲି ବିଶ୍ୱାସ ରହିଛି। ଆଜିର ଦିନଠାରୁ ପ୍ରାୟ ପ୍ରତ୍ୟେକ ଘରେ ଭାତ ସାଙ୍ଗରେ ଅନ୍ୟ ଯେ କୌଣସି ଡାଲି, ତରକାରି ହେଉନା କାହିଁକି କାଞ୍ଜି ଟିକେ ପ୍ରସ୍ତୁତ ହୋଇଥିବା ଦେଖାଯାଏ।


କଣ୍ଟିଲୋ ଅଞ୍ଚଳରେ ମହିଳାମାନେ କାଞ୍ଜିଅଁଳା ପୂଜା କରୁଛନ୍ତି।

# ପଠାଣି ସାମନ୍ତଙ୍କ ଜନ୍ମୋତ୍ସବରେ ସମ୍ବର୍ଦ୍ଧନା ପର୍ବ

## ନାଟ୍ୟ ନିର୍ଦ୍ଦେଶକ ରାମଚନ୍ଦ୍ର ମିଶ୍ରଙ୍କୁ ନୟାଗଡ଼ ଗୌରବ ସମ୍ମାନ, ପୂର୍ବତନ ଡିଏଫ୍ଓ ଏଚ୍. ଡି. ଧନରାଜଙ୍କୁ ନୟାଗଡ଼ ବନ୍ଧୁ ସମ୍ମାନ ମିଳିବ

ନୟାଗଡ଼, ୨୫ା୧୧ (ଲୋକନାଥ ମିଶ୍ର)

ବିଶ୍ୱ ପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ୧୯୦ତମ ଜନ୍ମ ସ୍ମାରକୀ ପାଳନ ଅବସରରେ ନୟାଗଡ଼ ପୁରୁଣା ସହରସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିକଟସ୍ଥ ଯଦୁମଣି ମଣ୍ଡପଠାରେ ଡିସେମ୍ବର ୧୩ରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ। ଏଥିରେ ନୟାଗଡ଼ ଗୌରବ ସମ୍ମାନ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ରାମଚନ୍ଦ୍ର ମିଶ୍ର ଓ ନୟାଗଡ଼ର ପୂର୍ବତନ ଡିଏଫ୍ଓ ଏଚ୍. ଡି. ଧନରାଜଙ୍କୁ ନୟାଗଡ଼ ବନ୍ଧୁ ସମ୍ମାନ ପ୍ରଦାନ କରାଯିବ। ସେହିପରି କବି ତିଳକ ସୁରେଶ ଚନ୍ଦ୍ର ବରାଡ଼ଙ୍କୁ ଦାସିଆ ଅଜା ସାହିତ୍ୟ ସମ୍ମାନ, ବିଜ୍ଞାନ ସ୍ରଷ୍ଟା ଗିରିଜା ଶଙ୍କର ମହାପାତ୍ରଙ୍କୁ ପଠାଣି ସାମନ୍ତ ପ୍ରତିଭା ସମ୍ମାନ, ସୁସାହିତ୍ୟିକା ତଥା କବି ସୁକାନ୍ତ ମହାନ୍ତିଙ୍କୁ ପଠାଣି ସାମନ୍ତ ସାହିତ୍ୟ ସମ୍ମାନ, ବରିଷ୍ଠ ଆଇନଜୀବୀ ବୃନ୍ଦାବନ ପଣ୍ଡାଙ୍କୁ, ପଠାଣି ସାମନ୍ତ ଆଇନ ସେବା ରତନ ସମ୍ମାନ, ଅନୁରୂପ ଭାବେ ପ୍ରଦାନ କରାଯିବ। ସଙ୍ଗୀତ ଗୁରୁ ରଜନୀକାନ୍ତ ମହାପାତ୍ରଙ୍କୁ ପଠାଣି ସାମନ୍ତ ସଙ୍ଗୀତ ପ୍ରତିଭା ସମ୍ମାନ, ସାମାଜିକ କର୍ମୀ ସୁଶ୍ରୀ ଉଷା ପଟ୍ଟନାୟକଙ୍କୁ ପଠାଣି ସାମନ୍ତ ସେବା ସମ୍ମାନ, କ୍ରିକେଟିୟର ତଥା କ୍ରିକେଟ ମ୍ୟାନେଜର ସଂଗ୍ରାମ କେଶରୀ ଗୁମାନସିଂଙ୍କୁ ପଠାଣି ସାମନ୍ତ କ୍ରୀଡ଼ା ସମ୍ମାନ, ଗୁରୁଜୀ ନୀଳମାଧବ ନନ୍ଦଙ୍କୁ ପଠାଣି ସାମନ୍ତ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଏହି ସମ୍ବର୍ଦ୍ଧନା ସଭାରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଭଜନ ଗାୟକ ରବୀନ୍ଦ୍ର କୁମାର ମହାପାତ୍ର, ଶୈଳଭାମା ମହାପାତ୍ର ଏବଂ ସୁରଗନ୍ଧର୍ବ ନବକିଶୋର ମିଶ୍ରଙ୍କ ସମେତ ସ୍ଥାନୀୟ କଳାକାରଙ୍କୁ ନେଇ ଏକ ଭଜନ ସମାରୋହର ଆୟୋଜନ କରାଯିବ ବୋଲି ସଭାପତି ପ୍ରମୋଦ ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ପାଲା ଗାୟକଙ୍କ ସମ୍ମିଳନୀ



ସମ୍ମିଳନୀରେ ଯୋଗ ଦେଇଥିବା ପାଲା ଗାୟକ ଓ ଅନ୍ୟମାନେ।

ଖଣ୍ଡପଡ଼ା, ୨୫ା୧୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ମା' ଦକ୍ଷିଣକାଳି ଚନ୍ଦ୍ରଶେଖର ପାଲା ଗାୟକ ମଣ୍ଡଳୀ ନୟାଗଡ଼ର ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପାଲା ଗାୟକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଗାମୀଦିନରେ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ମହାଆଡମ୍ବର ସହକାରେ ବେଣାଗଡ଼ିଆଠାରେ ପାଳନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାଛଡ଼ା ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ରହୁଥିବା ଉଚ୍ଚ କୋଟୀର ଗାୟକ, ବାୟକ ଓ ପାଳିଆମାନଙ୍କୁ ନିମନ୍ତ୍ରିତ କରାଯାଇ ସମ୍ବର୍ଦ୍ଧିତ କରାଯିବ ବୋଲି ବିଧାୟକ ସ୍ୱାଇଁ କହିଥିଲେ। ମୁଖ୍ୟ ବକ୍ତା ଭାବେ ଶରତ କୁମାର ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଟିଟନ ସାହୁ, ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା ଓ ବିଶ୍ୱନାଥ ସ୍ୱାଇଁ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସନ୍ଥ ଲଡୁ କିଶୋର ଶୁକ୍ଳ ମଙ୍ଗଳାଚରଣ ପାଠ କରିବା ପରେ ଗାୟକ ବେଦ ବିଶାରଦ ରମେଶ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଗାୟକ ଗଳାନିଧି ମନୋଜ କୁମାର ମିଶ୍ର ପରିଶେଷରେ ନାରାୟଣ ଶୁକ୍ଳ ଗୀତ ମାଧ୍ୟମରେ ମଞ୍ଚାସୀନ ଅତିଥିମାନଙ୍କୁ ପ୍ରଶଂସା କରି ସାଧୁବାଦ ଜଣାଇଥିଲେ। ସିଧାମୂଳା ଅଞ୍ଚଳର ଯୁବ ପାଲା ଗାୟକ ପ୍ରଦୀପ ଅତବୁଦ୍ଧି ଧନ୍ୟବାଦ ଦେଇଥିଲେ। ମଞ୍ଚ ଚାଳନା ଦାୟିତ୍ୱରେ ଥିବା ସଭାପତି ପାଲା ଗାୟକ ଷଡଙ୍ଗୀ ଖଣ୍ଡପଡ଼ାର ମଉଡମଣି ସାମନ୍ତ ଚନ୍ଦ୍ର ଶେଖରଙ୍କ ବଂଶଜ ଗଦାଧର ସିଂହଙ୍କର ଚୁଙ୍କା ସଙ୍ଗୀତକୁ ବିଭିନ୍ନ ଠାଣି ଓ ଭଙ୍ଗୀରେ ଗାନ କରିଥିଲେ। ଆୟୋଜିତ ପାଲା କାର୍ଯ୍ୟକ୍ରମକୁ ସିଧାମୂଳା ତଥା ଏହାର ଆଖପାଖ ଅଞ୍ଚଳର ଶତାଧିକ ଶ୍ରୋତା ଉପସ୍ଥିତ ରହି ଉପଭୋଗ କରିଥିଲେ।

# ପ୍ରଶାସନ ନୀରବଦ୍ରଷ୍ଟା

ମୋହନା, ୨୫ା୧୧ (ମନ୍ମଥ ମିଶ୍ର)

ମୋହନା ମହକୁମାର ସାହି ରାସ୍ତା ଉପରେ, ସଡ଼କ ପାର୍ଶ୍ୱରେ, ଡ୍ରେନ୍ ଭିତରେ ଏବଂ ନଦୀ ପଠାରେ ଭରି ରହିଛି କୁଢ଼କୁଢ଼ ଅଳିଆ ଆବର୍ଜନା। ଫଳରେ ପରିବେଶ ପ୍ରଦୁଷିତ ହେବାରେ ଲାଗିଛି। ମଶା ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ସହିତ ଡେଙ୍ଗୁ ଭୟ ମଧ୍ୟ ବଢ଼ିବାରେ ଲାଗିଛି। ଏଭଳି ସମସ୍ୟା ଯୋଗୁଁ ପଞ୍ଚାୟତର କିଛି ଲୋକ ଡେଙ୍ଗୁରେ ମୃତ୍ୟୁବରଣ ମଧ୍ୟ କରିଛନ୍ତି। ଖ୍ରୀଷ୍ଟିଆନ୍ ସାହି, ମାଣିକେଶ୍ୱରୀ ସାହି, ପୁରୁଣା ଶଙ୍ଖ ସାହି, ନାରାୟଣ ନଗର ଓ ଶ୍ରୀରାମ ନଗର ସାହିକୁ ଯିବା ରାସ୍ତାପାର୍ଶ୍ୱ, ନଦୀପଠା ଏବଂ ନଦୀକୁ ଯିବା ରାସ୍ତା ଉପରେ କୁଢ଼କୁଢ଼ ପଲିଥିନ୍ ସହ ଅଳିଆ ଆବର୍ଜନା ଜମା ହୋଇରହୁଛି। ବ୍ୟବହାର ହେବାପରେ ବର୍ଜ୍ୟବସ୍ତୁ ଆଣି ଲୋକେ ମନଇଚ୍ଛା ପକାଉଛନ୍ତି। ଫଳରେ ନଦୀ ପାଣି ଦୁଷିତ ହେବାରେ ଲାଗିଛି। ଶ୍ରୀରାମ ନଗରର ଶେଷ ଭାଗରେ ନଦୀକୁ ଯିବା ରାସ୍ତା ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହେଉଛି। ଯାହାକୁ ନେଇ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସାହିକୁ ଗମନାଗମନ କରିବା ବେଳେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ମଇଳା ପଦାର୍ଥକୁ ଡ୍ରେନ୍ ଭିତରେ ପକାଇବା ଫଳରେ ଡ୍ରେନ୍ ଗୁଡ଼ିକ ପୋତି ହୋଇଗଲାଣି। ଘରର ମଇଳା ଜଳ ସଠିକ୍ ଭାବେ ନିଷ୍କାସନ ହୋଇନପାରି ପୂର୍ତ୍ତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏଣୁ ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ମୋହନା ନାଏବ ସରପଞ୍ଚ ରସାନନ୍ଦ ପାଣି କହିଛନ୍ତି ପ୍ରଶାସନ ଆମ କଥାକୁ କର୍ଣ୍ଣପାତ କରୁନଥିବା ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଡ଼ିଓ ରାଜୀବ ଦାଶ ଜିଲା ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରି ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।


ପଲିଥିନ୍ ଓ ଅଳିଆ ଆବର୍ଜନା।

# ଅସାମାଜିକ ବ୍ୟକ୍ତିଙ୍କ ନଜରରେ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳ: ନଷ୍ଟ ହେଉଛି ମୂଲ୍ୟବାନ ସାମଗ୍ରୀ




ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳରେ ଥିବା ବନ୍ୟଜନ୍ତୁଙ୍କ ପ୍ରତିକୃତି ଓ ପାଦ ଚଲା ରାସ୍ତାର ବାଡକୁ ଭଙ୍ଗା ଯାଇଛି।

ଖଣ୍ଡପଡ଼ା, ୨୫ା୧୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳରେ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବେଳକୁ ବେଳ ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଖଣ୍ଡପଡ଼ା କ୍ଷୁଦ୍ର ଜଳସଚେନ ବିଭାଗ କାର୍ଯ୍ୟାଳୟ ଅଧୀନରେ ଥିବା ଏହି ପର୍ଯ୍ୟଟନସ୍ଥଳ ପରିସରରେ ଏନ୍ଏସି କର୍ତ୍ତୃପକ୍ଷ ଲକ୍ଷାଲକ୍ଷ ଟଙ୍କା ବ୍ୟୟ କରି ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ମାତ୍ର ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ନିଶାସକ୍ତ ଅବସ୍ଥାରେ ମଦ୍ୟପ, ଅସାମାଜିକ ବ୍ୟକ୍ତିମାନେ ପର୍ଯ୍ୟଟନସ୍ଥଳ ପରିସରରୁ ଅନେକ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେବା ସହ ସୌଖିନ ସାମଗ୍ରୀ ଗୁଡିକୁ ଭଙ୍ଗାରୁଜା କରୁଥିବାରୁ ସମୟାନୁକ୍ରମେ ପର୍ଯ୍ୟଟନସ୍ଥଳ ପରିସର ଶ୍ରୀହୀନ ହେବାରେ ଲାଗିଛି। ଗତ ୬ ମାସ ତଳେ ପର୍ଯ୍ୟଟନସ୍ଥଳୀ ପରିସରରେ ସର୍ବସାଧାରଣଙ୍କ ଆମୋଦ ପ୍ରମୋଦ ନିମନ୍ତେ ହାତୀ, ହରିଣ, ସିଂହ ପରି ଅନେକ ସାମଗ୍ରୀ ସମେତ ଛୋଟ ଛୋଟ ଗୃହ ନିର୍ମାଣ କରାଯାଇଥିଲା। ମାତ୍ର ଅସାମାଜିକ ବ୍ୟକ୍ତିମାନେ ହାତୀ, ସିଂହର ଲାଞ୍ଜ ଓ ହରିଣର ସିଙ୍ଗ ଭାଙ୍ଗି ଦେଇଥିବା ବେଳେ ବୈଠକ ଗୃହର କିଛି ଅଂଶ ଚୋରିଙ୍କୁ କରି ନେଇଥିବା ଜଣାଯାଇଛି। ଖଣ୍ଡପଡ଼ା ସହରର ଜନବସତି ଅଳ୍ପ ଦୂରରେ ଅବସ୍ଥିତ ଏହି ପର୍ଯ୍ୟଟନସ୍ଥଳର ସୁରକ୍ଷା ନିମନ୍ତେ ସେଠାରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିବାକୁ ସାଧାରଣରେ ଦାବି ହେଉଛି। ନଚେତ ଆଗାମୀଦିନରେ ଅସାମାଜିକ ବ୍ୟକ୍ତିଙ୍କ ଯୋଗୁ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିବା ସାର ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଖଣ୍ଡପଡ଼ା ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଦୁର୍ନୀତିଗ୍ରସ୍ତ ପାକ୍ସ ସମ୍ପାଦକଙ୍କୁ ଅନୁକମ୍ପା

- ତଦନ୍ତ, କାର୍ଯ୍ୟାନୁଷ୍ଠାନ ପାଇଁ ଆର୍‌ସିଏସ୍‌ଙ୍କୁ ଫେରାଦ୍
- ଧାନକିଣାରେ ପ୍ରତିବର୍ଷ ବଢୁଛି ଅରାଜକତା
- ଜଣେ ସମ୍ପାଦକ ଦାୟିତ୍ୱରେ ୨ରୁ ୩ଟି ପାକ୍ସ
- କାର୍ଯ୍ୟାନୁଷ୍ଠାନ ନ ଥିବାରୁ ରୋକି ହେଉନି ଅନିୟମିତତା
- କ୍ଷେତ୍ର ପରିଦର୍ଶନ କରୁନାହାନ୍ତି ଡିଆର୍‌ସିଏସ୍, ଏଆର୍‌ସିଏସ୍

ନୟାଗଡ଼, ୨୫।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ଗୁଡ଼ିକରେ ଏକାଧିକ ସମ୍ପାଦକଙ୍କ ନାଁରେ ଦୁର୍ନୀତି ରହିଛି। ସେମାନଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇ ପୁଣି ଧାନ କିଣାରେ ସାମିଲ କରାଯାଉଥିବାରୁ ପ୍ରତିବର୍ଷ ଦୁର୍ନୀତି ବଢ଼ି ଚାଲିଥିବା ଅଭିଯୋଗ ହୋଇ ଆସୁଛି। ପୁଣି କେତେଜଣ ଦୁର୍ନୀତିଗ୍ରସ୍ତ ସମ୍ପାଦକଙ୍କୁ ୨ରୁ ୩ ପାକ୍ସର ଦାୟିତ୍ୱ ଦିଆଯାଇଥିବା ପରି ଅଭିଯୋଗ ରହିଛି। ଏପରିସ୍ଥଳେ ପାକ୍ସ ସମ୍ପାଦକଙ୍କ ବିରୋଧରେ ଦୁର୍ନୀତି ବଢ଼ି ଚାଲିଥିବାବେଳେ ସେମାନଙ୍କୁ ସମବାୟ ସମିତି ସମୂହର ସହ ନିବନ୍ଧକ (ଏଆର୍‌ସିଏସ୍) ଓ ସମବାୟ ସମିତି ସମୂହର ଉପ ନିବନ୍ଧକ (ଡିଆର୍‌ସିଏସ୍) କାର୍ଯ୍ୟାଳୟର ସୁରକ୍ଷା ଦେଉଥିବା କିରାଣିଙ୍କର ମଧ୍ୟ ବଦଳି ହେଉନି। ଜଣେ କିରାଣି ୧୫ରୁ ଊର୍ଦ୍ଧ୍ୱ ବର୍ଷ ଧରି ରହିଥିବାରୁ ଅରାଜକତା ବଢ଼ିବାରେ ସହଯୋଗ କରୁଥିବା ଅଭିଯୋଗ ହେଉଛି। ସେହିପରି ଡିଆରସିଏସ୍ ଓ ଏଆର୍‌ସିଏସ୍ କ୍ଷେତ୍ର ପରିଦର୍ଶନ ନାଁରେ ଘରକୁ ଚାଲି ଯାଉଛନ୍ତି। ପାକ୍ସରେ ଚାଲିଥିବା ଅନିୟମିତତା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ପାକ୍ସଗୁଡ଼ିକରେ ଅରାଜକତା ବଢ଼ିବାରେ ଲାଗିଛି। ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଆର୍‌ସିଏସ୍, ନୟାଗଡ଼ ଜିଲାପାଳ, ଖାଦ୍ୟ ଓ ଉପଭୋକ୍ତା ବିଭାଗର ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଅଭିଯୋଗ ହୋଇଛି।

ଜିଲାରେ ୧୫୩ ପାକ୍ସରେ ୧୬୭ଟି ଧାନ କ୍ରୟ କେନ୍ଦ୍ର ଖୋଲିବ। ପ୍ରତିବର୍ଷ ପାକ୍ସ ଚାଷୀଙ୍କଠାରୁ ଧାନ କିଣାଯାଉଛି। ତେବେ ଧାନକିଣାରେ ଦୁର୍ନୀତି ବଢ଼ି ଚାଲିଛି। ଅଭିଯୋଗ ଅନୁସାରେ, ଲଛିପୁର ଓ ବିରୁଡା ପାକ୍ସରେ ଜଣେ ସମ୍ପାଦକ ୨୦ବର୍ଷରୁ ଊର୍ଦ୍ଧ୍ୱ ଧରି ଧାନ କିଣି ଆସୁଛନ୍ତି। ସେହିଭଳି, ଆନନ୍ଦାପଲ୍ଲୀ, ନୋତର ଓ ବଡ଼ପଣ୍ଡୁସର ପାକ୍ସରେ ଜଣେ, ଜେମାଦେଈପୁର ଓ ଗୋବିନ୍ଦପୁର ପାକ୍ସରେ ଜଣେ, ଘଡୁଆଳ, ମାଛିପଡ଼ା ପାକ୍ସରେ ଜଣେ ସମ୍ପାଦକ ପ୍ରାୟ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେଲା ଧାନ କିଣି ଆସୁଛନ୍ତି। ଏହି ସବୁ ପାକ୍ସରେ ଧାନକିଣାରେ ଦୁର୍ନୀତି ହୋଇ ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ଜଣେ ସମ୍ପାଦକ ଏକାଧିକ ପାକ୍ସରେ ରହିବା ଦ୍ୱାରା ଦୁର୍ନୀତି ବଢୁଛି। ଯେଉଁ ପାକ୍ସରେ ସମ୍ପାଦକ ନାହାନ୍ତି ସେଠାରେ ସମ୍ପାଦକଙ୍କୁ ନିଯୁକ୍ତି କରାଯାଉ ନାହିଁ। ପୁଣି ଦୁର୍ନୀତିଗ୍ରସ୍ତ ସମ୍ପାଦକଙ୍କୁ ବହିଷ୍କାର କରି ନୂଆ ସମ୍ପାଦକ ନିଯୁକ୍ତି ଦିଆଯାଉନାହିଁ। ଦୁର୍ନୀତିଗ୍ରସ୍ତ ସମ୍ପାଦକଙ୍କୁ ଏଆର୍‌ସିଏସ୍ ଓ ଡିଆର୍‌ସିଏସ୍ ଜାଣିଶୁଣି ଚପାଇ ରଖୁଛନ୍ତି। ଏଣୁ ଧାନକିଣାରେ ସବୁବର୍ଷ ଦୁର୍ନୀତି ଚାଲିଛି। ଯେଉଁ ସମ୍ପାଦକଙ୍କ ବିରୋଧରେ ଅନିୟମିତତା ଅଭିଯୋଗ ଆସୁଛି ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏପରିକି ବହିଷ୍କାର କରି ନୂଆ ସମ୍ପାଦକ ନିଯୁକ୍ତି ଦିଆଯାଉ ବୋଲି ଦାବି ରହିଛି। ସେହିପରି ଫିଲ୍ଡ ହଲ, ଜଙ୍ଗଲ, ପାହାଡ଼, ଅନାବାଦି ଜମିକୁ ଧାନ ଜମି ଦର୍ଶାଇ ବିକ୍ରି କରାଯାଇଥିବା ପ୍ୟାକ୍ସ ସମ୍ପାଦକଙ୍କୁ ଘଣ୍ଟ ଘୋଡ଼ା ଯାଇଛି। କେଉଁ ସମ୍ପାଦକ ବା ଅନ୍ୟ କେଉଁ କର୍ମଚାରୀଙ୍କୁ ନିଲମ୍ବନ ଓ ବହିଷ୍କାର କରାଯାଇଛି ସେମାନଙ୍କର ଲିଷ୍ଟ ମଧ୍ୟ ଏଆର୍‌ସିଏସ୍ ଓ ଡିଆର୍‌ସିଏସ୍ କାର୍ଯ୍ୟାଳୟରେ ଝୁଲୁନି। କେଉଁ ଚାଷୀ କେବେ ଓ କେତେ ଟଙ୍କାର ଧାନ ବିକିଛନ୍ତି ସେ ନେଇ ତଥ୍ୟ ମିଳୁନି। କେଉଁ ବ୍ଲକର କେତେଜଣ ଚାଷୀ ନାଁ ପଞ୍ଜୀକୃତ କରିଛନ୍ତି, କେଉଁ ପ୍ଲଟ ଓ ଖାତା ନମ୍ବରରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି ସେ ତଥ୍ୟ ବି ମିଳୁନି।

ଏ ସମ୍ପର୍କ ଅଭିଯୋଗକାରୀ ନୟାଗଡ଼ର ସୌମ୍ୟରଞ୍ଜନ ପ୍ରଧାନ କହିଛନ୍ତି, ପାକ୍ସରେ ଚାଷୀ ଧାନ ବିକ୍ରି ବେଳେ ହଟହଟା ହେଉଥିଲେ ମଧ୍ୟ ପ୍ରତିକାର ନାହିଁ। ପାକ୍ସ ସମ୍ପାକଦଙ୍କୁ ଅନୁକମ୍ପା ନ ଦେଇ ଯେଉଁମାନେ ଦୁର୍ନୀତିରେ ଲିପ୍ତ ଅଛନ୍ତି ସେମାନଙ୍କୁ ବହିଷ୍କାର କରି ନୂଆ ନିଯୁକ୍ତି ଦିଆଯାଉ। ଦୁର୍ନୀତି ଗ୍ରସ୍ତ ସମ୍ପାଦକ ଓ କିରାଣିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କେତେଜଣ ଲୋକଙ୍କର ନାଁ ମଧ୍ୟ ଅଭିଯୋଗରେ ରହିଛି। ତା'ର ତଦନ୍ତ କରି ପଦକ୍ଷେପ ନିଆଯାଉ। ଡିଆର୍‌ସିଏସ୍ ଅନନ୍ତ କୁମାର ନାୟକ କହିଛନ୍ତି, କୌଣସି ଦୁର୍ନୀତିଗ୍ରସ୍ତ ସମ୍ପାଦକଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଉନି, ପାକ୍ସ ଦୁର୍ବୀତିଗ୍ରସ୍ତ ସମ୍ପାଦକ ଜେଲରେ ଅଛନ୍ତି। ନୋତରର ପୂର୍ବତନ ସମ୍ପାଦକଙ୍କୁ ମଧ୍ୟ ଜେଲ ଯିବାକୁ ପଡିଛି। ଗୋଡ଼ିପଡ଼ାରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସମ୍ପାଦକ ପଦବୀରୁ ହଟାଇ ନିକଟସ୍ଥ ପାକ୍ସ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କୁରାଳ ସମ୍ପାଦକଙ୍କୁ ବହିଷ୍କାର କରାଯାଇଛି। ଆମର ଗାଡ଼ି ନ ଥିବାରୁ ଏଆର୍‌ସିଏସ୍ ଓ ବ୍ୟାଙ୍କ ସମ୍ପାଦକଙ୍କ ଗାଡିକୁ ବ୍ୟବହାର କରି କ୍ଷେତ୍ର ପରିଦର୍ଶନ କରିବାକୁ ପଡୁଛି। କ୍ଷେତ୍ର ପରିଦର୍ଶନ ନାଁରେ ଘରକୁ ଯିବା ଅଭିଯୋଗର ସତ୍ୟତା ନାହିଁ। କାହାରିକୁ ଅନୁକମ୍ପା ପ୍ରଦର୍ଶନ କରିବାର ପ୍ରଶ୍ନ ଉଠୁନି। ସରକାରୀ ନିୟମ ଭିତରେ ଯାହା ପଦକ୍ଷେପ ନେବା କଥା ନିଆଯାଉଛି ବୋଲି କହିଥିଲେ।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ଆହତ

ନୂଆଗାଁ, ୨୫। ୧୧ (ଧନେଶ୍ୱର ସାହୁ)

ନୂଆଗାଁ ଥାନା ସମ୍ପଡ଼ା ମେଗା ନର୍ସରି ନିକଟରେ ସୋମବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୨ ବାଇକ ଆରୋହୀ ଆହତ ହୋଇଛନ୍ତି। ସମ୍ପଡ଼ା ମେଗା ନର୍ସରିରେ କାର୍ଯ୍ୟରତ ରସାନନ୍ଦ ବାଘ (୫୦) ବାଇକ୍ ନଂ. ଓଡି ୨୫ ଏଫ୍ ୧୧୫୮ ଯୋଗେ ମେଗା ନର୍ସରିକୁ କାର୍ଯ୍ୟ କରିବାକୁ ଯାଉଥିଲେ। ସେ ମେଗା ନର୍ସରି ଭିତରକୁ ବାଇକ୍ ବୁଲାଇ ଯାଉଥିବା ବେଳେ ରଣଜିତ ଗୁରୁ (୩୦) ବାଇକ୍ ନଂ. ଓଡି ୩୩ ଏଏଫ୍ ୦୪୮୪ ଯୋଗେ ନୂଆଗାଁ ପଟୁ ନୟାଗଡ଼ ଅଭିମୁଖେ ଯାଉଥିଲେ। ନର୍ସରି ସମ୍ମୁଖରେ ଦୁର୍ଘଟଣା ଘଟିଥିଲା। ଖବର ପାଇ ନୂଆଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ପୋଲିସ ପହଞ୍ଚି ବାଇକ୍ ୨ଟିକୁ ଜବତ କରିଛି।

## ବିପଦସଙ୍କୁଳ ଅବସ୍ଥାରେ ଶୁଖିଲା ଆମ୍ବଗଛ


ରାସ୍ତା ପାର୍ଶ୍ୱରେ ଥିବା ଶୁଖିଲା ଗଛ ରହିଛି।

ଦଶପଲ୍ଲା, ୨୫।୧୧
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ରେଳ ଷ୍ଟେଶନକୁ ଅନ୍ଧାରକୋଟ ଦେଇ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡ଼ିଥିବା ବେଳେ ଏକ ଶୁଖିଲା ଆମ୍ବଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଶୁଖିଲା ଆମ୍ବଗଛଟି ପୁଣି ରାସ୍ତା ଉପରକୁ ଅଣେଇ ହୋଇରହିଛି। ଗଛର ଏକ ଶୁଖିଲା ଡାଳ ଭାଙ୍ଗି ଓହଳି ରହିଛି, ଡାଳଟି କେତେବେଳେ ତଳେ ପଡ଼ିବ ଠିକ୍ ନାହିଁ। ସେହିପରି ଶୁଖିଲା ଗଛଟି କେତେବେଳେ ଭାଙ୍ଗି ପଡ଼ିବ ତାହା ମଧ୍ୟ କହି ହେଉନାହିଁ। ଉକ୍ତ ରାସ୍ତା ଦେଇ ଦୈନିକ ରେଳ ଷ୍ଟେଶନକୁ ବହୁ ଯାନବାହନ ଏବଂ ଜନସାଧାରଣ ଯାତାୟାତ କରିଥାନ୍ତି। ବହୁ ଲୋକ ଭୟଭୀତ ଅବସ୍ଥାରେ ଯାଉଛନ୍ତି। ରେଳ ବିଭାଗ ଅଧୀନରେ ଥିବା ଉକ୍ତ ରାସ୍ତା ପାର୍ଶ୍ୱରେ ଏହି ଶୁଖିଲା ଗଛଟି ରହିଥିବାରୁ ରେଳ ବିଭା ଗ ଏବଂ ବନ ବିଭାଗ ଦୃଷ୍ଟିଦେଇ ଏହାର ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

## ଫାଇନାଲକୁ ଉତ୍ତୀର୍ଣ୍ଣ ହେଲେ ୧୧ କଣ୍ଠଶିଳ୍ପୀ



ଅତିଥିଙ୍କ ଗହଣରେ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀମାନେ।

**ନୟାଗଡ଼ ଜିଲା ସଙ୍ଗୀତ ପ୍ରତିଯୋଗିତା**

ନୟାଗଡ଼,୨୫।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ ଷ୍ଟାର ଅଫ୍ ନୟାଗଡ଼ର ସେମିଫାଇନାଲ ସ୍ଥାନୀୟ ସତ୍ୟମ କମ୍ପ୍ୟୁଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ର ବିଭିନ୍ନ ବ୍ଲକ୍‌ରୁ ଚୟନ ହୋଇ ଆସିଥିବା ୨୦ ଜଣ ପ୍ରତିଯୋଗୀଙ୍କୁ ନେଇ ସେମିଫାଇନାଲ ପ୍ରତିଯୋଗିତା ହୋଇଥିଲା। ସେମିଫାଇନାଲରୁ ଈପ୍ସିତା ପ୍ରିୟଦର୍ଶିନୀ, ଶେଖ୍ ତୌଫିକ ଅଲ୍ଲୀ, ଲକ୍ଷ୍ମୀପ୍ରିୟା ନାୟକ, ଅମ୍ରିତା ରଥ, ଆଶୁତୋଷ ବେହେରା, ଜଗନ ବେହେରା, ମିଲନ କୁମାର ସ୍ୱାଇଁ, ଶୁଭସ୍ମିତା ବେହେରା, ଲିପ୍ସାରାଣୀ ପଣ୍ଡା, ଦିବ୍ୟାଶା ପ୍ରିୟଦର୍ଶିନୀ ଓ ବିଶ୍ୱଜିତ ନାୟକ ପ୍ରତିଯୋଗୀ ଫାଇନାଲକୁ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ବିଚାରକ ଭାବେ ବିଶିଷ୍ଟ ଭାଓଲିନ୍ ବାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ କଣ୍ଠଶିଳ୍ପୀ ଅନିତା ରାମ୍ ଯୋଗଦେଇଥିଲେ। ସୁଶାନ୍ତ ପାଇକରାୟ, ପ୍ରଦୀପ ବରାଡ଼ ଏବଂ କାଜଲ ଡାକୁଆ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଷ୍ଟାର ଅଫ୍ ନୟାଗଡ଼ର ଫାଇନାଲ ଆଗାମୀ ଡିସେମ୍ବର ୨୫ରେ ଅନୁଷ୍ଠିତ ହେବ। ଟପ୍ ୩ ପ୍ରତିଯୋଗୀଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ସେହିପରି ବିଜେତାଙ୍କୁ ନେଇ ଏକ ଆଲବମ ପ୍ରସ୍ତୁତ କରାଯିବ ବୋଲି ଅନୁଷ୍ଠାନର ସଂଯୋଜକ ଧୀରେନ୍ଦ୍ର କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବାଦଲ


@ ଚିତ୍ତରଞ୍ଜନ


@ ଦୀପ୍ତିରଞ୍ଜନ


@ ଶାନ୍ତନୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ସ୍କୁଲ ଆଗରେ ଧାରଣା

- ସ୍କୁଲ ଗେଟ୍‌ରେ ତାଲା ପକାଇ ବସିଲେ ଜାକେଡ଼ାବାସୀ
- ପିଲାଙ୍କ ପାଠପଢ଼ା ବନ୍ଦ ରହିଲା
- ଦାବି ପୂରଣ ନ ହେବା ଯାଏ ଧାରଣା ଜାରି ରହିବ
- ବିଇଓ, ତହସିଲଦାରଙ୍କ କଥା ରଖିଲେନି ଧାରଣାକାରୀ

ନୂଆଗାଁ, ୨୫।୧୧ (ଧନେଶ୍ୱର ସାହୁ)


ଧାରଣାରତ ଗ୍ରାମବାସୀଙ୍କୁ ବିଇଓ, ତହସିଲଦାର ବୁଝାଉଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ଜାକେଡ଼ା ପଞ୍ଚାୟତ ଶିମିଳିସାହିଠାରେ ଥିବା ଜାକେଡ଼ା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିକରି ଗ୍ରାମବାସୀ ସୋମବାର ସ୍କୁଲ ଗେଟ୍‌ରେ ତାଲା ପକାଇ ସମ୍ମୁଖରେ ଧାରଣାରେ ବସିଛନ୍ତି। ନୂଆଗାଁ ତହସିଲଦାର, ଥାନା ଅଧିକାରୀ, ବିଇଓ ଓ ନୟାଗଡ଼ ଡିଇଓ କାର୍ଯ୍ୟାଳୟର କର୍ମଚାରୀ ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ କାହାରି କଥା ଶୁଣି ନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି ନ କରିବା ଯାଏ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି।

ଜାକେଡା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପ ନେଇ ଅଭିଭାବକ ଓ ଅଞ୍ଚଳବାସୀ ଅନେକ ସମୟରେ ଅଭିଯୋଗ କରି ଆସୁଥିଲେ। ଜାକେଡ଼ାବାସୀଙ୍କ କହିବା ମୁତାବକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମିନତି ତ୍ରିପାଠୀ ବିଭିନ୍ନ ସମୟରେ ନାନା ବାହାନା ଦେଖାଇ ଛାତ୍ରୀଛାତ୍ରମାନଙ୍କଠାରୁ ଅର୍ଥ ଆଦାୟ କରୁଥିଲେ। ଚଞ୍ଚକତା କରି ନିଜ ସ୍ୱାମୀଙ୍କୁ ସ୍କୁଲରେ କିରାଣି ପଦବୀରେ ନିଯୁକ୍ତି ଦେଇଛନ୍ତି। ସେହିପରି ହିନ୍ଦୀ ଶିକ୍ଷକ ନିଯୁକ୍ତିରେ ମଧ୍ୟ ଅନିୟମିତତା କରିଛନ୍ତି। ସ୍କୁଲ ଛାତ୍ରୀଛାତଙ୍କ ପାଇଁ ସରକାର ଦେଉଥିବା ଷ୍ଟାଇପେଣ୍ଟ ଟଙ୍କା ଓ ଟ୍ୟୁଶନ ଫି'କୁ ଛାତ୍ରୀଛାତ୍ରଙ୍କୁ ନ ଦେଇ ନିଜେ ହଡ଼ପ କରିଛନ୍ତି। ଅଭିଭାବକମାନେ ଅଭିଯୋଗ ପାଇଁ ସ୍କୁଲକୁ ଗଲେ ନାନା ଧମକ ଦେଇ ସ୍କୁଲ ଗେଟ ବନ୍ଦ କରି ଦେଉଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ତ୍ରିପାଠୀଙ୍କ ନାମରେ ଏପରି ଅନେକ ଅଭିଯୋଗ ଆଣି ସ୍ଥାନୀୟ ଲୋକେ ନୂଆଗାଁ ବିଇଓ, ନୟାଗଡ଼ ଡିଇଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି ସେମାନଙ୍କ ଅଭିଯୋଗକୁ ଶୁଣି ନ ଥିଲେ। ଅଭିଯୋଗ ପରେ କୌଣସି ସୁଫଳ ନ ମିଳିବାରୁ ସେମାନେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ। ସେଥିରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାରମ୍ବାର ବିଭିନ୍ନ ଅଧିକାରୀଙ୍କୁ ଗୁହାରି କରି ନିରାଶ ହେବା ପରେ ସ୍କୁଲ ସାମ୍ନାରେ ଧାରଣା ଦେବାକୁ ନିଷ୍ପତ୍ତି ନେଇ ସୋମବାର ପୂର୍ବାହ୍ନ ୧୦ଟାରେ ଗେଟ୍‌ରେ ତାଲା ପକାଇ ଦେଇ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ସ୍ଥାନୀୟ ଲୋକେ ଧାରଣାରେ ବସିଥିଲେ। ଖବରପାଇ ନୂଆଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ସେଠୀ, ବିଇଓଙ୍କ ଦାୟିତ୍ୱରେ ଥିବା ଦଶପଲ୍ଲା ବିଇଓ ଭକ୍ତ ବିନୋଦ ସଲ, ତହସିଲଦାର ହେମନ୍ତ କୁମାର ନାୟକ, ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଡିଏସ୍‌ଏସ୍ ଶରତ କୁମାର ସାହୁ ପ୍ରମୁଖ ଧାରଣାକାରୀଙ୍କ ନିକଟରେ ପହଞ୍ଚି ବୁଝାଶୁଝା କରିଥିଲେ। ତେବେ ଉକ୍ତ ସ୍କୁଲଟି ବ୍ଲକ୍ ଗ୍ରାଣ୍ଟ ସ୍କୁଲ ହୋଇଥିବାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଆମ ହାତରେ ନାହିଁ। କେବଳ ଆମେ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରାଇବୁ। ନିର୍ଦ୍ଦେଶକ ହିଁ ବଦଳି କରିବେ। ତେଣୁ ଏଥିପାଇଁ ୨ଦିନ ସମୟ ଦିଅନ୍ତୁ ବୋଲି ବିଇଓ ସଲ୍ କହିଥିଲେ। ତେବେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ନ ହେବା ଯାଏ ଆମେ ଧାରଣାରୁ ଉଠିବୁ ନାହିଁ ବୋଲି ଧାରଣାକାରୀ ଜିଦ୍ ଧରି ବସିଥିଲେ। ଖବର ଲେଖାହେବା ସୁଦ୍ଧା ଧାରଣା ଚାଲୁ ରହିଥିଲା। ଅନ୍ୟପକ୍ଷେ ସ୍କୁଲର ଅନ୍ୟ ଶିକ୍ଷକମାନେ ଆସିଥିଲେ ମଧ୍ୟ ଗେଟ୍‌ରେ ତାଲା ଓ ଛାତ୍ରୀଛାତ୍ରମାନେ ନ ଆସିବାରୁ ପାଠପଢ଼ା ବନ୍ଦ ରହିଥିଲା।

## ସମ୍ବିଧାନ ହୀରକ ଜୟନ୍ତୀ ପାଇଁ ସଚେତନତା ରଥ


ସଚେତନତା ରଥକୁ ଗାଁ ପରିକ୍ରମା କରୁଛି।

ନୟାଗଡ଼,୨୫।୧୧(ଲୋକନାଥ ମିଶ୍ର)

ବିଶ୍ୱର ସର୍ବଶ୍ରେଷ୍ଠ ବୃହତ ସମ୍ବିଧାନର ୭୫ତମ ରାଜ୍ୟସ୍ତରୀୟ ହୀରକ ଜୟନ୍ତୀ ପାଇଁ ୟୁନାଇଟେଡ୍ ଫୋରମ ନୟାଗଡ଼ ପକ୍ଷରୁ ସଚେତନତା ରଥ ନୟାଗଡ଼ ଜିଲାର ନୟାଗଡ଼, ଭାପୁର, ନୂଆଗାଁ, ଦଶପଲ୍ଲା ଅଞ୍ଚଳରେ ପରିକ୍ରମା କରିଛି। ଆମ ସମ୍ବିଧାନର ପ୍ରସ୍ତାବନାକୁ ଅଧ୍ୟୟନକଲେ ଜଣାଯାଏ ଏହାର ସ୍ୱଷ୍ଟ ଆଭିମୁଖ୍ୟ, ସମ୍ବିଧାନର ପ୍ରସ୍ତାବନାରେ ସମସ୍ତ ଗଣତାନ୍ତ୍ରିକ ମୂଲ୍ୟବୋଧ, ରାଷ୍ଟ୍ର ଗଠନର ପ୍ରାବଧାନ ଏହାବ୍ୟତୀତ ନାଗରିକମାନଙ୍କର ମୌଳିକ ଅଧିକାର, ଧର୍ମ ନିରପେକ୍ଷତା, ବ୍ୟକ୍ତିର ମର୍ଯ୍ୟାଦା, ରାଷ୍ଟ୍ରର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା। ଏହି ପରିପ୍ରେକ୍ଷୀରେ ରଥକୁ ଡ. ବି.ଆର୍. ଆମ୍ବେଡକର ସେବକ ସଂଘ ଓ ଆମ୍ବେଡକର ବିଚାର ମଞ୍ଚ ପକ୍ଷରୁ ନେତୃତ୍ୱ ନେଇ ପରିକ୍ରମା କରାଯାଉଛି। ନାରୀନେତ୍ରୀ କମଳିନୀ ପାଟଶାଣୀ, ସେବକ ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ଦୈତାରି ନାୟକ, କ୍ଷୀରୋଦ ନାୟକ, ଚରଣ ନାୟକ, ବିଚାର ମଞ୍ଚ ସଭାପତି ଦେବରାଜ ନାୟକ, ପବିତ୍ର ନାୟକ ପ୍ରମୁଖ ସମ୍ବିଧାନ ସୁରକ୍ଷା ଓ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ଭୁବନେଶ୍ୱର ପିଏମ୍‌ଜି ଛକରେ ହୀରକ ଜୟନ୍ତୀର ବିଶାଳ ସମାବେଶ ହେବ।

# ପଣ୍ଡୁଆ ନଦୀ ସେତୁ ନିର୍ମାଣରେ ବିଳମ୍ବ

## ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କଲେ ଅଞ୍ଚଳବାସୀ

**ସିଂହପୁର,୨୫।୧୧ (ଅନଙ୍ଗ ଉଦୟ ବେଉରିଆ):**

ଯାଜପୁର ଜିଲା ବିଂଝାରପୁର ଥାନା ଅନ୍ତର୍ଗତ ବରୀ ବ୍ଲକ ଅଙ୍ଗାଲୋ ନିକଟରେ ପଣ୍ଡୁଆ ନଦୀରେ ସେତୁ ନିର୍ମାଣରେ ବିଳମ୍ବ ହେଉଛି । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ବିଂଝାରପୁର ବ୍ଲକରେ ଆୟୋଜିତ ଜନଶୁଣାଣି ଶିବିରରେ ସ୍ଥାନୀୟ ଲୋକମାନେ ଏ ନେଇ ଜିଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି ।


ପଣ୍ଡୁଆ ନଦୀ ଉପରେ ନିର୍ମାଣାଧୀନ ପୋଲ ।

ସୂଚନା ଅନୁଯାୟୀ, ପୂର୍ତ୍ତ ବିଭାଗ ପକ୍ଷରୁ ପାଣ୍ଡୁଆ ନଦୀରେ ୩। ୩ । ୨୦୧୯ରେ ୨୬ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟରେ ଏକ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ସେଦିନରୁ ସେତୁ ନିର୍ମାଣ ମନ୍ଥର ଗତିରେ ଚାଲିଛି । ଏହାର ବ୍ୟୟ ଅଟକଳ ବଢି ୫୪ କୋଟିରେ ପହଞ୍ଚିଛି, ଅଥଚ କାମ ସରୁନାହିଁ । ସେହି କାମ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି । ବ୍ୟବହାର କରାଯାଉଥିବା ଚିପ୍ସ, ରଡ଼, ସିମେଣ୍ଟ ସେତୁ କାର୍ଯ୍ୟ ଉପଯୋଗୀ ନୁହେଁ । ଏହି ସେତୁ ନିର୍ମାଣ ହେଲେ ବିଂଝାରପୁର ସହିତ ବରୀ ସଂଯୋଗ ହୋଇପାରିବ । ବିରଜକ୍ଷେତ୍ର ସହ ତୁଳସୀ କ୍ଷେତ୍ର ଯୋଡ଼ି ହେବ । ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ପ୍ରାୟ ୫୦ ପଞ୍ଚାୟତର ଲୋକେ ବିଶେଷ ଉପକୃତ ହେବେ । ଏବେ ବରୀ ବ୍ଲକର ମଧୁସୂଦନପୁର ଓ ଅଙ୍ଗାଲୋ ପଞ୍ଚାୟତର ଲୋକେ ପ୍ରତିଦିନ ବ୍ଲକ୍, ତହସିଲ, ଅଲିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ହେଲେ ଡଙ୍ଗାକୁ ଭରସା କରିଛନ୍ତି । ସେତୁର ଦୁଇ ପାର୍ଶ୍ୱରେ ଆପ୍ରୋଚ ରାସ୍ତା ପାଇଁ ଜମି ଅଧିଗ୍ରହଣ କରାଯାଇନାହିଁ। ତୁରନ୍ତ ଏହି ସେତୁ ନିର୍ମାଣ କରି ଅଞ୍ଚଳବାସୀ ଯାତାୟାତ ସମସ୍ୟା ଦୂର କରିବାକୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ପୂର୍ତ୍ତ ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି । ପ୍ରଭାସ କୁମାର ସାମଲ, ପ୍ରାକ୍ତନ ସରପଞ୍ଚ କୁଞ୍ଜ ବିହାରୀ ସାମଲ, ପ୍ରତାପ ସାମଲ, ସରୋଜ ସାହୁ, ପ୍ରତାପ ମଲିକଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଯାଜପୁରରେ ବିଜେଡିର ଗୁଣ୍ଡାରାଜ୍ ଚାଲିଛି : ଆଶୁତୋଷ

**ବରୀ,୨୫।୧୧(ମହେନ୍ଦ୍ର ସ୍ୱାଇଁ):**

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆକ୍ରମଣ ଘଟଣାରେ ଯାଜପୁର ଭାଜପା ଜିଲା କାର୍ଯ୍ୟକାରି ସଭାପତି ଆଶୁତୋଷ ପରିଡ଼ା ମୁହଁ ଖୋଲିଛନ୍ତି। ସେ ଏହି ଘଟଣାକୁ ନିନ୍ଦା କରିବା ସହିତ ବିଜେଡିର ଗୁଣ୍ଡାରାଜ ପଦାକୁ ଆସିଛି ବୋଲି କହିଛନ୍ତି। ବିଜେଡିର ବର୍ତ୍ତମାନର ବିଧାୟକ ଓ ପୂର୍ବତନ ବିଧାୟକମାନେ ବିଗତ ଦିନରେ ଗୁଣ୍ଡାରାଜ କରିବାର ନଜିର ରହିଛି। ଉଦ୍ଦେଶ୍ୟମୂଳକ ଭାବେ ଧର୍ମଶାଳ ବିଧାୟକଙ୍କୁ ଆକ୍ରମଣ କରାଯିବା ଘଟଣା ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ଦୁଃଖଦାୟକ। ଭାଜପା ସରକାର ସତ୍ୟ ଓ ନ୍ୟାୟ ଉପରେ ବିଶ୍ୱାସ କରେ। ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି। ଅଭିଯୋଗ ପରେ ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିରଜା ମନ୍ଦିର ପ୍ରକଳ୍ପ ଓ ବିରଜା ହାଟକୁ ନେଇ ଏଭଳି ଦ୍ୱନ୍ଦ ଉପୁଜିଛି। ବାସ୍ତବ ପକ୍ଷେ ମା'ବିରଜା ପ୍ରକଳ୍ପକୁ ଭାଜପା ବିରୋଧ କରୁନାହିଁ। ଏହି ପ୍ରକଳ୍ପ ଶେଷ ହେବା ପାଇଁ ଭାଜପା ସହଯୋଗର ହାତ ବଢ଼ାଇବ ବୋଲି ସେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରବିନ୍ଦ୍ର ଜେନା, ସୌଭାଗ୍ୟ ଦାସ, ମନୋଜ ମହାପାତ୍ର, ପ୍ରାକ୍ତନ ସରପଞ୍ଚ ଅଶୋକ ଜେନା, ସଂଗ୍ରାମ ସାହୁ, ବିଜୟ ବେହୁରା, ଅଜୟ ନାୟକ, ଦେବବ୍ରତ କଣ୍ଡ, ଅଭିଜିତ ରାୟ, ଅଜିତ ଜେନା, ଅଭୟ ପଲେଇ ସମେତ ଭାଜପା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଭାଜପା ଜିଲା କାର୍ଯ୍ୟକାରି ସଭାପତି ଆଶୁତୋଷ ପରିଡ଼ା ଓ ଅନ୍ୟମାନେ ।

# ପୁଅ ମୃତ୍ୟୁର ଦିନକ ପରେ ବାପା ଆଖି ବୁଜିଲେ

**ଧର୍ମଶାଳା,୨୫।୧୧(ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନହଙ୍ଗାପାଟଣା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ପୁଅ ମୃତ୍ୟୁର ଗୋଟିଏ ଦିନ ପରେ ବାପାଙ୍କ ପରଲୋକ ହୋଇଛି । ଏହି ଘଟଣାକୁ ନେଇ ସମଗ୍ର ପଞ୍ଚାୟତରେ ଶୋକର ଛାୟା ଖେଳି ଯାଇଛି ।

ସୂଚନା ଅନୁଯାୟୀ, ନହଙ୍ଗା ପାଟଣା ଗ୍ରାମର ବ୍ୟବସାୟୀ ନୀଳମଣି ସାହୁ (୫୪)ଙ୍କ ରବିବାର ଅପରାହ୍ନ ପ୍ରାୟ ୨ଟା ସମୟରେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା । ଗତକାଲି ରାତିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏହି ଦୁଃଖ ପରିବାର ଲୋକଙ୍କୁ ବ୍ୟତିବ୍ୟସ୍ତ କରୁଥିବା ବେଳେ ସୋମବାର ସକାଳୁ ନୀଳମଣିଙ୍କ ବାପା ସୀତାକାନ୍ତ ସାହୁ (୮୨) ହଠାତ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ବ୍ୟବସ୍ଥା କରାଯାଉଥିବା ବେଳେ ତାଙ୍କର ପରଲୋକ ଘଟିଥିଲା । ଏକମାତ୍ର ପୁଅ ନୀଳମଣିଙ୍କ ମୃତ୍ୟୁକୁ ସହ୍ୟ ନ କରିପାରି ସୀତାକାନ୍ତଙ୍କ ଏଭଳି ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି ।

ନୀଳମଣି ବାରିପଦାରେ ଲୁଗା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିବା ସହ ବେଶ ହସଖୁସରେ ଜୀବନଯାପନ କରୁଥିଲେ । ଗତ କିଛିଦିନ ହେବ ସେ ଘରକୁ ବୁଲିବାକୁ ଆସିଥିଲେ । ରବିବାର ତାଙ୍କର ହୃଦ୍‌ଘାତ ହୋଇଥିଲା। ପରିବାର ଲୋକେ ତାଙ୍କୁ ଧର୍ମଶାଳା ମେଡିକାଲକୁ ଆଣିଥିଲେ। ଡାକ୍ତର ତାଙ୍କୁ କଟକ ରେଫର କରିଥିଲେ। ହେଲେ କଟକ ମେଡିକାଲକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା । ପରିବାରର ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ବାପା ସୀତାକାନ୍ତ ମ୍ରିୟମାଣ ହୋଇପଡିଥିଲେ। ସେହି ଚିନ୍ତାରେ ତାଙ୍କର ସୋମବାର ସକାଳେ ମୃତ୍ୟୁ ଘଟିଥିଲା । ଏବେ ସୀତାକାନ୍ତଙ୍କ ପରିବାରରେ ତାଙ୍କ ସ୍ତ୍ରୀ, ବୋହୂ ଓ ନାତି ଓ ନାତୁଣୀ ଅଛନ୍ତି ।

# ୩ ଜଣଙ୍କୁ ଆଜୀବନ କାରାଦଣ୍ଡ

## ଜମିବାଡ଼ିକୁ କେନ୍ଦ୍ରକରି ହତ୍ୟା ମାମଲା

**ଯାଜପୁର ଟାଉନ,୨୫।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

ଜମିବାଡ଼ିକୁ କେନ୍ଦ୍ରକରି ବୈରୀ ଥାନା ଅନ୍ତର୍ଗତ କପାସିକିରୀ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଏହି ମାମଲାରେ ସଂପୃକ୍ତ ଥିବା ୩ ଅଭିଯୁକ୍ତଙ୍କୁ ଯାଜପୁର ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସୋମବାର ଏହି ମାମଲାର ରାୟ ପ୍ରକାଶ ପାଇଛି ।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ବୈରୀ ଥାନା ଅର୍ନ୍ତଗତ କପାସିକିରି ଗ୍ରାମର ଗୌରାଙ୍ଗ ନାୟକ ଏବଂ ତାଙ୍କ ସାନଭାଇ ଜୟନ୍ତ ନାୟକଙ୍କ ମଧରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ୨୦୨୩ ଏପ୍ରିଲ ୫ ତାରିଖ ଭୋର ୫ଟା ସମୟରେ ଗୌରାଙ୍ଗଙ୍କ ସ୍ତ୍ରୀ ଅନି ନାୟକ ନିଜ ଘର ସମ୍ମୁଖରେ କାମ କରୁଥିବା ବେଳେ ତାଙ୍କର ଦିଅର ଜୟନ୍ତ ଏବଂ ତାଙ୍କ ସ୍ତ୍ରୀ ଉର୍ମିଳା ତାଙ୍କୁ ଜୋରଜବରଦସ୍ତ ନିଜ ଘର ଭିତରକୁ ଟେକି ନେଇଥିଲେ। ପୂର୍ବ ଯୋଜନା ଅନୁଯାୟୀ ଜୟନ୍ତଙ୍କ ସହଯୋଗୀ ରବିନ୍ଦ୍ର ବାରିକ ତାଙ୍କ ଘର ଭିତରେ ଲୁଚି ରହିଥିଲେ। ରବିନ୍ଦ୍ର ଏବଂ ଉର୍ମିଳା ଉଭୟ ମିଶି ଅନିଙ୍କୁ ମାଡିବସିଥିଲେ । ଏହି ସୁଯୋଗରେ ଜୟନ୍ତ ଏକ ଟାଙ୍ଗିଆରେ ତାଙ୍କ ବେକକୁ ହାଣି ପକାଇଥିଲେ। ଫଳରେ ଅନିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ମୃତା ଅନିଙ୍କ ପୁଅ ଲକ୍ଷ୍ମୀଧର ବୈରି ଥାନାରେ ଅଭିଯେଗ କରିଥିଲେ । ଏ ନେଇ ଏକ ମାମଲା(ନଂ.୬୧/୨୦୨୩) ରୁଜୁ ହୋଇଥିଲା। ବୈରୀ ଥାନା ଅଧିକାରୀ ଆସାମୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ତେବେ ସୋମବାର ଏହି ମାମଲାର ଚୁଡ଼ାନ୍ତ ଶୁଣାଣି କରି ୨୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଯାଜପୁର ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ୩ଜଣ ଆସାମୀ ଜୟନ୍ତ ନାୟକ, ଉର୍ମିଳା ନାୟକ ଏବଂ ରବୀନ୍ଦ୍ର ବାରିକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ହଜାର ଟଙ୍କା ଜରିମାନା ଦେବାକୁ ରାୟ ପ୍ରକାଶ କରିଛନ୍ତି। ଏହି ଜରିମାନା ଅନାଦେୟରେ ଅଧିକ ୬ମାସ ଜେଲ୍ ଦଣ୍ଡାଦେଶ ଭୋଗିବା ପାଇଁ ରାୟରେ ପ୍ରକାଶିତ ହୋଇଛି। ଏହି ମାଲାଟିକୁ ସରକାରୀ ଓକିଲ ସମରେନ୍ଦ୍ର ଦାସ ପରିଚାଳନା କରିଥିଲେ।



# ପୃଥକ୍ ମାମଲା, ୨ଜଣ ଅଭିଯୁକ୍ତ ଗିରଫ

**ରସୁଲପୁର,୨୫।୧୧(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ଟିକରପଡା ପଞ୍ଚାୟତ କୁଜିବର ଗ୍ରାମର ଦିଲୀପ ରାଉତ(୨୭) ନିଜ ବାନ୍ଧବୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିଲେ। ଏହି ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଛି । ଅନ୍ୟ ଏକ ମାମଲାରେ କୁଆଖିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପାଣିକୋଇଲି ଥାନା ଅର୍ନ୍ତଗତ ସୋଲପଟା ଗ୍ରାମର ପ୍ରଦୀପ ମଲିକ(୨୮) ଅପହରଣ କରିବା ଅଭିଯୋଗରେ କୁଆଖିଆ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ସୂଚନା ଅନୁଯାୟୀ, କୁଜିବର ଗ୍ରାମର ଦିଲୀପ ଟିକରପଡା ଗ୍ରାମର ନିଜ ବାନ୍ଧବୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଥିଲେ। କିଛିଦିନ ବ୍ୟବଧାନରେ ଦିଲୀପଙ୍କୁ ବିବାହ କରିବା ପାଇଁ ସମ୍ପୃକ୍ତ ବାନ୍ଧବୀ ପ୍ରସ୍ତାବ ଦେଇଥିଲେ । ପୁରୁଷ ବନ୍ଧୁ ଜଣକ ବାନ୍ଧବୀଙ୍କ ବିବାହ ପ୍ରସ୍ତାବକୁ ନାନା ଆଳ ଦେଖାଇ ଠକିବାକୁ ଚେଷ୍ଟା କରିଥିଲେ । ଏ ନେଇ ଯୁବତୀ ଜଣକ ଶୁକ୍ରବାର କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗ ଆଧାରରେ ପୋଲିସ କୁଆଖିଆ ଥାନାରେ ଏକ ମାମଲା(ନଂ.୪୮୯/୨୪)ରୁଜୁ କରି ତଦନ୍ତ କରୁଛି ।

ସେହିପରି ଅନ୍ୟ ଏକ ଘଟଣାରେ କୁଆଖିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅପହରଣ କରି ନିଆଯାଇଥିଲା । ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଶନିବାର କୁଆଖିଆ ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ପାଣିକୋଇଲି ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକାକୁ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ସହ ଥାନାରେ ଏକ ମାମଲା (ନଂ.୪୯୩/୨୪)ରୁଜୁ କରାଯାଇଛି । ଉଭୟ ମାମଲାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାଦଲ


@ ଚିତ୍ତରଞ୍ଜନ


@ ଦୀପ୍ତିରଞ୍ଜନ


@ ଶାନ୍ତନୁ


@ ସୁରେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜିଠୁ ଭାଲୁ ପୋଢ଼ା ଯାତ୍ରା

## ବାଦ୍ୟ,ନୃତ୍ୟରେ କମ୍ପିବ ଛତିଆ

**ଛତିଆ,୨୫।୧୧(ସୌମ୍ୟ ରଞ୍ଜନ ସାହୁ):**





ବଡ଼ଚଣା ବ୍ଲକ୍ ଛତିଆଠାରେ ମଙ୍ଗଳ ଓ ବୁଧବାର ୨ଦିନ ଧରି ପ୍ରସିଦ୍ଧ ଭାଲୁ ପୋଢ଼ା ଯାତ୍ରା ଅନୁଷ୍ଠିତ ହେବ। ଏହି ଅବସରରେ ସମସ୍ତ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କିଭଳି ଚଳିତ ବର୍ଷ ଯାତ୍ରାକୁ ଆକର୍ଷଣୀୟ କରାଯିବ ସେ ନେଇ ସାହି କମିଟି ପକ୍ଷରୁ ଉଦ୍ୟମ ଜାରି ରହିଛି । ରାଜ୍ୟ ବାହାରୁ ପାରମ୍ପରିକ ବାଦ୍ୟ ସହ ଲୋକନୃତ୍ୟ ଦଳ ପହଞ୍ଚି ସାରିଛନ୍ତି। ଛତିଆର ବିଭିନ୍ନ ସାହିରେ ପଞ୍ଚୁକଠାରୁ ପୂଜା ପାଉଥିବା କାର୍ତ୍ତିକେଶ୍ୱର, ହରପାର୍ବତୀ, ହନୁମାନ, ରାଧାକୃଷ୍ଣଙ୍କ ମେଢ଼ ମଙ୍ଗଳବାର ସାହି ପରିକ୍ରମା ପରେ ଯାତ୍ରା ପଡିଆ ଅଭିମୁଖେ ଧାର୍ଯ୍ୟ ହୋଇଥିବା ସମୟାନୁସାରେ ବାହାରିବ। ବୁଧବାର ଠାକୁରଙ୍କୁ ଭୋଗ ଲାଗିବା ପରେ ବିସର୍ଜନ ପାଇଁ ଶୋଭାଯାତ୍ରାରେ ମେଢ଼ଗୁଡିକ ସାମିଲ ହେବେ । ଚଳିତ ବର୍ଷ ଯାତ୍ରାରେ ପାରମ୍ପରିକ ବାଦ୍ୟ ସମେତ ଆନ୍ଧ୍ରପ୍ରଦେଶ ଓ ବ୍ରହ୍ମପୁର ବ୍ୟାଣ୍ଡ ସହ କଳାହାଣ୍ଡି,ବରଗଡ଼,ସମ୍ବଲପୁର, ପୁରୀ, ବଲାଙ୍ଗିର, ମୟୂରଭଞ୍ଜର ଆଦିବାସୀ ଲୋକନୃତ୍ୟ ପ୍ରଦର୍ଶନ କରାଯିବ ବୋଲି ବିଭିନ୍ନ ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ସ୍ଥାୟୀ ନିଯୁକ୍ତି ଦାବିରେ ଡୁବୁରୀ-ଦାନଗଦି ରାସ୍ତା ଅବରୋଧ

**କଳିଙ୍ଗନଗର,୨୫।୧୧((ଶୁଭାଶିଷ ରାଉତ):**

କଳିଙ୍ଗନଗର ନୀଳାଚଳ କାରଖାନାର ମୃତ ବିସ୍ଥାପିତ ଉତ୍ତରାଧିକାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଦାବିକୁ ନେଇ ନୀଳାଚଳ କାରଖାନା ଫାଟକ ସମ୍ମୁଖରେ ସୋମବାରଠାରୁ ଆନ୍ଦୋଳନ ଡାକରା ଦିଆଯାଇଥିଲା । ବିସ୍ଥାପିତ ପରିବାର ଲୋକଙ୍କ ଆନ୍ଦୋଳନକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ରବିବାର ଅପରାହ୍ନରେ କାରଖାନା ଫାଟକ ସମ୍ମୁଖରେ ୧୬୩ ବିଏନ୍‌ଏସ୍‌ଏସ୍ ଧାରା ଲାଗୁ କରାଯାଇଥିଲା । ଫଳରେ ଆନ୍ଦୋଳନକାରୀମାନେ ଭୟଭୀତ ହୋଇ ଆନ୍ଦୋଳନରୁ ଓହରିଯିବେ ବୋଲି ଆଶଙ୍କା କରାଯାଉଥିଲା । କିନ୍ତୁ ସେସବୁକୁ ଖାତିର ନ କରି ସୋମବାର ସକାଳୁ ଶତାଧିକ ବିସ୍ଥାପିତ ପରିବାର ବାରଗଡ଼ିଆ ଟୋଲ୍‌ଗେଟ୍ ପାଖରେ ଏକତ୍ରିତ ହୋଇ ହାତରେ ପ୍ଲାକାର୍ଡ ଧରି ସ୍ଥାୟୀ ନିଯୁକ୍ତି ଦାବି କରିବା ସହିତ କାରଖାନା ବିରୋଧରେ ସ୍ଲୋଗାନ ଦେଇ କାରଖାନା ନିକଟକୁ ଯାଉଥିଲେ । ପୋଲିସ ପକ୍ଷରୁ ସେମାନଙ୍କୁ ରୋକା ଯାଇଥିଲା । ଫଳରେ କିଛି ସମୟ ପାଇଁ ପୋଲିସ ଓ ବିସ୍ଥାପିତଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା । ଘଟଣାସ୍ଥଳରେ ୬ ପ୍ଲାଟୁନ ପୋଲିସ ,୫ଜଣ ମାଜିଷ୍ଟ୍ରେଟ, ୫ ଜଣ ଆଇଆଇସି, କଳିଙ୍ଗନଗର ଏଡିଏମ୍ ସପନ କୁମାର ନନ୍ଦ, କଳିଙ୍ଗନଗର ଏଏସ୍‌ପି ଏସ୍.ଟପ୍ପୋ, ଜଣେ ଡିଏସ୍‌ପି, କଳିଙ୍ଗନଗର ଭୂଅର୍ଜନ ଅଧିକାରୀ ନମ୍ରତା ମୋଦି ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି ।



ସ୍ଥାୟୀ ନିଯୁକ୍ତି ଦାବିରେ ରାସ୍ତା ଅବରୋଧ କରାଯାଇଛି ।

# ନଷ୍ଟ ଧାନ, ଭଙ୍ଗାଘର ଦେଖାଇଲେ ବାତ୍ୟା ବିପନ୍ନ

## କ୍ଷୟକ୍ଷତି ଆକଳନ ପାଇଁ ରାଜନଗରରେ କେନ୍ଦ୍ରୀୟ ପ୍ରତିନିଧି ଦଳ

ରାଜନଗର, ୨୫।୧୧(ଭାସ୍କର ରାଉତରାୟ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଦାନା ଅକ୍ଟୋବର ୨୪ରେ ରାଜନଗର ବ୍ଲକ ଭିତରକନିକାର ହବାଲିଖଟିଠାରେ ସ୍ଥଳଭାଗ ଛୁଇଁଥିଲା। ବାତ୍ୟା ପ୍ରଭାବରେ ରାଜନଗର ବ୍ଲକର ରଙ୍ଗଣୀ, ତାଳଚୁଆ, ବାଘମାରୀ, କେରୁଆଁପାଳ, ଡାଙ୍ଗମାଳ, କୃଷ୍ଣନଗର, ଖମାରସାହି ପ୍ରଭୃତି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବାତ୍ୟାର ମାସେ ପରେ କ୍ଷୟକ୍ଷତି ଆକଳନ ପାଇଁ ସୋମବାର କେନ୍ଦ୍ରୀୟ ପ୍ରତିନିଧି ଦଳ ରାଜନଗର ଗସ୍ତ କରିଛି। ବ୍ଲକର ବାତ୍ୟା କ୍ଷୟକ୍ଷତି ଅଞ୍ଚଳ ପରିଦର୍ଶନ କରି ସ୍ଥିତି ପରଖିବା ପରେ ପଟ୍ଟାପାରିଆଠାରେ ବିପନ୍ନ ଲୋକଙ୍କ ସହ ଆଲୋଚନା କରିଥିଲେ। ବିପନ୍ନ ଲୋକେ ସେମାନଙ୍କ ଜୀବିକା କିପରି ଉଜୁଡ଼ିଯାଇଛି, ସେନେଇ କହିବା ସହ ନଷ୍ଟ ହୋଇଯାଇଥିବା ଧାନ ଫସଲ ଦେଖାଇଥିଲେ।

ଅପରାହ୍ନ ୧ଟା ୪୦ରେ କେନ୍ଦ୍ରୀୟ ଟିମ୍ ଭିତରକନିକାର ଡାଙ୍ଗମାଳଠାରେ ପହଞ୍ଚିଥିଲା। ଏଥିରେ ରୋଡ୍, ଟ୍ରାନ୍ସପୋର୍ଟ ଓ ହାଇୱେ ଡିପାର୍ଟମେଣ୍ଟର ଅଧୀକ୍ଷଣ ଯନ୍ତ୍ରୀ ସୁନୀଲ କୁମାର, ପାୱାର ସିଇଏର ଡେପୁଟି ଡାଇରେକ୍ଟର ଶ୍ରୀମତୀ ସ୍ନେହାଙ୍କ ସହ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ,



କେନ୍ଦ୍ରୀୟ ପ୍ରତିନିଧି ଦଳଙ୍କୁ ଚାଷୀମାନେ ନଷ୍ଟ ହୋଇଥିବା ଧାନ ଦେଖାଉଛନ୍ତି।

ତହସିଲଦାର ଅଜୟ କୁମାର ମହାନ୍ତି, ବିଡିଓ ଅଜିତ୍ ନାରାୟଣ ପ୍ରସାଦ ଗିରି, ତାଳଚୁଆ ମେରାଇନ୍ ଥାନା ଆଇଆଇସି ସସ୍ମିତା ସାହୁଙ୍କ ସମେତ କୃଷି ବିଭାଗର ଅଧିକାରୀମାନେ ସିଧାସଳଖ ରଙ୍ଗଣୀରେ ପହଞ୍ଚି ଭାଙ୍ଗିଯାଇଥିବା ରମାକାନ୍ତ ଦଳାଇଙ୍କ ଘର ଦେଖିଥିଲେ। ପରେ ରଙ୍ଗଣୀ ପଞ୍ଚାୟତର ପଟ୍ଟାପାରିଆଠାରେ ପହଞ୍ଚିଥିଲେ। ପଟ୍ଟାପାରିଆରେ ତପନ କୁମାର ଭୂୟାଁ, ଖୋକନ ଭୂୟାଁ, ଶକ୍ତିପଦ ଜେନା, ସରୋଜ ମାଇତି, ବନବିହାରୀ ମଣ୍ଡଳ, ଶ୍ରୀକୃଷ୍ଣ ମାନ୍ନା, ଅଞ୍ଜନ ମାଇତି ପ୍ରମୁଖ କ୍ଷତିଗ୍ରସ୍ତ ବହୁ ଚାଷୀ ହାତରେ ସେମାନଙ୍କ ନଷ୍ଟ ହୋଇଯାଇଥିବା ଧାନ ଧରି ଏହି ପ୍ରତିନିଧି ଦଳକୁ ଦେଖାଇଥିଲେ। ଏ ଅଞ୍ଚଳରେ କେତେ ଧାନ ନଷ୍ଟ ହୋଇଛି, ସେନେଇ ପ୍ରତିନିଧି ଦଳ ପଚାରି ବୁଝିବା ସହ ଧାନଫସଲ ଅଗାଡ଼ି ହୋଇଯାଇଥିବା ହାତମାରି ଦେଖିଥିଲେ। ପଟ୍ଟାପାରିଆ ଗାଁର ଅଞ୍ଜନ ମାଇତି ବାତ୍ୟା ଛାଡ଼ିବାର ମାସକ ପରେ ଏହି କ୍ଷୟକ୍ଷତି ଆକଳନକୁ ନେଇ ପ୍ରଶ୍ନ କରିଥିଲେ। କେନ୍ଦ୍ରାପଡ଼ା ଜିଲାପାଳ ଯେଉଁମାନଙ୍କର ଘର ଭାଙ୍ଗିଛି, ସେମାନଙ୍କ ସହାୟତା ଅର୍ଥ ଆକାଉଣ୍ଟକୁ ଯାଇସାରିଛି, ଫସଲ କ୍ଷତିପୂରଣ ଇନ୍‌ପୁଟ ସହାୟତା ରାଶି ୭ ଦିନ ଭିତରେ ଆକାଉଣ୍ଟକୁ ଯିବ ବୋଲି କହିଥିଲେ। ଶରତ ମହାନ୍ତି, ଅଭିମନ୍ୟୁ କଳା, ପରିପାଳ, ପ୍ରଭାତ ମଣ୍ଡଳ ପ୍ରମୁଖ ଆମଘର ଭାଙ୍ଗିଛି, ଏଯାଏ ତଦନ୍ତ ହୋଇନି କି ଆମ ଆକାଉଣ୍ଟ ନମ୍ବର ନିଆଯାଇନି, ଟଙ୍କା କିପରି ଆସିବ ବୋଲି ପଚାରିଥିଲେ। ଏଥିସହ ଭାଙ୍ଗି ଯାଇଥିବା ସେମାନଙ୍କ ଘରର ଫଟୋ ମୋବାଇଲରୁ ପ୍ରତିନିଧି ଦଳକୁ ଦେଖାଇଥିଲେ। ଜିଲାପାଳ ଘଟଣାସ୍ଥଳରେ ତହସିଲଦାର ଓ ଆର୍‌ଆଇଙ୍କୁ କାହିଁକି ଏପରି ହେଲା ବୋଲି ପଚାରି ବୁଝିବା ସହ ପଟ୍ଟାପାରିଆରେ ଘରଭଙ୍ଗା କ୍ଷୟକ୍ଷତିର ଆଉଥରେ ତଦନ୍ତ ହେବ ବୋଲି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ତହସିଲଦାରଙ୍କ ମାଧ୍ୟମରେ ଏହି ତଦନ୍ତ କରାଯାଇ ୭ ଦିନ ଭିତରେ ରିପୋର୍ଟ ପ୍ରଦାନ ପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ବାତ୍ୟାରେ ପଟ୍ଟାପାରିଆ ଗ୍ରାମରେ ଲୁଣିପାଣି ଓ ଖାଦ୍ୟାଭାବ ଯୋଗୁ ପ୍ରଭାତ ମଣ୍ଡଳଙ୍କର ୩୦ଟି ଛେଳି ମରିଯାଇଥିବା ବେଳେ ତପନ ଭୂୟାଁଙ୍କର ୩୦ଟି, ଶ୍ରୀକୃଷ୍ଣ ମାନ୍ନାଙ୍କର ୪୦ଟି, ଶକ୍ତିପଦ କାଣ୍ଡାଙ୍କର ୧୦ଟି, ସୁକୁମାର ମଣ୍ଡଳଙ୍କର ୨୧ଟି, ବନବିହାରୀ ମଣ୍ଡଳଙ୍କର ୫ଟି, ମଦନ ମଣ୍ଡଳଙ୍କର ୧୯ଟି, ରାମଚନ୍ଦ୍ର ମଣ୍ଡଳଙ୍କର ୧୦ଟି, ଶ୍ରୀକୃଷ୍ଣ ମଣ୍ଡଳଙ୍କର ୫ଟି, ସୁଶାନ୍ତ ଦାସଙ୍କର ୪ଟି, ଟୁନା ଦଳାଇଙ୍କର ୫ଟି ଛେଳି ମୃତ୍ୟୁ ହୋଇଥିବା ନେଇ କେନ୍ଦ୍ରୀୟ ପ୍ରତିନିଧି ଦଳ ନିକଟରେ ଅଭିଯୋଗ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାଦଲ



@ ଚିତ୍ତରଞ୍ଜନ



@ ଦୀପ୍ତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗଳିତ ମୃତଦେହକୁ ଜବତ କଲା ପୋଲିସ

- ନାବାଳକ ଆତ୍ମହତ୍ୟାର ୧୩ ଦିନ ପରେ ଥାନାରେ ଏତଲା
- ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ ସାଇଣ୍ଟିଫିକ୍ ଟିମ୍‌ର ବ୍ୟବଚ୍ଛେଦ

ରାଜକନିକା, ୨୫।୧୧(ସଞ୍ଜୟ କୁମାର ଦାଶ)

ନାବାଳକ ମୃତ୍ୟୁର ୧୩ଦିନ ପରେ ଗଳିତ ମୃତଦେହକୁ କଢ଼ାଯାଇ ବ୍ୟବଚ୍ଛେଦ କରାଯାଇଛି। କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ତଥା ଓଳାଭର ପଞ୍ଚାୟତ ଦେଉଳସାହି ଗାଁରେ ସୋମବାର ଦେଖିବାକୁ ମିଳିଛି ଏପରି ଏକ ଅଭାବନୀୟ ଘଟଣା। ଗାଁର ସୁଜିତ ବେହୁରାଙ୍କ ନାବାଳକ ବଡ଼ପୁଅ କେନ୍ଦ୍ରାପଡ଼ା ଆଦର୍ଶ ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗର ଛାତ୍ର ଥିଲେ। ଗତ ୧୨ତାରିଖରେ ନିଜ ଘରେ ବେକରେ ବେଡସିଟ୍ ଲଗାଇ ଆତ୍ମହତ୍ୟା କରିଥିଲେ। ହେଲେ ପରିବାର ଲୋକେ ଗାଁ ମୁରବୀଙ୍କ ପରାମର୍ଶରେ ମୃତଦେହକୁ ବ୍ୟବଚ୍ଛେଦ ନ କରି ପୋତି ଦେଇଥିଲେ। ପରବର୍ତ୍ତୀ ସମୟରେ ମୃତ ନାବାଳକଙ୍କ ମୋବାଇଲ୍ ଲକ୍ ଖୋଲିବାରେ ପ୍ରେମ ସମ୍ପର୍କକୁ ନେଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏ ନେଇ ପରିବାର ପକ୍ଷରୁ ନାବାଳକଙ୍କ ମା' ରାଜଶ୍ରୀ ନାୟକ ରବିବାର ରାଜକନିକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଥାନାରେ ଏକ ମାମଲା ରୁଜୁ କରାଯାଇ ସୋମବାର ଘଟଣାସ୍ଥଳରେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ରାଜକନିକା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଆଳି ଆଇଆଇସି ସବ୍ୟସାଚୀ ଶତପଥୀ, ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ବାଦଲ କୁମାର ମହାନ୍ତି, ସାଇଣ୍ଟିଫିକ୍ ଟିମ୍, ରାଜକନିକା ଥାନା ଏସ୍‌ଆଇ ମାନସ କୁମାର ସାହୁ, ଏସ୍‌ଆଇ ଚିନ୍ମୟ କୁମାର ମହାନ୍ତି ଉପସ୍ଥିତି ରହି ଗଳିତ ମୃତଦେହକୁ କଢ଼ାଯାଇ ବ୍ୟବଚ୍ଛେଦ କରାଯାଇଛି। ପରେ ପୋଲିସ ଏ ସମ୍ପର୍କରେ ଅଧିକ ତଦନ୍ତ ଆରମ୍ଭ କରିଛି। ନାବାଳକ ମା' ରାଜଶ୍ରୀ ପୁଅ ମାନସିକ ଚାପରେ ଆତ୍ମହତ୍ୟା କରିଥିବା ଅଭିଯୋଗ ଆଣି ନାବାଳିକା ପ୍ରେମିକା ସମେତ ମା', ବାପାଙ୍କ ନାମରେ ଏତଲା ଦେଇଥିବା ଜଣାପଡିଛି।



ତହସିଲଦାର, ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ମାଟିଖୋଳି ମୃତଦେହକୁ କଢ଼ାଯାଉଛି।

# ୩ ଘଣ୍ଟା ଅପେକ୍ଷା କରି ଫେରିଲେ ବାତ୍ୟା ବିପନ୍ନ



କେନ୍ଦ୍ରୀୟ ପ୍ରତିନିଧି ଦଳଙ୍କୁ ଅପେକ୍ଷା କରିଥିବା ଚାଷୀମାନେ ।

## ଟିକାୟତନଗର ଗଲାନି ପ୍ରତିନିଧି ଦଳ

ରାଜନଗର, ୨୫।୧୧(ଭାସ୍କର ରାଉତରାୟ)

କେନ୍ଦ୍ରୀୟ ପ୍ରତିନିଧି ଦଳର ସୋମବାର କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ବାତ୍ୟା ଦାନା ରାଜନଗର ବ୍ଲକରେ ମାଡ଼ ହୋଇଥିବାରୁ ଏହି ଅଞ୍ଚଳରେ ଅଧିକ କ୍ଷୟକ୍ଷତି ଘଟାଇଥିବାରୁ ପ୍ରତିନିଧି ଦଳ ଏଠାକୁ ଆସିବାର କାର୍ଯ୍ୟସୂଚୀ ରହିଥିଲା। ପ୍ରତିନିଧି ଦଳ ଅପରାହ୍ନ ସାଢ଼େ ୧ଟାରେ ଡାଙ୍ଗମାଳ ଫରେଷ୍ଟ ବଙ୍ଗଳାରେ ପହଞ୍ଚିବ, ମଧ୍ୟାହ୍ନଭୋଜନ ପରେ ସାଢ଼େ ୨ଟାରେ ବାତ୍ୟା ଅଞ୍ଚଳ ଗସ୍ତ କରିବ। ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ରଙ୍ଗଣୀ, ଟିକାୟତନଗର ଓ ପଟ୍ଟାପାରିଆରେ ବାତ୍ୟାରେ କ୍ଷୟକ୍ଷତି ଭିଡିଭୂମି, ଭାଙ୍ଗିଥିବା ଘର ଓ ଫସଲ କ୍ଷୟକ୍ଷତି ଦେଖିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଅପରାହ୍ନ ସାଢ଼େ ୪ଟାରୁ ୫ଟା ଯାଏ ପଟ୍ଟାପାରିଆ ବାତ୍ୟା ଆଶ୍ରୟସ୍ଥଳରେ ବିପନ୍ନ ଲୋକଙ୍କ ସହ ଆଲୋଚନା କରିବାର ସ୍ଥିର ହୋଇଥିଲା। ଏହି ପ୍ରତିନିଧି ଦଳ ଡାଙ୍ଗମାଳରୁ ସିଧାସଳଖ ରଙ୍ଗଣୀ ଦେଇ ପଟ୍ଟାପାରିଆରେ ପହଞ୍ଚିଥିଲା। ପଟ୍ଟାପାରିଆ ବାତ୍ୟା ଆଶ୍ରୟସ୍ଥଳ ନିକଟରେ ବାତ୍ୟା କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରିବା ପରେ କେନ୍ଦ୍ରାପଡ଼ା ଫେରିଯାଇଥିଲା। ମାତ୍ର ଅପରାହ୍ନ ୨ଟାରୁ ୫ଟା ଯାଏ ଟିକାୟତନଗର ବାତ୍ୟା ଆଶ୍ରୟସ୍ଥଳ ନିକଟରେ ୨୫୦ରୁ ଊର୍ଦ୍ଧ୍ୱ ବିପନ୍ନ ଅପେକ୍ଷାକରି ରହିଥିଲେ କେନ୍ଦ୍ରୀୟ ପ୍ରତିନିଧି ଦଳକୁ ସେମାନଙ୍କ ଦୁଃଖ ଜଣାଇବା ପାଇଁ ଓ ସେମାନେ କିପରି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି, ଜୀବନ ସିନା ବଞ୍ଚିଯାଇଛି, ଜୀବିକା ଉଜୁଡ଼ିଯାଇଛି, ତାହା ଦର୍ଶାଇବାକୁ। ମାତ୍ର ପ୍ରତିନିଧି ଦଳର କାର୍ଯ୍ୟସୂଚୀରେ ଟିକାୟତନଗରକୁ ଯିବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ସେଠାକୁ ଯାଇ ନ ଥିଲା। ଲୋକମାନେ ସେମାନଙ୍କ କାମଧନ୍ଦା ଛାଡ଼ି ଦୁଃଖ ଜଣାଇବା ଲାଗି ଦୀର୍ଘ ୩ ଘଣ୍ଟା ଧରି ଟିକାୟତନଗରରେ ଅପେକ୍ଷା କରି ନିରାଶରେ ଘରକୁ ଫେରିଥିଲେ।

# ଅବକାରୀ ବିଭାଗ କନଷ୍ଟେବଲଙ୍କୁ ମଦ ବେପାରୀଙ୍କ ଆକ୍ରମଣ

ଡେରାବିଶ, ୨୫।୧୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଞ୍ଚଳରେ ଚୋରା ମଦ ବ୍ୟାପକ କାରବାର ହେଉଥିବା ଅଭିଯୋଗ ହୋଇଆସୁଥିଲା। ସୋମବାର ଚୋରା ମଦ ବେପାରୀଙ୍କୁ ଧରିବାକୁ ଯାଇ ଅବକାରୀ ବିଭାଗର ଜଣେ କନଷ୍ଟେବଲ ଲହୁ ଲୁହାଣ ହୋଇଛନ୍ତି।

ସୂଚନାଯୋଗ୍ୟ, ଥାନା ଅଧୀନ ଚଣ୍ଡିଖୋଲ-ପାରାଦୀପ ୫ ନଂ. (କ) ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକରେ ଜଣେ ବେପାରୀ ବିପୁଳ ଚୋରାମଦ କାରବାର କରୁଥିବା ଅଭିଯୋଗ ହୋଇଥିଲା। ସୋମବାର ସକାଳେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ କନଷ୍ଟେବଲ ଅଶୋକ ବେହେରା ସାଦା ପୋଷାକରେ ଉକ୍ତ ଚୋରାମଦ ବିକ୍ରୟ ସ୍ଥାନକୁ ଯାଇ ମଦ ମାଗିବା ପରେ ବେପାରୀ ଜଣକ ମଦ ଦେଇଥିଲେ। ତେବେ ଏହି ସମୟରେ ସମ୍ପୃକ୍ତ ଚୋରା ମଦ ବ୍ୟବସାୟୀ ମନୋଜ ସେଠୀଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ମନୋଜ ଏକ ମଦ ବୋତଲରେ କନଷ୍ଟେବଲ ଅଶୋକଙ୍କୁ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ଉପସ୍ଥିତ ଥିବା ଅନ୍ୟ କର୍ମଚାରୀମାନେ ଚୋରାମଦ ବ୍ୟବସାୟୀ ମନୋଜକୁ କାବୁକରିବା ସହ ସେ ରଖିଥିବା ଚୋରା ମଦକୁ ଜବତ କରିଥିଲେ। ଜବତ ହୋଇଥିବା ଦେଶୀ ଓ ବିଦେଶୀ ମଦର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ନଂ.୪୭/୨୪ରେ ଏକ ମାମଲା ରୁଜୁ କରାଯାଇ ଅଧିକ ଅନୁସନ୍ଧାନ ଜାରି ରହିଥିବା ଅବକାରୀ ବିଭାଗ ଇନ୍ସପେକ୍ଟର ହିତାଂଶୁ ଶେଖର ସୂଚନା ଦେଇଛନ୍ତି।

# ସମୃଦ୍ଧ ଓଡ଼ିଆ ଭାଷା ସାହିତ୍ୟରୁ ଶବ୍ଦ ହଜୁଛି



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରୁଛନ୍ତି।

## ସତୀର୍ଥର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୫।୧୧ (ଜଗନ୍ନାଥ ଧଳ)

ପାଶ୍ଚାତ୍ୟ ସଭ୍ୟତା ଅନୁକରଣରେ ଓଡ଼ିଶାର ସାମ୍ପ୍ରତିକ ଯୁବବର୍ଗ ଓଡ଼ିଆ ଭାଷାରେ କଥାବାର୍ତ୍ତାକୁ କମ୍ କରୁଛନ୍ତି। ହିନ୍ଦୀ, ଇଂଲିଶ, ଉର୍ଦ୍ଦୁ ସମେତ ବଙ୍ଗଳା ଶବ୍ଦ ପ୍ରତ୍ୟେକ ବାକ୍ୟରେ ଧସେଇ ପଶିଆସୁଛି। ଏପରିକି ଓଡ଼ିଆ ଭାଷାରେ ହାତରେ ଲେଖିବା କଷ୍ଟକର ହୋଇଗଲାଣି। ଏହାଦ୍ୱାରା ପ୍ରାଚୀନ ଓଡ଼ିଆ ଭାଷା ସାହିତ୍ୟରୁ କେତେକ ଶବ୍ଦ ହଜିଯିବାକୁ ବସିଲାଣି ବୋଲି ସତୀର୍ଥର ଆଲୋଚନାଚକ୍ରରେ ଆଲୋଚକମାନେ ମତ ଦେଇଛନ୍ତି। କେନ୍ଦ୍ରାପଡ଼ା ବ୍ଲକ୍ କୋରୋସ୍ଥିତ ସାହିତ୍ୟ, ସାରସ୍ୱତ ଅନୁଷ୍ଠାନ ସତୀର୍ଥର ବାର୍ଷିକ ଉତ୍ସବ ସ୍ଥାନୀୟ ସିଦ୍ଧବଟସ୍ଥ ଗୋପାଳ ଦାଶ ମଞ୍ଚଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅମର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ଏଥିରେ ଶିକ୍ଷାବିତ୍ ଅଭୟ ବେହେରା, କବି ନିରାକାର ଦାସ, ନିର୍ମଳ ବିଶ୍ୱାଳ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଡ. ବାସନ୍ତୀ ମହାନ୍ତି, କବି ରାଜୀବ ଷଡ଼ଙ୍ଗୀ ଆଲୋଚକ ଭାବେ ଯୋଗଦେଇଥିଲେ। ସେମାନେ ଓଡ଼ିଆ ଭାଷା ସାହିତ୍ୟର କ୍ରମବିକାଶ ଓ ସାମ୍ପ୍ରତିକ ସମୟରେ ଏହାର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଭାଷା ସାହିତ୍ୟ ସ୍ଥାନୀୟ ଅଞ୍ଚଳର ପ୍ରକୃତ ପରିଚୟ ଦେଇଥାଏ ବୋଲି ସେମାନେ ମତ ଦେଇଥିଲେ। କଥାକାର ଡ. ପଦ୍ମଜ ପାଳ, ଡ. ବିରଜା ରାଉତରାୟ, କେ. ଶ୍ୟାମବାବୁ ଦୋରାଙ୍କୁ ସତୀର୍ଥ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତୀର୍ଥର ସମ୍ପାଦକ ଅନୁଷ୍ଠାନର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପଣ୍ଡିତ ପ୍ରତାପ ପତି, ଭାଗବତ ଷଡ଼ଙ୍ଗୀ, ଫଗୁଚରଣ ସ୍ୱାଇଁଙ୍କ ସମେତ ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ। କବି ଶୈଳଜା ସାମଲ, ଚାରୁଲତା ଭୂୟାଁଙ୍କ ସଂଯୋଜନାରେ ୭୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅଧିବେଶନରେ ବୈକୁଣ୍ଠନାଥ ପରିଡ଼ା, ହେମନ୍ତ ରାଉତ, ନିରୁପମା ବଳ, ଭାଗୀରଥି ଜେନା, ନିରଞ୍ଜନ ମେକାପ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ପଟ୍ଟାମୁଣ୍ଡାଇରେ ମିଳିତ ଜନଶୁଣାଣି ଶିବିର: ୧୯୫ ଅଭିଯୋଗ

ପଟ୍ଟାମୁଣ୍ଡାଇ, ୨୫।୧୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ତଥା ପିଡି ନିଲୁ ମହାପାତ୍ର, ସହକାରୀ ଜିଲାପାଳ ପଲ୍ଲବୀ ପ୍ରିୟଦର୍ଶନୀ, ବିଡିଓ ଶୁଭ୍ରାଂଶୁ ସାହୁ, ତହସିଲଦାର ପଞ୍ଚାନନ ନାୟକ ପ୍ରମୁଖ ଯୋଗ ଦେଇ ଜନସାଧାରଣଙ୍କ ୧୯୫ଟି ଅଭିଯୋଗ ଶୁଣିଥିଲେ।

ଶିବିରରେ ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଗଣ୍ଡକୁଳ ନିକଟ କେଳାସାହିରେ ନଳକୂପ ଖନନ, କଟକ-ଚାନ୍ଦବାଲି ରାସ୍ତା ପୋହଳ ଛକଠାରୁ ପୋହଳ ଗ୍ରାମ ରାସ୍ତା ମଧ୍ୟରେ ନଂ.୧୩ କେନାଲର ୧, ୨ ଶାଖା କେନାଲ ଉପରେ ପୋଲ ନିର୍ମାଣ, ନପଙ୍ଗ-ପଞ୍ଚୁରୀ ରାସ୍ତା ମରାମତି, ବାଟିପଡ଼ା ଓ ନପଙ୍ଗ ଅଙ୍ଗନୱାଡି କେନ୍ଦ୍ର ଉନ୍ନତିକରଣ ଓ ଧବଳେଶ୍ୱର ନୋଡାଲ ପ୍ରାଥମିକ ବିଦ୍ୟାଳୟ ଗୃହ ଓ ପାଚେରୀ ନିର୍ମାଣ, ନସିପୁର ଗ୍ରାମର କର୍କଟ ପୀଡ଼ିତା ବିଜୟଲକ୍ଷ୍ମୀ ଦାସଙ୍କୁ ଆର୍ଥିକ ସହାୟତା ପାଇଁ ଦାବି ପତ୍ର ପ୍ରଦାନ କରିଥିଲେ। ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡ଼ା ନରସିଂହପୁର-ବେଲତଳ ଗ୍ରାମ୍ୟ



ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଉନ୍ନୟନ ରାସ୍ତା ମରାମତି, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଆମ୍ବେର ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ଦାବି କରିଥିଲେ। ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଥିବା ପଟ୍ଟାମୁଣ୍ଡାଇ ପ୍ରାଥମିକ କୃଷି ସମବାୟ ସମିତିକୁ ଅବିଳମ୍ବେ କାର୍ଯ୍ୟକ୍ଷମ କରିବା, ପଟ୍ଟାମୁଣ୍ଡାଇ ପୌର ପରିଷଦର ୨୦ଟି ୱାର୍ଡରେ ଅସମ୍ପୂର୍ଣ୍ଣ ହୋଇ ପଡ଼ିଥିବା ଅଙ୍ଗନୱାଡି ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବା, ପଟ୍ଟାମୁଣ୍ଡାଇ ପୌର ପରିଷଦର ବିଭିନ୍ନ ସ୍ଥାନରେ ଥିବା ଇ-ଟଏଲେଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ନଚେତ ଉଚ୍ଛେଦ କରିବା, ପଟ୍ଟାମୁଣ୍ଡାଇ ଏମ୍.ଏନ୍. ହାଇସ୍କୁଲରେ ଖାଲି ପଡ଼ିଥିବା ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ପଦବୀ ପୂରଣ କରିବା, ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ହସ୍ପିଟାଲରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବାକୁ ଏକ ଦାବିପତ୍ର ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଶରତ ବିଶ୍ୱାଳ, ହାଡିବନ୍ଧୁ ନାୟକ ଓ ପ୍ରଶାନ୍ତ ସ୍ୱାଇଁ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏଥିରେ ଆଗତ ୧୯୫ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅଶୋକ ସାମଲ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ଇଂ. ଜଳଧର ବେହେରା, ସିଡିଏମଓ ପ୍ରମୋଦ ପ୍ରହରାଜ, ଡିଇଓ ପ୍ରଦୀପ ନାଗ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜଶ୍ରୀ ବେହେରା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ, ସହନିର୍ବାହୀ ଯନ୍ତ୍ରୀ ରଞ୍ଜନ ଲେଙ୍କା, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସ୍ମୃତି ରଞ୍ଜନ ରଥ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ଜନସ୍ୱାସ୍ଥ୍ୟ ସହସହକାରୀ ଯନ୍ତ୍ରୀ ସୁଦାମ ସାହୁ, ଜିଲା ଏସ୍‌ଏସ୍‌ଓ ରୂପାଲୀ ପ୍ରିୟଦର୍ଶନୀ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ସୁଶାନ୍ତ ସାହୁ, ମତ୍ସ୍ୟ ଅଧିକାରୀ ପ୍ରକାଶ ମହାରଣା, କୃଷି ଅଧିକାରୀ ଶରତ ନାୟକ, ପଟ୍ଟାମୁଣ୍ଡାଇ ଏବିଇଓ ଚନ୍ଦ୍ରଶେଖର ତ୍ରିପାଠୀ, ସହକାରୀ ଉଦ୍ୟାନ ଅଧିକାରୀ ସୌମ୍ୟ ରଞ୍ଜନ ସେଠୀ, ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ସୁବାସ ଥାଟୋଇ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ।

# ସମ୍ଭଲ ହିଂସାକୁ ନେଇ ତେଜିଲା ରାଜନୀତି

**ନୂଆଦିଲ୍ଲୀ/ସମ୍ଭଲ,୨୫।୧୧**

ଉତ୍ତରପ୍ରଦେଶର ସମ୍ଭଲସ୍ଥିତ ଜୁମା ମସ୍‌ଜିଦ ପରିସରରେ ରବିବାର ସର୍ଭେକୁ ବିରୋଧ ବେଳେ ହିଂସାକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପୋଲିସ ୭ ଜଣଙ୍କୁ ଗିରଫ କରିଛି। ଏପର୍ଯ୍ୟନ୍ତ ୪୦୦ ଜଣଙ୍କ ବିରୋଧରେ ୭ଟି ମାମଲା ରୁଜୁ ହୋଇଛି। ସମ୍ଭଲର ସମାଜବାଦୀ ପାର୍ଟି(ଏସ୍‌ପି) ଏମ୍‌ପି ଜିଆଉର୍ ରହମନ ବର୍କ ଏବଂ ବିଧାୟକ ଇକ୍‌ବାଲ ମହମଦଙ୍କ ପୁଅ ନୱାବ ସୁହେଲ ଇକ୍‌ବାଲଙ୍କୁ ହିଂସା ଘଟଣାରେ ଅଭିଯୁକ୍ତ କରାଯାଇଛି। ତେବେ ହିଂସାକାଣ୍ଡ ବେଳେ ଏମ୍‌ପି ବର୍କ ସମ୍ଭଲରେ ନ ଥିଲେ। ହିଂସାରେ ସମ୍ପୃକ୍ତି ଅଭିଯୋଗକୁ ସେ ଖଣ୍ଡନ କରିବା ସହ ଏହାକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି।

ଅନ୍ୟପକ୍ଷରେ ସମ୍ଭଲ ହିଂସା ଘଟଣାକୁ ନେଇ ପାର୍ଲାମେଣ୍ଟର ଉଭୟ ଗୃହରେ ସୋମବାର ବିରୋଧୀ ପ୍ରବଳ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟ ଚାଲିପାରି ନ ଥିଲା। ସମ୍ଭଲ ଦଙ୍ଗା ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର କରାଇଥିବା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ



ଯାଦବ ଅଭିଯୋଗ କରିଛନ୍ତି। ସାଧାରଣ ଲୋକଙ୍କ ମୃତ୍ୟୁ ପାଇଁ ଯେଉଁ ପୋଲିସ ଓ ପ୍ରଶାସନିକ ଅଧିକାରୀ ଦାୟୀ ସେମାନଙ୍କୁ ତୁରନ୍ତ ନିଲମ୍ବନ କରାଯିବାକୁ ସେ ଦାବି କରିଛନ୍ତି। ଉତ୍ତରପ୍ରଦେଶ ଉପନିର୍ବାଚନରେ ଭୋଟ ଲୁଟ୍ ପାଇଁ ରାଜ୍ୟ ସରକାର ଅନୁଚିତ କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ଏହାକୁ ଲୁଚାଇବା ପାଇଁ ସରକାର ଯୋଜନାବଦ୍ଧ ଭାବେ ସମ୍ଭଲରେ ହିଂସାକାଣ୍ଡ ଘଟାଇଥିବା ଅଖିଳେଶ କହିଛନ୍ତି।

ଭାଜପା ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଥିବା ସୋମବାର କଂଗ୍ରେସ ଅଭିଯୋଗ କରିଛି। ଯଥାଶୀଘ୍ର ସମ୍ଭବ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିବେଦନ କରିଛନ୍ତି। ସମ୍ଭଲ ଘଟଣା ଦୁର୍ଭାଗ୍ୟଜନକ। ରାଜ୍ୟ ସରକାରଙ୍କ ପକ୍ଷପାତ ଏବଂ ତରବରିଆ ନୀତି ଯୋଗୁ ଏହି ବିବାଦ ସୃଷ୍ଟି ହୋଇଛି। ହିଂସା ଓ ଗୁଳିମାଡ଼ରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ସଦସ୍ୟଙ୍କୁ ରାହୁଲ ସମବେଦନା ଜଣାଇଛନ୍ତି। ପ୍ରଶାସନ ସବୁ ଦଳର କଥା ନ ଶୁଣି, ତରବରିଆ ପଦକ୍ଷେପ ନେବାରୁ ଏଭଳି ପରିବେଶ ସୃଷ୍ଟି ହୋଇ ୪ ଜଣଙ୍କ

- ଏସ୍‌ପି ଏମ୍‌ପିଙ୍କ ସମେତ ୪୦୦ ଜଣଙ୍କ ନାଁରେ ମାମଲା
- ୟୁପି ସରକାର ଦଙ୍ଗା ସୃଷ୍ଟି କରିଛନ୍ତି: ଅଖିଳେଶ
- ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଲେ ରାହୁଲ
- ଆଲୋଚନା ଦାବିରେ ପାର୍ଲାମେଣ୍ଟ ଅଚଳ

ଜୀବନ ଗଲା ବୋଲି ରାହୁଲ ଏକ୍ସ'ରେ ଲେଖିଛନ୍ତି। ଭାଜପା କ୍ଷମତାର ଦୁରୁପଯୋଗ କରି ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ବିଭେଦ ସୃଷ୍ଟି କରୁଛି। ତେଣୁ ସୁପ୍ରିମକୋର୍ଟ ତୁରନ୍ତ ହସ୍ତକ୍ଷେପ କରି ନ୍ୟାୟ ଦେବା ପାଇଁ ରାହୁଲ ନିବେଦନ କରିଛନ୍ତି।

ପୂର୍ବରୁ ସମ୍ଭଲରେ ହରିହର ମନ୍ଦିର ଥିଲା। ମୋଗଲ ସମ୍ରାଟ ବାବର ଉକ୍ତ ପୁରାତନ ମନ୍ଦିରକୁ ଭାଙ୍ଗି ସେଠାରେ ଜାମା ମସ୍‌ଜିଦ ନିର୍ମାଣ କରାଇଥିଲେ ବୋଲି ଆଇନଜୀବୀ ବିଷ୍ଣୁଶଙ୍କର ଜୈନ ସମ୍ଭଲ ଜିଲା କୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ମସ୍‌ଜିଦ ସର୍ଭେ ପାଇଁ ଜିଲା କୋର୍ଟ ନିର୍ଦ୍ଦେଶ ଦେବା ସହ ନଭେମ୍ବର ୨୯ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କହିଥିଲେ। ରବିବାର ସକାଳ ୭ଟାରେ ଦ୍ୱିତୀୟ ପର୍ଯ୍ୟାୟ ସର୍ଭେ ଆରମ୍ଭ ହେବା ପରେ ସ୍ଥାନୀୟ ଲୋକେ ଜୋର୍‌ଦାର ବିରୋଧ କରିଥିଲେ। ଫଳରେ ପୋଲିସ ସହ ସେମାନଙ୍କର ସଂଘର୍ଷ ହୋଇଥିଲା। ପୋଲିସ ବିକ୍ଷୋଭକାରୀଙ୍କ ଟେକାମାଡ଼ର ଜବାବ ଗୁଳିରେ ଦେଇଥିଲା ବୋଲି ଅଭିଯୋଗ ହୋଇଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ବିକ୍ଷୋଭକାରୀମାନେ ଗାଡ଼ିଗୁଡ଼ିକୁ ଜାଳିଦେବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାର୍ଜ କରିଥିଲା। ହିଂସାକାଣ୍ଡ ବେଳେ ୨୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଏମ୍‌ପି ବର୍କଙ୍କ ପୂର୍ବ ମନ୍ତବ୍ୟକୁ ନେଇ ସ୍ଥିତି ଅଧିକ ଖରାପ ହୋଇଥିଲା ବୋଲି ସମ୍ଭଲ ଏସ୍‌ପି କ୍ରିଷନ କୁମାର ଗଣମାଧ୍ୟମକୁ କହିଥିଲେ।

**ସଂକ୍ଷେପରେ**

## ଇଣ୍ଡୋନେସିଆରେ ବନ୍ୟା ଓ ଭୂସ୍ଖଳନ, ୧୬ ମୃତ

**ଜାକର୍ତ୍ତା, ୨୫।୧୧**

ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ଗତ କିଛି ଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ବନ୍ୟାସ୍ଥିତି ସୃଷ୍ଟି ହୋଇଛି। ସୋମବାର ସୁଦ୍ଧା ବନ୍ୟା ଓ ଭୂସ୍ଖଳନ ଯୋଗୁ ୧୬ ଜଣଙ୍କର ମୃତ୍ୟୁ ଘଟିଛି। ସୁମାତ୍ରା ଦ୍ୱୀପର ୪ ଅଞ୍ଚଳରେ ଇଣ୍ଡୋନେସିଆ ସୈନ୍ୟ ବାହିନୀ ସହ ଉଦ୍ଧାରକାରୀ ଦଳପକ୍ଷରୁ ରେସ୍କ୍ୟୁ ଅପରେଶନ ଜାରି ରହିଛି। ଏବେ ମଧ୍ୟ ୨ ଶିଶୁଙ୍କ ସମେତ ୬ ଜଣ ନିଖୋଜ ଥିବା ନେଇ ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ସୁମାତ୍ରାର ସ୍ଥାନୀୟ ପଦାଙ୍ଗ ଲାୱାସ ଜିଲାରେ ସୋମବାର ଭୂସ୍ଖଳନ ଘଟି ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୯ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସେହିପରି ସ୍ଥାନୀୟ ଦକ୍ଷିଣ ତପନୁଲି ଜିଲାରେ ବନ୍ୟା ଯୋଗୁ ୧୦ ଘର ଭାସି ଯାଇଥିବାବେଳେ ୧୫୦ ଘର ଏବଂ ବହୁ ଚାଷଜମି କ୍ଷତିଗ୍ରସ୍ତ ହୋଇଛି।

## ମୁସଲମାନ ଯୁବକଙ୍କୁ ଉଲଗ୍ନ କରି ପିଟିଲେ

**ମୀରଟ,୨୫।୧୧**

ଉତ୍ତରପ୍ରଦେଶର ମୀରଟରେ ଜଣେ ମୁସଲମାନ ଯୁବକଙ୍କୁ ଉଲଗ୍ନ କରି ମାଡ଼ ମରାଯିବା ସହ 'ଜୟ ଶ୍ରୀରାମ' କହିବା ପାଇଁ ବାଧ କରାଯାଇଥିବା ତାଙ୍କ ପରିବାର ଅଭିଯୋଗ କରିଛି। ଅନ୍ୟପକ୍ଷରେ ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମାଡ଼ ହୋଇଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଶନିବାର ରାତିରେ ଗୁଲ୍‌ଫାମ ନାମକ ଯୁବକ ଘରୋଇ ଶୁଟିଂ ରେଞ୍ଜରୁ ଅଭ୍ୟାସ ସାରି ଫେରୁଥିବାବେଳେ ୩ ଯୁବକ ତାଙ୍କୁ ଭିକ୍ଟୋରିଆ ପାର୍କ ନେଇଯାଇ ଉଲଗ୍ନ କରି ମାଡ଼ ମାରିବାରୁ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ।

## ଆଦାନୀ ଗ୍ରୁପ୍‌ର ୧୦୦ କୋଟିକୁ ଅଗ୍ରାହ୍ୟ କଲେ ତେଲଙ୍ଗାନା ସରକାର

**ହାଇଦ୍ରାବାଦ,୨୫।୧୧**

ତେଲଙ୍ଗାନାରେ ଯୁବବର୍ଗଙ୍କ ମଧ୍ୟରେ ଔଦ୍ୟୋଗିକ ଦକ୍ଷତା ବଢ଼ାଇବା ଲକ୍ଷ୍ୟରେ ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନୀସମୂହ ଆଦାନୀ ଗ୍ରୁପ ଦକ୍ଷତା ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ୧୦୦ କୋଟି ଟଙ୍କା ଯୋଗାଇ ଦେଇଥିଲା। ତେବେ ସୌର ବିଦ୍ୟୁତ୍ ଠିକା ପାଇବା ପାଇଁ ଭାରତୀୟ ଅଧିକାରୀମାନଙ୍କୁ ୨୬୫ ନିୟୁତ ଡଲାର ଲାଞ୍ଚ ଦେବା ମାମଲାରେ ଆଦାନୀ ଗ୍ରୁପ୍ ଆମେରିକାର ଏକ କୋର୍ଟ ଦ୍ୱାରା ଅଭିଯୁକ୍ତ ହେବା ପରେ ତେଲଙ୍ଗାନାର ରେଭନ୍ତ ରେଡ୍ଡୀ ସରକାର ଏହାର ସହାୟତାକୁ ଅଗ୍ରାହ୍ୟ କରିଦେଇଛନ୍ତି। ୟଙ୍ଗ ଇଣ୍ଡିଆ ସ୍କିଲ୍ସ ୟୁନିଭର୍ସିଟି ସ୍ଥାପନ ପାଇଁ ରାଜ୍ୟ ସରକାର ଆଦାନୀ ଗ୍ରୁପ୍ ସମେତ କୌଣସି ଅନୁଷ୍ଠାନରୁ ପାଣ୍ଠି କିମ୍ବା ଚାନ୍ଦା ଗ୍ରହଣ କରି ନ ଥିବା ମୁଖ୍ୟମନ୍ତ୍ରୀ ରେଭନ୍ତ କହିଛନ୍ତି। ଏନେଇ ରାଜ୍ୟ ସରକାର ଆଦାନୀ ଗ୍ରୁପ୍‌କୁ ରବିବାର ପତ୍ର ଲେଖି ଜଣାଇ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ କିମ୍ବା କେନ୍ଦ୍ର ସରକାର ଟେଣ୍ଡର ଡାକିବା ଆବଶ୍ୟକ। ସେ ଆଦାନୀ, ଅମ୍ବାନୀ କିମ୍ବା ଟାଟା ଯେକେହି ହୁଅନ୍ତୁ ନା କାହିଁକି ଗଣତାନ୍ତ୍ରିକ ଉପାୟରେ ତଥା ଉପଯୁକ୍ତ ପଦ୍ଧତିରେ ଟେଣ୍ଡର ମଞ୍ଜୁର କରାଯିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସ୍ପଷ୍ଟ କରିଥିବା ରେଭନ୍ତ କହିଛନ୍ତି।

## ମଣିପୁରରେ ଏଏଫ୍‌ଏସ୍‌ପିଏ ଆଇନ ବିରୋଧରେ ମହିଳାଙ୍କ ରାଲି

**ଇମ୍ଫାଲ, ୨୫।୧୧**

ମଣିପୁରର କିଛି ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପୁଣି ଥରେ ଆର୍ମଡ୍ ଫୋର୍ସେସ୍ ସ୍ପେଶିଆଲ ପାୱାର ଆକ୍ଟ(ଏଏଫ୍‌ଏସ୍‌ପିଏ) ଲାଗୁ କରାଯିବାକୁ ବିରୋଧ ଆରମ୍ଭ ହୋଇଛି। ସୋମବାର କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ଅନେକ ହଜାର ମହିଳା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମହିଳାମାନେ ଇମ୍ଫାଲସ୍ଥିତ ସଚିବାଳୟକୁ ଯାଉଥିବା ସମୟରେ ସେମାନଙ୍କୁ ବାଟରେ ସୁରକ୍ଷାବଳ ଅଟକାଇଥିଲେ।

## କେରଳରେ ବଢ଼ୁଛି ଶିଶୁ ଯୌନ ଶୋଷଣ ମାମଲା

**କୋଚି, ୨୫।୧୧**

ଦେଶରେ ଦେଖାଦେଉଥିବା ଶିଶୁ ଯୌନ ଶୋଷଣ ମାମଲା ମଧ୍ୟରୁ ସର୍ବାଧିକ ମାମଲା କେରଳରୁ ସାମ୍ନାକୁ ଆସିଛି। କେରଳ ଷ୍ଟେଟ୍ କମିଶନ ଫର୍ ପ୍ରୋଟେକ୍ସନ ଅଫ୍ ଦି ଚାଇଲ୍ଡ ରାଇଟ୍ସର ତଥ୍ୟ ଅନୁଯାୟୀ, କେରଳରେ ଶିଶୁମାନଙ୍କ ସହ ଯୌନ ଶୋଷଣ ମାମଲା ବଢ଼ି ବଢ଼ି ଚାଲିଛି ଏବଂ ସେମାନେ ଘରେ ଏବଂ ସ୍କୁଲରେ ମଧ୍ୟ ସୁରକ୍ଷିତ ନାହାନ୍ତି। ଶିଶୁ ଯୌନ ଶୋଷଣ ମାମଲାର ୨୧% ଘଟଣା ପିଲାଙ୍କ ଘରେ ଏବଂ ୪% ସ୍କୁଲରେ ଘଟିଥିବା ନେଇ ଜଣାପଡ଼ିଛି। ତେଣୁ ଶିଶୁ ନିର୍ଯାତାକୁ ନେଇ ଅଭିଭାବକ, ଶିକ୍ଷୟିତ୍ରୀ ଓ ଶିକ୍ଷକ ଏବଂ ପୋଲିସ ଅଧିକାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ରିପୋର୍ଟରେ ପୋକ୍‌ସୋ ଅଧିନିୟମ ଅନ୍ତର୍ଗତ ୪୬୬୩ଟି ମାମଲାର ବିଶ୍ଳେଷଣ କରାଯାଇଛି, ଯେଉଁଥିରୁ ୯୮୮ ଶିଶୁ ଯୌନ ଶୋଷଣ ମାମଲା(ପ୍ରାୟ ୨୧%) ପିଲାମାନଙ୍କ ଘରେ, ୭୨୫ ମାମଲା (୧୫%) ଅଭିଯୁକ୍ତଙ୍କ ଘରେ, ୯୩୫ ମାମଲା (୨୦%) ସାର୍ବଜନୀନ ସ୍ଥାନରେ, ୧୭୩ ମାମଲା(୪%) ସ୍କୁଲରେ, ୧୩୯ ମାମଲା (୩%) ଗାଡ଼ି ମଧ୍ୟରେ ଘଟିଥିବା ନେଇ ଜଣାପଡ଼ିଛି।

## ଆଣ୍ଡାମାନ୍ ସାଗରରୁ ୫ ଟନ୍ ଡ୍ରଗ୍ସ ଜବତ

**ନୂଆଦିଲ୍ଲୀ,୨୫।୧୧**

ଆଣ୍ଡାମାନ୍ ସାଗରରେ ଏକ ମାଛଧରା ବୋଟ୍‌ରୁ ତଟସୁରକ୍ଷା ବାହିନୀ (ଆଇସିଜି) ୫ ଟନ୍‌ରୁ ଊର୍ଦ୍ଧ୍ୱ ଡ୍ରଗ୍ସ ଜବତ କରିଛି। ମ୍ୟାନ୍‌ମାର ଫିଶିଂ ବୋଟ୍‌ରୁ ଏହି ମେଥାମ୍ଫେଟାମାଇନ୍ ଜବତ ହୋଇଛି, ଯାହାକି ସାମୁଦ୍ରିକ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଦ୍ୱାରା ସର୍ବାଧିକ ଚୋରା ନିଶାଦ୍ରବ୍ୟ ଜବତ ଘଟଣା ବୋଲି କୁହାଯାଉଛି। ନିଶାଦ୍ରବ୍ୟ ନିରୋଧୀ ସଂସ୍ଥା ଦ୍ୱାରା କ୍ରମାଗତ ଜଳପଥରେ ଆସୁଥିବା ନିଶାଦ୍ରବ୍ୟକୁ ଜବତ କରାଯାଇଛି। ଚଳିତ ମାସ ଆରମ୍ଭରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଭାରତୀୟ ନୌସେନା ଏବଂ ଗୁଜରାଟ ପୋଲିସ ଏଟିଏସ୍ ସହାୟତାରେ ଗୁଜରାଟ ଉପକୂଳରୁ ୭୦୦ କେ.ଜି. ମେଥାମ୍ଫେଟାମାଇନ୍ ଜବତ



କରାଯିବା ସହ ୮ ଜଣ ଇରାନୀୟଙ୍କୁ ଗିରଫ କରାଯାଇଥିଲା। ଗୋଇନ୍ଦା ସୂଚନା ଆଧାରରେ 'ସାଗର ମନ୍ଥନ-୪' ନାମରେ ଏହି ଅଭିଯାନ ଜାରି ରହିଛି।

## ଦିଲ୍ଲୀରେ ଜିଆର୍‌ଏପି-୪ ବଳବତ୍ତର ରହିବ

- ପ୍ରଦୂଷଣ କଟକଣା ଲଗାଇବାରେ ବିଫଳତା
- ଦିଲ୍ଲୀ ପୋଲିସକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୨୫।୧୧(ପି.ଟି.)**

ଦିଲ୍ଲୀର ବାୟୁ ପ୍ରଦୂଷଣ ଏବେ ବି ଉତ୍କଟ ରହିଥିବାରୁ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍‌ର ଚତୁର୍ଥ ପର୍ଯ୍ୟାୟ (ଜିଆର୍‌ଏପି-୪) ବଳବତ୍ତର ରହିବ ବୋଲି ସୁପ୍ରିକୋର୍ଟ ସୋମବାର କହିଛନ୍ତି। ତଦନୁଯାୟୀ ଦିଲ୍ଲୀ ଭିତରେ ବାହାର ଟ୍ରକ୍ ଓ ଅନ୍ୟାନ୍ୟ ଗାଡ଼ି ପ୍ରବେଶ ଏବଂ ନିର୍ମାଣ କାର୍ଯ୍ୟ ଉପରେ କଟକଣା କଡ଼ାକଡ଼ି ରହିବ। ତେବେ କଟକଣା



କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବା ଦିଲ୍ଲୀ ପୋଲିସକୁ ଜଷ୍ଟିସ୍ ଏ.ଏସ୍. ଓକା ଏବଂ ଏ.ଜି. ମସିହଙ୍କ ଖଣ୍ଡପୀଠ ଭର୍ତ୍ସନା କରିଛନ୍ତି।

ଗତ ସପ୍ତାହରେ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ୪୫୦ ଟପିବା ପରେ ଜିଆର୍‌ଏପି-୪ ଲାଗୁ ହୋଇଥିଲା। ଅଦାଲତଙ୍କ ବିନା ଅନୁମୋଦନରେ ଏହାକୁ କୋହଳ ନ କରିବାକୁ ସର୍ବୋଚ୍ଚ ଅଦାଲତ ପୂର୍ବରୁ କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଗୁରୁବାର ହେବ। ଗତ ସପ୍ତାହ ତୁଳନାରେ ଦିଲ୍ଲୀର ଏକ୍ୟୁଆଇରେ ସାମାନ୍ୟ ଉନ୍ନତି ହୋଇଛି। ତେଣୁ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳର ଅନ୍ୟ ସହରଗୁଡ଼ିକରେ ସ୍କୁଲ୍ ଖୋଲିବା ସମ୍ପର୍କରେ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ବିଚାର କରିପାରିବ ବୋଲି ଅଦାଲତ କହିଛନ୍ତି। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଲାଗୁ ହୋଇଥିବା କଟକଣାର ତଦାରଖ ନିମନ୍ତେ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ୧୩ କମିଶନରଙ୍କ ପକ୍ଷରୁ ଆଇନଜୀବୀ ଖଣ୍ଡପୀଠଙ୍କୁ ଜଣାଇଥିଲେ ଯେ, ଯାନବାହନ ଚଳାଚଳ ଯାଞ୍ଚ ହେଉଥିଲେ ମଧ୍ୟ ତାହା କେତେ ପ୍ରଭାବୀ ସ୍ପଷ୍ଟ ହୋଇନାହିଁ। ଅନେକ ଚେକ୍‌ପଏଣ୍ଟରେ ବ୍ୟାରିକେଡିଂ କରାଯାଇ ନ ଥିବାରୁ ଟ୍ରକ୍‌ଗୁଡ଼ିକୁ ଅଟକାଇବା ପାଇଁ ପୋଲିସ କର୍ମଚାରୀମାନେ ରାସ୍ତା ମଝିକୁ ଚାଲିଯାଉଛନ୍ତି। ଚେକ୍ ପଏଣ୍ଟରେ ବିଭିନ୍ନ ସ୍ତରରେ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଥିବା ଦିଲ୍ଲୀ ସରକାରଙ୍କ ଓକିଲ କହିଥିଲେ। ୨୩ଟି ଚେକ୍‌ପୋଷ୍ଟ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଥିବାବେଳେ ଅନ୍ୟଗୁଡ଼ିକ ପାଇଁ କାହିଁକି ଦିଆଯାଇ ନାହିଁ ବୋଲି ଖଣ୍ଡପୀଠ ସିଏକ୍ୟୁଏମ୍ ଏବଂ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଥିଲେ।

## ପ୍ରେମିକାଙ୍କ ପାଇଁ ସପ୍ତାହକୁ ୯୦୦୦ କି.ମି. ଯାତ୍ରା

**ବେଜିଂ**

ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଖବର ସମସ୍ତଙ୍କ ହୃଦୟ ଜିତିପାରିଛି। ଅଷ୍ଟ୍ରେଲିଆରେ ପଢୁଥିବା ଚାଇନାର ଜଣେ ଛାତ୍ର ନିଜ ଅଧ୍ୟୟନ ଓ ପ୍ରେମିକାଙ୍କ ସହ ସମ୍ପର୍କ ମଧ୍ୟରେ ସମନ୍ୱୟ ରଖିବାକୁ ପ୍ରତି ସପ୍ତାହରେ ୯ ହଜାର କି.ମି. ଯାତ୍ରା କରୁଥିଲେ।



ଚାଇନାର ଶାନ୍‌ଡୋଙ୍ଗ ପ୍ରଦେଶର ଦେଝୋଉ ବାସିନ୍ଦା ୨୮ ବର୍ଷୀୟ ଜୁ ଗୁଆଙ୍ଗ୍‌ଲି ନିକଟରେ ଅଷ୍ଟ୍ରେଲିଆର ମେଲବୋର୍ନରେ ଥିବା ଆର୍‌ଏମ୍‌ଆଇଟି ୟୁନିଭର୍ସିଟିରୁ ଆର୍ଟ ମ୍ୟାନେଜମେଣ୍ଟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ତେବେ ଗତ ଅଗଷ୍ଟରୁ ଅକ୍ଟୋବର ଯାଏ, ନିଜର ୧୧ ସପ୍ତାହର ଯାତ୍ରାକୁ ଏକ ଡକୁମେଣ୍ଟ୍ କରି ଜୁ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ଜୁ ୩ ମାସ ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ଚାଇନାରେ ଥିବା ତାଙ୍କ ଘରୁ ମେଲବୋର୍ନର ଆର୍‌ଏମ୍‌ଆଇଟି ବିଶ୍ୱବିଦ୍ୟାଳୟକୁ ଯିବାଆସିବା କରୁଥିଲେ। ସେ ମେଲବୋର୍ନରେ ନିଜ କ୍ଲାସ୍ ଆଟେଣ୍ଡ କରିବା ପାଇଁ ପ୍ରତି ସପ୍ତାହରେ ଅନେକ ହଜାର ମାଇଲ ଅତିକ୍ରମ କରି ଅଷ୍ଟ୍ରେଲିଆରେ ପହଞ୍ଚୁଥିଲେ। ସେହିପରି ପ୍ରତି ସପ୍ତାହରେ ନିଜ ଅଧ୍ୟୟନ ସମାପ୍ତ କରିବା ପରେ ସେ ପୁଣି ଚାଇନା ଫେରି ତାଙ୍କ ପ୍ରେମିକାଙ୍କ ସହ ସମୟ ବିତାଉଥିଲେ। ଏନେଇ ଜୁ ଏକ ଗଣମାଧ୍ୟମକୁ କହିଛନ୍ତି, ସେ ମେଲବୋର୍ନରେ ତାଙ୍କ ପ୍ରେମିକାଙ୍କ ବିନା ଏକାପଣ ଅନୁଭବ କରୁଥିଲେ। ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ତାଙ୍କର ଶେଷ ସେମିଷ୍ଟର ଚାଲିଥିବାରୁ ସପ୍ତାହକୁ ଅତି ବେଶିରେ ୩ ଦିନ କ୍ଲାସ୍ ହେଉଥିଲା। ତେଣୁ ସେ ଏହାର ଫାଇଦା ନେଇ ପାରୁଥିଲେ।

**ଫୁରସତ୍**

## ଏକସଙ୍ଗେ ୧୩ ଫ୍ଲପ୍ ଫିଲ୍ମ ଦେଇଥିଲେ ଅର୍ଜୁନ

**ମୁମ୍ବାଇ**

ଅଭିନେତା ଅର୍ଜୁନ ରାମପାଲ ୨୩ ବର୍ଷ ଧରି ବଲିଉଡ୍ ଇଣ୍ଡଷ୍ଟ୍ରିରେ ସକ୍ରିୟ ରହିଛନ୍ତି। ନିଜ କ୍ୟାରିୟର ଯାତ୍ରାରେ ତାଙ୍କୁ ଅନେକ ସଂଘର୍ଷ ଦେଖିବାକୁ ପଡ଼ିଛି। ସୋମବାର ଏକ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି, ତାଙ୍କୁ ସର୍ବ ପ୍ରଥମେ ନିର୍ଦ୍ଦେଶକ ରାଜୀବ ରୟ ଫିଲ୍ମ ଜଗତକୁ ଆସିବା ପାଇଁ ଅଫର୍ ଦେଇଥିଲେ। ସେ ପ୍ରଥମେ ଏକ ମ୍ୟୁଜିକ୍ ଭିଡିଓ ପାଇଁ ଅର୍ଜୁନଙ୍କୁ ଅଫର ଦେଇଥିଲେ। ପରେ ସେ 'ପ୍ୟାର୍ ଇସ୍କ ଔର ମହବତ' ଚଳଚ୍ଚିତ୍ର ପାଇଁ ଅର୍ଜୁନଙ୍କୁ ଚୟନ କରିଥିଲେ। ତେବେ ଅର୍ଜୁନଙ୍କର ଏହି ଡେବ୍ୟୁ ଫିଲ୍ମ ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା। ତଥାପି ଜଣେ ସଫଳ ମଡେଲ ହୋଇଥିବାରୁ ସେତେବେଳେ ଅର୍ଜୁନଙ୍କୁ 'ମୋକ୍ଷ' ଫିଲ୍ମର ଅଫର ଆସିଥିଲା। ଏହି ଫିଲ୍ମର ଶୁଟିଂ ଶେଷ ହୋଇଥିଲେ ମଧ୍ୟ କୌଣସି କାରଣବଶତଃ ଫିଲ୍ମଟି ୭ ବର୍ଷ ପାଇଁ ରିଲିଜ୍ ହୋଇପାରିଲା ନାହିଁ। ସେତେବେଳେ ସେ ନିଜକୁ ଘୃଣା କରିବା ସହ ମଡେଲିଂ ଜଗତକୁ ଛାଡ଼ିବା ପାଇଁ ଚିନ୍ତା କରିଥିଲେ ବୋଲି ଅର୍ଜୁନ କହିଛନ୍ତି। ସେ ସମୟରେ ଅର୍ଜୁନଙ୍କ ନିକଟରେ ଆୟର କୌଣସି ଉତ୍ସ ନ ଥିଲା। ସେହିପରି ଏକଦା ତାଙ୍କର ଲଗାତାର ୧୩ଟି ଚଳଚ୍ଚିତ୍ର ବକ୍ସ ଅଫିସରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ୨୦୦୬ରେ ଅଭିନେତା ଶାହରୁଖ୍ ଖାନ୍‌ଙ୍କ 'ଡନ୍' ଫିଲ୍ମ ତାଙ୍କ କ୍ୟାରିୟରକୁ ପୁନଃଜୀବିତ କରିଥିଲା ବୋଲି ଅର୍ଜୁନ କହିଛନ୍ତି।



## ଭାରତକୁ ଦୁଗ୍ଧ ଉତ୍ପାଦନରେ ସ୍ୱାବଲମ୍ବୀ କରିଥିଲା ଶ୍ୱେତ ବିପ୍ଳବ

**ଜାତୀୟ ଦୁଗ୍ଧ ଦିବସ**

ସାରା ଦେଶରେ ନଭେମ୍ବର ୨୬ ତାରିଖକୁ ଜାତୀୟ ଦୁଗ୍ଧ ଦିବସ ଭାବେ ପାଳନ କରାଯାଏ। ଭାରତରେ ଶ୍ୱେତ ଆନ୍ଦୋଳନର ଜନକ ଡ. ଭର୍ଗିଜ କ୍ୟୁରିୟନଙ୍କ ଜନ୍ମ ଦିବସକୁ ଜାତୀୟ ଦୁଗ୍ଧ ଦିବସ ରୂପେ ପାଳନ କରାଯାଉଛି।

ଭାରତରେ ଶ୍ୱେତ ଆନ୍ଦୋଳନର ପ୍ରଣେତା ଭର୍ଗିଜ ୧୯୨୧ରେ କେରଳର କୋଝିକୋଡରେ ଏକ ଖ୍ରୀଷ୍ଟିୟାନ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ୧୯୪୦ରେ କେରଳର ଲୋଏଲା କଲେଜରେ ସ୍ନାତକ ସମାପ୍ତ ପରେ ଚେନ୍ନାଇ ଇଞ୍ଜିନିୟରିଂ କଲେଜରୁ ଡିଗ୍ରୀ କରିଥିଲେ। ୧୯୪୮ରେ ଆମେରିକାର ମିସିଗାନ ବିଶ୍ୱବିଦ୍ୟାଳୟରେ ସେ ମେକାନିକାଲ ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ତନ୍ମଧ୍ୟରେ ଡେରି ଇଞ୍ଜିନିୟରିଂ ମଧ୍ୟ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ରହିଥିଲା।

ଦେଶକୁ ଦୁଗ୍ଧ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ତଥା କୃଷକଙ୍କ ଅବସ୍ଥାରେ ସୁଧାର ପାଇଁ ସେ ତ୍ରିଭୁବନ ଦାସ ପଟେଲଙ୍କ ସହ ମିଶି ଗୁଜୁରାଟର ଖେଡା ଜିଲାରେ ସରକାରୀ ସମବାୟ ସମିତିର ଶୁଭାରମ୍ଭ କରିଥିଲେ ଭର୍ଗିଜ। ମଇଁଷି ଦୁଗ୍ଧରେ ମିଲ୍କ ପାଉଡର୍ ତିଆରି



କରିବାରେ ବିଶ୍ୱରେ ଭର୍ଗିଜ ଥିଲେ ପ୍ରଥମ। ପରେ ସେ ଗୁଜୁରାଟର ଆନନ୍ଦରେ ଅମୁଲର ମୂଳଦୁଆ ପକାଇଥିଲେ।

ଶ୍ୱେତ ଆନ୍ଦୋଳନର ଜନକ ଭର୍ଗିଜଙ୍କ ଦୁଗ୍ଧ ଉତ୍ପାଦନରେ ଆତ୍ମନିର୍ଭରଶୀଳତା ଲାଗି 'ଅପରେଶନ ଫ୍ଲଡ' କାର୍ଯ୍ୟକ୍ରମ ହାତକୁ ନେଲେ। ଏହା ଭାରତରେ ଥିବା ଦୁଗ୍ଧ ଉତ୍ପାଦନ ଓ ଦୁଗ୍ଧଜାତ ସାମଗ୍ରୀ ପ୍ରସ୍ତୁତି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ଏହି ଅତୁଳନୀୟ ଯୋଗଦାନ ପାଇଁ ତାଙ୍କୁ ରମନ ମେଗସେସେ ପୁରସ୍କାର, ପଦ୍ମ ବିଭୂଷଣ ଉପାଧି ତଥା ବିଶ୍ୱ ଖାଦ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

**ଶେୟାର ବଜାରରେ ଉତ୍ସାହ**
ମୁମ୍ବାଇ: କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୯୯୩ (୯୯୨.୭୪) ପଏଣ୍ଟ ବଢ଼ି ୮୦,୧୧୦ (୮୦,୧୦୯.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୩୧୫(୩୧୪.୬୫) ପଏଣ୍ଟ ବୃଦ୍ଧି ଘଟି ୨୪,୨୨ (୨୪,୨୨୧.୯୦) ଅଙ୍କରେ କାରବାର ଶେଷ କରିଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଦିଦେବ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାର୍ଷିକ ଋଣ ଯୋଜନାରେ ଉଲ୍ଲେଖନୀୟ ଅଭିବୃଦ୍ଧି

## ୧୭୭ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ଭୁବନେଶ୍ୱର,୨୫।୧୧ (ଅଭୟ ଦାଶ)




ଓଡ଼ିଶାର ୧୭୭ ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ସୋମବାର ଭୁବନେଶ୍ୱରର ଜୟଦେବ ବିହାର ନିକଟସ୍ଥ ହୋଟେଲ ମେ'ଫେୟାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏସ୍‌ଏଲ୍‌ବିସି ଓଡ଼ିଶାର ଅଧ୍ୟକ୍ଷ ବିଜୟ କୁମାର ନିବୃତି କାମ୍ବଲେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ଋଣ ଯୋଜନା, ସିଡି ଅନୁପାତ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ସାମାଜିକ ସୁରକ୍ଷା ଯୋଜନାର ସଫଳତା ଉପରେ ଆଲୋକପାତ କରିଥିଲେ। ସେହିଭଳି ଶିକ୍ଷାଋଣ, ଗୃହଋଣ, କୃଷିକୁ ନିବେଶ ଋଣ, ରପ୍ତାନି ଋଣ, ବିଭିନ୍ନ କ୍ଲଷ୍ଟରର ବିକାଶ ଆଦି କ୍ଷେତ୍ରରେ ଉନ୍ନତି ଆଣିବାକୁ ସେ ପରାମର୍ଶ ଦେଇଥିଲେ। ୨୦୨୪ ସେପ୍ଟେମ୍ବର ୩୦ ସୁଦ୍ଧା ଓଡ଼ିଶା ରାଜ୍ୟର ସମସ୍ତ ବ୍ୟାଙ୍କ ବାର୍ଷିକ ଋଣ ଯୋଜନାରେ ୧,୦୩,୮୮୯ କୋଟି ଟଙ୍କା ଋଣ ଦେଇଛନ୍ତି, ଯାହାକି ନିର୍ଦ୍ଧାରିତ ବାର୍ଷିକ ଲକ୍ଷ୍ୟ ୨,୧୦,୫୪୬ କୋଟି ଟଙ୍କାର ୪୯.୩୪% ଅଟେ। କୃଷିଋଣ ଲକ୍ଷ୍ୟର ୫୩.୦୦% ଏବଂ ଏମଏସଏମଇ ଋଣ ଲକ୍ଷ୍ୟର ୫୬.୮୯% ହାସଲ ହୋଇଛି। ୨୦୨୪ ଜୁନ୍ ୩୦ ସୁଦ୍ଧା ୭୬.୦୬%ରୁ ବୃଦ୍ଧି ପାଇ ସେପ୍ଟେମ୍ବର ୩୦ସୁଦ୍ଧା ସିଡି ଅନୁପାତ ୭୭.୩୫% ରହିଛି। ସେପ୍ଟେମ୍ବର ୩୦, ୨୦୨୪ସୁଦ୍ଧା ଓଡ଼ିଶାରେ ବ୍ୟାଙ୍କଗୁଡ଼ିକ ପିଏମଜେଡିୱାଇ ଅଧୀନରେ ୪୭.୭୩%, ପିଏମଜେଜେବିୱାଇ ଅଧୀନରେ ୭୧.୮୭%, ପିଏମଏସବିୱାଇ ଅଧୀନରେ ୭୪.୫୬% ଏବଂ ଏପିୱାଇ ଅଧୀନରେ ୫୧.୪୩% ଲକ୍ଷ୍ୟ ହାସଲ କରିଛନ୍ତି। ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ରିଜର୍ଭ ବ୍ୟାଙ୍କ ନୀତି, ପ୍ରାଥମିକତା କ୍ଷେତ୍ର ଲକ୍ଷ୍ୟ, ଓଡ଼ିଶାରେ ଶତପ୍ରତିଶତ ଡିଜିଟାଲ ଲକ୍ଷ୍ୟ ହାସଲ, ଜିଡିପି ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି, ରାଜ୍ୟର ସିଡି ଅନୁପାତରେ ଉନ୍ନତି ଉପରେ ଆଲୋକପାତ କରିଥିଲେ। ନୂଆ ଗ୍ରାହକଙ୍କ ଋଣ ପ୍ରସ୍ତାବ, ପ୍ରୋତ୍ସାହନ ଓ ଋଣ ମଞ୍ଜୁରୀ ଉପରେ ତ୍ୱରିତ ନିଷ୍ପତ୍ତି ନେବାକୁ ସେ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଶାଖାସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ଏସଏଲବିସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ବନ୍ଧରେ ନିର୍ଦ୍ଦେଶନାମା ଜାରି କରିବାକୁ ସେ ବ୍ୟାଙ୍କ ପ୍ରଶାସନିକ ମୁଖ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ୧୦ଟି ଫୋକସ ପଏଣ୍ଟ ଉପରେ ଆଲୋକପାତ କରିଥିଲେ, ଯଥା ଭିଜନ ଓଡ଼ିଶା୨୦୩୬ ଏବଂ ଭିଜନ ଇଣ୍ଡିଆ୨୦୪୭, ଋଣର ଯଥେଷ୍ଟତା, ଋଣର ଗୁଣବତ୍ତା, ଅଳ୍ପ ବିକଶିତ ଜିଲାର ବିକାଶ ସୁନିଶ୍ଚିତ କରିବା ପାଇଁ ଆଞ୍ଚଳିକ ବିକାଶ, ବ୍ୟାଙ୍କିଙ୍ଗର ସହଜତା, ଆଇଇସି ସମ୍ବନ୍ଧୀୟ କାର୍ଯ୍ୟକଳାପ ବୃଦ୍ଧି, ଆଇଟି, ବ୍ୟବସାୟ ପ୍ରକ୍ରିୟା ପୁନର୍ଗଠନ, ବ୍ୟାଙ୍କିଙ୍ଗରେ ଅଭିନବତା,ସରକାରଙ୍କ ପ୍ରାୟୋଜିତ ଯୋଜନାରେ ଉନ୍ନତି, ଆବାସ, ଶିକ୍ଷା ଓ ରପ୍ତାନି ଏବଂ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ, ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ କମିଶନର ତଥା ସଚିବ ଗୁହାପୁନମ ଟି ବାର୍ଷିକ ଋଣ ଯୋଜନା, ସରକାରଙ୍କ ପ୍ରାୟୋଜିତ ଯୋଜନା ଇତ୍ୟାଦିର ବିଭିନ୍ନ ଦିଗ ଉପରେ ନିଜର ମତାମତ ରଖିଛନ୍ତି। ଉଦ୍ୟାନ କୃଷି ନିର୍ଦ୍ଦେଶକ, ଶିଳ୍ପ ନିର୍ଦ୍ଦେଶକ ଓ ସଂସ୍ଥାଗତ ଅର୍ଥ ନିର୍ଦ୍ଦେଶକ ମଧ୍ୟ ନିଜ ନିଜ ବିଭାଗ ଉପରେ ମତାମତ ରଖିଛନ୍ତି। ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଏସଏଲବିସି ଓଡ଼ିଶାର ଆବାହକ ଗୌତମ ପାତ୍ର ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ସେପ୍ଟେମ୍ବର୨୦୨୪ରେ ଶେଷ ହୋଇଥିବା ପ୍ରଥମାର୍ଦ୍ଧରେ ସମସ୍ତ ବ୍ୟାଙ୍କର କାର୍ଯ୍ୟଦକ୍ଷତା ପ୍ରଦର୍ଶନ ଉପରେ ଆଲୋଚନା କରିଥିଲେ। ଶେଷରେ ଏସ୍‌ଏଲବିସି ଓଡ଼ିଶା ପ୍ରଭାରୀ ଲିଙ୍ଗରାଜ ନାୟକ ସଭାରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ତଥା ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରିଟେନ୍-ଜର୍ମାନୀ ଗସ୍ତରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୧୧(ଅନୁରାଧା ମହାରଣା)


ଡ. ମୋହନ ଯାଦବ

ରାଜ୍ୟକୁ ଅର୍ଥନୈତିକ ଶକ୍ତି ଯୋଗାଇବା ଲକ୍ଷ୍ୟରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବ ବ୍ରିଟେନ-ଜର୍ମାନୀ ଗସ୍ତରେ ଅଛନ୍ତି। ରବିବାର ସେ ଲଣ୍ଡନରେ ପହଞ୍ଚିଥିବାବେଳେ ସ୍ଥାନୀୟ ଏକ ହୋଟେଲରେ ତାଙ୍କୁ ବ୍ରିଟେନର ବିକ୍ରମ ଦୋରାଇସ୍ୱାମୀ ଏବଂ ପ୍ରବାସୀ ଭାରତୀୟ ତାଙ୍କର ଜୋରଦାର ସ୍ୱାଗତ କରିଥିଲେ। ଏ ଅବସରରେ ଯାଦବ କହିଛନ୍ତି ଯେ ଆମର ଧ୍ୟାନ କେବଳ ନିବେଶ ଉପରେ ନୁହେଁ ବରଂ ଆମେ ଏକ ଦୃଢ଼ ସହଭାଗୀତା ଆଶା କରୁଥିବା କହିଛନ୍ତି। ସୂଚନାଥାଉକି, ଯାଦବ ତାଙ୍କର ୬ଦିନିଆ ଗସ୍ତ ସମୟରେ ଯାଦବ ଉଭୟ ଦେଶର ଶିଳ୍ପପତି, ବ୍ୟବସାୟ ନେତା ଏବଂ ସରକାରୀ ପ୍ରତିନିଧୀଙ୍କ ସହ ଆଲୋଚନା କରିବେ। ଏହି ଅବଧିରେ ରାଜ୍ୟରେ ପୁଞ୍ଜି ବିନିଯୋଗର ସୁଯୋଗ ବୃଦ୍ଧି ଉପରେ ବିଶେଷ ଧ୍ୟାନ ଦିଆଯିବ। ଯାଦବଙ୍କ ଏହି ରହଣି ସମୟରେ ଅକ୍ଷୟ ଶକ୍ତି, ବୈଦ୍ୟୁତିକ ଯାନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଭଳି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ ଦିଆଯିବ। ଏହି ଗସ୍ତକାଳରେ ମଧ୍ୟପ୍ରଦେଶର ବିକାଶ ଏବଂ ନବସୃଜନ ସମ୍ପର୍କରେ ଶିଳ୍ପପତି ତଥା ପ୍ରବାସୀମାନଙ୍କୁ ଅବଗତ କରାଯିବ। ଗସ୍ତର ପ୍ରଥମ ପର୍ଯ୍ୟାୟରେ ଯାଦବ ବ୍ରିଟିଶ ସଂସଦ ଗସ୍ତ କରିବେ। ସଂସଦ ଛକରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ସେ ପୁଷ୍ପମାଲ୍ୟ ଅର୍ପଣ କରିବେ। ସେ ବ୍ରିଟେନ-ଜର୍ମାନୀରେ ଶିଳ୍ପପତି, ବ୍ୟବସାୟୀ ଏବଂ ସରକାରୀ ପ୍ରତିନିଧୀଙ୍କ ସହ ଗୋଟିଏ ପରେ ଗୋଟିଏ ଆଲୋଚନା କରି ମଧ୍ୟପ୍ରଦେଶରେ ପୁଞ୍ଜି ବିନିଯୋଗର ସୁଯୋଗ ବୃଦ୍ଧି ଉପରେ ଧ୍ୟାନ ଦେବେ। ରାଜ୍ୟରେ ପୁଞ୍ଜି ବିନିଯୋଗ ଏବଂ ଶିଳ୍ପ ସହଯୋଗ ବୃଦ୍ଧି ପାଇଁ ସେ ଶିଳ୍ପ ସଂଗଠନ ଏବଂ ଶିଳ୍ପପତିଙ୍କ ପ୍ରତିନିଧୀଙ୍କୁ ଭେଟିବେ। ଲଣ୍ଡନରେ ଏନଆରଆଇ ଗ୍ରୁପ 'ଫ୍ରେଣ୍ଡସ ଅଫ ମଧ୍ୟପ୍ରଦେଶ'ର ରାତ୍ରୀ ଭୋଜନରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯାଦବ ଯୋଗଦେବେ। ଏଥିରେ ୪୦୦ ରୁ ଅଧିକ ପ୍ରବାସୀ ଭାରତୀୟ ସାମିଲ ହେବେ। ସେହିପରି ଯାଦବ ଶିଳ୍ପପତି ତଥା ବ୍ରିଟେନର ବିକ୍ରମ କେ ଦୋରାଇସ୍ୱାମୀଙ୍କୁ ନଭେମ୍ବର ୨୬ ରେ ଭେଟିବେ। ଏହା ପରେ ମଧ୍ୟପ୍ରଦେଶରେ ବିନିଯୋଗ ସୁଯୋଗ ଉପରେ ଆଲୋଚନା ପାଇଁ ଏକ ଅଧିବେଶନ ଆୟୋଜନ କରାଯିବ। ଏଥିରେ ୧୨୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେବେ, ରାଉଣ୍ଡ ଟେବୁଲ ବୈଠକ ପରେ ବୈଦ୍ୟୁତିକ ଯାନ, ଅଟୋମୋବାଇଲ, ଅକ୍ଷୟ ଶକ୍ତି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ପରି କ୍ଷେତ୍ର ଉପରେ ଆଲୋଚନା କରାଯିବ।

# ଏସ୍-ଆଇଏଲ୍ଏଫ୍ ସହ ସିଆଇଆଇର ବୁଝାମଣା

ନୂଆଦିଲ୍ଲୀ,୨୫।୧୧




ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଏବଂ ସାସାକାୱା-ଇଣ୍ଡିଆ ଲେପ୍ରୋସି ଫାଉଣ୍ଡେଶନ ବା ଏସ୍-ଆଇଏଲ୍ଏଫ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏସ୍-ଆଇଏଲ୍ଏଫ୍ ଓ ସିଆଇଆଇ ମଧ୍ୟରେ ଏକ ବୁଝାମଣ ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହେବା ସହ ସହଭାଗିତାକୁ ନବୀକରଣ ମଧ୍ୟ କରାଯାଇଥିଲା, ଯାହା ଶିକ୍ଷା, ନିଯୁକ୍ତି ଓ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପ୍ରତି ସେମାନଙ୍କର ମିଳିତ ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଅପରପକ୍ଷରେ ଏସ୍-ଆଇଏଲ୍ଏଫ୍‌ର ୧୮ତମ ପ୍ରତିଷ୍ଠା ଦିବସ ନୂଆଦିଲ୍ଲୀର ବିଶ୍ୱ ଯୁବକ କେନ୍ଦ୍ର (ଭିୱାଇକେ) ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କୁଷ୍ଠରୋଗରେ ପୀଡ଼ିତ ବ୍ୟକ୍ତି ଓ ତାଙ୍କ ପରିବାରକୁ ସଶକ୍ତ କରିବା, ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବା ଏବଂ ଅପବାଦ ଓ ଭେଦଭାବର ମୁକାବିଲା କରିବା ଦିଗରେ ଦୁଇ ଦଶନ୍ଧିର ଉତ୍ସର୍ଗୀକୃତ ପ୍ରୟାସକୁ ଚିହ୍ନିତ କରିଛି। ଏହି ଅବସରରେ ସାଂସଦ ବୈଜୟନ୍ତ ପଣ୍ଡା,ଡବ୍ଲ୍ୟୁଏଚ୍ଓ ଗୁଡ୍‌ୱିଲ ଆମ୍ବାସାଡର ଫର ଲେପ୍ରୋସି ଏଲିମିନେଶନ, ୟୋହେଇ ସାସାକାୱା, ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ,ଏସ୍-ଆଇଏଲ୍ଏଫ୍‌ର ଅଧ୍ୟକ୍ଷ ତରୁଣ ଦାସ ଏବଂ ଆସୋସିଏଶନ ଅଫ୍ ପିପୁଲ ଆଫେକ୍ଟେଡ ବାଏ ଲେପ୍ରୋସି (ଏପିଏଲ୍)ର ଅଧ୍ୟକ୍ଷ ମାୟା ରାଣାବାରେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଏସ୍-ଆଇଏଲ୍ଏଫ୍‌ର ଅଧ୍ୟକ୍ଷ ତରୁଣ ଦାସ କହିଥିଲେ, ଏକ ଅପବାଦ-ମୁକ୍ତ ସମାଜ ସୃଷ୍ଟି କରିବା କ୍ଷେତ୍ରରେ ଆମର ପ୍ରାୟ ଜାରି ରହିଛି।

# ଏସ୍ଏନ୍ୟୁର ନାମଲେଖା ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ,୨୫।୧୧

ପ୍ରତି ବର୍ଷ ଭଳି ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଦିଲ୍ଲୀ-ଏନ୍‌ସିଆର୍‌ସ୍ଥିତ ଶିବ ନାଡର ବିଶ୍ୱବିଦ୍ୟାଳୟ (ଏସ୍ଏନ୍ୟୁ) ପକ୍ଷରୁ ନାମଲେଖା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏପରିକି ଇଞ୍ଜିନିୟରିଂ, ନାଚୁରାଲ ସାଇନସେସ, ମ୍ୟାନେଜମେଣ୍ଟ ଆଣ୍ଡ ଏଣ୍ଟରପ୍ରେନିଓରଶିପ୍ ଏବଂ ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ୍ ସାଇନ୍ସ ଭଳି ୪ଟି ବିଦ୍ୟାଳୟ କାର୍ଯ୍ୟକ୍ରମ ପାଇଁ ଆବେଦନ ଆହ୍ୱାନ କରାଯାଇଛି। ଅପରପକ୍ଷରେ ସମ୍ଭାବ୍ୟ ପ୍ରାର୍ଥୀମାନେ ବିଶ୍ୱବିଦ୍ୟାଳୟର ଅଫିସିଆଲ ୱେବ୍‌ସାଇଟ (http://www.snu.edu.in/home) ଜରିଆରେ ମଧ୍ୟ ଆବେଦନ କରିପାରିବେ। ସେହିଭଳି ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ବିଶ୍ୱବିଦ୍ୟାଳୟ ଏକାଡେମିକ୍ ଉତ୍କର୍ଷକୁ ସମର୍ଥନ ଏବଂ ପୁରସ୍କୃତ କରିବା ପାଇଁ ବିଭିନ୍ନ ବୃତ୍ତି ପ୍ରଦାନ ଜାରି ରଖିଛି। ଯୁକ୍ତରାଷ୍ଟ୍ର ଆମେରିକାର ଆରିଜୋନା ଷ୍ଟେଟ୍ ୟୁନିଭର୍ସିଟି ସହଯୋଗରେ ଆରମ୍ଭ ହୋଇଥିବା କମ୍ପ୍ୟୁଟର ସାଇନ୍ସ ଆଣ୍ଡ ବିଜନେସ୍ ଡାଟା ଆନାଲିଟିକ୍ସରେ ଡୁଆଲ ଡିଗ୍ରୀ ସ୍ନାତକୋତ୍ତର ପ୍ରୋଗ୍ରାମ୍ ମଧ୍ୟ ପ୍ରଦାନ କରୁଛି। ଏହା ହେଉଛି ବିଶ୍ୱବିଦ୍ୟାଳୟର ଅଫରରେ ଏକ ନୂଆ ସଂଯୋଜନ। ଦିଲ୍ଲୀ-ଏନ୍‌ସିଆରସ୍ଥିତ ଏସ୍ଏନ୍ୟୁର କୁଳପତି ପ୍ରଫେସର ଅନନ୍ୟା ମୁଖାର୍ଜୀ କହିଛନ୍ତି, ଆସନ୍ତା ନୂଆ ଶିକ୍ଷାବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଦିଲ୍ଲୀ-ଏନ୍‌ସିଆରସ୍ଥିତ ଏସ୍ଏନ୍ୟୁରେ ନିଜ ମନୋନୀତ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାକୁ ଆଗ୍ରହୀ ଉତ୍ସାହୀ ବ୍ୟକ୍ତିମାନଙ୍କୁ ଉତ୍ସାହର ସହ ଆମେ ସ୍ୱାଗତ କରୁଛୁ। ଆମ ଅନୁଷ୍ଠାନ ଶିକ୍ଷାଗତ, ସୃଜନଶୀଳତା, ବିଶ୍ଳେଷଣାତ୍ମକ ଚିନ୍ତାଧାରା ଏବଂ ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧି ପାଇଁ ଏକ ସନ୍ତୁଳିତ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରୁଛି।

# ମଣିପାଲ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୫।୧୧

ଭୁବନେଶ୍ୱର ମଣିପାଲ ହସ୍ପିଟାଲକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଏକ ବିରଳ କ୍ୟାନସର ରୋଗର ପୀଡିତ ୬୫ବର୍ଷୀୟା ମହିଳାଙ୍କର ସଫଳ ଅସ୍ତ୍ରୋପଚାର ହସ୍ପିଟାଲରେ କରାଯାଇଛି। ମଣିପାଲ ହସ୍ପିଟାଲର ଅଭିଜ୍ଞ ସର୍ଜନ ତଥା କ୍ୟାନସର ବିଶେଷଜ୍ଞଙ୍କ ଏକ ଟିମ୍ ସମ୍ପୃକ୍ତ ମହିଳାଙ୍କର ସଫଳ ଚିକିତ୍ସା କରାଇଛନ୍ତି। ଏପରିକି ଏକ ସମୟରେ ହୋଇଥିବା ଗଲବ୍ଲାଡର କ୍ୟାନସର ଏବଂ ପାନ୍କ୍ରିଆଟିକ୍ କ୍ୟାନସରର ସଫଳ ଚିକିତ୍ସା କରି ମହିଳା ଜଣଙ୍କୁ ନୂତନ ଜୀବନ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପେଟ ମଧ୍ୟରେ ଏକ ସମୟରେ ଦୁଇ ଦୁଇଟା କ୍ୟାନସର ହେବା ଭଳି ବିରଳ ଘଟଣା ସାରା ବିଶ୍ୱରେ ମାତ୍ର ୧%ଲୋକଙ୍କଠାରେ ଦେଖାଯାଏ। ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରୀ ଟିମ୍ଙ୍କ ସହିତ ଅତ୍ୟାଧୁନିକ ସୁବିଧା ଫଳରେ ଏହି ବିରଳ କ୍ୟାନସରର ସଫଳ ଚିକିତ୍ସା ସହିତ ମହିଳା ଜଣଙ୍କ ନୂତନ ଜୀବନ ପାଇଛନ୍ତି। ମହିଳା ଜଣଙ୍କ ପେଟରେ ଯନ୍ତ୍ରଣା ହେବାରୁ ମଣିପାଲ ହସ୍ପିଟାଲର ବରିଷ୍ଠ ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଡା.ପ୍ରତାପ ବେହେରାଙ୍କ ସହିତ ପରାମର୍ଶ କରିଥିଲେ। ପ୍ରାଥମିକ ପରୀକ୍ଷା ପରେ ଡା ପ୍ରତାପ ଉକ୍ତ ମହିଳାଙ୍କ ଗଲବ୍ଲାଡରରେ ଟ୍ୟୁମର ସହିତ ପାନକ୍ରିଆସ୍‌ରେ ଗୋଟିଏ ମାଂସ ବଢ଼ିଥିବା ଜାଣି ପାରିଥିଲେ। ଏହା ଶରୀରର ଅନ୍ୟାନ୍ୟ ଅଙ୍ଗକୁ ପ୍ରଭାବିତ ହୋଇଛି କି ନାହିଁ ଜାଣିବା ପାଇଁ ସେ ସମ୍ପୂର୍ଣ୍ଣ ଶରୀର ଓ ପେଟ୍ ସିଟି ସ୍କାନ୍ କରାଯାଇଥିଲା। ପେଟ୍ ସିଟି ସ୍କାନ୍ ରିପୋର୍ଟରେ ପେଟ ମଧ୍ୟରେ ଗଲବ୍ଲାଡର ଏବଂ ପାନ୍କ୍ରିଆସ୍‌ରେ କ୍ୟାନସର ଥିବା ଜଣାପଡ଼ିଥିଲା,ଯାହାର ତୁରନ୍ତ ଚିକିତ୍ସା କରିବାର ଆବଶ୍ୟକତା ରହିଥିଲା। ମହିଳାଙ୍କ ଚିକିତ୍ସା ପାଇଁ ମଣିପାଲ ହସ୍ପିଟାଲର ଅଭିଜ୍ଞ ପେଟ କ୍ୟାନସର ବିଶେଷଜ୍ଞ ଗ୍ୟାଷ୍ଟ୍ରୋ ସର୍ଜନ ଡା. ଜ୍ୟୋତିର୍ମୟ ଜେନା ଅଙ୍କୋ ସର୍ଜନ ଡା. ନିତୀଶ ଆଚାର୍ଯ୍ୟ ଏବଂ ମେଡିକାଲ ଅଙ୍କୋଲୋଜିଷ୍ଟ ଡା. ସଚିନ୍‌ଶେଖର ବିଶ୍ୱାଳଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା।

# ପରିବହନ କ୍ଷେତ୍ରରେ ଇକାର୍ଟର ନୂଆ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୨୫।୧୧

ବର୍ତ୍ତମାନ ସମୟରେ ଉଭୟ ସରକାରୀ ଓ ଘରୋଇ ସଂସ୍ଥା ପାଇଁ ପରିବହନ ଏକ ପ୍ରମୁଖ ସମସ୍ୟା ପାଲଟିଥିଲାବେଳେ ଭାରତର ଅଗ୍ରଣୀ ୪ପିଏଲ୍ ଯୋଗାଣ ଶୃଙ୍ଖଳା କମ୍ପାନୀ ଇକାର୍ଟ ପରିବହନ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଆଧୁନିକ ଟେକ୍ନୋଲୋଜି ଓ ପରିଚାଳନାଗତ ଉତ୍କର୍ଷ ସହିତ ପରିବହନ କ୍ଷେତ୍ରକୁ କମ୍ପାନୀ ରୂପାନ୍ତର କରିବା ଜାରି ରଖିଛି। ସେହିଭଳି କମ୍ପାନୀ ତା'ର ପରିଚାଳନା କ୍ଷେତ୍ରକୁ ବିସ୍ତାର କରିଛି ଏବଂ ଯୋଗାଣ ଶୃଙ୍ଖଳାକୁ ମନିଟାଇଜ କରିବା ନେଇ ବ୍ୟାପକ ପ୍ରୟାସ ସହ ଗତ ୩ ବର୍ଷ ମଧ୍ୟରେ ୮ଗୁଣ ଅଭିବୃଦ୍ଧି ହାସଲ କରିଛି, ଯାହା ବ୍ରାଣ୍ଡ୍ ଓ ରିଟେଲରମାନଙ୍କୁ କମ୍ପାନୀର ଯୋଗାଣ ଶୃଙ୍ଖଳା ଆବଶ୍ୟକତାକୁ ପୂରଣ କରିବା ପାଇଁ ଇକାର୍ଟର ଲଜିଷ୍ଟିକ୍ସ କ୍ଷମତାକୁ ଉପଯୋଗ କରି ଉପଭୋକ୍ତାଙ୍କ ଚାହିଦା ପୂରଣ କରିବା ଲାଗି ସଶକ୍ତ କରୁଛି। ସେହିପରି ୬ମିଲିୟନରୁ ଅଧିକ ସିପ୍‌ମେଣ୍ଟର ଏକ ଦୈନିକ କ୍ଷମତା ସହିତ ଇକାର୍ଟର ଶେଷ ଦୂରତା ନେଟ୍‌ୱର୍କ ୯୮% ଭାରତୀୟ ପୋଷ୍ଟାଲ କୋଡ୍‌ରେ ପରିବ୍ୟାପ୍ତ ରହିଛି,ଯାହାକି ୫୦ମିଲିୟନରୁ ଅଧିକ କ୍ୟୁବିକ୍ ଫୁଟ୍‌ର ୱେୟାରହାଉସିଂ ଓ ୭୦୦୦ ଟ୍ରକ୍‌ର ଏକ ଫ୍ଲିଟ୍ ଦ୍ୱାରା ସମର୍ଥିତ ରହିଛି। ଏ ସମ୍ପର୍କରେ ଇକାର୍ଟର ମୁଖ୍ୟ ବାଣିଜ୍ୟ ଅଧିକାରୀ ମଣି ଭୂଷଣ କହିଛନ୍ତି, ଆମର ଅଭିବୃଦ୍ଧି କାହାଣୀ କେବଳ ସଂଖ୍ୟା ସମ୍ପର୍କିତ ନୁହେଁ ବରଂ ବ୍ରାଣ୍ଡ ଓ ଉପଭୋକ୍ତାଙ୍କ ପାଇଁ ଆମେ ସୃଷ୍ଟି କରିଥିବା ମୂଲ୍ୟ ସହ ଜଡିତ ରହିଛି। ଇକାର୍ଟର କ୍ଷମତାଗୁଡିକ ଭାରତର ପରିବହନ ଶିଳ୍ପର ଅପାର କ୍ଷମତାକୁ ପ୍ରତିଫଳନ କରୁଛି ଏବଂ ଆମେ ଏହାର ବିବର୍ତ୍ତନରେ ଯୋଗଦାନ ଦେଇ ଗର୍ବିତ ମନେ କରୁଛୁ। ଇକାର୍ଟରେ ଆମେ ବିଶ୍ୱାସ କରୁଛୁ,ସମଗ୍ର ଯୋଗାଣ ଶୃଙ୍ଖଳାକୁ ଭଲ ଭାବେ ବୁଝିବା ଓ ଦକ୍ଷତାକୁ ନିରନ୍ତର ଭାବେ ଅନୁକରଣ କରିବା ସହିତ ଆମେ ସେବା ଯୋଗାଉଥିବା ବ୍ରାଣ୍ଡ୍ ଓ ଭାରତର ଲଜିଷ୍ଟିକ ଇକୋସିଷ୍ଟମ ପାଇଁ ଏକ ପ୍ରମୁଖ ପାର୍ଥକ୍ୟକାରୀ ଓ ସକ୍ଷମକାରୀ ହୋଇପାରିଛି। ଏଣ୍ଡ-ଟୁ-ଏଣ୍ଡ ସମାଧାନ ପାଇଁ ଗୋଟିଏ ବିଶ୍ୱସ୍ତ ପାର୍ଟନର ସହ କାର୍ଯ୍ୟ କରି ଦକ୍ଷତା, ବର୍ଦ୍ଧିତ ପହଞ୍ଚ, ବେଗ ଓ ଉନ୍ନତ ଲାଭଦାୟକତା ମାଧ୍ୟମରେ ନିଜର ଟପ୍‌ଲାଇନକୁ ବିସ୍ତାର କରିବା ପାଇଁ ଯୋଗାଣ ଶୃଙ୍ଖଳା ମୂଲ୍ୟକୁ ଉନ୍ମୋଚନ କରିବାକୁ ଚାହୁଁଥିବା ବ୍ରାଣ୍ଡଗୁଡିକ ପାଇଁ ଇକାର୍ଟ ଏକ ନିର୍ଭରଯୋଗ୍ୟ ବିକଳ୍ପରେ ପରିଣତ ହୋଇଛି।


# Classified Everyday 0674-2580101, 2549949


**REAL ESTATE**
**SALE**

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512.** D-2061

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45,000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75579

ଫୁଲନଖରା ଅନନ୍ତପୁର ସରକାରୀ ରୋଡ୍‌କୁ ଲାଗିକି ଘରବାରି ନିଜ ପ୍ଲଟ୍ ବିକ୍ରିହେବ। Mob- 9556187814. D-2008

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9348871895, 9937787418.** D-2062

**CONSTRUCTION**

**Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469.** D-76203




Newly open full body massage relax with new lady therapist. 7205354089. D-76032

Newly open Jyoti SPA positively health benefits (expert therapist). 8458067955. D-76171

Newly open health benefits SPA by expert therapist. Contact- 8280961126. D-76175

Newly open health benefits SPA special offer @ 799 Bapuji Nagar. 8018429809. D-76172

**AFFIDAVIT**

I, Mrs. Dinky Somani, aged about 24 years, W/o- Lalit Somani, resident of Maheswari Colony, Malkangiri, P.O./P.S./Dist.- Malkangiri do hereby solemnly affirm and state on oath as follows. That my parental name is Dinky Tapariya. After my marriage with Mr. Lalit Somani, I am known as Dinky Somani and I use it in all purposes. Accordingly it has been mentioned in my Aadhaar Card. That Dinky Tapariya & Dinky Somani is one and same person i.e. myself. That, I swear this affidavit in order to produce before the concerned authority to ascertain my name as Dinky Somani. D-2060

I, Chatru Ketaki, R/o- Vill./P.O./P.S.- Muribahal, Dist.- Balangir, Odisha, declared that my son's Aadhaar Card bearing No.-xxxx xxxx 8932 has wrongly mentioned name as Suman Ketaki, S/o- Chatru Ketaki and Smt. Namita Ketaki instead of Abhinas Ketaki and mother Kanaka Ketaki. By this affidavit No.-99 dtd.04.10.2024 sworn before the Executive Magistrate, Muribahal I have changed my son's name as Abhinas Ketaki and mother's as Kanaka Ketaki for all purposes. D-2028

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Affidavit No.- 73AA833910 dt.18.11.24 before Notary, Bhubaneswar. I, Ritanjali Kahnar, Wife of Late Nala Kahanr, residence of Dungiamunda, P.O.- Chhatranga, P.S.- Harbhanga, Dist.- Boudh do here by declare dhat my daughter name has been changed Gunjan Kahanr (as per Birth Certificate CHC Purunakatak vide letter No.- 343, date 24.10.2013) instead of Jasmine Kahanr School record of Badagundari Sahi Primary School and Aadhaar Card all purposes. D-2059

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ନନ୍ଦ କିଶୋର ରାମ**
ଲାଲବଜାର ୱାର୍ଡ ନଂ.-୪, ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୩୦।୦୩।୧୯୫୫
ତିରୋଧାନ: ୦୮।୧୨।୨୦୨୩

ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଓ ନୀତି ଆଦର୍ଶ ଚିରଦିନ ପାଇଁ ଆମର ମାର୍ଗଦର୍ଶନ କରିଥାଉ। ଏକ ବର୍ଷ ହେଲା ଆପଣଙ୍କର ଅନୁପସ୍ଥିତି ଅପୂରଣୀୟ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ରତ୍ନାବତୀ, ବଡ଼ପୁଅ: ଅଭିଜିତ୍, ସାନପୁଅ: ଅଭିଷେକ, ଝିଅ: ଅଭିଲାଷା ଓ ଆତ୍ମୀୟସ୍ୱଜନ।
ଧ-୨୦୬୪

ଫ୍ୟାଶନ୍

# ଶୀତରେ ଦେଖାଯିବେ ଆକର୍ଷଣୀୟ

ଶୀତଦିନ ଆରମ୍ଭ ହୋଇଗଲାଣି। ଏମିତିରେ ଝିଅମାନେ ଏଥେନିକ୍ ଡ୍ରେସ୍‌ରେ ଲେହେଙ୍ଗା,ଶାଢ଼ି ଆଦି ପିନ୍ଧିଥାନ୍ତି। ଏମିତିରେ ବି ଶୀତରୁ ରକ୍ଷାକରିବା ସହ ନିଜକୁ ଟ୍ରେଣ୍ଡି ଏବଂ ଫ୍ୟାଶନେବଲ ଦେଖାଯିବାକୁ ହେଲେ ଏ ସମ୍ପର୍କରେ କେତୋଟି ଟିପ୍ସ ଆପଣାନ୍ତୁ..

**ଲେହେଙ୍ଗା ସହ ଥର୍ମଲ କିମ୍ବା ସ୍ଲିଭ୍‌ଲେସ୍ ଲେଗିଂସ୍ ପିନ୍ଧନ୍ତୁ...**

ଲେହେଙ୍ଗା କିମ୍ବା ଶାଢ଼ି ପିନ୍ଧିବା ପୂର୍ବରୁ ଆପଣ ଏକ ଥର୍ମଲ ଟପ୍ ଓ ଲେଗିଂସ୍ ପିନ୍ଧିପାରିବେ। ଏହା ଆପଣଙ୍କ ଶରୀରକୁ ଉଷୁମ ରଖିବାରେ ସାହାଯ୍ୟ କରିଥାଏ। କାହିଁକି ନା ଥର୍ମଲ ଫେବ୍ରିକ୍ ହାଲ୍‌କା



ହୋଇଥାଏ। ଭଲ ସେ ଫିଟ୍ ହୋଇଯାଏ ଏବଂ ଏହା ଥଣ୍ଡାରୁ ରକ୍ଷା କରିଥାଏ।

**ଲମ୍ବା ଏଥେନିକ୍ ଜ୍ୟାକେଟ୍ କିମ୍ବା ଶାଲ**

ଲମ୍ବା ଏଥେନିକ୍ ଜ୍ୟାକେଟ କିମ୍ବା କଶ୍ମୀରୀ ଶାଲ ଲେହେଙ୍ଗା ଉପରେ ପିନ୍ଧିବା ଦ୍ୱାରା ଆପଣଙ୍କ ଲୁକ୍ ଷ୍ଟାଇଲିଶ୍ ରହିବ ଏବଂ ଥଣ୍ଡାଦାଉରୁ ରକ୍ଷା ପାଇପାରିବେ। ଆପଣ ଶାଲ୍‌କୁ କାନ୍ଧରେ ପକାଇ ପାରିବେ,ଏହା ପୂରା ଶରୀରକୁ କଭର କରି ମଧ୍ୟ ରଖିପାରିବ। ଶାଲ୍ କିମ୍ବା ଜ୍ୟାକେଟ୍ ଭିତରେ ଗର୍ମ ଫାବ୍ରିକ୍ ଯେମିତିକି ସିଲ୍କ,ଭେଲଭେଟ୍ କିମ୍ବା ଉଲ୍‌ର ବ୍ୟବହାର କରିପାରିବେ।

**କଶ୍ମୀରୀ ଉନ୍ ଶାଲ୍**

କଶ୍ମୀରୀ ଶାଲ ଶୀତଦିନ ଲାଗି ବିଲ୍‌କୁଲ୍ ପରଫେକ୍ଟ ହୋଇଥାଏ। ଲେହେଙ୍ଗା ସହ ଶାଲ୍ ବହୁତ ଭଲ ମାନିଥାଏ। ଏହି ଶାଲ୍ ସାଧାରଣତଃ ପୂରା ହାଲ୍‌କା ହୋଇଥାଏ ହେଲେ ବି ଏହା ଉଷୁମ ଲାଗିଥାଏ।

**ପାର୍କା ଜ୍ୟାକେଟ୍**

ଯଦି ବିବାହ ହେଉଥିବା ସ୍ଥାନ ବହୁତ ଥଣ୍ଡା ହେଉଥାଏ ତେବେ ବାହାରେ ବୁଲିବାର ଅଛି ତେବେ ଷ୍ଟାଇଲିଶ୍ ପାର୍କା ଜ୍ୟାକେଟ୍ ପିନ୍ଧିପାରିବେ। ଏହା ଶୀତ ଏବଂ ଥଣ୍ଡାରୁ ସମ୍ପୂର୍ଣ୍ଣ ରୂପେ ରକ୍ଷା କରିଥାଏ। ପାର୍କା ଜ୍ୟାକେଟ୍‌ରେ ହୁଡ୍ ରହିଛି, ଯାହା ଥଣ୍ଡା ପବନରୁ ମୁଣ୍ଡ ଏବଂ ବେକକୁ ରକ୍ଷା କରିଥାଏ। ଏହାକୁ ଆପଣ ସାଲୱାର ସହ ପିନ୍ଧିପାରିବେ। ଏହାର ଲୁକ୍ ଆପଣଙ୍କୁ ବହୁ କମ୍ଫର୍ଟେବଲ ଏବଂ କୁଲ୍ ଦେଇଥାଏ।

**ବୁଟ୍ସ ପିନ୍ଧନ୍ତୁ**

ଶୀତଦିନରେ ବୁଟ୍ସ ପିନ୍ଧିବା ପାଦକୁ ଥଣ୍ଡାରୁ ରକ୍ଷା କରିଥାଏ। ଲେହେଙ୍ଗା ସହ ଷ୍ଟାଇଲିଶ୍ ବୁଟ୍ସ ପିନ୍ଧିବା ଦ୍ୱାରା ପାଦକୁ ଉଷୁମ ରଖିବାରେ ସାହାଯ୍ୟକରେ। ଏହା ସହ ଫ୍ୟାଶନେବଲ ଲୁକ୍ ବି ମିଳିଥାଏ। ଆପଣ ଭେଲ୍‌ଭେଟ୍ କିମ୍ବା ଲାଇନ୍ ବୁଟ୍ସ ଚୟନ କରିପାରିବେ। ଯାହା ଲେହେଙ୍ଗା ସହ ଭଲ ସେ ମ୍ୟାଚ୍ କରିପାରୁଥିବ।

**ୱାର୍ମ ଇନରୱେର**

ଲେହେଙ୍ଗା ତଳେ ପିନ୍ଧିବା ଲାଗି ହାଲ୍‌କା ଏବଂ ଆରାମଦାୟମ ଇନରୱେର ଚୟନ କରନ୍ତୁ। ଯେମିତିକି ଉନ୍ କିମ୍ବା ଥର୍ମାଲ ଇନରୱେର ଯାହା ଆପଣଙ୍କୁ ଗରମ ରଖିବା ସଙ୍ଗେ ସଙ୍ଗେ ଆରାମ ପ୍ରଦାନ କରିଥାଏ।

# ଶୀତବସ୍ତ୍ର ଦୁର୍ଗନ୍ଧ ହେଉଥିଲେ..

ଶୀତଦିନରେ ଯେତେବେଳେ ଆମେ ଶୀତବସ୍ତ୍ର ଆଲମାରୀରୁ କାଢୁ ସେଥିରୁ ଅଜବ ପ୍ରକାର ଦୁର୍ଗନ୍ଧ ବାହାରିଥାଏ। କେତୋଟି ଟିପ୍ସ ଦିଆଯାଉଛି ଯାହାକୁ ଆପଣାଇ ଏହି ସମସ୍ୟାରୁ ରକ୍ଷା ପାଇପାରିବେ...

**ବେକିଂ ସୋଡ଼ା:** ଯଦି ଶୀତବସ୍ତ୍ର ଦୁର୍ଗନ୍ଧ ହେଉଛି, ତେବେ ବେକିଂ ସୋଡ଼ା ବ୍ୟବହାର ଏକ ଭଲ ଉପାୟ। ବେକିଂ ସୋଡ଼ା ପାଣି ସହିତ ମିଶାଇ କପଡ଼ା ମଝିରେ ସ୍ପ୍ରେ କରନ୍ତୁ। ପୁଣି କିଛି ଘଣ୍ଟା ପାଇଁ କପଡ଼ାକୁ ଖରାରେ ଛାଡ଼ି ଦିଅନ୍ତୁ। ବେକିଂ ସୋଡ଼ା ଦୁର୍ଗନ୍ଧ ହଟାଇବାରେ କାମ କରିଥାଏ। ଫଳରେ କପଡ଼ା ସୁଗନ୍ଧିତ ଏବଂ ତାଜା ଲାଗିଥାଏ।

**ଭିନେଗାର:** ଭିନେଗାର କେବଳ କପଡ଼ାର ଦୁର୍ଗନ୍ଧ ଦୂରକରି ନ ଥାଏ, ଏହା ମଧ୍ୟ ଶୁଦ୍ଧ କରିଥାଏ। ନଖ ଉଷୁମ ପାଣିରେ ଭିନେଗାର ମିଶାଇ କପଡ଼ାକୁ ଧୋଇବା ଦ୍ୱାରା ଦୁର୍ଗନ୍ଧ ଦୂରହୋଇଥାଏ। କପଡ଼ା ମଧ୍ୟ ତାଜା ତାଜା ବାସ୍ନା ବାହାରିଥାଏ। ସିର୍‌କାର ପ୍ରୟୋଗ ଖାସ୍‌କରି ସେଇ କପଡ଼ାରେ ବ୍ୟବହୃତ ହୁଏ ଯାହାକୁ ବାରମ୍ବାର ଧୋଇବାର ଆବଶ୍ୟକତା ନାହିଁ।



**ଓଦାପଣକୁ ନିୟନ୍ତ୍ରିତ ରଖେ:** ଆଲମାରୀରେ କପଡ଼ାରୁ ଦୁର୍ଗନ୍ଧ ଆସିବା ଓଦାପଣ ଯୋଗୁ ହୋଇଥାଏ। ଓଦାପଣକୁ ନିୟନ୍ତ୍ରିତ ରଖିବାକୁ ହେଲେ ଆଲମାରୀରେ ସିର୍‌କା ଜେଲ କିମ୍ବା ନିମ୍ବପତ୍ରର ବ୍ୟବହାର କରନ୍ତୁ। ଏହି ଓଦାପଣ ଶୁଖାଇବାରେ ଏହା ସାହାଯ୍ୟ କରେ।

# ଆତ୍ମସୁରକ୍ଷା





ମହିଳାମାନେ କିପରି ନିଜର ଆତ୍ମସୁରକ୍ଷା କରିପାରିବେ ସେ ସମ୍ପର୍କରେ...

ଆଜିକାଲି ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଉଛନ୍ତି ସତକିନ୍ତୁ ଅନେକ ସମୟରେ ନିଜର ଆତ୍ମସୁରକ୍ଷା କରିବାରେ ସଫଳ ହେଉନାହାଁନ୍ତି। ତଥାପି ଯଦି ଜଣେ ମହିଳା ବାହାରକୁ ଯାଇଛନ୍ତି ଏବଂ ଏଭଳି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ତେବେ ଏଭଳି କେତେକ ଉପାୟ ରହିଛି ଯାହାଦ୍ୱାରା ସେମାନେ ସହଜରେ ନିଜର ଆତ୍ମସୁରକ୍ଷା କରିପାରିବେ। ଏ କ୍ଷେତ୍ରରେ ମୋବାଇଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ଏମିତି କେତୋଟି ଆପ୍ ପ୍ଲେ ଷ୍ଟୋରରୁ ଇନ୍‌ଷ୍ଟଲ କରି ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ଏହାଦ୍ୱାରା ସାହାଯ୍ୟ କରିପାରିବେ।

**ସେଫ୍ଟିପିନ୍:** ଏହି ଆପ୍‌ର ଖାସ୍ ବିଶେଷତ୍ୱ ହେଲା ଜିପିଏସ୍ ଫୋନ୍ ଟ୍ରାକିଂ, ଯାହା ଫଳରେ ଏହା ୟୁଜରର ଲୋକେଶନ ଏବଂ ଟାଇମ୍ ଟ୍ରାକ୍ ପ୍ରତି ମୁହୂର୍ତ୍ତରେ କରିଚାଲିଥାଏ। ଏଥିରେ ଏମରଜେନ୍ସି କଣ୍ଟାକ୍ଟ ନମ୍ବର ମଧ୍ୟ ରହିଛି। ଏମରଜେନ୍ସି ସମୟରେ ୱାନ୍ ଟଚ୍ ଆଲର୍ଟ ମେସେଜ୍ ଆସିଥାଏ। ଏହା ମହିଳାଙ୍କୁ କିଛି ଘଟଣା ଘଟିବା ପୂର୍ବରୁ ସତର୍କ କରାଇ ଦେଇଥାଏ। ଏହି ଆପ୍ ମାଧ୍ୟମରେ ଆପଣଙ୍କୁ ଠିକ୍ ରାସ୍ତାର ସୂଚନା ମିଳିଯିବ। ଯଦି ଆପଣ କେଉଁଠିକି ଯାଇଛନ୍ତି, ରାସ୍ତା ଭୁଲିଯାଇଛନ୍ତି ତେବେ ଏହି ଆପ୍‌ର ସହାୟତାରେ ଆପଣଙ୍କୁ ସଠିକ ତଥା ନିରାପଦ ଲୋକେଶନ ସମ୍ପର୍କରେ ସୂଚନା ଦେଇଥାଏ। ଏଥିରେ ସୁରକ୍ଷିତ ଏବଂ ଅସୁରକ୍ଷିତ ଜାଗାପିନ୍ କରାଯାଇଥାଏ। ଆପଣ ଚାହିଁଲେ କୌଣସି ଅସୁରକ୍ଷିତ ଜାଗାକୁ ଏଥିରେ ଆଡ୍ କରିପାରିବେ। ଏହି ଆପ୍‌ଟି ହିନ୍ଦୀ, ଇଂଲିଶ ଏବଂ ସ୍ପାନିସ୍ ଭାଷାରେ ଉପଲବ୍ଧ।

**ବି ସେଫ୍:** ଏହି ଆପ୍ ଯଦି ଆପଣଙ୍କ ଫୋନ୍‌ରେ ଅଛି ତେବେ ଆପଣଙ୍କ ସାଙ୍ଗ, ସମ୍ପର୍କୀୟମାନେ ଆପଣଙ୍କ ଲାଇଭ୍ ଲୋକେଶନ ବିଷୟରେ ମଧ୍ୟ ଜାଣିପାରିବେ। ଯଦି ଆପଣ କୌଣସି





ଅସୁବିଧାରେ ପଡ଼ିଥାନ୍ତି ତେବେ ଏସ୍‌ଓପି ଫିଚର ମେସେଜ୍ ବ୍ୟବହାର କରି ଏମରଜେନ୍ସି ନମ୍ବରରେ ଜିପିଏସ୍ ଲୋକେଶନ ସହ ମେସେଜ୍ ପଠାଇପାରିବେ। ଏଥିରେ ଏକ ସେଫ୍ ଆଲାର୍ମ ବି ରହିଛି। ଏହାଦ୍ୱାରା ଆପଣଙ୍କୁ ଏକ୍‌ଜାକ୍ଟ ଲୋକେଶନ୍‌ର ସିଲେକ୍ଟେଡ୍ ଏମରଜେନ୍ସି କଣ୍ଟାକ୍ଟ ସହ ଏହା ପାଖାପାଖି ଏରିଆରେ ଭିଡିଓ ଏବଂ ଅଡିଓ ଇନଫର୍ମ କରିଥାଏ। ଏହି ଆପ୍‌ରେ ଟାଇମର ରହିଛି। ଆବଶ୍ୟକ କ୍ଷେତ୍ରରେ ଏହା ଚାଲୁ ହୋଇଯାଏ। ସେପର୍ଯ୍ୟନ୍ତ ବନ୍ଦ ହୁଏନି ଯେପର୍ଯ୍ୟନ୍ତ ଆପଣଙ୍କ ନିଜ ଲୋକ ଏହାକୁ ବନ୍ଦ ନ କରିଛନ୍ତି। ଏହା ଲଗାତାର ଆପଣଙ୍କ ସାଙ୍ଗସାଥୀଙ୍କ ନିକଟକୁ ଆଲାର୍ମ ପଠାଇ ଚାଲିଥିବ। ଫଳରେ ତାଙ୍କୁ ଜଣାପଡ଼ିଯାଏ ଯେ ଆପଣ ଅସୁବିଧାରେ ଅଛନ୍ତି ଏବଂ ଆପଣଙ୍କୁ ତୁରନ୍ତ ସହାୟତାର ଆବଶ୍ୟକତା ରହିଛି। ଏହି ଆପ୍ ଫ୍ରିରେ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ଫ୍ୟାସିଲିଟି ଥିବା ମୋବାଇଲ ଦୁଇଟିରେ ମଧ୍ୟ ଉପଲବ୍ଧ।

**ରକ୍ଷା:** ଏହି ଆପ୍‌କୁ ବ୍ୟବହାର କରିବା ବହୁ ସହଜ। ଏଥିପାଇଁ ପ୍ରଥମେ ନିଜ ମୋବାଇଲ୍‌ରେ ପ୍ଲେ ଷ୍ଟୋରରେ ଆସି ଏହା ଡାଉନଲୋଡ୍ କରିପାରିବେ। ଏହା ସହ ନିଜ ପରିବାର ସଦସ୍ୟ ଏବଂ କେତେଜଣ ସାଙ୍ଗଙ୍କ କଣ୍ଟାକ୍ଟ ନମ୍ବର ଏଥିରେ ସେଭ୍ କରିନିଅନ୍ତୁ। ଯାହାଙ୍କ ଉପରେ ଆପଣ ବିଶ୍ୱାସ କରନ୍ତି ଏବଂ ଅସୁବିଧା ସମୟରେ ସେ ଆପଣଙ୍କୁ ସାହାଯ୍ୟ କରିପାରନ୍ତି। ଯେଉଁମାନଙ୍କୁ ଆପଣ ଆଡ୍ କରିଥିବେ ତାଙ୍କ ନିକଟକୁ ଏକ ମେସେଜ୍ ଆସିବ ଏବଂ ସେମାନେ ଆପଣଙ୍କ ଲୋକେଶନ୍‌କୁ ଦେଖିପାରିବେ। ଏଥିପାଇଁ ବାସ୍ ଆପଣଙ୍କୁ ଏକ ବଟନ୍ ଅନ୍‌କରି ରଖିବାର ଆବଶ୍ୟକତା ରହିଛି ଏବଂ ଯେଉଁମାନେ ଏହି ଆପ୍‌ରେ ଆଡ୍ ହୋଇଥିବେ ସେମାନେ ଆପଣଙ୍କ ଲୋକେଶନ୍‌କୁ ଦେଖିପାରୁଥିବେ। ଏହି ଆପ୍‌ଟିକୁ ଏପରି ବନାଯାଇଛି ଯଦି ଆପଣଙ୍କ ଫୋନ୍ ସୁଇଚ୍ ଅଫ୍ ଅଛି ନାଭି ଅପରେଟିଂ ମୋଡ୍‌ରେ ଅଛି ତେବେ ବି ଖୁବ୍ ସହଜରେ ଏହାକୁ ବ୍ୟବହାର କରିପାରିବେ। ଏଥିପାଇଁ ୩ସେକେଣ୍ଡ ପର୍ଯ୍ୟନ୍ତ ନିଜର ଭଲ୍ୟୁମ୍ ବଟନ୍‌କୁ ଲଗାତର ଦବାଇ ରଖିବାକୁ ହେବ। ଆପଣଙ୍କୁ ଏହାଦ୍ୱାରା ଆଲର୍ଟ ମେସେଜ୍ ଆସିଯିବ। ଏହି ଆପ୍‌ରେ ଏସ୍‌ଓଏସ୍‌ର ଫଙ୍କସନ ମଧ୍ୟ ଦିଆଯାଇଛି। ଏହି ଆପ୍ ଆଣ୍ଡ୍ରଏଡ୍‌ରେ ବି ଫ୍ରିରେ ଉପଲବ୍ଧ।

**ଶିଖନ୍ତୁ ଆତ୍ମସୁରକ୍ଷା କୌଶଳ:** ଆତ୍ମସୁରକ୍ଷା କୌଶଳ (ସେଲ୍‌ଫ ଡିଫେନ୍ସ ଟେକ୍‌ନିକ୍) ଏପରି ଏକ କଳା ଯାହା ସମସ୍ତ ମହିଳାଙ୍କୁ ଶିଖିବା ନିହାତି ଜରୁରୀ। ଏହାଦ୍ୱାରା ସେମାନେ କୌଣସି ଅସୁବିଧା ସମୟରେ ନିଜକୁ ରକ୍ଷା କରିପାରିବେ। ଏମିତି କେତୋଟି ପ୍ରମୁଖ କୌଶଳ ସମ୍ପର୍କରେ ନିମ୍ନରେ ସୂଚନା ଦିଆଯାଉଛି।

**ଏଲ୍‌ବୋ ହିଟ୍:** ସବୁଠାରୁ ବଡ଼ ଚିନ୍ତା ସେତେବେଳେ ହୋଇଥାଏ ଯେତେବେଳେ କିଏ ପଛଆଡୁ ଆସି ମାଡ଼ିବସେ। ଏମିତିରେ ନିଜକୁ ଏଥିରୁ ବାହାରକରିବା ବହୁ କଷ୍ଟ ହୋଇଥାଏ। କିନ୍ତୁ ଆପଣ ଟିକେ ଚେଷ୍ଟାକରି ଏଲ୍‌ବୋ ହିଟ୍‌କରି ଏଥିରୁ ନିଜକୁ ରକ୍ଷା କରିପାରିବେ। ଏଥିପାଇଁ ଆପଣଙ୍କ ଗୋଡ଼ ଏବଂ ଶରୀରକୁ ଷ୍ଟ୍ରଙ୍ଗ୍ ରଖିବାକୁ ହେବ। ଏହାପରେ ତଳ ଆଡ଼କୁ ନିଜକୁ ନୁଆଁଇ ରଖନ୍ତୁ ବୁଲିପଡ଼ି ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ କହୁଣି ସାହାଯ୍ୟରେ ମୁହଁ, ବେକ ଆଦିକୁ ଆକ୍ରମଣ କରିପାରିବେ।

**ହୋଲ୍‌ଡିଂ ଫ୍ରମ୍ ବ୍ୟାକ୍**

ଯଦି ଆପଣ ଏମିତି ପରିସ୍ଥିତିରେ ଅଛନ୍ତି ଯେତେବେଳେ କେହି ଆପଣଙ୍କ ପଛପଟରୁ ମାଡ଼ିବସେ ତେବେ କ'ଣ କରିବେ? ଏପରି ପରିସ୍ଥିତିରେ ସର୍ବପ୍ରଥମେ ନିଜ ଗୋଡ଼କୁ ଚଉଡ଼ା କରି ୨ ପାଦ ମଝିରେ ଜାଗା ସୃଷ୍ଟିକରନ୍ତୁ। ଏବେ ତଳ ଆଡ଼କୁ ନଇଁଯାନ୍ତୁ। ଏବେ ସ୍କାଟର ପୋଜିସନ୍ ନିଅନ୍ତୁ। ଦୁଇ ହାତକୁ ଦୁଇପାଦ ଆଡୁ କାଢ଼ି ଆକ୍ରମଣକାରୀକୁ ମାରିବାକୁ ଚେଷ୍ଟା କରନ୍ତୁ। ଏହା ଦ୍ୱାରା ଆକ୍ରମଣକାରୀ ନିଜର ନିୟନ୍ତ୍ରଣ ହରାଇଦେବ। ଏହାଦ୍ୱାରା ଆପଣ ତାଙ୍କଠାରୁ ନିଜକୁ ସୁରକ୍ଷିତ ବାହାର କରିପାରିବେ।

**ଟାଏକୋଣ୍ଡୋ:** ଟାଏକୋଣ୍ଡୋ ଏକ କୋରିଆନ୍ ମାର୍ଶଲ ଆର୍ଟ, ଯେଉଁଥିରେ ନିଜ ଶରୀରର ବ୍ୟବହାର କରି ଫାଷ୍ଟ, ହାଇଜମ୍ପ ଏବଂ ସ୍ପିନିଂ କିକ୍ କରିବାକୁ ପଡ଼ିଥାଏ। ଏହି ମାର୍ଶଲ ଆର୍ଟ ମାଧ୍ୟମରେ ଆପଣ ନିଜ ଗୋଡ଼ ସାହାଯ୍ୟରେ ନିଜେ ଅନ୍ୟଙ୍କ କବଳରୁ ରକ୍ଷା କରିପାରିବେ। ଏକାଥରେ କେତେଜଣଙ୍କୁ ଆକ୍ରମଣ ମଧ୍ୟ କରିପାରିବେ। ମହିଳାଙ୍କ ଲାଗି ଏହା ହେଉଛି ଅନ୍ୟତମ ସୁରକ୍ଷାତ୍ମକ କଳା।

**ମୋଟରଯାନ ଚାବି :** ନିଜ କାର୍ ଚାବି ବ୍ୟବହାରକରି ରକ୍ଷାକରିବା ଏକ ଭଲ କଳା। ନଖ ସାହାଯ୍ୟରେ ଆକ୍ରମଣ କରନ୍ତୁ ନାହିଁ। କାରଣ ଏଥିରେ ଆପଣଙ୍କୁ ହିଁ ରକ୍ତାକ୍ତ ହେବାକୁ ପଡ଼ିପାରେ। ଯଦି ଆପଣ ରାତିରେ ଯିବା ସମୟରେ ନିଜକୁ ଅସୁରକ୍ଷିତ ମଣୁଛନ୍ତି ତେବେ ନିଜ ଚାବିକୁ ମୁଠା ଭିତରେ ପୂରାଇ ଚାବିକୁ ବାହାରକୁ କାଢ଼ି ରଖନ୍ତୁ। ଏହାପରେ ଆକ୍ରମଣକାରୀକୁ ଚାବି ସାହାଯ୍ୟରେ ଆକ୍ରମଣ କରନ୍ତୁ। ଏହି ଚାବିକୁ ଏକ ରଶି ସାହାଯ୍ୟରେ ବାନ୍ଧି ଆକ୍ରମଣକାରୀଙ୍କ ମୁହଁରେ ଘିରିଘିରି ବୁଲାନ୍ତୁ। ସେ ଏଥିରୁ କିପରି ନିଜକୁ ରକ୍ଷାକରିବ ସେ କଥା ସେ ଭାବିଥାଏ।

**ହ୍ୟାମର ଫାଷ୍ଟ ଷ୍ଟ୍ରାଇକ୍**

ହ୍ୟାମର ଫାଷ୍ଟ ଷ୍ଟ୍ରାଇକ୍ ହେଉଛି ଅତି ସରଳ ଆତ୍ମରକ୍ଷା କୌଶଳ ମଧ୍ୟରୁ ଅନ୍ୟତମ। ଯେଉଁଥିରେ ଆପଣଙ୍କୁ ମୁଠାକୁ ହାତୁଡ଼ି ପରି ବ୍ୟବହାରକରି ଆକ୍ରମଣ କରାଯାଇପାରେ। ଏହି ଆକ୍ରମଣ ଅନ୍ୟର ମୁହଁ, ମୁଣ୍ଡ କିମ୍ବା ଶରୀରର କୌଣସି ଭାଗକୁ ମଧ୍ୟ ଆକ୍ରମଣ କରାଯାଇପାରେ। ମୁଥ ମାରିବା ସମୟରେ ହାତକୁ ଭଲଭାବେ ମଜଭୁତକରି ରଖନ୍ତୁ। ଏହି ସମୟରେ ଆକ୍ରମଣକାରୀ କ'ଣ କରିବ ଜାଣିପାରେନି, ସେଥିପାଇଁ ଏହି ସମୟ ଭିତରେ ନିଜକୁ ରକ୍ଷାକରି ସେଠାରୁ ବାହାରି ଆସିପାରିବେ।

bsafe
Never walk alone

ସୌନ୍ଦର୍ଯ୍ୟ

# ଫୁଲାୟମ ରହିବ କେଶ

କେଶ କୁଣ୍ଡାଇବା ସମୟରେ ଆମେ କେତୋଟି ଛୋଟମୋଟ ଭୁଲ୍ କରିଥାଉ,ଯାହା ଆମ କେଶ ଝଡ଼ିବାରେ ସମସ୍ୟା ହୋଇଥାଏ। ଆସନ୍ତୁ, ଜାଣିବା ଠିକ୍ ଉପାୟରେ କିପରି ମୁଣ୍ଡ କୁଣ୍ଡାଇଲେ କେଶ ଝଡ଼ିବ ନାହିଁ।

**ଅପରିଷ୍କାର ପାନିଆରେ ମୁଣ୍ଡ କୁଣ୍ଡାନ୍ତୁନାହିଁ:** ଅପରିଷ୍କାର ପାନିଆରେ ବ୍ୟାକ୍ଟେରିଆ ଥାନ୍ତି। ଯେତେବେଳେ ଏହି ଅପରିଷ୍କାର ପାନିଆ ବ୍ୟବହାର କରାଯାଏ ତେବେ ଏଥିରେ ଥିବା ବ୍ୟାକ୍ଟେରିଆ ସ୍କାଲ୍ପରେ ସଂକ୍ରମଣ ସୃଷ୍ଟି କରନ୍ତି। ଫଳରେ କେଶ ନିସ୍ତେଜ ହେବା ସହ ଝଡ଼ିବାକୁ ଲାଗିଥାଏ।



**ଓଦା କେଶକୁ କୁଣ୍ଡାନ୍ତୁ ନାହିଁ:** ଓଦା କେଶ ବହୁ ଦୁର୍ବଳ ହୋଇଥାଏ। ଏହି ସମୟରେ କେଶକୁ ଜମାବି କୁଣ୍ଡାନ୍ତୁ ନାହିଁ। ଯଦି କେଶ ଓଦା ଥିବା ସମୟରେ ଏହାକୁ ସଜାଡ଼ିବାକୁ କୁଣ୍ଡାନ୍ତି ତେବେ ଏହା ଶୀଘ୍ର ଝଡ଼ିବା ଆରମ୍ଭ କରିଥାଏ। ଏଥିପାଇଁ କେଶ ଶୁଖିଲା ପରେ ମୁଣ୍ଡ କୁଣ୍ଡାନ୍ତୁ।

**କେଶକୁ ଟାଣିବାରୁ ଦୂରେଇ ରୁହନ୍ତୁ:** ଅଡୁଆଡଡୁଆ ହୋଇଥିବା କେଶକୁ ଜବରଦସ୍ତି ଟାଣିବା ଦ୍ୱାରା ମୂଳ ଦୁର୍ବଳ ହୋଇଯାଏ। ଏଥିପାଇଁ ଧୀରେ ଧୀରେ କେଶକୁ ସଜାଡ଼ିବାକୁ ଚେଷ୍ଟାକରନ୍ତୁ।

**କେଶ ମୂଳରୁ କୁଣ୍ଡାନ୍ତୁ ନାହିଁ:** କେଶକୁ କୁଣ୍ଡାଇବା ସମୟରେ ସ୍କାଲ୍ପରୁ ଆରମ୍ଭକରି କେଶକୁ ଟାଣିବା କେଶ ପାଇଁ କ୍ଷତିକାରକ। ଏହା କେଶ ମୂଳକୁ ଦୁର୍ବଳ କରିବା ସହ ହେୟାରଫଲ୍ ହୋଇଥାଏ। ଧୀରେ ଧୀରେ କେଶ କୁଣ୍ଡାନ୍ତୁ।

**ପାନିଆ ଚୟନ**

କେଶ ପାଇଁ ଭଲ ପାନିଆ ଚୟନ କରନ୍ତୁ। କେବେହେଲେ ଦାନ୍ତ ଭାଙ୍ଗିଯାଇଥିବା ପାନିଆ ବ୍ୟବହାର କରନ୍ତୁ ନାହିଁ। ଏପରି ପାନିଆ କେଶକୁ କ୍ଷତି ପହଞ୍ଚାଇପାରନ୍ତି। ସବୁବେଳେ ସଫ୍ଟ ଦାନ୍ତ ଥିବା ପାନିଆ କିମ୍ବା ଚଉଡ଼ା ଦାନ୍ତ ଥିବା ପାନିଆ ବ୍ୟବହାର କରନ୍ତୁ। ବାରମ୍ବାର ମୁଣ୍ଡ କୁଣ୍ଡାଇବାଠାରୁ ଦୂରେଇ ରୁହନ୍ତୁ। ଦିନରେ ବାରମ୍ବାର ମୁଣ୍ଡ କୁଣ୍ଡାଇବା ଦ୍ୱାରା ସ୍କାଲ୍ପରେ ପ୍ରେସର ପଡ଼ିଥାଏ ଏବଂ କେଶ ଦୁର୍ବଳ ହେବାକୁ ଲାଗେ। ଦିନରେ କେବଳ ୧-୨ଥର ହାଲୁକା ହାତରେ ମୁଣ୍ଡ କୁଣ୍ଡାଇବା ଯଥେଷ୍ଟ।



ଖାଦ୍ୟରୁଚି

# ସୁଜି ପଟାଟୋ କ୍ରିସ୍ପି

**ଆବଶ୍ୟକ ସାମଗ୍ରୀ:** ଗୋଟା ସୋରିଷ, ଗୋଟା ଜିରା, ଧଳା ରାଶି, କଞ୍ଚାଲଙ୍କା, ଧନିଆଁପତ୍ର, ତେଲ, ଲୁଣ, ସୁଜି, ସିଝା ଆଳୁ, ପାଣି, ଗୋଲମରିଚ ପାଉଡର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ କଡ଼େଇ ନିଅନ୍ତୁ। ସେଥିରେ୧ ଚାମଚ ତେଲ ପକାନ୍ତୁ। ଏବେ ତେଲ ତାତିଗଲା ପରେ ସୋରିଷ, ଜିରା ପକାନ୍ତୁ, ଏକ ଛୋଟ ଚାମଚ ଧଳା ରାଶି ପକାଇ ଏସବୁକୁ ଭଲଭାବେ ଭାଜିଦିଅନ୍ତୁ। ଏବେ କିଛି କଟା କଞ୍ଚାଲଙ୍କା ପକାନ୍ତୁ। ସେଥିରେ ୨କପ୍ ପାଣି କଡ଼େଇରେ ପକାନ୍ତୁ। ଏବେ ସେଥିରେ ଏକ ଛୋଟ ଚାମଚ ଲୁଣ ପକାନ୍ତୁ। ଗୋଲମରିଚ ପାଉଡର ପକାନ୍ତୁ। ଗ୍ୟାସ୍ ଚୁଲାକୁ ହାଇଫ୍ଲେମ୍‌ରେ ରଖନ୍ତୁ, ଯେମିତିକି ପାଣି ଫୁଟିବା ଆରମ୍ଭ କରିବ। ଏବେ ସେଥିରେ ସରୁ ଦାନା ସୁଜି ପାଣିରେ ପକାଇ ତାକୁ ଘାଣ୍ଟନ୍ତୁ। ଗ୍ୟାସ୍‌ର ଫ୍ଲେମ୍‌କୁ ଏକ ଦମ୍ ସ୍ଲୋ କରିଦିଅନ୍ତୁ। ସେପର୍ଯ୍ୟନ୍ତ ଘାଣ୍ଟନ୍ତୁ ଯେପର୍ଯ୍ୟନ୍ତ ଏହା ବହଳିଆ ନ ହୋଇଯାଇଛି। ଏବେ ଏହା ବହଳିଆ ହୋଇଗଲା ପରେ ଏହାକୁ ୭-୮ମିନିଟ୍ ପର୍ଯ୍ୟନ୍ତ ଢାଙ୍କିକି ରଖିଦିଅନ୍ତୁ। ଏହି ମିକ୍ସକୁ ଏକ ପାତ୍ରରେ କାଢ଼ି ଦିଅନ୍ତୁ। ଏବେ ଦୁଇଟି ସିଝା ଆଳୁ ନିଅନ୍ତୁ। ଏହାପରେ ସୁଜିରେ ଆଳୁକୁ କଦୁକଷ କରିପକାନ୍ତୁ। କଟାହୋଇଥିବା ଧନିଆପତ୍ର ପକାନ୍ତୁ। ପରେ ଆଳୁ ଏବଂ ସୁଜିକୁ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ସେଥିରେ ୧ ଚାମଚ ତେଲ ପକାଇ ଦିଅନ୍ତୁ। ଏବେ ହାତରେ ଅଳ୍ପ ତେଲ ଲଗାଇ ଏହି ମିଶ୍ରଣରୁ ଛୋଟ ଛୋଟ ରୋଲ୍ ପ୍ରସ୍ତୁତ କରନ୍ତୁ। ରୋଲ୍ ଟିକେ ଲମ୍ବା ହୋଇଗଲେ ତାକୁ ଛୁରିରେ ସାଇଜ୍‌କରି କାଟିଦିଅନ୍ତୁ। ପୁଣି ଏକ କଡ଼େଇ ନେଇ ସେଥିରେ ତେଲ ପକାଇ ଭଲଭାବେ ଗରମ କରନ୍ତୁ। ତେଲ ତାତିଲା ପରେ ସେଥିରେ ଏହି ଛୋଟ ଛୋଟ ରୋଲକୁ ପକାଇ ଛାଣନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୬/୨୦୨୪ Bhubaneswar, Tuesday, November 26/ 2024

# ଓଡ଼ିଶା ଏଫ୍‌ସିର ବୃହତ ବିଜୟ

ଭୁବନେଶ୍ୱର, ୨୫।୧୧

(ସରୋଜ ଜେନା)

ହାଇଦ୍ରାବାଦର ଗଚିବାଓଲି ଷ୍ଟାଡିୟମରେ ଅନୁଷ୍ଠିତ ହାଇଦ୍ରାବାଦ ଏଫ୍‌ସି ବିପକ୍ଷ ମ୍ୟାଚ୍‌କୁ ୬-୦ରେ ଜିତି ନେଇଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ଓଡ଼ିଶା ପକ୍ଷରୁ ଆଇଜାକ ଭନଲାଲରୁଆଟଫେଲା (୧୨), ଡିଏଗୋ ମରିସିଓ (୩୦), ମୋର୍ଟାଡା ଫଲ (୭୦), ଲାଲଥାଥାଙ୍ଗା ଖାଓ୍ୱଲର୍ହିଙ୍ଗ (୭୫) ଓ ରହିମ୍ ଅଲୀ (୮୯) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ହାଇଦ୍ରାବାଦ ଏଫ୍‌ସି ପକ୍ଷରୁ ଲାଲବିଅଖ୍ଲୁଆ ଜୋଙ୍ଗଟେ ୫୧ ମିନିଟରେ ଏକ ଆତ୍ମଘାତୀ ଗୋଲ ଦେଇଥିଲେ।

ଦୀର୍ଘ ଦିନର ବିରତି ପରେ ପ୍ରତ୍ୟାବର୍ତ୍ତନ କରିଥିବା ଓଏଫ୍‌ସି ଚମତ୍କାର ପ୍ରଦର୍ଶନ ସହ ମ୍ୟାଚ୍‌ର ୫୬ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ମ୍ୟାଚ୍‌ର ୧୨ ତମ ମିନିଟରେ ଆଇଜାକ ଭନଲାଲରୁଆଟଫେଲା ଏକ ଗୋଲ୍ ଦେଇ ଓଏଫ୍‌ସିକୁ ୧-୦ରେ ଆଗୁଆ କରିଥିଲେ। ୩୦ ତମ ମିନିଟରେ ଜେରୀଙ୍କ ଚମତ୍କାର ଆସିଷ୍ଟରେ ସ୍କୋର କରିଥିଲେ ଡିଏଗୋ ମରିସିଓ। ଜେରୀ ହାଇଦ୍ରାବାଦୀ ଡିଫେଣ୍ଡରଙ୍କୁ ପରାସ୍ତ କରି ଡି ଏରିଆରେ ପହଞ୍ଚାଇଥିଲେ। ଗୋଲକିପରଙ୍କ ନିକଟରୁ ବଲ୍ ଡିଫ୍ଲେକ୍ଟ ହୋଇ ଆସୁଥିବା ବେଳେ ଏକ ଶକ୍ତିଶାଳୀ ଶଟ୍ ଜରିଆରେ ସ୍କୋର କରିଥିଲେ ଡିଏଗୋ ମରିସିଓ। ପ୍ରଥମାର୍ଦ୍ଧରେ ଓଏଫ୍‌ସି ୨-୦ରେ ଆଗୁଆ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୪ଟି ଗୋଲ୍ ସ୍କୋର ହୋଇଥିଲା।

୫୧ ମିନିଟରେ ଲାଲବିଅଖ୍ଲୁଆ ଜୋଙ୍ଗଟେ ଏକ ଆତ୍ମଘାତୀ ଗୋଲ ଦେଇଥିଲେ। ଓଏଫ୍‌ସି ୩-୦ରେ ଆଗୁଆ ରହିଥିବା ବେଳେ ୭୦ ତମ ମିନିଟରେ କର୍ନରରୁ ସ୍କୋର କରିଥିଲେ ମୋର୍ଟାଡା ଫଲ୍। ଜାହୋହଙ୍କ ପାଶ୍‌କୁ ସେ ଗୋଲପୋଷ୍ଟ ମଧ୍ୟକୁ ପଠାଇ ଦଳକୁ ୪-୦ରେ ଆଗୁଆ କରିଥିଲେ। ଏହାର ୫ ମିନିଟ ମଧ୍ୟରେ ଲାଲଥାଥାଙ୍ଗା ଖାଓ୍ୱଲର୍ହିଙ୍ଗ ଏକ ଗୋଲ ଦେଇଥିବା ବେଳେ ୮୯ ତମ ମିନିଟରେ ରହିମ ଅଲୀ ସ୍କୋର କରି ଓଏଫ୍‌ସିକୁ ୬-୦ରେ ଜିତାଇଥିଲେ। ଏହା ସହ ୯ ମ୍ୟାଚ୍‌ରୁ ତୃତୀୟ ବିଜୟ ସହ ଓଏଫ୍‌ସି ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି।



ଓଡ଼ିଶା ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଦ୍ୱିତୀୟ ଦିନରେ ଭୁବନେଶ୍ୱର ଦାମୀ

ଜେଦାହ, ୨୫।୧୧ (ପି.ଟି.)

ସାଉଦି ଆରବର ଜେଦାହରେ ଆଇପିଏଲ ନିଲାମୀ ଶେଷ ହୋଇଛି। ପ୍ରଥମ ଦିନରେ ରିଷଭ ପନ୍ତ ୨୭ କୋଟି ଟଙ୍କାରେ ବିକ୍ରି ହୋଇ ଇତିହାସ ରଚିଥିଲେ। ଦ୍ୱିତୀୟ ଦିନରେ ଫ୍ରାଞ୍ଚାଇଜମାନଙ୍କ ନିକଟରେ ପର୍ସର ଅଭାବ ରହିଥିଲେ ମଧ୍ୟ ଭାରତୀୟ ବୋଲର ଭୁବନେଶ୍ୱର କୁମାର ଦ୍ୱିତୀୟ ଦିନର ସବୁଠାରୁ ମହଙ୍ଗା ଖେଳାଳି ରହିଛନ୍ତି। ଦୀର୍ଘ ଦୁଇ ବର୍ଷ ଧରି ଭାରତୀୟ ଦଳରୁ ବାହାରେ ରହିଥିଲେ ମଧ୍ୟ ଭୁବନେଶ୍ୱରଙ୍କୁ ୧୦.୭୫ କୋଟି

**ଆଇପିଏଲ୍ ନିଲାମୀ ଶେଷ**

ଟଙ୍କା ମୂଲ୍ୟରେ ଦଳରେ ସାମିଲ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି)। ମେଗା ଅକ୍ସନ ଦ୍ୱିତୀୟ ଦିନରେ ଅଜିଙ୍କ୍ୟ ରାହାନେ, ପୃଥ୍ୱୀ ଶ' ଓ ଶାର୍ଦ୍ଦୁଳ ଠାକୁରଙ୍କ ଭଳି ଖେଳାଳି ବିକ୍ରି ହୋଇ ନ ଥିଲେ। ଏପରି କି ନ୍ୟୁଜିଲାଣ୍ଡର ତାରକା ଉଇକେଟ କିପର ଗ୍ଲେନ୍ ଫିଲିପ୍ସଙ୍କୁ କିଣିବା ପାଇଁ ମଧ୍ୟ କୌଣସି ଫ୍ରାଞ୍ଚାଇଜ ଆଗ୍ରହ ପ୍ରକାଶ କରି ନ ଥିଲେ।

୩୫ ବର୍ଷୀୟ ଭୁବନେଶ୍ୱର ୨୮୭ ଟି୨୦ ମ୍ୟାଚ୍ ଖେଳି ୩୦୦ ଉଇକେଟ ନେଇଛନ୍ତି। ଏହା ମଧ୍ୟରେ ତାଙ୍କ ଇକୋନୋମୀ ରେଟ୍ ୮ରୁ ତଳେ ରହିଛି। ତେବେ ୨୦୨୨ରେ ଭୁବନେଶ୍ୱର ଶେଷ ଥର ପାଇଁ ଭାରତ ପକ୍ଷରୁ ଖେଳିଥିଲେ। ତେବେ ପ୍ରତ୍ୟେକ ଟିମ୍‌ରେ ଅନ୍ୟୂନ ୩ ଜଣ ଭାରତୀୟ ପେସ୍ ବୋଲର ଆବଶ୍ୟକ ଥିବା ବେଳେ ଭୁବନେଶ୍ୱରଙ୍କ ଅଭିଜ୍ଞତା ଉପରେ ନିର୍ଭର କରିବାକୁ ଯାଉଛି ଆରସିବି। ଅନ୍ୟତମ ଭାରତୀୟ ପେସ୍ ବୋଲର ଦୀପକ ଚହରଙ୍କୁ ୯.୨୫ କୋଟି ଟଙ୍କାରେ କ୍ରୟ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ଅନ୍ୟତମ ଭାରତୀୟ ପେସ୍ ବୋଲର ମୁକେଶ କୁମାରଙ୍କୁ ଆରଟିଏମ୍ ଜରିଆରେ ୮ କୋଟିରେ ରିଟେନ୍ କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ତୁଷାର ଦେଶପାଣ୍ଡେଙ୍କୁ ୬.୫୦ କୋଟି ଟଙ୍କାରେ କ୍ରୟ କରିଥିଲା ରାଜସ୍ଥାନ ରୟାଲ୍ସ। ଅନ୍ୟମାନଙ୍କ ମଧ୍ୟରେ ବର୍ତ୍ତମାନ ଭାରତୀୟ ଟେଷ୍ଟ ଦଳରେ ସାମିଲ ଥିବା ଆକାଶ ଦୀପ୍‌ଙ୍କୁ ୮ କୋଟି ଟଙ୍କାରେ କିଣିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ଭାରତୀୟ ଅଲରାଉଣ୍ଡର ଓ୍ୱାଶିଂଟନ୍ ସୁନ୍ଦର ୩.୨ କୋଟିରେ ଗୁଜରାଟ ଜାଏଣ୍ଟ୍ସ ଓ ଫାଫ୍ ଡୁ ପ୍ଲେସି ୨ କୋଟିର ବେସ୍ ପ୍ରାଇସ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ନିଜ ଦଳରେ ସାମିଲ କରିଥିଲା।

୨୦୨୧ରେ ସବୁଠାରୁ ମହଙ୍ଗା ଖେଳାଳି ରହିଥିବା ଇଂଲଣ୍ଡରୁ ସାମ୍ କୁରାନ ମାତ୍ର ୨.୪୦ କୋଟି ଟଙ୍କାରେ ଚେନ୍ନାଇ ସୁପର କିଙ୍ଗ୍ସରେ ସାମିଲ ହୋଇଛନ୍ତି। ଅଲରାଉଣ୍ଡର ମାର୍କୋ ଜାନସେନ ୭ କୋଟି ଟଙ୍କାରେ ପଞ୍ଜାବ କିଙ୍ଗ୍ସକୁ ଯାଇଛନ୍ତି।

## ୧୩ ବର୍ଷରେ କୋଟିପତି



ବୈଭବ ସୂର୍ଯ୍ୟବଂଶୀ

ସାଉଦି ଆରବର ଜେଦାହରେ ଆଇପିଏଲ ନିଲାମୀ ଶେଷ ହୋଇଥିବା ବେଳେ ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ଖେଳାଳି ଭାବରେ ବିକ୍ରି ହୋଇ କୋଟିପତି ପାଲଟିଛନ୍ତି। ୧୩ ବର୍ଷୀୟ ବୈଭବ ୧.୧ କୋଟି ଟଙ୍କାରେ ରାଜସ୍ଥାନ ରୟାଲ୍ସରେ ସାମିଲ ହୋଇଥିଲେ। ବୈଭବଙ୍କୁ କିଣିବା ପାଇଁ ରାଜସ୍ଥାନ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଏହା ସହ ଆଇପିଏଲ୍ ଇତିହାସର ସର୍ବକନିଷ୍ଠ ଖେଳାଳି ରହିଛନ୍ତି ବୈଭବ ସୂର୍ଯ୍ୟବଂଶୀ। ବୈଭବ ୧୨ ବର୍ଷ ବୟସରେ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲେ। ୧୯ ବର୍ଷରୁ କମ୍ ଭାରତୀୟ ଦଳର ପ୍ରତିନିଧିତ୍ୱ କରି ଅଷ୍ଟ୍ରେଲିଆ ବିପକ୍ଷରେ ମାତ୍ର ୫୮ ବଲ୍‌ରେ ଶତକ ରେକର୍ଡ କରିଥିଲେ ବୈଭବ।

# ସ୍ୱସ୍ତିକଙ୍କ ଶତକ ସତ୍ତ୍ୱେ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୨୫।୧୧ (ତପନ ସ୍ୱାଇଁ):** ସ୍ୱସ୍ତିକ ସାମଲଙ୍କ ଦ୍ରୁତ ଶତକ ସତ୍ତ୍ୱେ ଓଡ଼ିଶା ବିଜୟନଗରମ୍‌ଠାରେ ସୋମବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ମ୍ୟାଚରେ ରେଲୱେଠାରୁ ୭ ଉଇକେଟରେ ପରାଜିତ ହୋଇଛି। ସ୍ୱସ୍ତିକଙ୍କ ୬୩ ବଲ୍‌ରୁ ୧୦୫ (୮ ଚୌକା, ୬ ଛକା) ଓ ସମ୍ବିତ ବରାଳଙ୍କ ୧୩ ବଲ୍‌ରୁ ଅପରାଜିତ ୨୭ ରନ ବଳରେ ଓଡ଼ିଶା ୨୦ ଓଭରରେ ୫ ଉଇକେଟ ହରାଇ ୧୯୪ ରନ କରିଥିଲା। ଜବାବରେ ରେଲୱେ ୧୮.୫ ଓଭରରେ ୩ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରି ନେଇଥିଲା। ବିବେକ ସିଂ ୨୩ ବଲ୍‌ରୁ ୫୯ ଓ ପ୍ରଥମ ସିଂ ୪୪ ବଲ୍‌ରୁ ୫୬ ରନକରି ଦଳକୁ ଜିତାଇଥିଲେ। ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ବିଦର୍ଭ ନିକଟରୁ ୩୩ ରନ୍‌ରେ ପରାଜିତ ହୋଇଥିଲା। ଫଳରେ ଦଳ କ୍ରମାଗତ ଦ୍ୱିତୀୟ ପରାଜୟ ଲଭିଛି।

# ଲିଙ୍ଗରାଜ ଚାଲେଞ୍ଜ କପ୍: କିଟ୍ ଚାମ୍ପିୟନ



କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥି ଓ ଖେଳାଳିମାନେ।

ପୁରୁଣା ଭୁବନେଶ୍ୱର, ୨୫।୧୧

(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ଥାନୀୟ କପିଳ ପ୍ରସାଦ ସାକ୍ସ ପଡ଼ିଆରେ ସର୍ବଭାରତୀୟ ଲିଙ୍ଗରାଜ ଚାଲେଞ୍ଜ କପ୍ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ଦିଲ୍ଲୀ ସ୍ୱାଇକର ଟିମ୍‌କୁ ୩-୧ ଗୋଲ୍‌ରେ ହରାଇ ଭୁବନେଶ୍ୱରର କିଟ୍ ଦଳ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ମାନପତ୍ର ଏବଂ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦିଲ୍ଲୀ ଦଳର ମନୀଷଙ୍କୁ ଶ୍ରେଷ୍ଠ ଆଟାକର, କିଟ୍‌ର ମହମ୍ମଦ ରାଜାଙ୍କୁ ଶ୍ରେଷ୍ଠ ବ୍ଲକ୍‌ର ବିବେଚିତ କରାଯାଇଥିଲା। ଏହି ଅବସରରେ ରାଜ୍ୟର ବରିଷ୍ଠ ଭଲିବଲ ଖେଳାଳି ତଥା ପ୍ରଶିକ୍ଷକ ରାଜେଶ ସିଂଙ୍କୁ ଲାଇଫ ଟାଇମ ଆଚିଭ୍‌ମେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଜାତୀୟ ଭଲିବଲ ଖେଳାଳି ଚନ୍ଦନ ମଣ୍ଡଳଙ୍କୁ ସ୍ପୋର୍ଟ୍ସମ୍ୟାନ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ତଥା ମୁଖ୍ୟ ସଂଯୋଜକ ସଞ୍ଜୟ ଦାସ ଏବଂ ସୁବାସ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବାବେଳେ ସମ୍ପାଦକ ରଜତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୫।୧୧ (ତପନ ସ୍ୱାଇଁ):** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ହାଇଟେକ୍ ମେଡିକାଲ୍ କଲେଜ ସହଯୋଗରେ ସୋମବାର ୩ ଦିନିଆ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଅତିରିକ୍ତ ସଚିବ ସନ୍ତୋଷ ପ୍ରଧାନ, ଉପ ଶାସନ ସଚିବ ବସନ୍ତ ବେହେରା ଓ ସନ୍ନ୍ୟାସୀ କୁମାର ବେହେରା, ହାଇଟେକ୍ ମେଡିକାଲ କଲେଜର କ୍ରୀଡ଼ା ନିର୍ଦ୍ଦେଶକ ଲଳିତ ମହାନ୍ତି ଏବଂ ଜାଫର ଇକବାଲ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ୧୦ମିଟର ଏୟାର ରାଇଫଲ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୨୫।୧୧ (ବିଜୟ ରଣା):** ଜାତୀୟ କୋଚ୍ ତଥା ଅର୍ଜୁନ ପୁରସ୍କାର ବିଜେତା ଦିପାଲୀ ଦେଶପାଣ୍ଡେଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ରାଇଫଲ ସଂଘ ଆନୁକୂଲ୍ୟରେ ୪ ଦିନିଆ ସ୍ୱତନ୍ତ୍ର ୧୦ ମିଟର ଏୟାର ରାଇଫଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶିବିରରେ ଅଂଶଗ୍ରହଣ କରିଥିବା ଶୁଟରମାନେ ହେଲେ ମୋହିତ କୁମାର ପାଶଓ୍ୱାନ, ଭିନିତ ଦାସ, ସୁମିତ ପାଣ୍ଡବ, ଦୀପକ କୁମାର ସାହୁ, ଆଶୁତୋଷ ଖୁଣ୍ଟିଆ, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ସୁଜଳ କୁମାର, ଆଦ୍ୟା ରଥ, ଜିତେନ୍ଦ୍ର ପ୍ରଧାନ, ଆୟୁଷୀ ସେନାପତି ଏବଂ ଅନ୍ୱେଷା ଦାସ। ଏହି ଶିବିର ମାଧ୍ୟମରେ ଶୁଟରମାନଙ୍କୁ ଆଗାମୀ ପ୍ରତିଯୋଗିତାଗୁଡ଼ିକ ଲାଗି ପ୍ରସ୍ତୁତ କରାଯାଉଛି ବୋଲି ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ପ୍ରଥମ ଗେମ୍‌ରେ ହାରିଲେ ଗୁକେଶ

**ବିଶ୍ୱ ଚେସ୍ ଚାମ୍ପିୟନଶିପ୍**

ସିଙ୍ଗାପୁର, ୨୫।୧୧ (ପି.ଟି.)

ଭାରତର ଡି. ଗୁକେଶ ଓ ଚାଇନାର ଡିଫେଣ୍ଡିଂ ଚାମ୍ପିୟନ ଡିଙ୍ଗ୍ ଲିରେନଙ୍କ ମଧ୍ୟରେ ଏଠାରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ଭାରତୀୟ ଗ୍ରାଣ୍ଡମାଷ୍ଟର ଗୁକେଶ ଫେଭରାଇଟ ବିବେଚିତ ହେଉଥିଲେ ହେଁ ୧୪ ଗେମ୍ ବିଶିଷ୍ଟ ପ୍ରତିଯୋଗିତାର ହାଇ ପ୍ରେସର ଓପନିଂ ଗେମ୍‌ରେ ଚାଇନା ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ହାରି ଯାଇଛନ୍ତି। କଳାଗୋଟିରେ ବିଜୟୀ ହେବା ସହିତ ଲିରେନ ଅଗ୍ରଣୀ ହାସଲ କରିଛନ୍ତି। ମାତ୍ର ଚାପର ବଶବର୍ତ୍ତୀ ନ ହୋଇ ଗୁକେଶ ଏହାକୁ ସହଜଭାବେ ନେଇଛନ୍ତି। "ଏପରି ହୋଇଥାଏ। ଏହା ଏକ ଲମ୍ବା ଟୁର୍ନାମେଣ୍ଟ। ତେଣୁ ଆଗକୁ ଆହୁରି ରୋମାଞ୍ଚ ଦେଖିବାକୁ ମିଳିବ" ବୋଲି ଗୁକେଶ ପ୍ରକାଶ କରିଛନ୍ତି। ପ୍ରଥମ ଗେମ୍ ବିଜୟୀ ହେବାଦ୍ୱାରା ଲିରେନ କେବଳ ଯେ ପୂରା ପଏଣ୍ଟ ପାଇଛନ୍ତି ତା' ନୁହେଁ, ୨.୫ ମିଲିଅନ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଟୁର୍ନାମେଣ୍ଟରେ ମନସ୍ତାତ୍ତ୍ୱିକ ଅଗ୍ରଣୀ ମଧ୍ୟ ହାସଲ କରିଛନ୍ତି। ଦୁହିଁଙ୍କ ମଧ୍ୟରେ ଯେଉଁ ଖେଳାଳି ପ୍ରଥମେ ୭.୫ ପଏଣ୍ଟରେ ପହଞ୍ଚିବେ ସେ ଚାମ୍ପିୟନ ଘୋଷିତ ହେବେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଗୁକେଶ ହେଉଛନ୍ତି ସର୍ବକନିଷ୍ଠ ଚ୍ୟାଲେଞ୍ଜର। ଭାରତରୁ ଏକମାତ୍ର ବିଶ୍ୱନାଥନ ଆନନ୍ଦ ୫ ଥର ବିଶ୍ୱ ଟାଇଟଲ ହାସଲ କରିଛନ୍ତି।

# ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

- ପ୍ରକୃତି, ପ୍ରଣୟଙ୍କୁ ଟାଇଟଲ
- ମିକ୍ସଡ୍ ଡବଲ୍ସରେ ବିଶାଖା-ଲାଲରାମ ଚାମ୍ପିୟନ

ଭୁବନେଶ୍ୱର, ୨୫।୧୧ (ତପନ ସ୍ୱାଇଁ)

ସ୍ଥାନୀୟ ନୀଳାଦ୍ରି ବିହାର ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ୟୋନେକ୍ସ ସନ୍‌ରାଇଜ ୪୭ତମ ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏହାର ବାଳିକା ବର୍ଗରେ ତାମିଲନାଡୁର ପ୍ରକୃତି ଭରତ ଓ ବାଳକରେ ମହାରାଷ୍ଟ୍ରର ପ୍ରଣୟ ସେଟ୍ଟିଗାର ଚାମ୍ପିୟନ ହୋଇଛନ୍ତି। ବାଳିକା ସିଙ୍ଗଲ୍ସ ଫାଇନାଲରେ ପ୍ରକୃତି ମହାରାଷ୍ଟ୍ରର ଅଲିଶା ନାଏକଙ୍କୁ ୧୮-୨୧, ୨୧-୮, ୨୧-୮ ପଏଣ୍ଟ ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି । ବାଳକ ବିଭାଗ ଫାଇନାଲରେ ପ୍ରଣୟ କର୍ନାଟକର ତୁଷାର ସୁବୀରଙ୍କୁ ୨୧-୧୭, ୨୧-୧୨ରେ ହରାଇ ଟାଇଟଲ ହାସଲ କରିଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲରେ ଓଡ଼ିଶାର ବିଶାଖା ଟପ୍ପୋ ଓ ମିଜୋରାମର ଲାଲ ରାମ ସାଙ୍ଗାଙ୍କ ଯୋଡ଼ି ଆନ୍ଧ୍ର-ତେଲଙ୍ଗାନା ଯୋଡ଼ି ଭାର୍ଗବ ରାମ ଓ କେ. ଭେନେଲାଙ୍କୁ ୨୧-୧୬, ୧୦-୨୧, ୨୧-୧୮ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ବାଳିକା ଡବଲ୍ସରେ ମିଜୋରାମ-ଛତିଶଗଡ଼ ଯୋଡ଼ି ଲାଲ ରେମ୍ଥୁଇ ଓ ତନୁ ଚନ୍ଦ୍ରା ଆନ୍ଧ୍ର-ମହାରାଷ୍ଟ୍ର ଯୋଡ଼ି ଦୁର୍ଗା ଇସା କନ୍ଦରପୁ ଓ ତାରିଣୀ ସୁରିଙ୍କୁ ୨୩-୨୧, ୨୧-୧୫ରେ ହରାଇଛନ୍ତି। ବାଳକ ଡବଲ୍ସ ଫାଇନାଲ୍‌ରେ ଉତ୍ତର ପ୍ରଦେଶ-ରାଜସ୍ଥାନ ଯୋଡି ଅର୍ଶ ମହମ୍ମଦ ଓ ସଂସ୍କାର ସାରସ୍ୱତ ପଣ୍ଡିଚେରୀସ୍-ତାମିଲନାଡୁ ଯୋଡି ମିଥିଲେସ ପି. କ୍ରିଷ୍ଣନ ଓ ଅରୁଲ ମୁରୁଗାନଙ୍କୁ ୨୧-୧୬, ୨୧-୧୯ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି।

ରାଜ୍ୟ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ସୁରୁଲାଲ ମଟାରିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ମାନିତ ଅତିଥିଭାବେ ପର୍ଯ୍ୟବେକ୍ଷକ ତଥା ପାରା ବ୍ୟାଡ୍‌ମିଣ୍ଟନ ଅଧ୍ୟକ୍ଷ କେ. ପ୍ରଭାକର ରାଓ, ଉପସଭାପତି ମନୋରଞ୍ଜନ ପଣ୍ଡା, ସମ୍ପାଦକ ନିଳିନ କୁମାର, ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ, ମୁଖ୍ୟ ରେଫରି ଡି. ଦିନେଶ, କମଳ ଦାସ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନରଅପ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ପାଇଁ ଓଡ଼ିଶାର ତନଭି ପତ୍ରିଙ୍କୁ ରାଜ୍ୟ ସଂଘ ପକ୍ଷରୁ ରାଜ୍ୟ ସଭାପତି ରାଜେଶ ପ୍ରଭାକର ପାଟିଲ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ୭ ଦିନ ଧରି ଚାଲିଥିବା ଏହି ଜାତୀୟ ଚାମ୍ପିୟନଶିପ୍‌ର ସଫଳ ଆୟୋଜନରେ ସଂଘର ସଦସ୍ୟ ଶୁଭ୍ରାଂଶୁ ପଣ୍ଡା, ତାରାକାନ୍ତ ଦାସ, ସୌଭାଗ୍ୟ ଜଗଦେବ, ଅବଦୁଲ ହାକିମ, ଦିନେଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଜାତୀୟ ଜୁନିୟର୍ ବ୍ୟାଡ୍‌ମିଣ୍ଟନର କୃତୀ ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ